# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨/୨୦୨୫ (୧୬ ପୃଷ୍ଠା) | Bhubaneswar, Thursday, January 2/2025 | Page 16 | ₹ 7.00 | SAMBALPUR

୫୧ଶ ଭାଗ ୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 40 | ମୂଲ୍ୟ ₹୭/-






KP
GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨/୨୦୨୫ | Bhubaneswar, Thursday, January 2/2025 | ପୃଷ୍ଠା-୧




**ବୈଶାଳିଙ୍କୁ ବ୍ରୋଞ୍ଜ ପଦକ**

ଭାରତର ଆର. ବୈଶାଳୀ ନ୍ୟୁୟର୍କରେ ଅନୁଷ୍ଠିତ ୱାର୍ଲ୍ଡ ବ୍ଲିଜ୍ ଚେସ୍ ଚାମ୍ପିୟନଶିପ୍‌ର ମହିଳା ବିଭାଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

୧୪

୦୫

**ଜଙ୍ଗଲରେ ନୂଆବର୍ଷ ପାଳିଲେ ନିମ୍ରତ**

ମଧ୍ୟପ୍ରଦେଶର ବାନ୍ଧବଗଡ଼ ଜାତୀୟ ଉଦ୍ୟାନରେ ଅଭିନେତ୍ରୀ ନିମ୍ରତ କୌର ନୂଆବର୍ଷ ପାଳନ କରିଛନ୍ତି।



# ୪ ଭଉଣୀ, ମା'ଙ୍କୁ ହତ୍ୟା

## ସେମାନଙ୍କ ସମ୍ମାନ ରଖିଲି: ଅଭିଯୁକ୍ତ

**ଲକ୍ଷ୍ନୌ,୧୧**

ନୂଆବର୍ଷରେ ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ସ୍ଥାନୀୟ ନାକା ଅଞ୍ଚଳର ଏକ ହୋଟେଲରେ ବୁଧବାର ଗୋଟିଏ ପରିବାରର ୫ ସଦସ୍ୟଙ୍କ ମୃତଦେହ ଠାବ ହୋଇଛି। ଏହି ହତ୍ୟା ଘଟଣାରେ ପୋଲିସ ଆଗ୍ରା ବାସିନ୍ଦା ମହମ୍ମଦ ଅର୍ଶଦ(୨୪)ଙ୍କୁ ଗିରଫକରି ହୋଟେଲ ଶରନଜିତ୍‌ରୁ ତାଙ୍କ ୪ ଭଉଣୀ ଆଲିଆ(୯), ଆଲଶିଆ(୧୯), ଆକ୍ସା(୧୬), ରହମିନ୍(୧୮) ଏବଂ ମା' ଅସ୍ମାଙ୍କ ମୃତଦେହ ଜବତ କରିଛି। ଘରୋଇ ବିବାଦ ଯୋଗୁ ଅଭିଯୁକ୍ତ ଅର୍ଶଦ ସେମାନଙ୍କୁ ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଥିବା କହିଛି। ଉକ୍ତ ହୋଟେଲରେ ପ୍ରମାଣ ସଂଗ୍ରହ ପାଇଁ ଫୋରେନ୍‌ସିକ୍ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ସଗୁଣ, ନିର୍ଗୁଣ ଓ ବିଜ୍ଞାନ



ନୂଆବର୍ଷର ପ୍ରଥମ ଦିନରେ ବୁଧବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଭିଡ଼। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ୨ ବର୍ଷରେ ୬୫ ହଜାର ସରକାରୀ ପଦବୀ ପୂରଣ ହେବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧।୧(ସୁନିତ୍ ମିଶ୍ର)**

ସରକାରଙ୍କ ଲୋକବଳ ବଢ଼ିଲେ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦିଆଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନଠାରେ ବିଭିନ୍ନ ନିଯୁକ୍ତି ଆୟୋଗର ଅଧ୍ୟକ୍ଷମାନଙ୍କ ସହ ଆଲୋଚନାରେ କହିଛନ୍ତି। ବର୍ଷର ପ୍ରଥମ ଦିନରେ ରାଜ୍ୟରେ ସରକାରୀ ବିଭାଗଗୁଡ଼ିକରେ ଖାଲିଥିବା ପଦବୀ ପୂରଣ ପାଇଁ ଏକ ବୈଠକ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଛି। ବୈଠକରେ ରାଜ୍ୟରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ରୁଟିଶୂନ୍ୟ, ନିରପେକ୍ଷ ଓ ତ୍ୱରାନ୍ୱିତ ଭାବେ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଅତ୍ୟାବଶ୍ୟକ ସେବା ଯୋଗାଉଥିବା ବିଭାଗ ଯଥା ସ୍ୱାସ୍ଥ୍ୟ, ଗୃହ, ଶିକ୍ଷା ଓ କୃଷି ବିଭାଗର ପଦବୀଗୁଡ଼ିକୁ ଖାଲି ନ ରଖି ଯଥାଶୀଘ୍ର ପୂରଣ କରିବା ପାଇଁ ପରାମର୍ଶ ଦିଆଯାଇଛି । ଆସନ୍ତା ୫ ବର୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀସ୍ତରରେ ଦେଢ଼ଲକ୍ଷ ନିଯୁକ୍ତି ପାଇଁ ଲକ୍ଷ୍ୟ ରଖାଯାଇଛି। ୨ ବର୍ଷରେ ୬୫ ହଜାର ସରକାରୀ ପଦବୀରେ ନିଯୁକ୍ତି ପାଇଁ ସ୍ଥିରୀକୃତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ବିଭିନ୍ନ ବିଭାଗରେ ୧,୧୦,୫୫୭ ପଦବୀ ଖାଲି ରହିଛି। ଏଗୁଡ଼ିକୁ ଯଥାଶୀଘ୍ର ☞ପୃଷ୍ଠା-୨

# ଆୟୁଷ୍ମାନ୍ ଭାରତ: ମହିଳାଙ୍କୁ ମିଳିବ ୧୦ ଲକ୍ଷର ମାଗଣା ଚିକିତ୍ସା

**ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ଏନ୍‌ଡିଏ ସରକାରଙ୍କ ପକ୍ଷରୁ ୨୦୧୮ ସେପ୍ଟେମ୍ବର ୨୩ରେ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଆରମ୍ଭ କରାଯାଇଥିଲା। ଓଡ଼ିଶାରେ ତତ୍କାଳୀନ ବିଜେଡି ସରକାର ଆୟୁଷ୍ମାନ୍ ଭାରତ ପରିବର୍ତ୍ତେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ନାମରେ ଏକ ଭିନ୍ନ ଯୋଜନା କାର୍ଯ୍ୟକାରୀ କରାଇଥିଲେ। ଆୟୁଷ୍ମାନ୍ ଭାରତ ଏବଂ ବିଏସ୍‌କେୱାଇ ମଧ୍ୟରେ ଅନେକ ତଫାତ୍ ଥିବା ସାଧାରଣରେ ଜଣା। ୨୦୨୪ ଜୁନ୍‌ରେ ରାଜ୍ୟରେ ଭାଜପା ସରକାର ଗଢ଼ିବା ପରେ ବିଏସ୍‌କେୱାଇକୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଭାବେ ଗତ ଜୁଲାଇ ୨୫ ରାଜ୍ୟ ବଜେଟ ଉପସ୍ଥାପନ ବେଳେ ପରିବର୍ତ୍ତନ କରିଥିଲେ। ଆସନ୍ତା ଫେବୃଆରୀ ମାସରେ ଆୟୁଷ୍ମାନ୍ ଭାରତ ସହ ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ବୁଧବାର କହିଛନ୍ତି। ବିଏସ୍‌କେୱାଇରେ ମହିଳାଙ୍କୁ ୧୦ ଲକ୍ଷ ଏବଂ ପୁରୁଷଙ୍କୁ ୫ ଲକ୍ଷ ଟଙ୍କା ଯାଏ ମାଗଣା ଚିକିତ୍ସା ମିଳୁଥିଲା। ହେଲେ ଅନ୍ୟ ରାଜ୍ୟରେ ଆୟୁଷ୍ମାନ୍ ଭାରତ ଯୋଜନାରେ ପ୍ରତି ପରିବାର ପିଛା ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ବ୍ୟବସ୍ଥା ରହିଛି। ଓଡ଼ିଶାରେ ଉଭୟ ଯୋଜନା ଏକତ୍ର ଲାଗୁ ହେବା ପରେ ଗୋଟିଏ ପରିବାର ପିଛା ମହିଳାମାନଙ୍କୁ ୧୦ ଲକ୍ଷ ଟଙ୍କା ଏବଂ ପୁରୁଷଙ୍କ କ୍ଷେତ୍ରରେ ୫ ଲକ୍ଷ ଟଙ୍କା ଯାଏ ମାଗଣା ଚିକିତ୍ସା ସୁବିଧା ମିଳିବ ବୋଲି ମନ୍ତ୍ରୀ ମହାଲିଙ୍ଗ ସୂଚନା ଦେଇଛନ୍ତି। ଏଥିରୁ ବୁଝାପଡୁଛି, ରାଜ୍ୟର ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ଯୋଜନା ତଥା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଯାହା ପୂର୍ବରୁ ବିଏସ୍‌କେୱାଇ ଭାବେ ପରିଚିତ) କେନ୍ଦ୍ରର କାର୍ଯ୍ୟକ୍ରମ ସହ ଲୀନ ହୋଇଯିବ।**

## ଫେବୃଆରୀରେ ଓଡ଼ିଶାରେ ଲାଗୁହେବ



ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ

**ଭୁବନେଶ୍ୱର,୧।୧(ଅନିଲ ଦାସ)**

ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଆୟୁଷ୍ମାନ୍ ଭାରତ ଯୋଜନାର ହିତାଧିକାରୀଙ୍କୁ ଦେଶର ୩୦ ହଜାର ଡାକ୍ତରଖାନାରେ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ପ୍ରତି ପରିବାର ପୁରୁଷଙ୍କ ଲାଗି ୫ ଲକ୍ଷ ଟଙ୍କା ଓ ମହିଳାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା କେନ୍ଦ୍ର ସରକାର ପ୍ରଦାନ କରିବେ। ଆୟୁଷ୍ମାନ୍ ଭାରତ ଯୋଜନା ପାଇଁ କେନ୍ଦ୍ରୀୟ ଟିମ୍ ଓଡ଼ିଶା ପରିଦର୍ଶନ କରିସାରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଏହାକୁ ଲାଗୁ କରିବା ପାଇଁ ସରକାର ଘୋଷଣା କରିଥିଲେ। ରାଜ୍ୟର ୩.୫କୋଟି ଲୋକଙ୍କୁ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯିବ। କୌଣସି ଗରିବ ଲୋକ ଯେପରି ସ୍ୱାସ୍ଥ୍ୟ କାର୍ଡ ପାଇବାରୁ ବଞ୍ଚିତ ହେବେ ☞ପୃଷ୍ଠା-୨




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶ୍ରୀ ଶ୍ରୀମତ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବ ଉପଲକ୍ଷେ ସମବେତ ଉପାସନା, ସ୍ଥାନ: ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ ନଂ. ୧୭୮, ୟୁନିଟ୍-୯, ସମୟ: ସକାଳ ୯ଟା ୩୦।
- ଜ୍ଞାନ ଓ ବିଜ୍ଞାନ ସମ୍ବଳିତ ପଞ୍ଚଦିବସୀୟ ଗୀତା କଥା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବୋଉ ଫାଉଣ୍ଡେଶନ ପକ୍ଷରୁ ଦଶମ ବୋଉ ଦିବସ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।

## କଟକ

- ଚାଷ ଚାଷୀ ବଞ୍ଚାଅ ଅଭିଯାନରେ ମହାନଗର ନାଗରିକ ମଞ୍ଚ ପକ୍ଷରୁ ଧାରଣା, ସ୍ଥାନ: କଚେରୀଗଡ଼ା, ସମୟ- ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର

- ୩୫ତମ ଚନ୍ଦ୍ରଭାଗା ଉତ୍ସବର ଷଷ୍ଠ ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲେଶ୍ୱର, ସମୟ: ସକାଳ ୯ଟା।
- ମତ୍ସ୍ୟ ଚାଷ ପ୍ରଶିକ୍ଷଣ ଶିବିର ଦଶମ ଦିବସ, ସ୍ଥାନ: ଅସ୍ତପୁରା କୈଳାଶ ଫିସାରୀ ଫାର୍ମ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ଆଖଣ୍ଡଳମଣି ମହାବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ବଂଶୀଧର ଖଟୁଆଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର, ପାଳସାହି, ଧୂଷୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବେଦାନ୍ତ ଫେଙ୍କର, ରାନ୍ଦିଆ, ଭଦ୍ରକ, ସମୟ: ଅପରାହ୍ନ ୧ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଓ ଉଦ୍‌ଯାପନ, ସ୍ଥାନ:ଶ୍ରୀଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଧୂଷୁରୀ, ସମୟ: ଅପରାହ୍ନ ୪ଟା।
- ଆଗରପଡ଼ା ମହୋତ୍ସବର ୯ମ ସନ୍ଧ୍ୟା, ସ୍ଥାନ: ହେମପଦ୍ମା ଗାଲାକ୍ସି, ଆଗରପଡ଼ା, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଅଟେଇ ଜଙ୍ଗଲ ସଫାରୀର ଶୁଭାରମ୍ଭ, ସ୍ଥାନ: ଘଟଗାଁ ମା' ତାରିଣୀ ପୀଠ, ସମୟ: ସକାଳ ୯ ଟା।

## ମୟୂରଭଞ୍ଜ

- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ସମାରୋହ, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ତକତପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ପେଣ୍ଟିଂ ଓ ସ୍ଲୋଗାନ ପ୍ରତିଯୋଗିତା, ସ୍ଥାନ:ଏମ୍‌କେସି ହାଇସ୍କୁଲ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ୟଙ୍ଗ ମ୍ୟାନ୍ ଆସୋସିଏସନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ବେତନଟୀ ଧମାକା ମହୋତ୍ସବ ପଡ଼ିଆ, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ଆନ୍ଧ୍ର ମହିଳା ସମାଜମର ବାର୍ଷିକୋତ୍ସବ, ସ୍ଥାନ: ପ୍ରକାଶମ ହଲ୍, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ସାହିତ୍ୟ ଅନୁଷ୍ଠାନ ସାରସ୍ୱତ ପରିକ୍ରମା ପକ୍ଷରୁ ଶୀତକାଳୀନ କବିତା ଆସର, ସ୍ଥାନ: ବୀଣାପାଣି ଭବନ, ପାରାଦୀପଗଡ଼, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ମୋନାଲିସା ସାହିତ୍ୟ ସଂସଦ ପକ୍ଷରୁ କବିତା ସମ୍ମିଳନୀ, ସ୍ଥାନ: ପୋର୍ଟ ୱାର୍କର୍ସ ୟୁନିୟନ ପରିସର, ବଡ଼ପଡିଆ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ଜଷ୍ଟିଲୋ ଡାକବଙ୍ଗଳା, ଜମଧର, କେନ୍ଦ୍ରାପଡ଼ା, ସମୟ:ପୂର୍ବାହ୍ନ ୧୧ଟା।
- ବିପ୍ଲବୀ କବି ଆନନ୍ଦ ଚନ୍ଦ୍ର କ୍ରିକେଟ କପ୍ ଟୁର୍ନାମେଣ୍ଟ, ସ୍ଥାନ: ଡାଳିକାଏନ୍ଦା, ସିକୋ, ରାଜକନିକା, ସମୟ: ସକାଳ ୯ଟା ।

## ଯାଜପୁର

- ଧର୍ମଶାଳା ମହୋତ୍ସବରେ ସତ୍ୟଜିତ ପ୍ରଧାନ ଓ ସାଥୀଙ୍କ ଦ୍ୱାରା ସଙ୍ଗୀତ ଏବଂ ନୃତ୍ୟ ପରିବେଷଣ, ସ୍ଥାନ: ଧର୍ମଶାଳା ବ୍ଲକ ଜରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଜିଲାସ୍ତରୀୟ ସଡ଼କ ସୁରକ୍ଷା ସପ୍ତାହ-୨୦୨୫ ସଚେତନତା ରଥ ଉଦଘାଟନ କାର୍ଯ୍ୟକ୍ରମ, ସ୍ଥାନ : ଯାଜପୁର ସଂସ୍କୃତି ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ୯ମ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟା, ସ୍ଥାନ : ଯାଜପୁର ରୋଡ଼ କାଳୀମେଳଣ ପଡ଼ିଆ, ସମୟ : ଅପରାହ୍ନ ୩ଟା।

## ନୟାଗଡ଼

- ସଡ଼କ ସୁରକ୍ଷା ଉପରେ ସଚେତନତା ନେଇ ଏଲଇଡି ରଥର ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଷ୍ଟଲ ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା, ସ୍ଥାନ: ଗୋଲେଇ ଟ୍ରାଫିକ ଛକ ନୟାଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପାଲା ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା, ସ୍ଥାନ: ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

## ରାୟଗଡ଼ା

- ଚଇତି ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜିସିଡ଼ି ଖେଳ ପଡିଆ, ରାୟଗଡା, ସମୟ: ସନ୍ଧ୍ୟା ୬ରୁ ଆରମ୍ଭ ।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୭ଟା।
- ଦାନୀପାଲି ଶ୍ରୀଲଡ୍ଡୁ ଗୋପାଳ ସେବା ସମିତି ପକ୍ଷରୁ ନବ କୁଣ୍ଡିୟ ଶତଜଣ୍ଡି ମହାଯଜ୍ଞ, ସ୍ଥାନ : ମନ୍ଦଲିଆ ପଡିଆ, ସମୟ : ସକାଳ ୯ଟା।
- ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: କୁଚିଣ୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ: ପୂର୍ବାହ୍ନ ୧୦ଟା।
- ଲୋକ ମହୋତ୍ସବ ଆୟୋଜନ କମିଟିର ବୈଠକ, ସ୍ଥାନ : ଜିଲାପାଳ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ସମ୍ବଲପୁରୀ ଧନୁଯାତ୍ରା ସକାଶେ ମଞ୍ଚ ପୁଜା, ସ୍ଥାନ : ଗଙ୍ଗାଧର ମୁକ୍ତ ମଞ୍ଚ, ସମୟ : ପୂର୍ବାହ୍ନ ୧୧ଟା ୪୫।
- ଶ୍ରୀମଦ ଭାଗବତ କଥା, ସ୍ଥାନ : ମନ୍ଦଲିଆ ପଡିଆ, ସମୟ : ସନ୍ଧ୍ୟା ୫ଟା।
- ସମ୍ବଲପୁରୀ ଧନୁଯାତ୍ରାର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ସାହିତ୍ୟ ପତ୍ରିକା ଚତୁରଙ୍ଗ ଉନ୍ମୋଚନ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା।
- ସଙ୍ଗୀତ ଭିଡିଓ ବଲାଙ୍ଗିରିଆ ରସିଆପିଲା ୨.୦ର ଲୋକାର୍ପଣ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର ସମୟ: ଅପରାହ୍ନ ୫ଟା

## ସୁବର୍ଣ୍ଣପୁର

- ବଡଦେଓ ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: କୁଞ୍ଜପାଲି, ବୀରମହାରାଜପୁର ବ୍ଲକ୍, ସମୟ: ଅପରାହ୍ନ ୪ଟା।
- ପର୍ଏଁରୀ ରୌପ୍ୟ ଜୟନ୍ତୀ ସମାରୋହର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସୋନପୁର ପୁରୁଣା ଟାଉନ ହଲ, ସମୟ: ସନ୍ଧ୍ୟା ୫ଟା।

## ବରଗଡ଼

- ଧନୁଯାତ୍ରା ମହୋତ୍ସବ ଚିତ୍ରକଳା ପ୍ରତିଯୋଗିତା, ସ୍ଥାନ: ପାର୍ବତୀ ଗିରି ମହିଳା କଲେଜ, ବରଗଡ଼, ସମୟ: ସକାଳ ୯ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କିଶୋରୀ ନର୍ସିଂହୋମ, ବରଗଡ଼, ସମୟ: ସକାଳ ୯ଟା।
- ଗାୟତ୍ରୀ ମହାଯଜ୍ଞ ଅବସରରେ କଳସଯାତ୍ରା, ସ୍ଥାନ: ରେଡ଼ିଏନ୍ସ ଶିକ୍ଷାନୁଷ୍ଠାନ, ବିଜେପୁର, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ପ୍ରେସ୍ ମିଟ, ସ୍ଥାନ: ସର୍କିଟ ହାଉସ, ସମୟ: ଅପରାହ୍ନ ୧ଟା।
- ଝାରସୁଗୁଡ଼ା ଜିଲା ମହୋତ୍ସବ ଦୁଲଦୁଲି କାର୍ଯ୍ୟକ୍ରମ, ସ୍ଥାନ: ବିଟିଏମ୍ ପଡ଼ିଆ, ସମୟ: ଅପରାହ୍ନ ୫ଟା।

## ସୁନ୍ଦରଗଡ଼

- ସମଲେଶ୍ୱରୀ ମନ୍ଦିରରୁ ଯତରା ପଡିଆ ପର୍ଯ୍ୟନ୍ତ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ:ସମଲେଶ୍ୱରୀ ମନ୍ଦିର, ସମୟ: ସକାଳ ୮ଟା।

## ରାଉରକେଲା

- ଏନ୍‌ଆଇଟି ପ୍ରାକ୍ତନ ଛାତ୍ରଙ୍କ ପକ୍ଷରୁ ପାଠ୍ୟପୁସ୍ତକ ବିତରଣ, ସ୍ଥାନ: ବିର୍ସା ମୁଣ୍ଡା ବିଦ୍ୟାଳୟ, ଜଗଦା, ସମୟ: ପୂର୍ବାହ୍ନ ୧୦ଟା।
- କସ୍ତୁରବା ଅନୁଷ୍ଠାନ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୬, ମହିମା ବସ୍ତି, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ ସହର, ସମୟ: ପ୍ରାତଃ ୫ ଟା।
- ସଡକ ସୁରକ୍ଷା ରଥ ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ଦେବଗଡ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପାକ୍ସି ଉତ୍ସବ, ସ୍ଥାନ: ଡିଆରଡିଏ କନଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆରତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ଦେବଗଡ, ସମୟ :ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର,ଦେବଗଡ ସହର ସମୟ : ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ,ଦେବଗଡ ସହର, ସମୟ: ସନ୍ଧ୍ୟା ୭ ଟା ୩୦।
- ଜାତୀୟ ସଡ଼କ ସୁରକ୍ଷା ନିରାପତ୍ତା ସପ୍ତାହ ପାଳନ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସଂସ୍କୃତି ଭବନ, ଦେବଗଡ ସହର, ସମୟ: ପୂର୍ବାହ୍ନ ୧୧ଟା।
- ସ୍ଲୋଗାନ ପ୍ରତିଯୋଗିତା, ସ୍ଥାନ ; ସଂସ୍କୃତି ଭବନ,ଦେବଗଡ ସହର, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଶ୍ରୀମଦ୍ ଭାଗବତ କଥା ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଡୁମେରପାଣି ଗାଁ, ସମୟ: ଅପରାହ୍ନ ୧ଟା।
- ଶ୍ରୀମଦ୍ ଭାଗବତ ଉପଲକ୍ଷେ ସୂର୍ଯ୍ୟବଂଶ, ରାମ ଚରିତ୍ର, କୃଷ୍ଣ ଜନ୍ମ ଓ ଜନ୍ମ ଉତ୍ସବ କଥା, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଡୁମେରପାଣି ଗାଁ, ସମୟ: ସକାଳ ୯ଟା।
- ଜାତୀୟ ସଡ଼କ ସୁରକ୍ଷା ମାସ ଉପଲକ୍ଷେ ଡ୍ରଇଁ ପ୍ରତିଯୋଗିତା, ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।
- ଛାତ୍ରୀଛାତ୍ରଙ୍କ ଦ୍ୱାରା ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା, ସ୍ଥାନ: କୋମନା ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।

## ବୌଦ୍ଧ

- ଦ୍ୱିତୀୟ ମା' ମାହେଶ୍ୱରୀ ମହୋତ୍ସବ ଉଦ୍‌ଘାଟନ ଅବସରରେ କଳସ ଓ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ:ମସିଣାଗୋରା, କଣ୍ଟାମାଳ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ, ସ୍ଥାନ: କଚେରି ଖେଳପଡିଆ, ବୌଦ୍ଧ, ସମୟ : ସନ୍ଧ୍ୟା ୭ଟା।
- ଚକରାପଥର ଯାତ୍ରା ଅବସରରେ ଧନୁଯାତ୍ରା ମହୋତ୍ସବର ଦ୍ୱିତୀୟ ଦିନ ସ୍ଥାନ: ମାର୍ଡୋଲ (ବେହେରାପଡା) କଣ୍ଟାମାଳ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦିନଟି ଗତାନୁଗତିକ ରୀତିରେ ଗଡି ଚାଲିବ। ଆର୍ଥିକ ଅଭିବୃଦ୍ଧି, ସ୍ୱାସ୍ଥ୍ୟରେ ଉନ୍ନତି, ସ୍ଥଗିତ କାମରେ ଅଗ୍ରଗତି, ପାରିବାରିକ ସମସ୍ୟାର ସମାଧାନ କରି ଆଶ୍ୱସ୍ତି ଲାଭ କରିବେ। ବାଧବାଧକତାରେ ବ୍ୟୟବୃଦ୍ଧି ଓ ଶତ୍ରୁତାଜନିତ ସମସ୍ୟାର ସମ୍ମୁଖୀନ ହେବେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଅଭିଯୋଗ ପରିବାରରେ ଅଶାନ୍ତି ସୃଷ୍ଟି କରିବ।

**ବୃଷ**
ପାରିବାରିକ ସ୍ନେହ, ଶ୍ରଦ୍ଧା ଓ ଆଦର ଲାଭକରିବା ସହ ଦିନଟି ସମ୍ପୂର୍ଣ୍ଣ ଉପଭୋଗ୍ୟ ହୋଇପାରେ। ସାଙ୍ଗସାଥୀ ଓ ବନ୍ଧୁଙ୍କ ସହାନୁଭୂତି ସହିତ ବୈଷୟିକ ସୁଖ, ସମୃଦ୍ଧିରୁ ମାନସିକ ସ୍ଥିତି ଭଲ ରହିବ। ଆମଦାନୀ କାରବାର, ଜମିଜମା ବିକାକିଣା, ଶିଳ୍ପ, ବାଣିଜ୍ୟରୁ ଲାଭବାନ୍ ହେବେ। ସ୍ଥଗିତ କାମ ତ୍ୱରାନ୍ୱିତ କରି ଆତ୍ମସନ୍ତୋଷ ଲାଭ କରିବେ।

**ମିଥୁନ**
ଶରୀର ସୁସ୍ଥ ରହିବା ସହ ନୂତନ କାର୍ଯ୍ୟରେ ମନୋନିବେଶ କରିପାରନ୍ତି। କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ଅକ୍ଷୁଣ୍ଣ ରହିବା ସହ ସହକର୍ମୀମାନଙ୍କ ପ୍ରିୟଭାଜନ ହେବେ। ପାରିବାରିକ ଜୀବନର ବ୍ୟତିକ୍ରମକୁ ମଧ୍ୟ ସୁଧାରି ନେବାର ପ୍ରଯତ୍ନ କରିପାରନ୍ତି। ଆର୍ଥିକ ସ୍ଥିତି,ବନ୍ଧୁ ସମ୍ପର୍କ, ପିଲାମାନଙ୍କ ଶିକ୍ଷା,ପରୀକ୍ଷା ଓ ଶତ୍ରୁତା ବିଷୟରେ ଚିନ୍ତା ବୃଦ୍ଧି ପାଇବ।

**କର୍କଟ**
ଗ୍ରହସ୍ଥିତି ବିଳାସପ୍ରିୟ, ମନୋରଞ୍ଜନର ଖୋରାକ ପ୍ରଦାନ କରିବେ। ପରିବାର, ପରିବହନ, ସାମାଜିକ ସମ୍ପର୍କ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସକାଶେ ଅନୁକୂଳତା ସୃଷ୍ଟି ହେବ। ଭାବପ୍ରବଣତାର ରାଶି ଯୋଗୁ ତରବରିଆ ପଦକ୍ଷେପ ନେଲେ ଅସୁବିଧା ଭୋଗିବେ। କର୍ମାଧିପତିଙ୍କ ଦୁର୍ବଳତା ଯୋଗୁ ଅଶ୍ଳେଷାର କର୍ମଫଳ ସନ୍ତୋଷଜନକ ହେବନାହିଁ।

**ସିଂହ**
ମାନସିକ ଅସ୍ଥିରତା କାରଣରୁ କୌଣସି କାମ ଶୃଙ୍ଖଳିତ ହେବ ନାହିଁ। ସାଧାରଣ କଥାକୁ ନେଇ ପାରିବାରିକ କ୍ଷେତ୍ରରେ ଝଗଡାର ଆଶଙ୍କାର ସମ୍ଭାବନା ରହିଛି। ବାଦବିବାଦ, ପ୍ରତିଦ୍ୱନ୍ଦ୍ୱିତା, ଅନାବଶ୍ୟକ ବାର୍ତ୍ତାଳାପ ସମସ୍ୟା ଓ ଶତ୍ରୁତା ସୃଷ୍ଟି କରିବ। ଆଜି କର୍ମାରମ୍ଭ, ଲୋକସମ୍ପର୍କ, ସଙ୍ଗୀତାଦି କାର୍ଯ୍ୟକ୍ରମରେ ନିୟୋଜିତ ହେବେ।

**କନ୍ୟା**
ଭାଗ୍ୟସ୍ଥାନକୁ ରାଶ୍ୟାଧିପତିଙ୍କ ଦୃଷ୍ଟି କାରଣରୁ ଧାର୍ମିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। କାମ ଆତ୍ମୀୟଙ୍କ ବିରୋଧରୁ ବିଗିଡିଯାଉଥିବା କାରଣରୁ ବିରକ୍ତ ହେବେ। ସ୍ତ୍ରୀଙ୍କ ସହ ଉତ୍ତମ ବୁଝାମଣା, ବୟସ୍କ ବ୍ୟକ୍ତିଙ୍କ ସହୃଦୟତା, ସହକର୍ମୀଙ୍କ ଅନୁରକ୍ତି ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟ, ଯାତ୍ରା, ପରିବହନରେ ଅସ୍ଥିରତା ଦେଖାଦେବ।

**ତୁଳା**
ଆଜି ଦିନସାରା ଶୁକ୍ରଙ୍କ ପ୍ରଭାବରୁ ମଜାମଉଜ, ବନ୍ଧୁ ମିଳନ, ନୂତନ ସ୍ଥାନ ପରିଦର୍ଶନ ମାଧ୍ୟମରେ ଅତିବାହିତ କରିବେ। ସହନଶୀଳତା, ଉଦାରତା ଗୁଣରୁ ପ୍ରିୟଜନଙ୍କ ଅନୁରକ୍ତି, ବନ୍ଧୁଙ୍କ ସହାନୁଭୂତି ପାଇପାରନ୍ତି। ଚିତ୍ରା ନକ୍ଷତ୍ର ସକାଶେ ଭଲ ସମ୍ପର୍କ ଥିବା ଲୋକ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। ଶାରୀରିକ ପୀଡ଼ା ଭୋଗିପାରନ୍ତି।

**ବିଛା**
ଚନ୍ଦ୍ରଙ୍କ ପ୍ରତି ରାଶ୍ୟାଧିପଙ୍କ ଦୃଷ୍ଟିଜନିତ କୌଣସି କର୍ମାରମ୍ଭର ପରିକଳ୍ପନା କରିବେ। ଅନ୍ୟମାନଙ୍କ କାନକୁହା କଥାରେ ପ୍ରଭାବିତ ହେବାରୁ ବନ୍ଧୁ କିମ୍ବା ସହକର୍ମୀ ଭୁଲ୍ ବୁଝିପାରନ୍ତି। ଖର୍ଚ୍ଚାନ୍ତ ହେଲେ ମଧ୍ୟ ସହକର୍ମୀଙ୍କ ଜରିଆରେ ମୂଲ୍ୟବାନ ଦ୍ରବ୍ୟ ପାଇବେ। କର୍ମକ୍ଷେତ୍ରରେ ବିଭିନ୍ନ ବିବାଦୀୟ ପରିସ୍ଥିତିର ଦୃଢ ମୁକାବିଲା କରିବେ।

**ଧନୁ**
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ନୂତନମାର୍ଗ ପ୍ରଦର୍ଶନ କରାଇବ। ସ୍ୱାସ୍ଥ୍ୟ ସମସ୍ୟା, ପାରିବାରିକ ଦ୍ୱନ୍ଦ୍ୱ, ପରିବହନ ଓ ସହକର୍ମୀଙ୍କ କଟୁକ୍ତିରୁ ଚିନ୍ତିତ ହେବେ। ଉତ୍ତରାଷାଢା ନକ୍ଷତ୍ରର ଏକ ପ୍ରୀତିବର୍ଦ୍ଧକ ପରିବେଶରେ ପ୍ରିୟଜନଙ୍କ ସହ ଥିବା ମତାନ୍ତର ଦୂର ହେବ। ଲୋକସମ୍ପର୍କ ବୃଦ୍ଧି, ସାମାଜିକ ଓ ରାଜନୈତିକ କ୍ଷେତ୍ର ଭଲ ରହିବ।

**ମକର**
ସକାଳୁ ଶୁଭଖବର ସହ କୌଣସି ବନ୍ଧୁଙ୍କ ସହ ଆଳାପ ମନକୁ ଆହ୍ଲାଦିତ କରିବ। ସ୍ଥଗିତ କାମକୁ ସମ୍ପନ୍ନ କରିବା ସକାଶେ ଅନ୍ୟମାନଙ୍କ ସାହାଯ୍ୟ ନେବାକୁ ବାଧହେବେ। ଛୋଟିଆ କଥାକୁ କେନ୍ଦ୍ରକରି ସାଧାରଣ ଯୁକ୍ତିତର୍କଜନିତ କଳହର ସୂଚନା ରହିଛି। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେବାର ଆଶଙ୍କା ରହିଛି।

**କୁମ୍ଭ**
ଦୃଢ ପଦକ୍ଷେପ ଗ୍ରହଣ କରି ସମସ୍ୟା ସମାଧାନ କରିବାରେ ସଫଳ ହେବେ। ଆନୁଷ୍ଠାନିକ କ୍ଷେତ୍ର, ସଭାସମିତି ତଥା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଅର୍ଥ ସଙ୍କଟ କାରଣରୁ ଗୁରୁତ୍ୱପୂର୍ଣ୍ଣ କାମ ଅଟକିଯିବା ଆଶଙ୍କା ରହିଛି। ପରୋକ୍ଷ ଶତ୍ରୁତା, ବନ୍ଧୁବିଚ୍ଛେଦ, ପ୍ରବାସରେ ରହୁଥିବା ସନ୍ତାନଙ୍କ ସକାଶେ ବିଚଳିତ ହେବେ।

**ମୀନ**
ଆଗାମୀ ଯୋଜନାକୁ ସଫଳ ରୂପାୟନ କରିବା ପରିପ୍ରେକ୍ଷୀରେ ଆତ୍ମୀୟଙ୍କ ସୁପରାମର୍ଶ ସହାୟକ ହେବ। ବ୍ୟୟବୃଦ୍ଧି, ଅର୍ଥନୈତିକ ସମସ୍ୟା, ଶତ୍ରୁତାଜନିତ ବିବାଦ, ବନ୍ଧୁଙ୍କ ଅନାଦର ଯୋଗୁ ମନ ଦୁଃଖ ହୋଇପାରେ। ପରିବାରରେ ପକ୍ଷପାତିତାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟିର ସୂଚନା ରହିଛି। ଆକସ୍ମିକ ଭାବରେ ପରିଜନ ସହ ଦୂରଯାତ୍ରାର ଯୋଜନା କରିପାରନ୍ତି।

ଆଜି ଜାନୁଆରୀ ୨ ତାରିଖ, ପୌଷ ଶୁକ୍ଳ ତୃତୀୟା ଗୁରୁବାର, ରାଶିନକ୍ଷତ୍ର-ଶ୍ରବଣା/ମକର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୫ ଗତେ, ଘ.୦୭।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୧୨ ଗତେ, ଘ.୦୨।୩୩ ମଧ୍ୟେ ରାହୁ କାଳ।

# ବ୍ୟାରିକେଡ୍ ଭାଙ୍ଗି ଧସେଇ ପଶିଲେ ଭକ୍ତ

## ନୂଆବର୍ଷରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ଜନସମୁଦ୍ର

ପୁରୀ,୧।୧(ଅଜିତ୍ କୁମାର ମହାନ୍ତି)

ଇଂରାଜୀ ନବବର୍ଷର ପ୍ରଥମ ଦିନରେ ବୁଧବାର ଶ୍ରୀକ୍ଷେତ୍ର ଜନସମୁଦ୍ର ପାଲଟିଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ୬ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଶୃଙ୍ଖଳିତ ଦର୍ଶନ ନିମନ୍ତେ ପ୍ରଶାସନ ପକ୍ଷରୁ ମାର୍କେଟ ଛକଠାରୁ ଶ୍ରୀମନ୍ଦିର ସିଂହଦ୍ୱାର ପ୍ରାୟ ଦେଢ କି.ମି. ପର୍ଯ୍ୟନ୍ତ ବ୍ୟାରିକେଡ୍ କରାଯାଇଥିଲା। ତେବେ ଭିଡ଼ ଏତେ ଥିଲା ଯେ, ତାହାକୁ ନିୟନ୍ତ୍ରଣ କରିବା ଲାଗି ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ଘଣ୍ଟାଘଣ୍ଟା ଧରି ଧାଡ଼ିରେ ଠିଆହୋଇ ରହିଥିବା ଭକ୍ତମାନେ ଶେଷରେ ଧୈର୍ଯ୍ୟ ହରାଇ ଠେଲାପେଲା ହୋଇ ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍‌ଭାଙ୍ଗିଧସେଇପଶୁଥିବାଦେଖିବାକୁମିଳିଥିଲା।

ସୂଚନା ଅନୁଯାୟୀ, ଡିସେମ୍ବର ୩୧ ତାରିଖ ରାତି ୧୦ଟା ୨୫ରେ ମହାପ୍ରଭୁଙ୍କ ପହୁଡ଼ ହୋଇଥିବା ବେଳେ ପୁନର୍ବାର ୧୨ଟା ୩୫ରେ ସିଂହଦ୍ୱାର ଫିଟା ନୀତି ହୋଇଥିଲା। ପରେ ଅନ୍ୟାନ୍ୟ ନୀତି ବଢିବା ସହ ଭକ୍ତଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ବୁଧବାର ସକାଳୁ ଭକ୍ତଙ୍କ ଭିଡ଼ ବଢିବାରେ ଲାଗିଥିଲା। ମାର୍କେଟ ଛକଠାରୁ ବ୍ୟାରିକେଡ୍ ଦେଇ ଭକ୍ତମାନେ ଆସି ସିଂହଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରି ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ସେମାନଙ୍କୁ ସାତପାହାଚରୁ ଥାକ ଥାକ କରି ପର୍ଯ୍ୟାୟକ୍ରମେ ନାଟମଣ୍ଡପକୁ ଛଡ଼ାଯାଇଥିଲା।

ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ସତ୍ତ୍ୱେ ସିଂହଦ୍ୱାର ସମ୍ମୁଖରେ ଠେଲାପେଲା ସ୍ଥିତି ହୋଇଥିଲା। ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍ ଭାଙ୍ଗି ଭକ୍ତମାନେ ଧସେଇ ପଶିଥିଲେ। ଏଥିଯୋଗୁ କେତେଜଣ ଭକ୍ତ ତଳେ ପଡ଼ିଯାଇଥିଲେ। ତେବେ ସେଠାରେ ଉପସ୍ଥିତ ଥିବା ସେବାୟତ ଓ ପୋଲିସ୍ ତୁରନ୍ତ ସେମାନଙ୍କୁ ଉଠାଇଥିଲେ। ଫଳରେ ବଡ଼ ଅଘଟଣରୁ ସମ୍ପୃକ୍ତ ଭକ୍ତମାନେ ବର୍ତ୍ତିଯାଇଥିବା ଆଲୋଚନା ହେଉଛି। ଉଲ୍ଲେଖ ଥାଉ କି, ଶ୍ରୀମନ୍ଦିର ସମ୍ମୁଖରେ ଥିବା ବ୍ୟାରିକେଡ୍ ଦେଇ କେବଳ ସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀଙ୍କୁ ଯିବା ପାଇଁ ଅନୁମତି ଥିବାବେଳେ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ରହିଛି। ମାତ୍ର କେତେଜଣ ଭକ୍ତ ଉକ୍ତ ରାସ୍ତା ଦେଇ ଯିବା ପାଇଁ ରୁଣ୍ଡ ହୋଇ ରହିଥିଲେ। ଧୀରେ ଧୀରେ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ଠେଲାପେଲା ହୋଇଥିଲା। ଫଳରେ ଭକ୍ତମାନେ ଜୋର୍ ଜବରଦସ୍ତ ବ୍ୟାରିକେଡ୍ ଭାଙ୍ଗି ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ୪ ଭଉଣୀ, ମା'ଙ୍କୁ ...

ଟିମ୍ ତନାଘନା ଚଳାଇଛି। ଅନ୍ୟପକ୍ଷେ ଅର୍ଶଦ କହିଛନ୍ତି, ସେମାନଙ୍କ ଜାଗାକୁ ମାଫିଆମାନେ ମାଡ଼ିବସିଥିଲେ। ଅଧା ଜାଗା ଦଖଲ କରିବା ପରେ ଆଉ ଅଧା ନିଜ କବ୍‌ଜାକୁ ନେବାକୁ ଯାଉଥିଲେ। ଏପରି କି ୪ ଭଉଣୀଙ୍କୁ ମଧ୍ୟ ସେମାନେ ହାଇଦ୍ରାବାଦକୁ ଚାଲାଣ କରିବାକୁ ଚାହୁଁଥିଲେ। ଭଉଣୀମାନଙ୍କ ସମ୍ମାନ ରକ୍ଷା ପାଇଁ ସେ ନିଜ ବାପା ବଦରୁଦ୍ଦିନ୍‌ଙ୍କ ସହ ମିଶି ସେମାନଙ୍କୁ ହତ୍ୟା କରିବାକୁ ବାଧ ହୋଇଥିବା ଅର୍ଶଦ ଏକ ଭିଡିଓରେ କହିଛନ୍ତି। ଅର୍ଶଦଙ୍କ ଭିଡିଓ ବୟାନ ଓ କାର୍ଯ୍ୟରେ କୌଣସି ତାଳମେଳ ନ ଥିବାରୁ ପ୍ରକୃତ ରହସ୍ୟ ଉପରୁ ପରଦା ହଟାଇବା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇପାରେ ବୋଲି କୁହାଯାଉଛି। ଅଭିଯୁକ୍ତ ମହମ୍ମଦ ଅର୍ଶଦ ନିଜ ମା' ଓ ୪ ଭଉଣୀଙ୍କୁ ହତ୍ୟା କରିଥିବା ବିଷୟ ଏକ ଭିଡିଓରେ ସ୍ୱୀକାର କରିଛନ୍ତି। ସେ କହିଛନ୍ତି, ସେମାନଙ୍କ ସହର ବଦାଉଁରେ ପଡ଼ୋଶୀ ଓ ଜମି ମାଫିଆମାନେ ସେମାନଙ୍କ ଘରକୁ ଦଖଲ କରିବା ପରେ ଭଉଣୀମାନଙ୍କୁ ଚାଲାଣ କରିବାକୁ ଯୋଜନା ଚଳାଇଥିଲେ। ତାଙ୍କ ଭଉଣୀମାନଙ୍କୁ ବିକ୍ରି କରା ନ ଯାଉ ବୋଲି ସେ ଚାହୁଁଥିବାରୁ ସେମାନଙ୍କୁ ହତ୍ୟା କରିଛନ୍ତି। ପ୍ରଥମେ ସେ ସେମାନଙ୍କ ତଣ୍ଟି ଚିପି ଦେଇଥିଲେ। ଏହାପରେ ସେମାନଙ୍କ ହାତକୁ ଧାରୁଆ ଅସ୍ତ୍ରରେ କାଟିଥିଲେ। ଏଥିରେ ତାଙ୍କ ବାପା ସହଯୋଗ କରିଥିଲେ। ଭିଡିଓରେ ଅର୍ଶଦ ଆହୁରି କହିଛନ୍ତି, ଯେତେବେଳେ ପୋଲିସ ଏହି ଭିଡିଓକୁ ପାଇବ, ସେତେବେଳେ ଏଥିପାଇଁ ସ୍ଥାନୀୟ ଲୋକେ ଦାୟୀ ବୋଲି ଜାଣିବା ଜରୁରୀ। ସେମାନେ ଆମ ଘରକୁ ଦଖଲ କରିବା ପାଇଁ ଆମକୁ ହଇରାଣ କଲେ। ଆମେ ସ୍ୱର ଉତ୍ତୋଳନ କଲୁ। କିନ୍ତୁ କେହି ଶୁଣିଲେ ନାହିଁ। ୧୫ ଦିନ ହେଲା ଆମେ ଫୁଟ୍‌ପାଥରେ ଶୋଉଥିଲୁ। ରାସ୍ତାକଡ଼ରେ ଶୀତକାକରରେ ରାତି ବିତାଉଥିଲୁ। ଭଉଣୀମାନେ ଶୀତରେ କଷ୍ଟ ପାଆନ୍ତୁ ବୋଲି ଚାହୁଁ ନ ଥିଲୁ। ଆମ ପାଖରେ ଘରର ଦସ୍ତାବିଜ ରହିଛି ବୋଲି ଗିରଫ ହେବା ପରେ ଅର୍ଶଦ କହିଛନ୍ତି। ଭିଡିଓରେ ଅର୍ଶଦ କହିଛନ୍ତି, ଆମ ପରିବାରର ସବୁ ସଦସ୍ୟ ଧର୍ମ ପରିବର୍ତ୍ତନ କରିବାକୁ ଚାହୁଁଥିଲୁ। ନ୍ୟାୟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଅନୁରୋଧ କରିଥିଲୁ। ଏହି ହତ୍ୟା ପାଇଁ ସେ କେତେଜଣ ବ୍ୟକ୍ତିଙ୍କୁ ଦାୟୀକରି ସେମାନଙ୍କ ନାମ ମଧ୍ୟ କହିଛନ୍ତି। ସେମାନେ ହେଲେ ରାନୁ, ଅଫ୍‌ତାବ, ଅଲିମ୍ ଖାନ୍, ସଲିମ୍, ଆରିଫ, ଅହମଦ ଓ ଅଜ୍‌ହର। ସେମାନେ ଜମି ମାଫିଆ, ସେମାନେ ଝିଅମାନଙ୍କୁ ମଧ୍ୟ ବିକ୍ରି କରନ୍ତି। ମାଫିଆମାନେ ତାଙ୍କୁ ଓ ତାଙ୍କ ବାପାଙ୍କୁ ମିଥ୍ୟା ମାମଲାରେ ଫସାଇ ୪ ଭଉଣୀଙ୍କୁ ହାଇଦ୍ରାବାଦକୁ ଚାଲାଣ ପାଇଁ ଯୋଜନା କରୁଥିଲେ। ଅର୍ଶଦ ସେପରି ହେବା ପାଇଁ ଦେବାକୁ ଚାହୁଁ ନ ଥିବାରୁ ନିଜ ପରିବାରର ୫ ସଦସ୍ୟଙ୍କୁ ହତ୍ୟା କରିଥିବା କହିଛନ୍ତି।

ଏହା ପରେ ଅର୍ଶଦ ୫ ଜଣଙ୍କ ମୃତଦେହକୁ ଦେଖାଇ କହିଥିଲେ, ମୁଁ ସକାଳ ଯାଏ ଜୀବିତ ରହି ନ ପାରେ। ମୁଁ ଆତ୍ମହତ୍ୟା କରିବାକୁ ଯୋଜନା କରିଥିଲି। ଆମେ ବଦାଉଁ ବାସିନ୍ଦା। ୧୯୪୭ରୁ ଏହାର ରେକର୍ଡ ମୋ ଖୁଡ଼ୀଙ୍କ ପାଖରେ ରହିଛି। କିନ୍ତୁ ସେମାନେ ଆମକୁ ବାଂଲାଦେଶୀ ଦର୍ଶାଇ ମିଛ କହୁଥିଲେ। ଶାନ୍ତିରେ ରହିବା ପାଇଁ ଆମେ ଧର୍ମ ପରିବର୍ତ୍ତନ କରିବାକୁଚାହୁଁଥିଲୁ। ସାହାଯ୍ୟ ପାଇଁଆମେ ଅନେକ ଲୋକଙ୍କ ଦ୍ୱାରସ୍ଥ ହୋଇଥିଲୁ। କିନ୍ତୁ କେହି ସାହାଯ୍ୟ କଲେନାହିଁ। ଏବେ ମୋ ଭଉଣୀମାନେ ମରିଯାଇଥିବାବେଳେ ମୁଁ ଖୁବ୍‌ଶୀଘ୍ର ମରିବାକୁ ଯାଉଛି। ଭାରତରେ କୌଣସି ପରିବାର ଏପରି କରିବାକୁ ବାଧହେବା ଅନୁଚିତ। ପ୍ରଧାନମନ୍ତ୍ରୀ ମୋଦି ଓ ମୁଖ୍ୟମନ୍ତ୍ରୀ ଯୋଗୀଙ୍କୁ ହାତଯୋଡ଼ି ଅନୁରୋଧ କରୁଛି, ଆମେ ଜୀବନରେ ନ୍ୟାୟ ପାଇଲୁନାହିଁ, ଅନ୍ତତଃ ଆମକୁ ମୃତ୍ୟୁ ବେଳେ ନ୍ୟାୟ ଦିଅନ୍ତୁ। ସେମାନଙ୍କୁ କଠୋର ଦଣ୍ଡ ଦିଆଯାଉ। ନେତା ଓ ପୋଲିସ ସହ ସେମାନଙ୍କ ସମ୍ପର୍କ ରହିଛି। ସେମାନେ ଆମର ଅଧା ପ୍ଲଟ୍ ଦଖଲ କରିଛନ୍ତି, ଆଉ ଅଧାକୁ ଦଖଲ କରିବାକୁ ଚାହୁଁଛନ୍ତି। ସେହି ଜମି ଉପରେ ଏକ ମନ୍ଦିର ନିର୍ମାଣ କରାଯାଉ। ଘରେ ଥିବା ସମ୍ପତ୍ତିକୁ ଅନାଥାଶ୍ରମକୁ ଦାନ ଦିଆଗଲେ ଆମ ଆତ୍ମା ଶାନ୍ତି ପାଇବ।


ଅଭିଯୁକ୍ତ ମହମ୍ମଦ ଅର୍ଶଦ

ଇତିମଧ୍ୟରେ ଅର୍ଶଦ ଓ ତାଙ୍କ ପରିବାର ସମ୍ପର୍କରେ ଆଉ କିଛି ତଥ୍ୟ ସାମ୍ନାକୁ ଆସିଛି। ତଦନୁସାରେ ଅର୍ଶଦଙ୍କ ପରିବାର ୧୨ ବର୍ଷ ପୂର୍ବେ ଆଗ୍ରାକୁ ଯାଇ ସେଠାରେ ବସବାସ କରୁଥିଲା। ପରିବାର ଲୋକେ ଇସ୍‌ଲାମନଗର ଟେଢ଼ି ବଗିଆରେ ୪ ବଖରା ଓ ୨ ମହଲା ବିଶିଷ୍ଟ ଏକ ଘର ତିଆରି କରିଥିଲେ। ଅର୍ଶଦ ନିଜ ମା' ଓ ଭଉଣୀମାନଙ୍କୁ ବାହାରକୁ ଯିବାକୁ ଦେଉ ନ ଥିଲେ। ବାହାରୁ ମଧ୍ୟ କାହାରିକୁ ଘରେ ପୂରାଇଦେଉ ନ ଥିଲେ। ସେମାନେ କାହା ସହ ମିଳାମିଶା କରୁ ନ ଥିଲେ। ପଡ଼ୋଶୀଙ୍କ ସହ ସବୁବେଳେ ଝଗଡ଼ା କରୁଥିଲେ। ଅର୍ଶଦ ୨୦୨୪ ଫେବୃଆରୀରେ ନିଜ ଅଧା ଜାଗାକୁ ୭ ଲକ୍ଷ ଟଙ୍କାରେ ଅଲିମ୍ ଖାନ୍ ନାମକ ଜଣେ ପଡ଼ୋଶୀଙ୍କୁ ବିକ୍ରି କରିଦେଇଥିଲେ। ଅର୍ଶଦଙ୍କ ଭିଡିଓ ବୟାନ ଓ କାର୍ଯ୍ୟରେ କୌଣସି ତାଳମେଳ ନ ଥିବାରୁ ପ୍ରକୃତ ରହସ୍ୟ ଉପରୁ ପରଦା ହଟାଇବା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇପାରେ।

### ଆୟୁଷ୍ମାନ ଭାରତ: ମହିଳାଙ୍କୁ ...

ନାହିଁ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ୨୦୨୫ରେ ରାଜ୍ୟରେ ସ୍ୱାସ୍ଥ୍ୟକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ। ନୂଆ ମେଡିକାଲ କଲେଜ, ନର୍ସିଂ କଲେଜ, ଡିଜିଟାଲ ହେଲ୍‌ଥ ମିଶନ ଭଳି ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

ଇ-କେୱାଇସି ଡାଟାବେସକୁ ଆଧାର କରି ନୂଆ କାର୍ଡ ପ୍ରଦାନ କରାଯିବ। ରାଜ୍ୟ ସରକାରଙ୍କ ନିକଟରେ ୧ କୋଟି ପରିବାରଙ୍କ ତଥ୍ୟ ରହିଛି। ଫେବୃଆରୀରୁ ଆୟୁଷ୍ମାନ୍ ଭାରତ ଲାଗୁ ହେଉଥିବାରୁ ଏହା ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରୀ କହିଛନ୍ତି। ଗୋପବନ୍ଧୁ ଜନ ଆରୋଗ୍ୟ ଓ ଆୟୁଷ୍ମାନ୍ ଭାରତ ମିଶ୍ରଣରେ ଏହି ସୁବିଧା ମିଳିବ। ଉଭୟ ଯୋଜନାକୁ ମିଶାଇ ଗାଇଡଲାଇନ୍ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟର ୧ କୋଟି ପରିବାରର ସାଢେ ୩ କୋଟି ଲୋକଙ୍କ ପାଖରେ ଏହି ସୁବିଧା ପହଞ୍ଚିବ। ରାଜ୍ୟବାସୀ ଡବଲ ଇଞ୍ଜିନ ସରକାରର ଲାଭ ପାଇବେ। ଏନେଇ ବିଭାଗୀୟ ପ୍ରସ୍ତୁତି ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନୂଆବର୍ଷରେ ଏହି ଯୋଜନା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବ। ପ୍ରତ୍ୟେକ ହିତାଧିକାରୀଙ୍କୁ ଗୋଟିଏ କାର୍ଡ ମିଳିବ। ସୂଚନାଯୋଗ୍ୟ ମହିଳା ଭୋଟ ହାତେଇବାକୁ ବିଜେଡି ସରକାର ସମୟରେ ବିଏସ୍‌କେୱାଇରେ ମହିଳାଙ୍କୁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ପ୍ରଦାନ କରାଯାଇଥିଲା। ଆୟୁଷ୍ମାନ୍ ଭାରତ ଯୋଜନାରେ ପ୍ରତ୍ୟେକ ପରିବାରକୁ ୫ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ ବ୍ୟବସ୍ଥା ରହିଛି। ତେଣୁ ରାଜ୍ୟରେ ଆୟୁଷ୍ମାନ୍ ଭାରତ ଯୋଜନା ଲାଗୁ ହେଲେ ବିଏସ୍‌କେୱାଇରେ ମହିଳାମାନଙ୍କୁ ମିଳୁଥିବା ସ୍ୱାସ୍ଥ୍ୟ ସୁବିଧା ମିଳିବ କି ନାହିଁ ସନ୍ଦେହ ଉପୁଜିଥିଲା। ଏହାକୁ ରାଜ୍ୟ ଭାଜପା ସରକାର ଦୂର କରିଛନ୍ତି। ପୂର୍ବଭଳି ମହିଳାମାନଙ୍କୁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଛନ୍ତି।

୨୦୨୪ ଅକ୍ଟୋବର ୨୯ରେ ୭୦ ବର୍ଷରୁ ଅଧିକ ବରିଷ୍ଠ ନାଗରିକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ୍ ଭାରତ ୨.୦କୁ ମଧ୍ୟ ଦେଶବ୍ୟାପୀ ଶୁଭାରମ୍ଭ କରିଛନ୍ତି। ଓଡ଼ିଶା, ଦିଲ୍ଲୀ, ପଶ୍ଚିମବଙ୍ଗକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଆୟୁଷ୍ମାନ୍ ଯୋଜନା ଲାଗୁ ହୋଇସାରିଛି। ଓଡ଼ିଶାରେ ଏହି ଯୋଜନା ଲାଗୁ କରିବା ନେଇ ସରକାର ପଦକ୍ଷେପ ନେଉଛନ୍ତି।

### ୨ ବର୍ଷରେ ୬୫ ହଜାର ...

ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପକରି ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଖାଲି ପଦବୀ ପୂରଣ ପାଇଁ ନିଯୁକ୍ତି ଆୟୋଗଗୁଡିକୁ ପ୍ରସ୍ତାବ ଦେବାକୁ ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବିଭିନ୍ନ ବିଭାଗରେ ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଖାଲି ଥିବା ପଦବୀ ପୂରଣ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସ୍ୱତନ୍ତ୍ର ରିକ୍ରୁଟ୍‌ମେଣ୍ଟ ଡ୍ରାଇଭ କରିବାକୁ କହିଛନ୍ତି। ଗ୍ରୁପ୍-ବି ବର୍ଗର ପଦବୀ ପୂରଣ ପାଇଁ ଏମପାୱାର୍ଡ କମିଟିର ଅନୁମୋଦନ ଦରକାର ନାହିଁ। ଭିନ୍ନକ୍ଷମ ବର୍ଗଙ୍କ ନିଯୁକ୍ତି କ୍ଷେତ୍ରରେ ଯାଞ୍ଚ ଓ ସଂରକ୍ଷଣ ପାଇଁ ଅର୍ଥ ବିଭାଗରେ କାର୍ଯ୍ୟରତ ଥିବା ଏମ୍‌ପାୱାର୍ଡ କମିଟିକୁ ପୁନର୍ଗଠନ କରି ସେଥିରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରତିନିଧିଙ୍କୁ ସାମିଲକରିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିସହ ଅବିଭକ୍ତ କୋରାପୁଟ ଜିଲାର ପରୀକ୍ଷାର୍ଥୀଙ୍କ ସୁବିଧା ଦୃଷ୍ଟିରୁ ଜୟପୁରଠାରେ ଲୋକସେବା ଆୟୋଗର ଏକ ପରୀକ୍ଷା କେନ୍ଦ୍ର କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। ବର୍ତ୍ତମାନ ଲୋକସେବା ଆୟୋଗର ୫ଟି ପରୀକ୍ଷା କେନ୍ଦ୍ର ରହିଛି। ବୈଠକରେ ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିଶନର ଅଧ୍ୟକ୍ଷ ଅରୁଣ ଷଡ଼ଙ୍ଗୀ, ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନର ଅଧ୍ୟକ୍ଷ ଅଭୟ, ଓଡ଼ିଶା ସବ୍ ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନର ଅଧ୍ୟକ୍ଷ ଲଳିତ ଦାସ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଏବଂ ଆୟୋଗ ଗୁଡ଼ିକର ସଦସ୍ୟବୃନ୍ଦ ଏବଂ ସଚିବମାନେ ଉପସ୍ଥିତ ଥିଲେ।

## ୩ ବରିଷ୍ଠ ଆଇପିଏସ୍‌ଙ୍କୁ ଡିଜି ପାହ୍ୟା

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ): ରାଜ୍ୟର ୩ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ସରକାର ଡିଜି ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ସେମାନେ ହେଲେ କ୍ରାଇମବ୍ରାଞ୍ଚ ଏଡିଜି ଦାୟିତ୍ୱରେ ଥିବା ୧୯୯୩ ବ୍ୟାଚ୍ ଆଇପିଏସ୍ ଅଫିସର ବିନୟତୋଷ ମିଶ୍ର, ଗୋଇନ୍ଦା ନିର୍ଦ୍ଦେଶକ ଥିବା ଆର୍.ପି. କୋଚେ ଏବଂ କେନ୍ଦ୍ରୀୟ ଡେପୁଟେଶନ୍‌ରେ ଥିବା ସୁଶାନ୍ତ କୁମାର ନାଥ। ଏନେଇ ବୁଧବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।




# ଶିମିଳିପାଳ ଫେରିଲା ଜିନ୍ନତ

ବାରିପଦା,୧।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ମହାବଳ ବାଘୁଣୀ ଜିନ୍ନତ।

ଓଡ଼ିଶା ଛାଡ଼ି ପ୍ରଥମେ ଝାଡ଼ଖଣ୍ଡ ଓ ପରେ ପଶ୍ଚିମବଙ୍ଗ ପଳାଇଥିବା ମହାବଳ ବାଘୁଣୀ ଜିନ୍ନତ ଶିମିଳିପାଳ ଫେରିଛି। ବୁଧବାର ସକାଳ ୭ଟା୩୦ମି.ରେ ଯମୁନା ରହୁଥିବା ଏନ୍‌କ୍ଲୋଜର ମଧ୍ୟରେ ବନ ବିଭାଗ କର୍ମଚାରୀମାନେ ତାକୁ ଛାଡ଼ିଛନ୍ତି। ଦ୍ୱିତୀୟ ଥର ଶିମିଳିପାଳରେ ପହଞ୍ଚିବା ପରେ ସେ ସୁସ୍ଥ ଓ ସକ୍ରିୟ ଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି। ତେବେ ଏନ୍‌କ୍ଲୋଜରରେ ରଖାଯିବା ପରେ ଜିନ୍ନତର ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ପ୍ରେମ କୁମାର ଝାଙ୍କ ସମେତ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଅଧିକାରୀମାନେ ସମୀକ୍ଷା କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ ବୋଲି ସୂଚନା ମିଳିଛି।

ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟରେ ୨୨ଦିନ ଧରି ବୁଲୁଥିବା ବାଘୁଣୀ ଜିନ୍ନତକୁ ବନ ବିଭାଗ ଟ୍ରାଙ୍କୁଲାଇଜ୍ କରିଥିଲା। ଡିସେମ୍ବର ୩୦ ଅପରାହ୍ନରେ ୧୩୫ କିଗ୍ରା ଓଜନର ବାଘୁଣୀ ଜିନ୍ନତକୁ ଆଲିପୁର ଚିଡ଼ିଆଖାନାକୁ ନିଆଯାଇଥିଲା। ସେଠାରେ ସ୍ୱାସ୍ଥ୍ୟ ଚିକିତ୍ସା ପରେ ଜିନ୍ନତ ଖାଦ୍ୟ ଗ୍ରହଣ କରି ନ ଥିଲା। ତେବେ ଏନ୍‌ଟିସିଏର ତାଗିଦା ପରେ ୩୧ ତାରିଖ ରାତି ୮ଟାରେ ତାକୁ ସ୍ୱତନ୍ତ୍ର ଯନ୍ତାରେ ବନ ବିଭାଗ ଧରି ଶିମିଳିପାଳ ଅଭିମୁଖେ ଆସିଥିଲା। ୧ ତାରିଖ ସକାଳେ ଦକ୍ଷିଣ ଡିଭିଜନ ଏନ୍‌କ୍ଲୋଜରରେ ରହୁଥିବା ବାଘୁଣୀ ଯମୁନା ସ୍ଥାନରେ ଜିନ୍ନତକୁ ରଖାଯାଇଛି। ଯନ୍ତା ଖୋଲିବା ପରେ ପାଖାପାଖି ୨/୩ ଘଣ୍ଟା ପର୍ଯ୍ୟନ୍ତ ଏନ୍‌କ୍ଲୋଜର ମଧ୍ୟକୁ ଯାଇ ନ ଥିଲା। ଏନ୍‌କ୍ଲୋଜରକୁ ଯିବା ପରେ ତା'ର ଗତିବିଧି ଉପରେ ବିଶେଷଜ୍ଞ ଦଳ ଓ ଡାକ୍ତର ଅନୁଧ୍ୟାନ ଜାରି ରଖିଛନ୍ତି। ତେବେ ଶିମିଳିପାଳକୁ ସେ ବାସସ୍ଥାନ ଭାବେ ଗ୍ରହଣ କରିବ ନା ପୁଣି ନିଜ ପସନ୍ଦର ବାସସ୍ଥାନ ପାଇଁ ଜଙ୍ଗଲ ଛାଡ଼ିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବନ ବିଭାଗ ପକ୍ଷରୁ ଏନ୍‌କ୍ଲୋଜର ଚାରିପାଖେ ତାର ବାଡ଼ ଦିଆଯାଇ ସୋଲାର ଚାର୍ଜ ବ୍ୟବସ୍ଥା କରାଯାଇଛି। ବଣୁଆ ହାତୀଙ୍କ କବଳରୁ ଜିନ୍ନତକୁ ସୁରକ୍ଷା ଦେବା ପାଇଁ ଏପରି ବ୍ୟବସ୍ଥା କରାଯାଇଥିବାରୁ ଜିନ୍ନତ ପାଇଁ ସମସ୍ୟା ସୃଷ୍ଟି ହେବ ବୋଲି ଆଶଙ୍କା କରାଯାଇଛି। ଏନ୍‌କ୍ଲୋଜର ପରିସର ବୃଦ୍ଧି ନ କଲେ ଶିମିଳିପାଳ ଜଳବାୟୁ ଓ ପରିବେଶ ସହ ଖାପଖୁଆଇବା ଓ ବନ୍ୟଜନ୍ତୁଙ୍କ ସହିତ ମିଶିବାର ସୁଯୋଗରୁ ଜିନ୍ନତ ବଞ୍ଚିତ ହେବ ବୋଲି କୁହାଯାଉଛି। ତେଣୁ ପୁନର୍ବାର ତାକୁ ଶିମିଳିପାଳରେ ଛଡ଼ାଗଲେ ସେ ନିଜର ବାସସ୍ଥାନ ଚିହ୍ନଟ କରିବାରେ ଘୋର ଅସୁବିଧା ପରିଲକ୍ଷିତ ହେବାର ଅନୁମାନ କରାଯାଉଛି। ଏ ନେଇ ଓଡ଼ିଶା ବନ ଉନ୍ନୟନ ନିଗମର ସ୍ୱାଧୀନ ନିର୍ଦ୍ଦେଶକ ତଥା ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ଏନ୍‌କ୍ଲୋଜରକୁ ସମ୍ପ୍ରସାରଣ କରାଗଲେ ଶିମିଳିପାଳର ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସହ ମିଶିବା ସହିତ ଶିମିଳିପାଳର ବାତାବରଣରେ ସେ ଅଭ୍ୟସ୍ତ ହୋଇଯିବ। ଅଣ୍ଡିରା ବାଘ ସହିତ ତୃଣଭୋଜି ପ୍ରାଣୀଙ୍କୁ ଚିହ୍ନିବାରେ ସହଜ ହୋଇପାରିବ। ସେହିପରି ହାତୀ ଆସିବା ସମୟରେ ସୋଲାର ଚାର୍ଜ କରାଯିବା ଓ ହାତୀ ଗଲା ପରେ ପୁଣି ତାକୁ ବନ୍ଦ କରିବାର ଆବଶ୍ୟକତା ରହିଛି, ଯାହା ଫଳରେ ଜିନ୍ନତ ଅନ୍ୟ ଜୀବଜନ୍ତୁଙ୍କ ସହ ମିଶିବାର ସୁଯୋଗ ପାଇପାରିବ। ତେବେ ସୁଚିନ୍ତିତ ମତାମତ ଓ ନିଷ୍ପତ୍ତି ନେଇ ଯୋଜନାକୁ ପରିଚାଳନା କରାଗଲେ ଯମୁନା ଓ ଜିନ୍ନତକୁ ଅଣାଯାଇଥିବା ମିଶନ ସଫଳ ହେବ ବୋଲି ପ୍ରାଣୀପ୍ରେମୀମାନେ ମତବ୍ୟକ୍ତ କରିଛନ୍ତି।

# ବରଗଡ଼ ରୋଡ୍, ନୂଆପଡ଼ା ରୋଡ୍‌କୁ ଯୋଡ଼ିବ ନୂଆ ରେଳ ଲାଇନ

ଭୁବନେଶ୍ୱର,୧।୧
(ଅନୁରାଧା ମହାରଣା)

ଭାରତୀୟ ରେଳପଥ ଓଡ଼ିଶାରେ ଏହାର ପ୍ରମୁଖ ଭିତ୍ତିଭୂମି ସମ୍ପ୍ରସାରଣ ଜାରି ରଖିଛି। ଏହିକ୍ରମରେ ବରଗଡ ରୋଡ୍‌ରୁ ନୂଆପଡା ରୋଡ୍‌କୁ ଯୋଡ଼ିବା ପାଇଁ ନୂତନ ରେଳ ଲାଇନ୍ ନିର୍ମାଣ କରାଯାଉଛି। ୧୩୮.୩୨ କି.ମି. ଦୀର୍ଘ ଏହି ନୂତନ ରେଳ ଲାଇନ୍ ଆଞ୍ଚଳିକ ବିକାଶକୁ ବୃଦ୍ଧି କରିବା ସହ ରୋଜଗାର ସୃଷ୍ଟି କରିବ। ଏଥିସହ ଉଭୟ ଯାତ୍ରୀ ଓ ପଣ୍ୟ ପରିବହନ କ୍ଷେତ୍ରରେ ସହାୟକ ହେବ ବୋଲି ଆଶା କରାଯାଉଛି। ପୂର୍ବତଟ ରେଳପଥର ସୂଚନାନୁସାରେ, ରେଳ ବୋର୍ଡ ଏହି ପ୍ରକଳ୍ପ ପାଇଁ ୨୦୨୪ ସେପ୍ଟେମ୍ବରରେ ୨୬୨୧.୯୨ କୋଟି ଟଙ୍କା ମଞ୍ଜୁର କରିଥିଲା। ସିଭିଲ ଇଞ୍ଜିନିୟରିଂ ପାଇଁ ୨୧୦୭.୩୦ କୋଟି, ଇଲେକ୍ଟ୍ରିକାଲ ପାଇଁ ୩୦୫.୫୫ କୋଟି ଏବଂ ସିଗ୍‌ନାଲ ଓ ଟେଲିକମ୍ ଇଞ୍ଜିନିୟରିଂ ପାଇଁ ୨୦୯.୦୭ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା। ବିନାମୂଲ୍ୟରେ ଜମି ଯୋଗାଇଦେବା ସହ ୩୦୦ କୋଟି ଟଙ୍କା ଅନୁଦାନ ପ୍ରଦାନ ପାଇଁ ରାଜ୍ୟ ସରକାର ଅନୁମତି ପ୍ରଦାନ କରିଥିଲେ।

ନୂତନ ରେଳ ଲାଇନ୍ ବରଗଡ଼ ରୋଡ୍‌ରୁ ନୂଆପଡ଼ା ରୋଡ୍ ପର୍ଯ୍ୟନ୍ତ ବିଦ୍ୟୁତୀକରଣ ସହ ବ୍ରଡ୍‌ଗେଜ୍(ବିଜି) ମେନ୍ ଲାଇନ ହେବ। ଏହା ପଦ୍ମପୁର ଦେଇ ଏକ ବିକଳ୍ପ କ୍ଷୁଦ୍ର ମାର୍ଗ ସୃଷ୍ଟି କରିବ ଏବଂ ଝାରସୁଗୁଡା-ବିଳାସପୁର-ରାୟପୁର ବ୍ୟସ୍ତବହୁଳ ମାର୍ଗର ବିକଳ୍ପ ଭାବେ ପରିଗଣିତ ହେବ। ସମ୍ବଲପୁର-ଝାରସୁଗୁଡ଼ା-ରାୟପୁର ମାର୍ଗ ତୁଳନାରେ ୫୩ କି.ମି. ଏବଂ ସମ୍ବଲପୁର-ଟିଟିଲାଗଡ-ରାୟପୁର ମାର୍ଗ ତୁଳନାରେ ୮୭ କି.ମି. ଦୂରତା ହ୍ରାସ କରି ପଣ୍ୟ ପରିବହନ ସହ ଯାତ୍ରୀଙ୍କ ଶୀଘ୍ର ତଥା ସୁଗମ ଗମନାଗମନରେ ସହାୟକ ହେବ। ଏହି ପ୍ରକଳ୍ପରେ ୧୩ ଷ୍ଟେସନ ରହିବ, ଯେଉଁଥିରେ ୨ଟି ଷ୍ଟେସନ ଥିବାବେଳେ ୧୧ଟି ନୂତନ ଷ୍ଟେସନ ରହିଛି। ପ୍ରସ୍ତାବିତ ଆଲାଇନ୍‌ମେଣ୍ଟ ଓ ଷ୍ଟେସନଗୁଡ଼ିକ ମଧ୍ୟରେ ବର୍ତ୍ତମାନର ବରଗଡ ରୋଡ୍ ଷ୍ଟେସନ ସହ ନୂତନ ଭାବେ ନିର୍ମାଣ ହେବାକୁ ଥିବା ୬.୪୯୫ କି.ମି. ବିଶିଷ୍ଟ ସରସରା ଲାଇନ୍, ୧୭.୪୪ କି.ମି. ବିଶିଷ୍ଟ ଡୁମରପାଲି ଲାଇନ୍, ୨୬.୯୭ କି.ମି.ର ବିଜେପୁର ଲାଇନ୍, ୪୦.୧୮୫ କି.ମି.ର ବଡ଼ପାଲି ଲାଇନ୍, ୫୮.୯୨୫ କି.ମି. ବିଶିଷ୍ଟ ଧଉରାମୁଣ୍ଡା ଲାଇନ୍, ୭୨.୪୪୫ କି.ମି.ର ପଦମପୁର ଲାଇନ୍ , ୮୭.୩୬୫ କି.ମି. ବିଶିଷ୍ଟ ଭଗବତପୁର ଲାଇନ୍, ୯୪.୯୮ କି.ମି. ବିଶିଷ୍ଟ ମାଝିପଲି ଲାଇନ୍, ୧୦୬.୧୧ କି.ମି. ବିଶିଷ୍ଟ ପାଇକମାଳ ରୋଡ୍ ଲାଇନ୍, ବରତୁଣ୍ଡା ଲାଇନ୍, ୧୧୨.୨ କି.ମି.ର ଅଁଳାଜୁବା ଓ ବର୍ତ୍ତମାନର ୧୩୮.୩୨ କି.ମି. ବିଶିଷ୍ଟ ନୂଆପଡ଼ା ରୋଡ୍ ଲାଇନ୍ ରହିଛି।

# ଜଙ୍ଗଲ ନ କାଟିବାକୁ କମ୍ପାନୀ ଅଧିକାରୀଙ୍କ ଗୋଡ଼ ଧରିଲେ

ଛେଣ୍ଡିପଦା,୧।୧ (ଅଜିତ ଧଳ)

### ବନ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଦିଲୀପଙ୍କ ଅନଶନ


କମ୍ପାନୀ ଅଧିକାରୀଙ୍କ ଗୋଡ଼ ଧରି ଜଙ୍ଗଲ ନ କାଟିବାକୁ ଅନୁରୋଧ କରୁଛନ୍ତି ଅନଶନକାରୀ।

ଜଙ୍ଗଲ ବିଭାଗକୁ ଜୀବନ ବିଭାଗ ନାମରେ ନାମିତ କରିବା ଏବଂ ଜଙ୍ଗଲ କଟା ନ ଯିବା ଦାବିରେ ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଉଦୟପୁର ଅଞ୍ଚଳର ଦିଲୀପ କୁମାର ସାହୁ ବୁଧବାର ଅନୁଗୋଳ ଜିଲା ଛେଣ୍ଡିପଦା ସଂରକ୍ଷିତ ଜଙ୍ଗଲରେ ଅନଶନରେ ବସିଥିଲେ। ଏପରି କି କୋଇଲା ଖଣି ଖନନ ପାଇଁ ଛେଣ୍ଡିପଦା ଜଙ୍ଗଲରେ ଗଛ କାଟୁଥିବା ସିଙ୍ଗାରେଣୀ କମ୍ପାନୀ ଅଧିକାରୀଙ୍କ ଗୋଡ଼ ଧରି ଦିଲୀପ ଗଛ ନ କାଟିବାକୁ ଅନୁରୋଧ କରିଥିଲେ।

ପ୍ରକାଶ ଯେ, ଗତ ୩୦ ତାରିଖରେ ଦିଲୀପ ଅନୁଗୋଳ ଜିଲାପାଳଙ୍କ ଅଫିସ ପରିସରରେ ଏକ ନିଆରା ଢଙ୍ଗରେ ନିଜ ଦାବି ଉପସ୍ଥାପନ କରିଥିଲେ। ଏକ ଅଟୋ ରିକ୍ସାକୁ ହାତୀ ଭଳି ସାଜସଜ୍ଜା କରିବା ସହ ନିଜେ ବାଘ ବେଶରେ ସଜ୍ଜିତ ହୋଇ ଜଙ୍ଗଲ ନ କାଟିବାକୁ ଜିଲା ପ୍ରଶାସନକୁ ଅନୁରୋଧ କରିଥିଲେ। ଏହା ପୂର୍ବରୁ ଗତ ୨୬ ତାରିଖରେ ପାଲଲହଡ଼ା ଉପଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଡିସେମ୍ବର ୩୧ ମଧ୍ୟରେ ପ୍ରଶାସନ ଏ ନେଇ ଆଲୋଚନା ନ କଲେ ଜାନୁଆରୀ ୧ ତାରିଖ ଠାରୁ ସେ ଅନଶନରେ ବସିବେ ବୋଲି ପ୍ରକାଶ କରିଥିଲେ। ତେବେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ନ ଯିବାରୁ ହାତୀ ଭଳି ସାଜସଜ୍ଜା ହୋଇଥିବା ଅଟୋ ନେଇ ବାଘ ବେଶରେ ସଜ୍ଜିତ ଦିଲୀପ ଛେଣ୍ଡିପଦାରେ ପହଞ୍ଚି ଅନଶନ କରିଥିଲେ।

# ଚଳିତବର୍ଷ ୪ ପରାଗ, ଗ୍ରହଣ

### ଦୁଇଟି ଆଂଶିକ ସୂର୍ଯ୍ୟୋପରାଗ, ୨ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ

ଭୁବନେଶ୍ୱର,୧।୧(ସୁଚିସ୍ମିତା ସାହୁ)

ଚଳିତବର୍ଷ ମୋଟ ୪ଟି ପରାଗ ଓ ଗ୍ରହଣ ସଂଗଠିତ ହେବ। ସେଥିରୁ ଦୁଇଟି ଆଂଶିକ ସୂର୍ଯ୍ୟୋପରାଗ ଏବଂ ଦୁଇଟି ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ରହିଥିବାବେଳେ କେବଳ ଗୋଟିଏ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଭାରତରୁ ଦେଖିହେବ ବୋଲି ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ତାଙ୍କ ସୂଚନାନୁସାରେ, ଚଳିତବର୍ଷର ପ୍ରଥମ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ମାର୍ଚ୍ଚ ୧୪ରେ ଆମେରିକା, ପଶ୍ଚିମ ୟୁରୋପ, ପଶ୍ଚିମ ଆଫ୍ରିକା ଏବଂ ଉତ୍ତର ଓ ଦକ୍ଷିଣ ଆଟ୍‌ଲାଣ୍ଟିକ ମହାସାଗର ପରି ଅଞ୍ଚଳରେ ଦେଖାଯିବ। ସେହିପରି ଆଂଶିକ ସୂର୍ଯ୍ୟୋପରାଗ ମାର୍ଚ୍ଚ ୨୯ରେ ଉତ୍ତର ଆମେରିକା, ଗ୍ରୀନ୍‌ଲ୍ୟାଣ୍ଡ, ଆଇସ୍‌ଲ୍ୟାଣ୍ଡ, ଉତ୍ତର ଆଟ୍‌ଲାଣ୍ଟିକ ମହାସାଗର, ୟୁରୋପ ଏବଂ ଉତ୍ତର-ପଶ୍ଚିମ ରୁଷରେ ଦୃଶ୍ୟମାନ ହେବ। ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ସେପ୍ଟେମ୍ବର ୭ ଓ ୮ ତାରିଖରେ ସମଗ୍ର ଭାରତ ସହ ଏସିଆର ଅନ୍ୟ ଦେଶ ତଥା ୟୁରୋପ, ଆଣ୍ଟାର୍କଟିକା, ପଶ୍ଚିମ ପ୍ରଶାନ୍ତ ମହାସାଗର, ଅଷ୍ଟ୍ରେଲିଆ ଓ ଭାରତ ମହାସାଗରର କିଛି ଅଞ୍ଚଳରେ ଦୃଶ୍ୟମାନ ହେବ। ଏହି ଚନ୍ଦ୍ରଗ୍ରହଣ ଭାରତ ଆକାଶରେ ସେପ୍ଟେମ୍ବର ୭ରେ ରାତି ୮ଟା ୫୮ ରୁ ୨ଟା ୨୫ ପର୍ଯ୍ୟନ୍ତ ରହିବ। ପୂର୍ଣ୍ଣ ଗ୍ରହଣ ରାତି ୧୦ଟାରୁ ରାତି ୧୨.୨୨ ଦୀର୍ଘ ୨ ଘଣ୍ଟା ୨୨ ମିନିଟ ପର୍ଯ୍ୟନ୍ତ ଦେଖାଯିବ। ସେହି ସମୟରେ ଚନ୍ଦ୍ର ସମ୍ପୂର୍ଣ୍ଣ ରକ୍ତ ବର୍ଣ୍ଣ ଧାରଣ କରିବ। ତେବେ ବର୍ଷର ଅନ୍ତିମ ଆଂଶିକ ସୂର୍ଯ୍ୟୋପରାଗ ସେପ୍ଟେମ୍ବର ୨୧-୨୨ ତାରିଖରେ ନ୍ୟୁଜିଲାଣ୍ଡ, ଇଷ୍ଟର୍ଣ୍ଣ ମେଲାନେସିଆ ଏବଂ ପଶ୍ଚିମ ଆଣ୍ଟାର୍କଟିକାରେ ଦୃଶ୍ୟମାନ ହେବ ବୋଲି ଶୁଭେନ୍ଦୁ କହିଛନ୍ତି।

# ୩ରେ ଶପଥ ନେବେ ନୂଆ ରାଜ୍ୟପାଳ

### ଆଜି ଓଡ଼ିଶାରେ ପହଞ୍ଚିବେ

ଭୁବନେଶ୍ୱର, ୧।୧(ସୁନିତ୍ ମିଶ୍ର)

ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ହରିବାବୁ କମ୍ଭମ୍‌ପତି ଶପଥ ନେବେ। ୩ ତାରିଖରେ ଶପଥ ଗ୍ରହଣ ସମାରୋହ କାର୍ଯ୍ୟକ୍ରମ ରହିଛି। ଗୁରୁବାର ସେ ଓଡ଼ିଶାରେ ପହଞ୍ଚିବେ। ରାଜଭବନରେ ନୂଆ ରାଜ୍ୟପାଳଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ହେବ। ମିଜୋରାମର ପୂର୍ବତନ ରାଜ୍ୟପାଳ କମ୍ଭମ୍‌ପତି ଓଡ଼ିଶାର ରାଜ୍ୟପାଳ ଭାବେ ନିଯୁକ୍ତି ପାଇଛନ୍ତି। କମ୍ଭମ୍‌ପତି ୨୦୨୧ ଜୁଲାଇ ୧୯ରେ ମିଜୋରାମର ରାଜ୍ୟପାଳ ଭାବେ ଶପଥ ନେଇଥିଲେ। ସୂଚନାଯୋଗ୍ୟ, ଓଡ଼ିଶା ରାଜ୍ୟପାଳ ଥିବା ରଘୁବର ଦାସଙ୍କୁ ନିକଟରେ ହଟାଇ ଦିଆଯାଇଛି। ରଘୁବରଙ୍କୁ ଏପରି ହଠାତ୍ କାହିଁକି ରାଜ୍ୟପାଳ ପଦରୁ ହଟାଇ ଦିଆଗଲା ସେନେଇ କେହି ଆଉ ମୁହଁ ଖୋଲିନାହାନ୍ତି। ରଘୁବର ରାଜନୀତି ପ୍ରତି ରୁଚି ରଖୁଥିବା କାରଣରୁ ତାଙ୍କୁ କେନ୍ଦ୍ରରେ କିଛି ବଡ଼ ଦାୟିତ୍ୱ ମିଳିପାରେ ବୋଲି ଭାଜପା ନେତାମାନଙ୍କ ମୁହଁରୁ ଶୁଣିବାକୁ ମିଳିଥିଲା। ହେଲେ ଆଉ କେତେଜଣ ଏହା ରଘୁବରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବୋଲି ମତ ରଖିଛନ୍ତି। ରଘୁବରଙ୍କୁ ରାଜ୍ୟପାଳ ପଦରୁ ହଟାଯିବା ପଛର ବାସ୍ତବ କଥା କ'ଣ ତାହା ଜଣାପଡ଼ି ନାହିଁ। ଅନ୍ୟପଟେ ଝାଡ଼ଖଣ୍ଡରେ ଭାଜପା ପରାଜୟର ସମ୍ମୁଖୀନ ହୋଇଥିବା ବେଳେ ଏଥିଲାଗି କୁଆଡ଼େ ରଘୁବର ଦାୟୀ ବୋଲି ଅନେକେ ଚର୍ଚ୍ଚା କରୁଛନ୍ତି।



















ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ– ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ– କଷ୍ଟଭୋଗୀ ସତ୍ତା। –ଶ୍ରୀଅରବିନ୍ଦ



# ସଗୁଣ, ନିର୍ଗୁଣ ଓ ବିଜ୍ଞାନ



ଦେବଦତ୍ତ ପଟ୍ଟନାୟକ

ଅଧିକାଂଶ ଧାର୍ମିକ ଲୋକ ବିଜ୍ଞାନ ପ୍ରତି ଈର୍ଷାଭାବ ପୋଷଣ କରିଥାନ୍ତି। କିନ୍ତୁ ସିଦ୍ଧାନ୍ତକୁ ଆଧାର କରି ବିଜ୍ଞାନ ଧର୍ମକୁ ଟପିଯାଇଛି। ମନ୍ତ୍ର କିମ୍ବା ଯାଦୁଶକ୍ତି ପରିବର୍ତ୍ତେ ତୁମ ପାଖରେ ପ୍ରଯୁକ୍ତି(ଟେକ୍ନୋଲୋଜି) ରହିଲା। ଏହା ବ୍ୟତୀତ ଏକ ଶିଳ୍ପକୈନ୍ଦ୍ରିକ ଜୀବନଶୈଳୀ ଓ ବ୍ୟାପକ ଉତ୍ପାଦନ ସହ ଆଣ୍ଟିବାୟୋଟିକ୍ ଓ ଇଣ୍ଟରନେଟ୍ ବି ରହିଲା। ଫଳରେ ଏସବୁ ଯୋଗୁ କେବଳ ଆଭିଜାତ୍ୟ ବର୍ଗ ନୁହନ୍ତି, ଅନ୍ୟମାନଙ୍କୁ ମଧ୍ୟ ଭୌତିକ ସୁଖ ମିଳିପାରିଛି। କିନ୍ତୁ ଲୋକେ ବିଜ୍ଞାନ ଓ ତର୍କସଙ୍ଗତ ବିଚାରକୁ ନେଇ ଦ୍ୱନ୍ଦ୍ୱରେ ପଡ଼ନ୍ତି। ସେମାନେ ଭାବନ୍ତି ଯେ ବିଜ୍ଞାନ ହିଁ ଯୁକ୍ତିଯୁକ୍ତ। ଏହା ଲୋକଙ୍କୁ ବୈଜ୍ଞାନିକ ଶୈଳୀରେ ବଞ୍ଚିବାକୁ ଉତ୍ସାହିତ କରିବା ସହ ବିଚାରଶୀଳ ହେବାକୁ ଉତ୍ସାହିତ କରୁଛି। ଯେତେବେଳେ ଆମେ ଭାବୁ ଯେ ଜଣେ ତାତ୍ତ୍ୱିକ ପଦାର୍ଥବିଜ୍ଞାନୀ ପୃଥିବୀ ବିଗ୍‌ବ୍ୟାଙ୍ଗରୁ ସୃଷ୍ଟି ହୋଇଛି ବୋଲି ପ୍ରମାଣ ଦେଇ ଜୀବନର ସମସ୍ତ ସମସ୍ୟାର ସମାଧାନ କରିପାରିବେ, ସେତେବେଳେ ଆମେ ବିଜ୍ଞାନକୁ ତାହାର ବାସ୍ତବତାଠାରୁ ଅଧିକ ମୂଲ୍ୟାଙ୍କନ କରୁ। ପ୍ରକୃତରେ ମଣିଷର ଜ୍ଞାନ ବିକଶିତ ହେବା ପରଠାରୁ ତା'ସହିତ ଟେକ୍ନୋଲୋଜି ରହିଆସିଛି। ଆମେ ଜ୍ଞାନ ଉପଯୋଗ କରି ଅଗ୍ନି, ଜଳ, ଖଣିଜ ପଦାର୍ଥ, ଉଦ୍ଭିଦ ଏବଂ ପ୍ରାଣୀଜଗତକୁ ନିୟନ୍ତ୍ରଣ କଲୁ। ଔଷଧୀୟ ଗଛର ଶକ୍ତି, ଋତୁ ଓ ସାମୁଦ୍ରିକ ଜୁଆରକୁ ଉପଲବ୍ଧି କରିପାରିଲୁ। କିନ୍ତୁ ତାହା ଥିଲା ପ୍ରୟୋଗାତ୍ମକ ବା ବ୍ୟବହାରିକ ବିଜ୍ଞାନ। ସୂକ୍ଷ୍ମ ତଥା ଶୁଦ୍ଧ ବୈଜ୍ଞାନିକ ଚିନ୍ତାଧାରା ହେଉଛି ଏଇ ଅଳ୍ପ କିଛି ଶତାବ୍ଦୀର, ଯାହା ସନ୍ଦେହ, ମାପ ବା ଆକଳନ, ପରୀକ୍ଷଣ ଏବଂ କୌଣସି ବିଚାରକୁ ମିଥ୍ୟା ପ୍ରମାଣ କରିବାର କ୍ଷମତା ଉପରେ ଆଧାରିତ। ବିଜ୍ଞାନ ପ୍ରମାଣ ବ୍ୟତୀତ କାହାକୁ ବିଶ୍ୱାସ କରେ ନାହିଁ ଏବଂ ଉନ୍ନତ ଅନୁସନ୍ଧାନର ସମାଧାନ ଭାବେ ଜ୍ଞାନ ପରିସୀମାକୁ ବିସ୍ତାରିତ କରେ।

ପରିସଂଖ୍ୟାନ ଆଧାରରେ ଯୁକ୍ତି କରିପାରିବା ଯେ ଆମେ ଏକ ଶାନ୍ତିପୂର୍ଣ୍ଣ ସମୟରେ ରହୁଛୁ। ଏହାର ବାସ୍ତବତାକୁ ଆମେ ପରଖୁ ନାହୁଁ। ପ୍ରକୃତରେ ଆମେ ଜାଣୁ ଯେ ଜୀବନ ସମସ୍ୟାରେ ପରିପୂର୍ଣ୍ଣ। ସାମ୍ପ୍ରତିକ ସମୟରେ ଆଦିବାସୀ ସମ୍ପ୍ରଦାୟମାନେ ଜଙ୍ଗଲରେ ସେମାନଙ୍କର ବାସସ୍ଥାନ ହରାଉଛନ୍ତି। ଦେଶଗୁଡ଼ିକ ପରସ୍ପର ଉପରେ ଆକ୍ରମଣ କରୁଛନ୍ତି, ଅନ୍ତର୍ଜାତୀୟ ନ୍ୟାୟାଳୟରେ ଗଣହତ୍ୟା ସପକ୍ଷରେ ଯୁକ୍ତି ଉପସ୍ଥାପନ କରାଯାଉଛି ଏବଂ ମହିଳା ଓ ସମଲିଙ୍ଗୀ ଅଧିକାର ବିରୋଧରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ଏଭଳି ସ୍ଥିତିରେ ବିଜ୍ଞାନକୁ ଅଧିକ ଗୁରୁତ୍ୱ ଦେବା ଓ ଏହାର ଶକ୍ତିକୁ ଅତ୍ୟଧିକ ମୂଲ୍ୟାୟନ କରାଯିବାକୁ ନେଇ ଜଣେ ପ୍ରଶ୍ନ ଉଠାଇବା ସ୍ୱାଭାବିକ।

ବିଜ୍ଞାନ ମାପ, ମୂଲ୍ୟାଙ୍କନ ବା ବିଶ୍ଳେଷଣ ଉପରେ ଆଧାରିତ। ଏହାଦ୍ୱାରା ଆମେ ବସ୍ତୁଗୁଡ଼ିକର ବିଶ୍ଳେଷଣ ବା



ମୂଲ୍ୟାଙ୍କନ କରିପାରିବା ଏବଂ ସେଥିପାଇଁ ଏହା ପଦାର୍ଥ ବିଜ୍ଞାନ ଏବଂ ରସାୟନ ବିଜ୍ଞାନ କ୍ଷେତ୍ରରେ କାମ କରେ। ଏହା ବ୍ୟତୀତ ଆମେ ଉଦ୍ଭିଦ ଏବଂ ପ୍ରାଣୀମାନଙ୍କର ଆଚରଣ ଉପରେ ଅନୁଧ୍ୟାନ କରିପାରୁଥିବାରୁ ଜୀବ ବିଜ୍ଞାନ କ୍ଷେତ୍ରରେ ମଧ୍ୟ ଏହା କିଛି ପରିମାଣରେ କାର୍ଯ୍ୟ କରେ। ବିଜ୍ଞାନ ସମ୍ବେଦନଶୀଳତା, ଭାବନା କିମ୍ବା ଚିନ୍ତାଧାରାକୁ ମାପ କରିପାରିବ ନାହିଁ, ଯାହା ଜୀବଜଗତର ମାନସିକତାକୁ ଗଠନ କରେ। ବିଜ୍ଞାନ ସାମାଜିକ ସ୍ତରରେ ରହିଥିବା ଈର୍ଷା, ଗର୍ବ, କ୍ରୋଧ, ନିରାଶା କିମ୍ବା ଅସମ୍ମାନକୁ ମଧ୍ୟ ମାପିପାରିବ ନାହିଁ। ତେଣୁ ବିଜ୍ଞାନ କେବଳ ବିଶ୍ୱର ମାପ ବା ମୂଲ୍ୟାଙ୍କନ ଯୋଗ୍ୟ ଅଧା ଦୃଶ୍ୟମାନ ଜଗତରେ କାମ କରେ। ଏହି ଦୃଶ୍ୟମାନ ଜଗତକୁ ସଗୁଣ କୁହାଯାଏ। ବିଜ୍ଞାନ ବିଶ୍ୱର ଆଉ ଅଧା ଅଦୃଶ୍ୟ ବା ନିର୍ଗୁଣ ଅର୍ଥାତ୍ ନିରାକାର ଜଗତରେ କାମ କରେ ନାହିଁ।

ପ୍ରାଚୀନ ଭାରତରେଏହି ଦୁଇଟି ଜଗତ ସମ୍ପୂର୍ଣ୍ଣ ଭାବେ ପୃଥକ୍ ଥିଲା। ଗୋଟିଏ ଭୌତିକ ବା ଶାରୀରିକ ଓ ଅନ୍ୟଟି ଥିଲା ମାନସିକ (ମନସ୍ତାତ୍ତ୍ୱିକ)। ଭୌତିକ ଜଗତରେ ବିଜ୍ଞାନର ଅତ୍ୟଧିକ ଶକ୍ତି ରହିଛି। ଅପରପଟେ ମନସ୍ତାତ୍ତ୍ୱିକ କ୍ଷେତ୍ରରେ ଏହାର କମ୍ ଶକ୍ତି ଅଛି। ଭୌତିକ ଜଗତର ସବୁକ୍ଷେତ୍ରରେ ବିଜ୍ଞାନରେ ସମସ୍ତ ପ୍ରକାର ସମାଧାନ ଅଛି। କିନ୍ତୁ ମନସ୍ତାତ୍ତ୍ୱିକ ଜଗତରେ ଆଦୌ ନାହିଁ। ଏବେ ସାରା ବିଶ୍ୱର ଲୋକଙ୍କୁ ଖାଇବାକୁ ଦେବା ପାଇଁ ପ୍ରଯୁକ୍ତି ଓ ବିଜ୍ଞାନ ଦ୍ୱାରା ପ୍ରଚୁର ଖାଦ୍ୟ ଉତ୍ପାଦନ କରାଯାଉଛି। ତଥାପି ଅନାହାର ବିଶ୍ୱରୁ ହଟିନାହିଁ। ଖାଦ୍ୟ ଉପଲବ୍ଧ ଥିଲେ ମଧ୍ୟ ଏହାର ବଣ୍ଟନରେ ଅବ୍ୟବସ୍ଥା କାରଣରୁ ଅନାହାର ଲାଗି ରହିଛି। ଖାଦ୍ୟ ଉତ୍ପାଦନ କରାଯାଇ ତାହାକୁ ଗଚ୍ଛିତ ରଖାଯାଉଛି ଓ ତାହାକୁ ଲୋକଙ୍କୁ ନ ଦେଇ ସହଜରେ ଶାସନର କ୍ଷମତା ମିଳିପାରୁଛି। ଧର୍ମୀୟ ଏବଂ ଜାତୀୟତାବାଦୀ ଗୋଷ୍ଠୀଗୁଡ଼ିକ ସମାଜକୁ ନିୟନ୍ତ୍ରଣ କରିବା ପାଇଁ ଏହିପ୍ରକାର ଭାବନାକୁ ଉପଯୋଗ କରିଚାଲିଛନ୍ତି।

ସମଗ୍ର ବିଶ୍ୱରେ ଏବେ ଦୃଶ୍ୟମାନ ବେରୋଜଗାର କିମ୍ବା ଭିତ୍ତିଭୂମି ବିଫଳତା ପରି ବିଷୟଗୁଡ଼ିକୁ ଗଣତାନ୍ତ୍ରିକ ଦେଶଗୁଡ଼ିକ ମୁକାବିଲା କରିବା ବଦଳରେ ବିବିଧତା, ଅସମାନତା ଏବଂ ପାରମ୍ପରିକ ରୀତିନୀତି ବିରୋଧରେ ଲଢେଇ କରୁଛନ୍ତି। ବିଶେଷକରି ଦେଖିବାକୁ ମିଳୁଛି ଯେ ୟୁରୋପରେ ପାରମ୍ପରିକ ଜୀବନ ଧାରାରେ ବିପଦ ସୃଷ୍ଟି କରୁଥିବା ପର୍ଯ୍ୟଟକ ଏବଂ ପ୍ରବାସୀମାନଙ୍କୁନେଇଲୋକେଅତିଷ୍ଠହୋଇଯାଉଛନ୍ତି। ସେହିଭଳି ଜାପାନରେ ମଧ୍ୟ ଏହା ବିରୋଧରେ ପ୍ରଦର୍ଶନ କରାଯାଉଛି।

ବାମପନ୍ଥୀମାନେ ଜୀବନର ଭୌତିକ ବିଷୟଗୁଡ଼ିକ ଉପରେ ଧ୍ୟାନ ଦେଇଥାନ୍ତି। ସେମାନେ ମନସ୍ତାତ୍ତ୍ୱିକ ଦିଗ, ମଣିଷର ପରିଚୟଗତ ବିଚାରକୁ ଅଣଦେଖା କରିଥାନ୍ତି। ବାମବିଚାର ଧାରାର ବ୍ୟକ୍ତିମାନେ ପରିଚୟ କହିଲେ କେବଳ ଲିଙ୍ଗଗତ ବିଷୟ ସମ୍ପର୍କରେ ହିଁ କହିଥାନ୍ତି। ସେମାନେ ଧର୍ମ, ସଂସ୍କୃତି, ଜାତି, ଜନଜାତି,ସମ୍ପ୍ରଦାୟ, ରାଷ୍ଟ୍ର ଏବଂ ବଂଶ ଧାରଣ ଉପରେ ଗୁରୁତ୍ୱ ଦେଇ ନ ଥାନ୍ତି। ଗୋଷ୍ଠୀ କିମ୍ବା ସମୁଦାୟକୁ ଆଲୋଚନାକୁ ଆଣିବାବେଳେ ସେମାନେ ଏକଚ୍ଛତ୍ରବାଦ ଓ ଉତ୍ପୀଡ଼ନ ବିଷୟରେ କହିଥାନ୍ତି। କିନ୍ତୁ ସେମାନେ ଭୁଲିଯାଆନ୍ତି ଯେ ନିର୍ଯାତନା ଉପରେ ବି କଳ୍ପନା କରାଯାଇପାରେ, କିନ୍ତୁ ତାହା ମାପଯୋଗ୍ୟ ନୁହେଁ। ଓକ୍ ମୁଭ୍‌ମେଣ୍ଟସ୍ (ବର୍ଣ୍ଣ ବିଦ୍ୱେଷ, ଭେଦଭାବ ଓ ଏଲ୍‌ଜିବିଟି ଅଧିକାର ସମ୍ପର୍କରେ କରାଯାଉଥିବା ସଚେତନ ଅଭିଯାନ) ବିଜ୍ଞାନକୁ ଆଦୌ ସ୍ୱୀକାର କରେ ନାହିଁ। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଏହା ହିଂସାତ୍ମକ ଧର୍ମୀୟ ଅଭିଯାନକୁ ସମର୍ଥନ କରେ। ଏହିସବୁ ଅଭିଯାନ ଜଟିଳ ଯୁକ୍ତି (ଯଥା ପୃଥିବୀ ଗୋଲାକାର ନୁହେଁ ସମତଳ ବୋଲି ବିଶ୍ୱାସ କରୁଥିବା ଲୋକଙ୍କ ବିଚାର ଭଳି) ଉପସ୍ଥାପନ କରି ଜୀବବିଜ୍ଞାନକୁ ପ୍ରତ୍ୟାଖ୍ୟାନ କରିଥାନ୍ତି। ନୀତି ଆଧାରରେ ସାମାଜିକ ନ୍ୟାୟକୁ ସମାନତା ସୃଷ୍ଟି କରିବାର ଏକ ସାଧନ ଭାବରେ ଦେଖାଯାଏ। କିନ୍ତୁ ଉତ୍ପୀଡନକୁ ଆକଳନ କରାଯାଇ ନ ପାରିବା ଯୋଗୁ ଏହା ସମାନତା ଆଣିବାରେ ବିଫଳ ହୁଏ। ପାଶ୍ଚାତ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅନିୟନ୍ତ୍ରିତ ଭାବେ ବିସ୍ତାର କରିଥିବା ଭାବନାତ୍ମକ ଆଘାତ ଏବଂ ଉତ୍ପୀଡ଼ନକୁ ଅସ୍ୱୀକାର କରିବା ସହଜ ହୋଇପାରେ, ହେଲେ ଏହା ଭେଦଭାବ, ଅସମାନତା ଏବଂ ନିର୍ଯାତନାରୁ ମୁକ୍ତି ଚାହେଁ।

ଏବେ ବିଜ୍ଞାନରେ ଡେଟା ଆନାଲିଟିକ୍ସ ଏବଂ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ପ୍ରବେଶ କରିଛି। ଏହା କେବଳ ଆକଳନଯୋଗ୍ୟ ସମସ୍ୟାର ସମାଧାନ କରିପାରିବ, ଅଣ ଆକଳନଯୋଗ୍ୟ ସମସ୍ୟାର ନୁହେଁ। ବିଜ୍ଞାନର ଅଗ୍ରଗତି ହେଲେ ମଧ୍ୟ କୌଣସି ପ୍ରଯୁକ୍ତିବିତ୍, ଇଞ୍ଜିନିୟର କିମ୍ବା ସମାନ ଗୋଷ୍ଠୀର ବ୍ୟକ୍ତି କ୍ରୋଧ, ଲୋଭ, ଈର୍ଷା ଏବଂ ଭୟକୁ ମାପ କରିପାରିବେ ନାହିଁ। ସେମାନେ ଏହାକୁ ହ୍ରାସ ମଧ୍ୟ କରିପାରିବେ ନାହିଁ। ଅର୍ଥନୀତି କିମ୍ବା ରାଜନୀତି ବିଶେଷଜ୍ଞଙ୍କ ଦ୍ୱାରା ଏହା ବି ସମ୍ଭବ ନୁହେଁ। କୌଣସି ନୀତି ପୁଞ୍ଜିପତିର ଲୋଭ ଏବଂ ବାମପନ୍ଥୀଙ୍କ ଈର୍ଷାକୁ ହ୍ରାସ କରିପାରିବ ନାହିଁ। ଧର୍ମ କହେ ଏଥିପାଇଁ ଆଭ୍ୟନ୍ତରୀଣ ଜଗତକୁ ଅନୁସନ୍ଧାନ କରିବାକୁ ପଡିବ। କିନ୍ତୁ ଧର୍ମୀୟ ପ୍ରତିଯୋଗିତା କାରଣରୁ ତାହା ଏହି ଭାବନାରୁ ଓହରିଗଲାଣି।

–devduttofficial@gmail.com

## ବିବାହରେ ଅତିଥି



ପ୍ରଣତି ଆଚାର୍ଯ୍ୟ ମିଶ୍ର

ବର୍ଷା ଋତୁ ନିଜର ଦାୟିତ୍ୱହୀନତା ପାଇଁ କୁଖ୍ୟାତ। ପାଣିପାଗ ବିଭାଗର ପୂର୍ବାନୁମାନ ସତ୍ତ୍ୱେ ବର୍ଷା ସମ୍ପୂର୍ଣ୍ଣ ନିଜ ଇଚ୍ଛାରେ ଚଳପ୍ରଚଳ। କେତେବେଳେ ସେ ଠିକ୍ ସମୟରେ ଆସେ ତ କେତେବେଳେ ବିଳମ୍ବରେ। କେତେବେଳେ ବୃଦ୍ଧାଙ୍କ ଅଟକ କାରଣରୁ ଘରୁ ବାହାରି ପାରୁ ନ ଥିବା ପ୍ରେମିକା ଭଳି ଆସିବାର ପ୍ରତିଶ୍ରୁତି ନେଇ ଆସେନାହିଁ ତ ଆଉ କେତେବେଳେ ଅବାଞ୍ଛିତ ଅତିଥିଙ୍କ ଭଳି ଆସି ଯିବାର ନାଁ ଧରେନି। ଏହାଠାରୁ ଅଧିକ ଦାୟିତ୍ୱବାନ ପ୍ରତିବର୍ଷ ଆସୁଥିବା ବିବାହ ଋତୁ। ଯଦିଓ ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ ଭଳି ପ୍ରତିବର୍ଷ ନିର୍ଦ୍ଧାରିତ ଦିନରେ ଏହି ଋତୁ ଆସି ନ ଥାଏ, ତଥାପି ବିବାହ କେବେ ଆରମ୍ଭ ହେବ ଏବଂ କେବେ ଶେଷ ହେବ ତାହା ପାଞ୍ଜିକାରମାନେ ଆପଣଙ୍କୁ ବହୁତ ଆଗରୁ କହିଦିଅନ୍ତି। ପଞ୍ଚତାରକା ହୋଟେଲ, କଲ୍ୟାଣମଣ୍ଡପ, ଫାର୍ମ ହାଉସ ଇତ୍ୟାଦିର ମ୍ୟାନେଜର/ମାଲିକ ବିବାହ ତାରିଖ ଆଗୁଆ ଜାଣିବା ପରେ ବିବାହ ସମାରୋହ ବୁକିଂ ପାଇଁ ସେହି ଦିନଗୁଡ଼ିକ ଆକାଶଛୁଆଁ ଦର ଦର୍ଶାଇଥାନ୍ତି। ଯେଉଁ ଅଭିଭାବକମାନେ ଅଧିକ ଦର ବହନ କରିବାକୁ ଅସମର୍ଥ ସେମାନେ ମଧ୍ୟ ସେମାନଙ୍କ କ୍ଷେତ୍ରରେ ପାର୍କ, ଆରଡବ୍ଲ୍ୟୁଏ କୋଠା, ବିବାହ ହଲ୍ ଇତ୍ୟାଦି ବୁକିଂ କରିବାକୁ ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ତଥାକଥିତ 'ସେଟିଂ' ପାଇଁ ଯଥେଷ୍ଟ ସମୟ ପାଆନ୍ତି।

ଏହି କର୍ତ୍ତୃପକ୍ଷମାନଙ୍କ ସହ କଥାବାର୍ତ୍ତା କଲେ ଜଣାଯାଏ ଯେ ସହରରେ ବିବାହ ପାଇଁ ଝିଅମାନେ ସେତିକି ଯୋଗ୍ୟ ନୁହନ୍ତି ଯେତିକି ବିବାହ ସ୍ଥାନ ବୁକିଂ ହେଉଛି। ସାଧାରଣ ନିର୍ବାଚନରେ କିଛି ପ୍ରାର୍ଥୀ ନିଜର ପ୍ରାର୍ଥିପତ୍ର ଘୋଷଣା କରିବା ସହ ନିର୍ବାଚନ ତାରିଖ ପାଖେଇ ଆସିଲେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ସହ କିଛି ଅତିରିକ୍ତ ରୋଜଗାର କରିଥାନ୍ତି। ଏବେ ବିବାହ ସମାରୋହ ପାଇଁ ଲୋକପ୍ରିୟ ସ୍ଥାନ, ବ୍ୟାଣ୍ଡବାଜା, ଗାଡି ଇତ୍ୟାଦିର ଆଗୁଆ ବୁକିଂରେ ସମାନ ସମ୍ଭାବନା ସୃଷ୍ଟି ହୋଇଛି। ମହାନଗରର ବିବାହ ମାନଙ୍କରେ ଗାଡି, ବାଜା, ବ୍ୟାଣ୍ଡ ଅପେକ୍ଷା କିଛି ନାମୀଦାମୀ ନେତା ଓ ଦୁଇ ଚାରି ଜଣ ବିଦେଶୀ ଅତିଥିଙ୍କ ଉପସ୍ଥିତି ଅଧିକ ଜରୁରୀ ହୋଇପଡ଼ିଛି। ନେତାଙ୍କ ଦଳ କ୍ଷମତାରେ ଥିବା ପର୍ଯ୍ୟନ୍ତ ନେତା କେବଳ ନାମୀଦାମୀ ରହିବେ। ଯଦି ସେ କୌଣସି ମନ୍ତ୍ରୀ ଅଛନ୍ତି ତେବେ ଖୁସିର ଠିକଣା ନ ଥାଏ। କିନ୍ତୁ ବିବାହ ଋତୁରେ ଆପଣ ପ୍ରତ୍ୟେକ ବିବାହର ସୌନ୍ଦର୍ଯ୍ୟ ବଢାଇବା ପାଇଁ ଆପଣଙ୍କୁ ଏତେ ସଂଖ୍ୟକ ମନ୍ତ୍ରୀ ବା ମିଳିବେ କେଉଁଠୁ? ଗୋଟିଏ ପଦ ହଜାରେ ପ୍ରାର୍ଥୀ ଭଳି ସ୍ଥିତି। ବୁଦ୍ଧିଜୀବୀମାନେ ଭିଆଇପି ଉପସ୍ଥାନ ବ୍ୟବସ୍ଥା କରି ନ ପାରିବା କାରଣରୁ ହୀନମାନସିକତାର ଶିକାର ହେବା ଅପେକ୍ଷା ରାଜନେତା ଓ ବିଦେଶୀ ଅତିଥିମାନଙ୍କୁ ବିବାହ ଦିନ ବହୁ ପୂର୍ବରୁ ବୁକିଂ ବ୍ୟବସ୍ଥା କରିବା ଭଲ ବୋଲି ଭଲ ଭାବେ ଜାଣନ୍ତି। ହେଲେ ଅଦିନିଆ ବର୍ଷା ସବୁ ଧୋଇଦେଲା ପରି ବେଳେବେଳେ କ୍ୟାବିନେଟ ଅଦଳବଦଳ ଯୋଗୁ ମାସେ ପୂର୍ବରୁ ନିମନ୍ତ୍ରଣ କରାଯାଇଥିବା ନେତା ନିଜର ଚମକ ହରାଇଥାନ୍ତି। ଆଜିକାଲି ସେମାନେ ଜେଲରେ ରହିବା ଏକ ସାଧାରଣ କଥା ହୋଇଗଲାଣି। ତା'ପରେ ସେମାନଙ୍କୁ ଡାକିଥିବା ବ୍ୟକ୍ତି ଭାବିଥାନ୍ତି ଯେ ଏଭଳି ଲୁଟ ହୋଇଥିବା ଧନସମ୍ପତ୍ତି ସହିତ ନେତା ବିବାହର ଉଜ୍ଜ୍ୱଳତା କ'ଣ ବଢ଼ାଇବେ? ଆଉ କିଛି ଭାବନ୍ତି ରାଜନେତାଙ୍କ ଉପସ୍ଥିତି ଅପେକ୍ଷା ଚଳଚ୍ଚିତ୍ର ତାରକାଙ୍କ ଉପସ୍ଥିତି ଅଧିକ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଯେତେବେଳେ ସେମାନେ ଆସନ୍ତି, ସେମାନଙ୍କୁ ଅନେକ ସମୟରେ ଆୟକର ଏବଂ ଇଡି ଲୋକମାନେ ବିନା ନିମନ୍ତ୍ରଣରେ ଅନୁସରଣ କରନ୍ତି। ତେବେ ସେମାନଙ୍କୁ ଡାକି ନଚାଇବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। ବିଦେଶୀ ମହିଳାମାନେ ଲେହେଙ୍ଗା–ଚୋଲି କିମ୍ବା ଶାଢ଼ି ପିନ୍ଧି ଉପସ୍ଥିତ ହେବାର ବିକଳ୍ପ ମଧ୍ୟବିତ୍ତଙ୍କ ପାଖରେ ରହିଛି, କିନ୍ତୁ ଏଥିରେ ମଧ୍ୟ କିଛି ତ୍ରୁଟି ପରିଲକ୍ଷିତ। ଯଦି ବିଦେଶୀ କନ୍ୟାର ଗୋରା ଚର୍ମ ସମ୍ମୁଖରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି କରାଯାଇଥିବା 'ବ୍ରାଇଡଲ ମେକ୍‌ଅପ' ଫିକା ଦେଖାଯିବା ଆରମ୍ଭ ହୁଏ, ତେବେ ପରିବାର ସଦସ୍ୟମାନେ ଆପଣା ହସ୍ତେ ଜିହ୍ୱା ଛେଦି ପରି ମନେହୁଏ। ମଞ୍ଚ ଉପରେ ଫୁଲରେ ସଜ୍ଜିତ ସିଂହାସନ ଭଳି ସିଟ୍‌ରେ ବସିଥିବା ନବବିବାହିତ ଦମ୍ପତିଙ୍କ ସହ ସେଲ୍ଫି ନେବା ପରିବର୍ତ୍ତେ ହାତରେ ମୋବାଇଲ ଫୋନ ଧରି ବିଦେଶୀ ଅତିଥିଙ୍କ ସହ ସେଲ୍ଫି ନେବାକୁ ଯଦି କୁଣିଆ ମୈତ୍ର ଆଗ୍ରହ ପ୍ରକାଶ କରନ୍ତି ତେବେ ମନ କ'ଣ ହେବ ତାହା ଅନୁମେୟ।

ନୟାଗଡ଼
ମୋ:୯୪୩୭୬୪୨୯୪୭

## ଏଇ ଭାରତରେ

ଉତ୍ତର ଭାରତରେ ବିଶେଷକରି ପଞ୍ଜାବ, ହରିୟାଣା ଆଦି ରାଜ୍ୟ ଏବଂ ଦିଲ୍ଲୀ ଆଖପାଖରେ କୃଷକମାନେ ଧାନ ଅମଳ ପରେ ବିଲରେ ଖୁଣ୍ଟା ପୋଡ଼ି ଦେଉଛନ୍ତି। ଏହାଦ୍ୱାରା ବାୟୁ ପ୍ରଦୂଷଣ ବଢୁଛି, ଯାହାର ଗମ୍ଭୀର ପରିଣାମ ଏବେ ଦିଲ୍ଲୀ ଏବଂ ସମ୍ପୃକ୍ତ ରାଜ୍ୟର ସହରଗୁଡ଼ିକରେ ଦେଖିବାକୁ ମିଳିଛି। କୃଷକମାନଙ୍କୁ ଏହି କାର୍ଯ୍ୟରୁ ବିରତ କରିବା ପାଇଁ କୋର୍ଟ ଏବଂ ରାଜ୍ୟ ସରକାରଗୁଡ଼ିକ ପଦକ୍ଷେପ ନେଉଛନ୍ତି। କେନ୍ଦ୍ର ସରକାର ମଧ୍ୟ ଖୁଣ୍ଟା ପୋଡ଼ି ପାଇଁ ନୂଆ ନିୟମରେ ଜରିମାନା ଦୁଇଗୁଣ କରିଛନ୍ତି। ହେଲେ ଏଥିରେ ସମ୍ପୂର୍ଣ୍ଣ ସଫଳତା ମିଳିପାରୁନାହିଁ। ତେବେ ଖୁଣ୍ଟା ପୋଡ଼ି ରୋକିବା ଲାଗି ପଞ୍ଜାବର ପରମିନ୍ଦର ସିଂଙ୍କ ବିକଳ୍ପ ତଥା ଅଭିନବ ପ୍ରୟାସ ପ୍ରଶଂସନୀୟ। ସେ କୃଷକମାନଙ୍କଠାରୁ ଖୁଣ୍ଟା ବର୍ଜ୍ୟ ସଂଗ୍ରହ କରି ସେମାନଙ୍କ ପାଇଁ ଆୟର ଉତ୍ସ ସୃଷ୍ଟି କରିବା ସହ ଖୁଣ୍ଟାରୁ ପରିବେଶ ଉପଯୋଗୀ ଟାଇଲ ତିଆରି କରିଛନ୍ତି। ସେ ଟାଇଲ ତିଆରି କରିବା ପାଇଁ ୮ ବର୍ଷ ଧରି ପରୀକ୍ଷା ନିରୀକ୍ଷା ଜାରି ରଖିଥିଲେ। ଏହି ଅବଧିରେ ଲୋକେ ତାଙ୍କୁ ସମାଲୋଚନା କରିଥିଲେ। କିନ୍ତୁ ସେ ତାଙ୍କ ଲକ୍ଷ୍ୟ ହାସଲ କରିବା ପରେ ସମସ୍ତେ ତାଙ୍କୁ ପ୍ରଶଂସା କରିବାରେ ଲାଗିଛନ୍ତି। କହିବାକୁ ଗଲେ ସମସ୍ୟାକୁ ସୁଯୋଗ( ନିଯୁକ୍ତି ବା ରୋଜଗାର)ରେ ପରିଣତ କରିପାରିଛନ୍ତି ପରମିନ୍ଦର। ତାଙ୍କ ଦ୍ୱାରା ତିଆରି କରାଯାଉଥିବା ଟାଇଲ ସମ୍ପୂର୍ଣ୍ଣ ଭାବେ ପାଣି ଓ ଅଗ୍ନି ପ୍ରତିରୋଧୀ। ଏସବୁକୁ ବିଶେଷକରି ଘରର ସିଲିଂରେ ଅଧିକ ବ୍ୟବହାର କରାଯାଉଛି।

## ଚିରନ୍ତନୀ

ଯିବାକୁ ଉଠି ସତ୍ୱର
ପ୍ରସାରଇଁ ଦୁଇ କର
ନାହିଁ ନାହିଁ କରି ଫେରି
ଚଳଇ ପବନ
ତା' ବ୍ୟଥାରେ ବଥାଏ ନୟନ। –(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku

Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 1 | | | | | | | | |
| | | 7 | | | 2 | 5 | | |
| 4 | | | | | 8 | 9 | | 7 |
| 3 | | | 7 | | | | | |
| | 8 | | | | 5 | | | |
| | | | | | 9 | | | |
| | | 5 | 6 | | | | | |
| | | | | | 7 | | 1 | |
| | | 4 | 9 | | | 7 | 3 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 5 | 3 | 4 | 9 | 8 | 1 | 7 |
| 9 | 3 | 8 | 2 | 7 | 1 | 5 | 6 | 4 |
| 1 | 4 | 7 | 6 | 8 | 5 | 9 | 3 | 2 |
| 5 | 1 | 6 | 4 | 3 | 2 | 7 | 9 | 8 |
| 4 | 9 | 2 | 7 | 1 | 8 | 6 | 5 | 3 |
| 8 | 7 | 3 | 9 | 5 | 6 | 2 | 4 | 1 |
| 3 | 5 | 1 | 8 | 9 | 7 | 4 | 2 | 6 |
| 7 | 2 | 4 | 5 | 6 | 3 | 1 | 8 | 9 |
| 6 | 8 | 9 | 1 | 2 | 4 | 3 | 7 | 5 |

ଗତକାଲିର ଉତ୍ତର

# ବୋଉ



ପ୍ରକାଶ ତ୍ରିପାଠୀ

ମୁଁ ଜାଣିପାରେନି ସକାଳ ହେଲେ ବୋଉ ଉଠିବ ନା ବୋଉ ଉଠିବ ବୋଲି ସକାଳ ହୁଏ। ମୁଁ ଜାଣିପାରେନି ବୋଉକୁ ହିସାବପତ୍ର ଆସେ କି ନାହିଁ, କାରଣ ମୁଁ ଖାଇବାକୁ ଦୁଇଟି ରୁଟି ମାଗିଲେ ସେ ତିନୋଟି ଦିଏ। ମୋ ବୋଉ ମିଛ କୁହେ। ଖାଇବାକୁ ଭାତ ବାଢିଲା ବେଳେ ସବୁବେଳେ କୁହେ– ଅଳ୍ପ ଭାତ ଦେଇଛି, ପଛରେ ମାଗିବୁ। ଯେତିକି ଭାତ ଦେଇଥାଏ ସେତିକି ମୁଁ ଖାଇପାରେନି। ଯେତେ ମୋଟା ଦେଖାଗଲେ ବି ବୋଉ କୁହେ ମୋ ଛୁଆଟାର ଦେହରେ ଜମା ଲାଗୁନାହିଁ। ବୋଉ କେବେ ତା'ର ପିଲାଙ୍କୁ ପଚାରେନି କ'ଣ ଖାଇବୁ। ସେ ଯାହା ଖାଇବାକୁ ଦିଏ ତାହା ଥାଏ ପିଲାଙ୍କର ପ୍ରିୟ ଖାଦ୍ୟ। ବୋଉର ହାତରେ ଥାଏ ଅମୃତ ସ୍ପର୍ଶ। ଲୁଗାକାନିର ଗଣ୍ଠି ଖୋଲି ଯେତେବେଳେ ସେ ଖୁଚୁରା ପଇସା ପିଲାଙ୍କୁ ଦିଏ ତାହା ଭରିଦିଏ ପିଲାଙ୍କ ମନରେ କୋଟିଏ ଟଙ୍କାର ଅଫୁରନ୍ତ ଖୁସି। ସେ ଡାକ୍ତରୀ ପାଠ ପଢିନି, ହେଲେ ପିଲାର ସବୁ ଶାରୀରିକ ଓ ମାନସିକ କ୍ଲେଶର ସମାଧାନ ଜାଣିଥାଏ। ବୋଉ ଦୁନିଆର ଏପରି ଏକ ଶବ୍ଦ ଯାହାର ବ୍ୟାଖ୍ୟାର ଆବଶ୍ୟକତା ପଡେ ନାହିଁ। କାରଣ ଏହା କେବଳ ଏକ ଶବ୍ଦ ନୁହେଁ, ଏହା ଅନାବିଳ ପ୍ରେମ, ଅସୀମ ତ୍ୟାଗ ଓ ଅନନ୍ତ ସେବାର ଜୀବନ୍ତ ମୂର୍ତ୍ତିଟିଏ। ଜୀବନର ପ୍ରଥମ ସୃଷ୍ଟି ବୋଉ, ପ୍ରଥମ ସ୍ପର୍ଶ ବୋଉ, ପ୍ରଥମ ତୃଷ୍ଣା ବୋଉ,ପ୍ରଥମ ଉଚ୍ଚାରଣ ବୋଉ ଓ ପ୍ରଥମ ପ୍ରେମ ବି ବୋଉ।

ଥରେ ମନେପକାନ୍ତୁ ତ ବୋଉର କଥା। ଅଫୁରନ୍ତ ଶାନ୍ତି ଓ ଆନନ୍ଦର ଲହଡି ସୃଷ୍ଟି ହେଉନାହିଁ ମନରେ? ଜଣକୁ ଅନ୍ୟମନସ୍କ କରିବା ପାଇଁ ବୋଉ ଉଚ୍ଚାରଣ କ'ଣ ଯଥେଷ୍ଟ ନୁହେଁ? ପିଲାବେଳେ କେତେ ଶାନ୍ତି ଓ ନିରାପଦର ସ୍ଥାନ ଥିଲା ବୋଉର କୋଳ। ବୋଉ ପାଖରେ ଥିଲେ ଦୁନିଆକୁ ଡର ନ ଥାଏ। ଏ ସଂସାରକୁ ଆସିବା ପରେ ପ୍ରଥମେ ଯାହାର ବକ୍ଷରୁ ଅମୃତ ପିଇ ଏ ଶରୀର ଚଳତକ୍ଷମ ହେଲା, ଏ ଆଖି ପ୍ରଥମେ ଯାହାକୁ ଦେଖିଲା, ଖନେଇ ଖନେଇ ଯାହାର ନାମ ଏ ପାଟିରୁ ପ୍ରଥମେ ବାହାରିଲା, ସେ ହିଁ ଆମର ବୋଉ। ଛୋଟବେଳେ ଯେତେ ଅବୁଝା ହେଲେ ଓ ରଷିଲେ ଯିଏ କୋଳେଇ କାଖେଇ, ସୁନାରେ ଧନରେ କହି, ଜହ୍ନ ମାମୁ ଦେଖାଇ, ବାଘମାମୁକୁ ଡାକି ବଳେଇ ବଳେଇ ଖୁଆଇଥାଏ ସେ ଆମର ବୋଉ। ବାର ଓଷା ତେର ବ୍ରତ କରି ଠାକୁର ମନାସି ଯିଏ ଆମର ସର୍ବଦା ସୁଖ, ସମୃଦ୍ଧି କାମନା କରିଥାଏ ସେ ହିଁ ଆମର ବୋଉ। ଦୁଃଖରେ, କଷ୍ଟରେ ଓ ବିପଦରେ ପ୍ରଥମେ ଯେଉଁ ଶବ୍ଦ ପାଟିରୁ ବାହାରି ଆସେ, ସେ ହିଁ ବୋଉ। ସନ୍ତାନ କିଛି ନ କହିଲେ ବି ଯିଏ ସବୁକଥା ଜାଣିପାରେ ସେ ହେଉଛି ବୋଉ।

ଗତବର୍ଷ ବାଙ୍ଗାଲୋର ଯାଇଥିବା ବେଳର କଥା। ଗୋଟିଏ ମଲ୍‌ରେ କିଛି କିଣୁଥିବା ବେଳେ ହଠାତ୍ ଚାରି ପାଞ୍ଚ ବର୍ଷର ପୁଅଟିଏ ବୋଉ ବୋଉ ଡାକି ଜଣେ ମହିଳାଙ୍କ ପାଖକୁ ଦୌଡୁଥିବା ଦେଖିଲି। ମୁଁ ଆଶ୍ଚର୍ଯ୍ୟ ହୋଇଗଲି ଯେ ବାଙ୍ଗାଲୋର ଭଳି ଏକ କନ୍ନଡ ଭାଷାଭିତ୍ତିକ ଆଧୁନିକ ସହରରେ ଆମ ଓ ଅତି ପ୍ରିୟ ବୋଉ ଶବ୍ଦ କିପରି ମୁଁ ଶୁଣିଲି। ମୁଁ ନିଶ୍ଚିତ ହୋଇଗଲି ଯେ ପିଲାଟି ନିଶ୍ଚିତ ଆମ ରାଜ୍ୟର। ପିଲାଟିର ମା' ପାଖକୁ ଯାଇ ପଚାରି ଯାହା ବୁଝିଲି ସେଥିରେ ମୁଁ ଆଶ୍ଚର୍ଯ୍ୟ ହେଲି। ମହିଳା ଜଣଙ୍କ ଅଣଓଡ଼ିଆ ଓ ବାଙ୍ଗାଲୋର ବାସିନ୍ଦା। ତାଙ୍କ ସ୍ୱାମୀ



ଜଣେ ବ୍ୟାଙ୍କ କର୍ମଚାରୀ। ଭୁବନେଶ୍ୱରରେ ଥିଲା ସ୍ୱାମୀଙ୍କର ପ୍ରଥମ ପୋଷ୍ଟିଂ ଓ ସେଠାରେ ଏହି ପୁଅଟି ଜନ୍ମ ହୋଇଥିଲା। ତାଙ୍କର ପଡୋଶୀ ଘରର ମହିଳା ଓ ତାଙ୍କ ସ୍ୱାମୀ ଥିଲେ ସ୍ଥାନୀୟ ବାସିନ୍ଦା ଓ ଉଭୟ ଥିଲେ କର୍ମଜୀବୀ। ତାଙ୍କର ଅନୁପସ୍ଥିତିରେ ଛୋଟ ପୁଅଟିର ଯତ୍ନ ନେବା ପାଇଁ ଅନ୍ୟ ଜଣେ ମହିଳା ଥିଲେ ମଧ୍ୟ ସେ ଛୋଟ ପୁଅଟି ଅଧିକାଂଶ ସମୟ ତାଙ୍କ ଘରେ ରହୁଥିଲା। ସେହି ଛୁଆଟି ତାଙ୍କଠାରୁ ବୋଉ ଶିଖି ତାଙ୍କୁ ପ୍ରଥମରୁ ବୋଉ ଡାକିବା ଆରମ୍ଭ କଲା ଯାହାକି ପରେ ତା'ର ଅଭ୍ୟାସରେ ପରିଣତ ହୋଇଗଲା। ପୁଅଟି ତାଙ୍କୁ ବୋଉ ଡାକୁଥିବାରୁ ସେ ଖୁବ୍ ଖୁସି ବୋଲି ମହିଳା ଜଣଙ୍କ ଇଂରାଜୀରେ କହିଥିଲେ। ବୋଉର ଅନେକ ପ୍ରତିଶବ୍ଦ। ହେଲେ ପ୍ରତି ପ୍ରତିଶବ୍ଦରେ ବୋଉର ମୌଳିକତା ଅପରିବର୍ତ୍ତିତ। ସେ ମା' ହୋଇପାରେ, ସେ ମାମା ହୋଇପାରେ, ସେ ମମି ହୋଇପାରେ ଓ ସେ ମମ୍ ବି ହୋଇପାରେ। ହେଲେ ପ୍ରତିଟିରେ ତା'ର ବୋଉ ରୁହେ ଅକ୍ଷୁଣ୍ଣ।

ଶାସ୍ତ୍ରରେ ଅଛି– ପିତୁଃ ଦଶଶତଃ ମାତା ଅର୍ଥାତ୍ ପିତାଙ୍କଠାରୁ ମା' ହଜାରେ ଗୁଣ ବଡ। ଏହା କହି ମହର୍ଷି ମନୁ ମା'କୁ ବାପାଙ୍କଠାରୁ ଅଧିକ ସମ୍ମାନିତ କରିଛନ୍ତି। ମାନ୍ୟତେ ପୂଜ୍ୟତେ ଯା ସା ମା ଅର୍ଥାତ୍ ଯିଏ ମାନ୍ୟତା ଓ ପୂଜାର ସର୍ବଶ୍ରେଷ୍ଠ ଅଧିକାରିଣୀ, ସେ ହିଁ ମା। ଗର୍ଭ ବେଦନା, ପ୍ରସବ ବେଦନା ଓ ପ୍ରସବ ପରେ ସନ୍ତାନ ଲାଳନପାଳନର ଉପକାର ପାଇଁ ସନ୍ତାନମାନେ ମାମାନଙ୍କଠାରେ ସର୍ବକାଳ ଋଣୀ ହୋଇଯାଇଥାନ୍ତି। ଋଷି ଋଣ,ପିତୃ ଋଣ,ବନ୍ଧୁ ଋଣ, ସମାଜ ଋଣ ଓ ଗୁରୁ ଋଣ ପରିଶୋଧ ସମ୍ଭବ, ମାତ୍ର ମାତୃ ଋଣ ନୁହେଁ। ଶାସ୍ତ୍ର କୁହେ, ମାତା–ପିତାଙ୍କୁ ଏକତ୍ର ଭେଟିଲେ ପ୍ରଥମେ ମା'କୁ ପ୍ରଣାମ କରିବା ଉଚିତ। କାରଣ ପିତାଙ୍କଠାରୁ ମାତା ଶ୍ରେଷ୍ଠ। ପିତା ପୋଷଣ କରନ୍ତି, ମାତା ପୋଷଣ ସହ ଗର୍ଭଧାରଣ କରି ସନ୍ତାନକୁ ଜନ୍ମ ଦିଅନ୍ତି। ସେଥିପାଇଁ ଉପନିଷଦରେ କୁହାଯାଇଛି ମାତୃ ଦେବୋ ଭବଃ। ମନୁଷ୍ୟର ସର୍ବଶ୍ରେଷ୍ଠ ତପସ୍ୟା ହେଉଛି ମାତୃ ସେବା। ବ୍ରହ୍ମାଙ୍କୁ ସୃଷ୍ଟି କର୍ତ୍ତା କୁହାଯାଏ। ବ୍ରହ୍ମାଙ୍କୁ କେହି ଦେଖିନାହାନ୍ତି କି ସେ ବ୍ରହ୍ମାଣ୍ଡ ସୃଷ୍ଟି କରିବାର ପ୍ରମାଣ ମଧ୍ୟ ନାହିଁ। କିନ୍ତୁ ବୋଉ ଗର୍ଭରୁ ଆମେ ସୃଷ୍ଟି ହୋଇଥିବାର ପ୍ରମାଣ ଅଛି। ବିଷ୍ଣୁ ଏ ସଂସାରକୁ ପାଳନ କରୁଛନ୍ତି ବୋଲି କୁହାଯାଏ ଯାହାର ବି ପ୍ରମାଣ ନାହିଁ। କିନ୍ତୁ ବୋଉ ଆମକୁ ପାଳିପୋଷି ଛୋଟରୁ ବଡ କରିଛି। ମହାଦେବ ମହେଶ୍ୱର ସବୁ ସଙ୍କଟରୁ ଉଦ୍ଧାର କରି ଆମର କଲ୍ୟାଣ କରନ୍ତି ବୋଲି ଆମେ ବିଶ୍ୱାସ କରିଥାଉ ହେଲେ ବୋଉ ଆମର ସବୁ ଦୁଃଖ କଷ୍ଟକୁ ଦୂରେଇ ଦେବା ପାଇଁ ଅହରହ ଲାଗିରହିଥାଏ। ତେଣୁ ବୋଉ ଆମ ପାଇଁ ସାକ୍ଷାତ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର। ସେଥିପାଇଁ କୁହାଯାଏ ଈଶ୍ୱର ସବୁସମୟରେ ସମସ୍ତଙ୍କ ପାଖରେ ପହଞ୍ଚିପାରନ୍ତି ନାହିଁ ବୋଲି ସେ ବୋଉ ସୃଷ୍ଟି କରିଛନ୍ତି। ବୋଉର ଆଶୀର୍ବାଦ କୌଣସି ମହାନ୍ ସନ୍ଥଙ୍କ ଆଶୀର୍ବାଦଠାରୁ କମ୍ ନୁହେଁ। କୌଣସି ପ୍ରତିଦାନର ଆଶା ନ ରଖି ଯିଏ ଅବିରତ ଆଶୀର୍ବାଦର ବର୍ଷା ଢାଳିଥାଏ, ସେ ହିଁ ବୋଉ। ଜଣେ ଲେଖକଙ୍କୁ କୁହାଗଲା ବୋଉ ସମ୍ପର୍କରେ କିଛି ଲେଖିବାକୁ। ଲେଖକ ଭାବପୂର୍ଣ୍ଣ କଣ୍ଠରେ କହିଲେ ସେ ବୋଉ ସମ୍ପର୍କରେ କ'ଣ ଲେଖିବେ, ବୋଉ ତ ନିଜେ ତାଙ୍କୁ ଲେଖିଛି। ବୋଉଠାରୁ ଛୋଟ ଶବ୍ଦ ଯଦି କିଛି ଥାଏ କୁହନ୍ତୁ ଓ ଯଦି କିଛି ବଡ ଶବ୍ଦ ଥାଏ ତାହା ବି କୁହନ୍ତୁ। ଏହାର ଉତ୍ତର ନିଶ୍ଚିତ ନା। ମରିବା ପାଇଁ ତ ଅନେକ ରାସ୍ତା ଅଛି, ହେଲେ ଜନ୍ମ ନେବା ପାଇଁ କେବଳ ବୋଉ ଅଛି। ଏ ସଂସାରରେ ସେହିମାନେ ହିଁ ଭାଗ୍ୟବାନ୍ ଯେଉଁମାନେ ବୋଉ ଓ ବାପା ପାଖରେ ରୁହନ୍ତି ଓ ସେମାନଙ୍କ ସାନ୍ନିଧ୍ୟ ଲାଭ କରନ୍ତି। ବୋଉଠାରୁ କୌଣସି ଧନ, ସମ୍ପଦ, ସମ୍ମାନ ଓ ପଦ ପଦବୀ ବଡ ନୁହେଁ। ଥରୁଟିଏ ନିଜକୁ ଛୋଟ ପିଲା ବୋଲି ଭାବି ନିଅନ୍ତୁ, ଦେଖିବେ ଆପଣଙ୍କ ବୋଉ ପୂର୍ବର ସେହି ବୋଉ ହୋଇ ଆଜି ବି ରହିଛି। କିଛି ବଦଳି ନାହିଁ।

ମୋ: ୯୪୩୭୨୩୨୪୬୩

## ପାଠକ ଶ୍ରେଷ୍ଠ ବିଚାରକ

### ଦ୍ୱନ୍ଦ୍ୱ ଦୂର ହେଉ

ମହାଶୟ,

କେନ୍ଦ୍ରର ଏନ୍‌ଡିଏ ସରକାର ବିଗତ ବର୍ଷଗୁଡ଼ିକରେ ଦେଶର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ବିଜ୍ଞାନ, ଗମନାଗମନ, ଯୋଗାଯୋଗ, ପ୍ରଯୁକ୍ତି ବିଦ୍ୟା, ରେଳବାଇ, ପ୍ରତିରକ୍ଷା ଓ ଗରିବ କଲ୍ୟାଣ ଯୋଜନାରେ ଅଭୂତପୂର୍ବ ସଫଳତା ହାସଲ କରିଥିବା ସଂକ୍ରାନ୍ତରେ ଲମ୍ବା ତାଲିକା ପ୍ରଦାନ କରୁଛନ୍ତି। ସଂକ୍ଷେପରେ କହିଲେ, କେନ୍ଦ୍ରର ଯୁକ୍ତି ଅନୁସାରେ ଗତ ୧୦ ବର୍ଷ ମଧ୍ୟରେ ଦେଶରେ ଯେତେ ପରିମାଣରେ ବହୁମୁଖୀ ବିକାଶ ହୋଇଛି, ତାହା ପୂର୍ବର ୬୦ ବର୍ଷ ମଧ୍ୟରେ ସେତିକି ବିକାଶ ହୋଇପାରି ନ ଥିଲା। ଅପରପକ୍ଷରେ ବିଭିନ୍ନ ନିର୍ଭରଯୋଗ୍ୟ ଗଣମାଧ୍ୟମରେ ପ୍ରକାଶ ପାଉଥିବା ପ୍ରାୟ ୨୦ରୁ ଅଧିକ ବିଶ୍ୱ ମାନବ ବିକାଶ ସୂଚକାଙ୍କରେ ଭାରତ ଗତ ୧୦ ବର୍ଷ ମଧ୍ୟରେ ବହୁ ତଳକୁ ଖସି ଆସିଛି। ତନ୍ମଧ୍ୟରେ ବିଶ୍ୱ ମାନବ ବିକାଶ ସୂଚକାଙ୍କ, ଗଣତନ୍ତ୍ର ସୂଚକାଙ୍କ, ଅଭିବ୍ୟକ୍ତିର ସ୍ୱାଧୀନତା ସୂଚକାଙ୍କ, ଅପରାଧ ସୂଚକାଙ୍କ, ବ୍ୟକ୍ତିଗତ ଅଧିକାର ସୂଚକାଙ୍କ, ନାଗରିକ ନ୍ୟାୟ ସୂଚକାଙ୍କ, ସ୍ୱଚ୍ଛ ସରକାରୀ ବ୍ୟବସ୍ଥା, ମୌଳିକ ଅଧିକାର ସୂଚକାଙ୍କ, ସୁଖୀ ଦେଶର ସୂଚକାଙ୍କ, ସୁରକ୍ଷା ସୂଚକାଙ୍କ, ଦୁର୍ନୀତି ସୂଚକାଙ୍କ, କ୍ଷୁଧା ଓ ଅପପୁଷ୍ଟି ସୂଚକାଙ୍କ ଅନ୍ତର୍ଭୁକ୍ତ। ଏହି ପ୍ରେକ୍ଷାପଟ୍ଟରେ ଜନସାଧାରଣଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହେବା ସ୍ୱାଭାବିକ ଯେ, କେନ୍ଦ୍ର ସରକାରଙ୍କ ବୟାନ ଓ ବିଶ୍ୱ ସ୍ତରୀୟ ସୂଚକାଙ୍କ ରିପୋର୍ଟ ମଧ୍ୟରେ କାହା କଥା ଠିକ୍। ଏହି ଦ୍ୱନ୍ଦ୍ୱ ଦୂର ହେବା ଉଚିତ। ଏହା ଉପରେ ଦେଶର ବୁଦ୍ଧିଜୀବୀ ଓ ନାଗରିକ ସମାଜ ସେମାନଙ୍କର ମତ ପ୍ରଦାନ କରିବାକୁ ଆଗେଇ ଆସିବା ଉଚିତ। ପ୍ରକାଶ ପାଉଥିବା କେତେକ ବୈଶ୍ୱିକ ସୂଚକାଙ୍କରେ ଭାରତର ନୈରାଶ୍ୟଜନକ ସ୍ଥିତିକୁ ସରକାର ସ୍ୱୀକାର କରୁ ନ ଥିବା ଦେଖାଯାଉଛି। ବାସ୍ତବତାକୁ ସ୍ୱୀକାର କରି ନିଜକୁ ସୁଧାରି ପାରିଲେ ଭାରତର ପ୍ରକୃତ ବିକାଶ ହୋଇପାରିବ।

– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଭାରତକୁ ପ୍ରତ୍ୟର୍ପିତ ହେବେ ୨୬/୧୧ ଅଭିଯୁକ୍ତ ତହଉର ରାଣା



ନୂଆଦିଲ୍ଲୀ, ୧।୧

ଭାରତକୁ ଆମେରିକାରେ ବଡ଼ ସଫଳତା ମିଳିଛି। ୨୬/୧୧ ମୁମ୍ବାଇ ଆକ୍ରମଣର ଅଭିଯୁକ୍ତ ତହଉର ରାଣାଙ୍କ ଭାରତ ପ୍ରତ୍ୟର୍ପଣ ନେଇ ରାସ୍ତା ସଫା ହୋଇଛି। ରାଣାଙ୍କ ପ୍ରତ୍ୟର୍ପଣ ନେଇ ଆମେରିକା ସୁପ୍ରିମ କୋର୍ଟ ସବୁଜ ସଙ୍କେତ ଦେଇଛନ୍ତି। ଭାରତ ଓ ଆମେରିକା ମଧ୍ୟରେ ରହିଥିବା ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ରାଣାଙ୍କୁ ଭାରତ ପ୍ରତ୍ୟର୍ପଣ କରିବାକୁ କୋର୍ଟ ମଞ୍ଜୁରୀ ପ୍ରଦାନ କରିଛନ୍ତି। କୋର୍ଟଙ୍କ ନିଷ୍ପତ୍ତି ପରେ ତହଉରଙ୍କୁ ଭାରତ ଆଣିବା ପ୍ରକ୍ରିୟା ଆରମ୍ଭ ହୋଇଛି। ୨୬/୧୧ ମାଷ୍ଟର ମାଇଣ୍ଡ ଡେଭିଡ କୋଲ୍‌ମ୍ୟାନ ହେଡଲିଙ୍କୁ ସହାୟତା କରିଥିବା ନେଇ ତହଉରଙ୍କ ନାଁରେ ଅଭିଯୋଗ ରହିଛି।

# ସ୍ତ୍ରୀଙ୍କ ନିର୍ଯାତନାରୁ ପୁଣି ଆତ୍ମହତ୍ୟା

## କାଫେ ମାଲିକଙ୍କ ଝୁଲନ୍ତା ମୃତଦେହ ଜବତ କଲା ଦିଲ୍ଲୀ ପୋଲିସ

ନୂଆଦିଲ୍ଲୀ, ୧।୧

ସ୍ତ୍ରୀ ଓ ଶ୍ୱଶୁର ଘର ନିର୍ଯାତନା ସହି ନ ପାରି ବେଙ୍ଗାଲୁରୁରେ ୩୪ ବର୍ଷୀୟ ସଫ୍ଟୱେର ଇଞ୍ଜିନିୟର ଅତୁଲ ସୁଭାଷ ଆତ୍ମହତ୍ୟା କରିବା ଘଟଣା ଲୋକଙ୍କ ମନରୁ ଲିଭିନାହିଁ, ଦିଲ୍ଲୀରେ ମଙ୍ଗଳବାର ରାତିରେ ଏକ ଅନୁରୂପ ଘଟଣା ଘଟିଛି। ଜାତୀୟ ରାଜଧାନୀର କଲ୍ୟାଣ ବିହାର ଅଞ୍ଚଳ ମଡେଲ ଟାଉନ୍ ବାସଭବନରେ ଜଣେ ୪୦ ବର୍ଷୀୟ କାଫେ ମାଲିକ ଆତ୍ମହତ୍ୟା କରିଛନ୍ତି। ପୋଲିସ ଜଣାଶୁଣା ଉଡ୍‌ବକ୍ସ କାଫେର ସହପ୍ରତିଷ୍ଠାତା ପୁନିତ୍ ଖୁରାନାଙ୍କ ଝୁଲନ୍ତା ମୃତଦେହକୁ ତାଙ୍କ ରୁମ୍‌ରୁ ଜବତ କରି ତଦନ୍ତ ଚଳାଇଛି।

ମିଳିଥିବା ସୂଚନାନୁସାରେ ୨୦୧୬ରେ ବିବାହିତ ପୁନିତ୍ ଓ ତାଙ୍କ ସ୍ତ୍ରୀ ମନିକା ଜଗଦୀଶ ପହ୍ୱାଙ୍କ ମଧ୍ୟରେ କାଫେ ବ୍ୟବସାୟକୁ ନେଇ ଝଗଡ଼ା ଲାଗିରହିଥିଲା। ଏଥିଯୋଗୁ ୨ ବର୍ଷ ହେଲା ଅଲଗା ରହୁଥିଲେ। ଉଭୟେ ପରସ୍ପରକୁ ଛାଡ଼ପତ୍ର ଦେବା ପାଇଁ କୋର୍ଟରେ ଆବେଦନ କରିଥିଲେ। ପୁନିତ୍‌ଙ୍କ ବ୍ୟବସାୟରେ ମନିକା ପାର୍ଟନର ଥିଲେ। ସେ ପୁନିତ୍‌ଙ୍କଠାରୁ ବକେୟା ଟଙ୍କା ମାଗୁଥିଲେ। ଏତିକି ନୁହେଁ, ପୁନିତଙ୍କୁ ତାଙ୍କ ସ୍ତ୍ରୀ ଓ ଶ୍ୱଶୁର ଘର ଲୋକେ ମାନସିକ ନିର୍ଯାତନା ଦେଉଥିଲେ



ସ୍ତ୍ରୀ ମନିକା ଜଗଦୀଶ ପହ୍ୱାଙ୍କ ସହ ପୁନିତ୍ ଖୁରାନା।

ବୋଲି ପୋଲିସ ଜାଣିବାକୁ ପାଇଛି। ପୁନିତ୍‌ଙ୍କ ଭଉଣୀ କହିଛନ୍ତି, ମନିକା ଓ ତାଙ୍କ ବାପଘର ଲୋକେ ପୁନିତ୍‌ଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଉଥିଲେ। ତୁମେ କିଛି କରିପାରିବ ନାହିଁ। ସାହସ ଥିଲେ ଆତ୍ମହତ୍ୟା କର ବୋଲି ସବୁବେଳେ କହୁଥିଲେ। ଏଥିରେ ଅତିଷ୍ଠ ହୋଇ ସେ ନିଜ ଜୀବନ ନେବା ଭଳି ଚରମ ପଦକ୍ଷେପ ଗ୍ରହଣ କରିଛନ୍ତି। ପୁନିତ୍ ମୃତ୍ୟୁ ପୂର୍ବରୁ ନିଜ ମୋବାଇଲ ଫୋନ୍‌ରେ ଭିଡିଓ ଶୁଟିଂ କରି ସବୁକଥା କହିଛନ୍ତି। ମନିକା ଓ ତାଙ୍କ ମା'ବାପା କିପରି ତାଙ୍କ ଉପରେ ମାନସିକ ଚାପ ପକାଉଥିଲେ ତାହା ମଧ୍ୟ ଏଥିରେ କହିଛନ୍ତି। ପୁନିତ୍ ଓ ମନିକାଙ୍କ ବ୍ୟବସାୟିକ ବିବାଦ ଉପରେ ଭଉଣୀ କହିଛନ୍ତି, ପୂର୍ବରୁ ଉଭୟେ ସହଭାଗିତାରେ ବେକେରି ବିଜ୍‌ନେସ କରୁଥିଲେ। କିନ୍ତୁ ଛାଡ଼ପତ୍ର ପାଇଁ ପ୍ରସ୍ତୁତି ଆରମ୍ଭ ହେବା ପରେ ନିଷ୍ପତ୍ତି ନିଆଗଲା ଯେ, ପୁନିତ୍ ଫର୍ ଗଡ୍ସ ବେକେରି ଚଳାଇବେ ଏବଂ ମନିକା ଉଡ୍‌ବକ୍ସ କାଫେ କରିଚାଳନା କରିବେ। ଏନେଇ ଚୁକ୍ତିନାମାରେ ସ୍ୱାକ୍ଷର କରାଯାଇଥିଲା। ଏହା ପରେ ମଧ୍ୟ ମନିକା ନିଜ ଶେୟାର ଛାଡ଼ିବେ ନାହିଁ ବୋଲି ଜିଦ୍ କରୁଥିଲେ। କୋର୍ଟରେ ଉକ୍ତ ବିଷୟରେ ନିଷ୍ପତ୍ତି ନିଆଯାଇଥିବାରୁ ତୁମେ ସେଠାକୁ ଯାଇ ଏହି କଥା ଉଠାଇବାକୁ ମନିକା ତାଙ୍କୁ ତାଗିଦ୍ କରୁଥିଲେ।

ମନିକା ପୁନିତ୍‌ଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟକୁ ହ୍ୟାକ୍ କରିଥିଲେ। ସେ ତାଙ୍କ ଆକାଉଣ୍ଟ ଜରିଆରେ ଲୋକଙ୍କୁ ଦୁର୍ବ୍ୟବହାର କରୁଥିଲେ। ଏହି କାରଣରୁ ପୁନିତ୍‌ଙ୍କୁ ତାଙ୍କୁ ରାତି ୩ଟାରେ କଲ୍ କରିବାକୁ ପଡୁଥିଲା। କଲ୍ ରେକର୍ଡିଂ ମହଜୁଦ ଥିବା ସେ କହିଛନ୍ତି। ପୁନିତ୍‌ଙ୍କ ମା' କହିଛନ୍ତି, ବିଚ୍ଛେଦ ପରେ ଉଭୟେ ଭଲରେ ରହିବେ। କିନ୍ତୁ ପୁଅଙ୍କୁ ସେମାନେ ନିର୍ଯାତନା ଦେଇଚାଲିଥିଲେ। ଶେଷରେ ପୁଅ ଏଭଳି ଚରମ ନିଷ୍ପତ୍ତି ନେଇଛି। ମୁଁ ମୋ ପୁଅକୁ ହରାଇଛି। ତା'କୁ ନ୍ୟାୟ ମିଳିଲେ ଆତ୍ମାକୁ ଶାନ୍ତି ମିଳିବ।

## ହ୍ୱାଟ୍ସଆପ୍‌ରେ ସର୍ବାଧିକ ସାଇବର ଅପରାଧ

ନୂଆଦିଲ୍ଲୀ, ୧।୧



ସାଇବର ଅପରାଧୀମାନଙ୍କ ପାଇଁ ହ୍ୱାଟ୍ସଆପ୍ ସବୁଠୁ ଅଧିକ ପସନ୍ଦଯୋଗ୍ୟ ପ୍ଲାଟଫର୍ମ ହୋଇଥିବା ନେଇ ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ୨୦୨୩-୨୪ର ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି। ଉକ୍ତ ରିପୋର୍ଟ ଅନୁଯାୟୀ, ହ୍ୱାଟ୍ସଆପ୍ ପରେ ଯଥାକ୍ରମେ ଟେଲିଗ୍ରାମ ଏବଂ ଇନ୍‌ଷ୍ଟାଗ୍ରାମ ହେଉଛି ସାଇବର ଅପରାଧୀମାନଙ୍କ ଦ୍ୱିତୀୟ ଏବଂ ତୃତୀୟ ପସନ୍ଦଯୋଗ୍ୟ ପ୍ଲାଟ୍‌ଫର୍ମ। ୨୦୨୪ର ପ୍ରଥମ ୩ ମାସ ମଧ୍ୟରେ କେବଳ ହ୍ୱାଟ୍ସଆପ୍ ଯୋଗେ ସାଇବର ଅପରାଧ ହୋଇଥିବା ନେଇ ୪୩,୭୯୭ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେହିପରି ଯଥାକ୍ରମେ ଟେଲିଗ୍ରାମ ଓ ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ସାଇବର ଅପରାଧ ହୋଇଥିବା ନେଇ ୨୨,୬୮୦ ଏବଂ ୧୯,୮୦୦ ଅଭିଯୋଗ ଗ୍ରହଣ କରାଯାଇଥିଲା।

## ୨୦୨୫ ଭାରତୀୟ ପ୍ରତିରକ୍ଷା ସଂସ୍କାର ବର୍ଷ

ନୂଆଦିଲ୍ଲୀ,୧।୧(ପି.ଟି.)

କେନ୍ଦ୍ର ସରକାର ୨୦୨୫କୁ ଭାରତର ପ୍ରତିରକ୍ଷା ସଂସ୍କାର ବର୍ଷ ଭାବେ ଘୋଷଣା କରିଛନ୍ତି। ସ୍ଥଳସେନା, ବାୟୁସେନା ଓ ନୌସେନା ମଧ୍ୟରେ ସମନ୍ୱୟକୁ ଆହୁରି ମଜଭୁତ କରିବା ଏବଂ ସେନାକୁ ଉନ୍ନତ ଯୁଦ୍ଧ ପାଇଁ କାରିଗରି ଦୃଷ୍ଟିରୁ ପ୍ରସ୍ତୁତରେ ପରିବର୍ତ୍ତିତ କରିବା ନିମନ୍ତେ ସମନ୍ୱିତ ଥିଏଟର କମାଣ୍ଡର ଆରମ୍ଭ କରିବାକୁ ଏହି ନିଷ୍ପତ୍ତି ନିଆଯାଇଛି। ଏନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ଏହି ସଂସ୍କାର ପ୍ରତିରକ୍ଷା ପ୍ରସ୍ତୁତିରେ ଅଭୂତପୂର୍ବ ଅଗ୍ରଗତିର ମୂଳଦୁଆ ପକାଇବ। ଏଥିସହ ଏକବିଂଶ ଶତାବ୍ଦୀରେ ଅନେକ ଆହ୍ୱାନ ସୃଷ୍ଟିହେବା ପରିପ୍ରେକ୍ଷୀରେ ଦେଶର ନିରାପତ୍ତା ଓ ସାର୍ବଭୌମତ୍ୱକୁ ସୁନିଶ୍ଚିତ କରିବ। ବର୍ତ୍ତମାନ ୩ ସେନାର ପୃଥକ୍ କମାଣ୍ଡ ରହିଛି। ୨୦୨୫ରେ ଅଣାଯିବାକୁ ଥିବା ପ୍ରତିରକ୍ଷା ସଂସ୍କାର ବଳରେ ପ୍ରତ୍ୟେକ ଥିଏଟର କମାଣ୍ଡର ସ୍ଥଳସେନା, ବାୟୁସେନା ଓ ନୌସେନା ୟୁନିଟ୍ ରହିବ। ସେଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ଭୂଖଣ୍ଡରେ ଆସୁଥିବା ସୁରକ୍ଷା ଚ୍ୟାଲେଞ୍ଜର ମୁକାବିଲା ପାଇଁ ଏକକ ସଂସ୍ଥା ଭାବେ କାର୍ଯ୍ୟ କରିବ ବୋଲି ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ରାଜନାଥ କହିଛନ୍ତି।

## ଆମେରିକାରେ ନୋରୋଭାଇରସ୍ ସଂକ୍ରମଣ ବଢ଼ୁଛି

ୱାଶିଂଟନ,୧।୧

ଚାଇନା ପରେ ଏବେ ଆମେରିକାର ବିଭିନ୍ନ ଭାଗରେ ନୋରୋଭାଇରସ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଠାର ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ଶନ (ସିଡିସି) ତଥ୍ୟ ଅନୁଯାୟୀ, ଡିସେମ୍ବର ୫ରେ ଶେଷ ହୋଇଥିବା ସପ୍ତାହରେ ୯୧ଟି ନୋରୋ ଭାଇରସ୍ ମାମଲା ଚିହ୍ନଟ ହୋଇଥିଲା। ନଭେମ୍ବର ଶେଷ ସପ୍ତାହରେ ଏହି ରୋଗୀଙ୍କ ସଂଖ୍ୟା ୬୯ ଥିଲା। ବିଶେଷ କରି କ୍ରୁଜ୍ ଜାହାଜ, ନର୍ସିଂ ହୋମ୍, ସ୍କୁଲ୍ ଆଦି ଗହଳି ସ୍ଥାନରେ ନୋରୋଭାଇରସ୍ ସଂକ୍ରମଣ ଅଧିକ ହେଉଥିବା ଦେଖାଯାଇଛି। ଭୂତାଣୁ ସଂସ୍ପର୍ଶରେ ଆସିବାର ୧୨ରୁ ୪୮ ଘଣ୍ଟା ମଧ୍ୟରେ ରୋଗର ଲକ୍ଷଣ ଦେଖିବାକୁ ମିଳିଥାଏ। ଏହି ରୋଗ ଦିନେରୁ ୩ ଦିନ ପର୍ଯ୍ୟନ୍ତ ରହିଥାଏ। ଅଧିକାଂଶ ଲୋକ ବିନା ଚିକିତ୍ସାରେ ଭଲ ହୋଇଥାନ୍ତି। ତେବେ ବିବିଧ ରୋଗ ଥିବା ଏବଂ ବରିଷ୍ଠ ଲୋକଙ୍କ ପାଇଁ ଏହା ଅଧିକ କ୍ଷତିକାରକ ହୋଇଥାଏ। ଏଥିରେ ବର୍ଷକୁ ୧,୦୯,୦୦୦ ଜଣ ହସ୍ପିଟାଲରେ ଭର୍ତ୍ତି ହେବା ସହ ହାରାହାରି ୯୦୦ ଲୋକଙ୍କର ମୃତ୍ୟୁ ଘଟୁଥିବା ଜଣାପଡ଼ିଛି।

## ଟ୍ରକ୍ ଚଢ଼ାଇ ଗୁଳି ଚଳାଇଲେ: ୧୨ ମୃତ, ୩୫ ଆହତ

ୱାଶିଂଟନ୍, ୧।୧

ନୂଆବର୍ଷରେ ଆମେରିକାର ନ୍ୟୁ ଓରଲିୟନ୍ସସ୍ଥିତ ବୋରବନ୍ ଷ୍ଟ୍ରିଟ୍‌ଠାରେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଗୋଟିଏ ଟ୍ରକ୍ ଦ୍ରୁତ ଗତିରେ ଆସି ନୂଆବର୍ଷ ପାଳନ କରୁଥିବା ହଜାରରୁ ଅଧିକ ଲୋକଙ୍କ ଉପରେ ଚଢ଼ିଯାଇଥିଲା। ଏହାପରେ ଡ୍ରାଇଭର ଜଣକ ଟ୍ରକ୍‌ରୁ ଓହ୍ଲାଇ ଭିଡ଼ ଉପରକୁ ଗୁଳି ଚଳାଇଥିଲେ। ଏହି ଘଟଣାରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୫ରୁ ଅଧିକ ଆହତ ହୋଇଛନ୍ତି। ଘଟଣାକୁନେଇ ନ୍ୟୁ ଓରଲିୟନ୍ସ





ପୋଲିସ ଓ ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ(ଏଫ୍‌ବିଆଇ) ତଦନ୍ତ ଜାରି ରହିଛି। ଆହତଙ୍କୁ ନ୍ୟୁ ଓରଲିୟନ୍ସ ସହରର ୫ ଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ନ୍ୟୁ ଓରଲିୟନ୍ସର ପୋଲିସ ବିଭାଗ ମୁଖ୍ୟ ଆନି କିକ୍‌ପାଟ୍ରିକ୍ କହିଛନ୍ତି, ଦ୍ରୁତ ଗତିରେ ଯାଉଥିବା ଏକ ଟ୍ରକ୍ ଭିଡ଼ ଉପରେ ଚଢ଼ିଯାଇଥିଲା। ଡ୍ରାଇଭର ଜଣକ ଅଧିକରୁ ଅଧିକ ଲୋକଙ୍କ ଉପରେ ଟ୍ରକ୍ ଚଢ଼ାଇବାକୁ ଚେଷ୍ଟା କରୁଥିଲେ। ଏହା ପରେ ସେ ଲୋକଙ୍କୁ ଗୁଳି ଚଳାଇଥିଲେ। ଘଟଣାସ୍ଥଳରେ ୩୦୦ ଜଣ ପୋଲିସ କର୍ମୀ ନିୟୋଜିତ ଥିଲେ। ପୋଲିସ ସହ ଗୁଳି ବିନିମୟ ବେଳେ ସନ୍ଦିଗ୍ଧ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ତେବେ ଡ୍ରାଇଭରଙ୍କ ଗୁଳିରେ ୨ ଜଣ ପୋଲିସ ଆହତ ହୋଇଛନ୍ତି। ତେବେ ନ୍ୟୁ ଓରଲିୟନ୍ସ ମେୟର ଲାଟୋୟା କାଣ୍ଟ୍ରେଲ ଏହି ଘଟଣାକୁ ଏକ ଆତଙ୍କବାଦୀ ଆକ୍ରମଣ ବୋଲି କହିଛନ୍ତି। ସନ୍ଦିଗ୍ଧ ଡ୍ରାଇଭର ଜଣକ ଉଦ୍ଦେଶ୍ୟମୂଳକ ଭାବେ ଏପରି କରିଥିବା ସେ କହିଛନ୍ତି। ତେବେ ଏହି ଘଟଣାରେ ଆତଙ୍କବାଦୀଙ୍କ ସମ୍ପୃକ୍ତି ରହିଛି କି ନାହିଁ, ତାହା ସ୍ପଷ୍ଟ କରିବା ପାଇଁ ଆତଙ୍କବାଦ ଦିଗକୁ ନେଇ ମଧ୍ୟ ତଦନ୍ତ କରାଯାଉଛି ବୋଲି ଏଫ୍‌ବିଆଇ ସହକାରୀ ଏଜେଣ୍ଟ ଆଲେଥିନା ଡଙ୍କାନ କହିଛନ୍ତି। ଘଟଣାସ୍ଥଳରୁ ଏକ ସନ୍ଦିଗ୍ଧ ବିସ୍ଫୋରକ ଉପକରଣ ମିଳିଥିବା ସେ କହିଛନ୍ତି।

## ୧୯୦୧ ପରେ ସବୁଠୁ ଉତ୍ତପ୍ତ ବର୍ଷ ଥିଲା ୨୦୨୪

ନୂଆଦିଲ୍ଲୀ,୧।୧(ପି.ଟି.)

ଭାରତରେ ୧୯୦୧ ମସିହା ପରେ ୨୦୨୪ ସବୁଠୁ ଉତ୍ତପ୍ତ ବର୍ଷ ଥିଲା। ୨୦୨୪ରେ ସାରା ଦେଶରେ ବାର୍ଷିକ ହାରାହାରି ଭୂପୃଷ୍ଠ ବାୟୁ ତାପମାତ୍ରା ଦୀର୍ଘକାଳୀନ (୧୯୯୧-୨୦୨୦) ହାରାହାରି ତାପମାତ୍ରା ତୁଳନାରେ ୦.୬୫ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ରହିଥିଲା। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ବୁଧବାର ଏକ ଭର୍ଚୁଆଲ ପ୍ରେସ୍ ବ୍ରିଫିଂରେ ଏହି ସୂଚନା ଦେଇଛନ୍ତି। ମୃତ୍ୟୁଞ୍ଜୟ କହିଛନ୍ତି, ୨୦୧୬ ବର୍ଷ ୧୯୦୧ର ତାପମାତ୍ରାକୁ ଅତିକ୍ରମ କରି ସବୁଠୁ ଉତ୍ତପ୍ତ ବର୍ଷ ରହିଥିଲା। ୨୦୧୬ରେ ଭୂପୃଷ୍ଠ ବାୟୁ ତାପମାତ୍ରା ସ୍ୱାଭାବିକଠାରୁ ୦.୫୪ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରହିଥିଲା। କିନ୍ତୁ ୨୦୨୪ ଏହି ରେକର୍ଡକୁ ଭାଙ୍ଗି ଆହୁରି ଉତ୍ତପ୍ତ ବର୍ଷ ପାଲଟିଥିଲା।

## ପୁଣି ବିବାଦରେ ଦିଲଜିତ୍ ଦୋସାଞ୍ଜ

ଲୁଧିଆନା, ୧।୧

ଲୋକପ୍ରିୟ ଗାୟକ ଏବଂ ଅଭିନେତା ଦିଲଜିତ୍ ଦୋସାଞ୍ଜ ପୁଣି ବିବାଦରେ ଫସିଛନ୍ତି। ଜିରୋନାଇଟ ଉପଲକ୍ଷେ ମଙ୍ଗଳବାର ରାତିରେ ପଞ୍ଜାବ ଏଗ୍ରିକଲ୍ଚର ୟୁନିଭର୍ସିଟିରେ ହେଉଥିବା ଲୁଧିଆନା କନ୍‌ସର୍ଟରେ ଦୋସାଞ୍ଜ ଗାଇଥିବା କେତେକ ଗୀତରେ ଆପତ୍ତି ଦର୍ଶାଇ ଚଣ୍ଡିଗଡ଼ର ଜଣେ ଆସିଷ୍ଟାଣ୍ଟ ପ୍ରଫେସର ପଣ୍ଡିତ ରାଓ ଧରେନୱର ଦୋସାଞ୍ଜଙ୍କ ବିରୋଧରେ ପଞ୍ଜାବ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗର ଉପନିର୍ଦ୍ଦେଶକଙ୍କୁ ଅଭିଯୋଗ କରିଛନ୍ତି। ବିଭିନ୍ନ କମିଶନ ଦ୍ୱାରା ବାରମ୍ବାର ମନା କରାଯାଉଥିବା ସତ୍ତ୍ୱେ ମଧ୍ୟ ଦୋସାଞ୍ଜ '୫ ତେରେ ଠେକେ', 'କେସ୍', 'ପଟିଆଲା ପେଗ୍' ପରି ଗୀତକୁ ଲୁଧିଆନା କନ୍‌ସର୍ଟରେ ଗାଇଥିଲେ। ସାର୍ବଜନୀନ କାର୍ଯ୍ୟକ୍ରମରେ ଏପରି ଗୀତ ମଦ୍ୟପାନ, ଡ୍ରଗ୍ସ ଏବଂ ହିଂସାକୁ ପ୍ରୋତ୍ସାହିତ



କରୁଥିବା ଦର୍ଶାଇ ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରି ଲୁଧିଆନା ଜିଲା କମିଶନରଙ୍କୁ ନୋଟିସ୍ କରିବା ପାଇଁ ପଣ୍ଡିତ ରାଓ ଧରେନୱର ନିଜ ଅଭିଯୋଗ ପତ୍ରରେ ପଞ୍ଜାବ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗର ଉପନିର୍ଦ୍ଦେଶକଙ୍କୁ ଦାବି କରିଛନ୍ତି।

## ୨୩ ବର୍ଷର ଲଢ଼େଇ ପରେ ମିଳିଲା ଦାଉଦଙ୍କ ଦୋକାନର ମାଲିକାନା

ମୁମ୍ବାଇ, ୧।୧

ଦୀର୍ଘ ୨୩ ବର୍ଷର ଲଢ଼େଇ ପରେ ଉତ୍ତରପ୍ରଦେଶର ଫିରୋଜାବାଦ ନିବାସୀ ହେମନ୍ତ ଜୈନ(୭୦)ଙ୍କୁ ମୁମ୍ବାଇର ନାଗପଡ଼ା ଥାନା ଜାୟରାଜଭାଇ ଷ୍ଟ୍ରିଟ୍‌ସ୍ଥିତ ୧୪୪ ବର୍ଗ ଫୁଟ ବିଶିଷ୍ଟ ଗ୍ୟାଙ୍ଗଷ୍ଟର ଦାଉଦ ଇବ୍ରାହିମଙ୍କ ଏକ ଦୋକାନର ମାଲିକାନା ଅଧିକାର ମିଳିଛି। ଜାୟରାଜଭାଇ ଷ୍ଟ୍ରିଟ୍‌ରେ ଥିବା ୧୯୯୩ ମୁମ୍ବାଇ ବୋମା ବିସ୍ଫୋରଣର ମାଷ୍ଟରମାଇଣ୍ଡ ଦାଉଦ ଇବ୍ରାହିମଙ୍କ ୨୩ଟି ସମ୍ପତ୍ତିକୁ ଆୟକର ବିଭାଗ ୨୦୦୧ରେ ଜବତ କରିଥିଲା। ଏଥିରେ ତାଙ୍କର ୧୪୪ ବର୍ଗଫୁଟ ବିଶିଷ୍ଟ ଏକ ଦୋକାନ ଗୃହ ରହିଥିଲା। ଉକ୍ତ ସମ୍ପତ୍ତିକୁ ନିଲାମ କରିବା ପାଇଁ ଆୟକର ବିଭାଗ ପକ୍ଷରୁ ଖବରକାଗଜରେ ବିଜ୍ଞାପନ ପ୍ରକାଶ ପାଇଥିଲା। ୨୦୦୧ ସେପ୍ଟେମ୍ବର ୨୦ରେ ହେମନ୍ତ ନିଲାମରେ ଯୋଗଦେଇ ୨ ଲକ୍ଷ ଟଙ୍କାରେ ଉକ୍ତ ଦୋକାନକୁ କିଣିଥିଲେ।



ଦାଉଦ ଇବ୍ରାହିମ୍



ହେମନ୍ତ ଜୈନ

ତେବେ ଏହାପରେ ମଧ୍ୟ ଦୋକାନର ମାଲିକାନା ଅଧିକାର ହେମନ୍ତଙ୍କୁ ମିଳି ନ ଥିଲା। ବିଭାଗୀୟ ପ୍ରକ୍ରିୟା ଏବଂ ସ୍ଥାନୀୟ ପ୍ରଶାସନର ବାଧା ଯୋଗୁ ଏହି ମାମଲା ବର୍ଷ ବର୍ଷ ଧରି ବିଚାରାଧୀନ ରହିଥିଲା। ହେମନ୍ତ ଏହି ସମ୍ପତ୍ତିକୁ ନିଜ ନାମରେ କରିବା ପାଇଁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ସମେତ ଅନେକ ଅଧିକାରୀଙ୍କୁ ଚିଠି ଲେଖିଥିଲେ। ସମୟ ସମୟରେ ଏହାର ଉତ୍ତର ଦିଆଯାଉଥିଲେ ମଧ୍ୟ ତାଙ୍କ ନାମରେ ଦାଉଦଙ୍କ ଦୋକାନର ପଞ୍ଜୀକରଣ ହୋଇପାରି ନ ଥିଲା। ହେମନ୍ତ କହିଛନ୍ତି, ୨୦୧୭ରେ ଏହି ମାମଲା ସମ୍ବନ୍ଧିତ ଫାଇଲ ରେଜିଷ୍ଟ୍ରାର ଅଫିସରୁ ହଜିଯାଇଥିବା ନେଇ ତାଙ୍କୁ କୁହାଗଲା। ତେଣୁ ସେ ବାଧ୍ୟହୋଇ କୋର୍ଟଙ୍କ ଆଶ୍ରୟ ନେଇଥିଲେ। ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଗତ ଡିସେମ୍ବର ୧୯ରେ ଏହି ସମ୍ପତ୍ତି ତାଙ୍କ ନାମରେ ପଞ୍ଜୀକୃତ ହୋଇଥିଲା। ଦୀର୍ଘ ୨୩ ବର୍ଷର ଲଢ଼େଇ ପରେ ତାଙ୍କୁ ସଫଳତା ମିଳିଥିଲା। ହେମନ୍ତ କହିଛନ୍ତି, ସେ ସମୟ ଆଗରେ ହାର୍ ମାନି ନ ଥିଲେ। ଦୀର୍ଘ ବର୍ଷର ଉଦ୍ୟମ ପରେ ତାଙ୍କୁ ଏହି ବିଜୟ ମିଳିଛି। ତାଙ୍କର ମୁମ୍ବାଇରେ କୌଣସି ବ୍ୟବସାୟ ନ ଥିଲା। ଦାଉଦ ଇବ୍ରାହିମଙ୍କ ଆଧିପତ୍ୟକୁ କମ୍ କରିବା ପାଇଁ ସେ ଏହି ସମ୍ପତ୍ତି କିଣିଥିଲେ ଓ ଆୟକର ବିଭାଗ ସହ ସମ୍ପର୍କ କରିଥିଲେ। ତେବେ ଏବେ ମଧ୍ୟ ତାଙ୍କର ବିଜୟ ଅଧୁରା ରହିଛି ବୋଲି ହେମନ୍ତ କହିଛନ୍ତି। ଉକ୍ତ ଦୋକାନଟି ଦାଉଦଙ୍କ କେତେଜଣ ସହଯୋଗୀଙ୍କ ନିୟନ୍ତ୍ରଣରେ ଏବେ ମଧ୍ୟ ରହିଛି। ସେମାନେ ଉକ୍ତ ସ୍ଥାନକୁ ଏକ ଲେଥ୍ ମେଶିନ କର୍ମଶାଳାରେ ପରିଣତ କରିଛନ୍ତି। ତେଣୁ ଉକ୍ତ କର୍ମଶାଳାକୁ ବନ୍ଦ କରିବା ପାଇଁ ସେ ପୋଲିସ ଓ ପ୍ରଶାସନକୁ ଚିଠି ଲେଖିଛନ୍ତି।

## ଫୁରସତ୍

### ପଥର ଖାଉଛି ପକ୍ଷୀ

ୱାଶିଂଟନ



ସବୁଠାରୁ ଦ୍ରୁତ ଗତିରେ ଦୌଡ଼ିପାରୁଥିବା ପକ୍ଷୀ ଭାବରେ ଓଟ ପକ୍ଷୀ ଜଣାଶୁଣା। ତେବେ ଓଟ ପକ୍ଷୀଙ୍କୁ ନେଇ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଭିଡିଓରେ କିଛି ଓଟ ପକ୍ଷୀ ମିଳିମିଶି ପଥର ଖାଉଥିବାର ଦେଖିବାକୁ ମିଳିଛି। 'ଆମେରିକାନ ଓଷ୍ଟ୍ରିଚ୍ ଫାର୍ମ' ପକ୍ଷରୁ ଏକ୍ସ'ରେ ପୋଷ୍ଟ କରାଯାଇଥିବା ଏହି ଭିଡିଓରେ ଅନେକ ଓଟପକ୍ଷୀ ପଥର ଖାଉଥିବାର ଦେଖିବାକୁ ମିଳିଛି। 'ଆମେରିକାନ ଓଷ୍ଟ୍ରିଚ୍ ଫାର୍ମ' ପକ୍ଷରୁ ଏହି ଭିଡିଓରେ ସୂଚନା ଦିଆଯାଇ କୁହାଯାଇଛି, ଓଟପକ୍ଷୀମାନେ ହେଉଛନ୍ତି ସର୍ବହାରି। ସେମାନେ ଉଭୟ ପ୍ରାଣୀ ଏବଂ ଉଦ୍ଭିଦ ଖାଇଥାନ୍ତି। କିନ୍ତୁ ଅନ୍ୟ ପକ୍ଷୀମାନଙ୍କ ପରି ଓଟପକ୍ଷୀଙ୍କର ଦାନ୍ତ ନ ଥାଏ। ତେଣୁ ସେମାନେ ଯାହା ଖାଆନ୍ତି, ସେଗୁଡ଼ିକ ଠିକ୍ ଭାବେ ହଜମ ହୋଇପାରି ନ ଥାଏ। ଏହି କାରଣରୁ ସେମାନେ ପଥର ଖାଇଥାନ୍ତି। ତେବେ ପଥରକୁ ଓଟପକ୍ଷୀମାନେ ହଜମ କରିପାରନ୍ତି ନାହିଁ। ଏହା ସେମାନଙ୍କ ପେଟର ଏକ ଥଳିରେ ସଂଗୃହୀତ ହୋଇ ରହିଥାଏ। ଓଟପକ୍ଷୀମାନେ ଯାହା ବି ଖାଇଥାନ୍ତି, ତାହା ଉକ୍ତ ପଥରଗୁଡ଼ିକ ସାହାଯ୍ୟରେ ଛୋଟ ଛୋଟ ଖଣ୍ଡ ହୋଇ ହଜମ ହୋଇଯାଇଥାଏ। ସେହିପରି ପଥରଗୁଡ଼ିକ ମଧ୍ୟ ସେମାନଙ୍କ ଶରୀର ମଧ୍ୟରେ ଧୀରେ ଧୀରେ ଛୋଟ ହୋଇଯାଇ ନଷ୍ଟ ହୋଇଯାଇଥାଏ। ଏହାପରେ ଓଟ ପକ୍ଷୀମାନେ ପୁଣି ପଥର ଖାଇଥାନ୍ତି ବୋଲି ଉକ୍ତ ଭିଡିଓରେ କୁହାଯାଇଛି। ଭାଇରାଲ ହେଉଥିବା ଏହି ଭିଡିଓକୁ ଅନେକ ୟୁଜର୍ସ ବେଶ୍ ପସନ୍ଦ କରିଛନ୍ତି।

### ଜଙ୍ଗଲରେ ନୂଆବର୍ଷ ପାଳିଲେ ନିମ୍ରତ

**ଭୋପାଳ:** ଅଭିନେତ୍ରୀ ନିମ୍ରତ କୌର ୨୦୨୫କୁ ଏକ ନିଆରା ଓ ସ୍ମରଣୀୟ ଅନ୍ଦାଜରେ ସ୍ୱାଗତ କରିଛନ୍ତି। ମଧ୍ୟପ୍ରଦେଶର ବାନ୍ଧବଗଡ଼ ଜାତୀୟ ଉଦ୍ୟାନର ଜଙ୍ଗଲ ମଧ୍ୟରେ ସେ ନିଜ ନବବର୍ଷକୁ ପାଳନ କରିଛନ୍ତି। ଏହାର କିଛି ଫଟୋ ଓ ଭିଡିଓକୁ ସେ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏହା ସହ ନିମ୍ରତ କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, '' ବାନ୍ଧବଗଡ଼ର ଜଙ୍ଗଲ ମଧ୍ୟରେ ନୂଆ ବର୍ଷ ୨୦୨୫କୁ ସ୍ୱାଗତ କରିଛି। ଏଠାରେ ବର୍ଷର ପ୍ରଥମ ସୂର୍ଯ୍ୟକିରଣ ଖୁବ୍ ଖାସ୍ ଅନୁଭୂତ ହେଲା। ବାସ୍ତବରେ ଜଙ୍ଗଲରେ ବାଘ ଏବଂ ବିଭିନ୍ନ ବନ୍ୟଜନ୍ତୁଙ୍କୁ ଦେଖିବା ସହ ପ୍ରାକୃତିକ ପରିବେଶରେ ପରିବାର ସହ ନୂଆବର୍ଷ ପାଳିବାର ମଜା ହିଁ ନିଆରା। ୨୦୨୫ ଚମତ୍କାର ହେଉ। ସମସ୍ତଙ୍କୁ ନବବର୍ଷର ଶୁଭେଚ୍ଛା। '' ଏହି ପୋଷ୍ଟରେ ନିମ୍ରତ ବାନ୍ଧବଗଡ଼ର ଜଙ୍ଗଲ ମଧ୍ୟରେ କଫି ପିଇବା ସହ ଜଳଖିଆ ଖାଉଥିବାର ମଧ୍ୟ ନଜରକୁ ଆସିଛନ୍ତି। ଜଣେ ପ୍ରକୃତିପ୍ରେମୀ ଭାବେ ସେ ତାଙ୍କ ପୋଷ୍ଟରେ ବାନ୍ଧବଗଡ଼ର ଜଙ୍ଗଲରେ ବାଘ ଏବଂ ଅନ୍ୟାନ୍ୟ ବଣୁଆ ଜନ୍ତୁଙ୍କ ଭିଡିଓ କରି ଶେୟାର କରିଛନ୍ତି। ପ୍ରକାଶ ଯେ, ନିମ୍ରତଙ୍କୁ ଶେଷ ଥର ପାଇଁ ୨୦୨୩ରେ ରିଲିଜ୍ ହୋଇଥିବା 'ସଜ୍‌ନୀ ଶିନ୍ଦେ କା ଭାଇରାଲ ଭିଡିଓ'ରେ ଦେଖିବାକୁ ମିଳିଥିଲା। ଖୁବ୍‌ଶୀଘ୍ର ରିଲିଜ୍ ହେବାକୁ ଥିବା 'ସ୍କାଏ ଫୋର୍ସ'ରେ ନିମ୍ରତ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିବେ। ଫିଲ୍ମରେ ଅଭିନେତା ଅକ୍ଷୟ କୁମାର ଓ ଅଭିନେତ୍ରୀ ସାରା ଅଲି ଖାନଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ।



### ସହରର ଅଧାରୁ ଅଧିକ ଲୋକ ମୋଟା

ଲଣ୍ଡନ

ସାଧାରଣତଃ ଅନେକ ଲୋକ ଘର ଖାଦ୍ୟ ଖାଇବାକୁ ପସନ୍ଦ କରୁଥିବାବେଳେ ଆଉ କେତେଜଣ ଲୋକ ରେଷ୍ଟୁରାଣ୍ଟ, ହୋଟେଲ ଆଦି ସ୍ଥାନରେ ଖାଇବାକୁ ପସନ୍ଦ କରିଥାନ୍ତି। କିନ୍ତୁ ବ୍ରିଟେନ୍‌ରେ ଏପରି ଏକ ସହର ରହିଛି, ଯେଉଁଠାରେ ଲୋକମାନେ ଘରେ ତିଆରି ଖାଦ୍ୟଠାରୁ ବାହାର ଖାଦ୍ୟ ଖାଇବାକୁ ବେଶି ପସନ୍ଦ କରନ୍ତି। ସେଥିପାଇଁ ଏହି ସହରରେ ରହୁଥିବା ଅଧାରୁ ଅଧିକ ଲୋକ ମୋଟାପଣର ଶିକାର ବୋଲି ଡେଲି ଷ୍ଟାର୍ ନ୍ୟୁଜ୍ ୱେବସାଇଟ୍ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି।

ଦକ୍ଷିଣ ୱେଲ୍ସସ୍ଥିତ ଏବବ୍‌ୱେଲ ସହରକୁ ବ୍ରିଟେନ୍‌ର ମୋଟା ଲୋକଙ୍କ ସହର ବୋଲି ମଧ୍ୟ କୁହାଯାଏ। ଏଠାରେ ରହୁଥିବା ଅଧିକାଂଶ ଲୋକଙ୍କର ଓଜନ ସାମାନ୍ୟଠାରୁ ଅଧିକ ରହିଥାଏ। ଏକଦା ଏହି ସହର ଇସ୍ପାତ ହବ୍ ଭାବେ ପରିଚିତ ଥିଲା, କିନ୍ତୁ ସମ୍ପ୍ରତି ଏହା ମୋଟା ଲୋକଙ୍କ ସହର ଭାବେ ଜଣାଶୁଣା। ଏବବ୍‌ୱେଲ ସହରରେ କାର୍ଯ୍ୟରତ ଅନେକ ଡେଲିଭରି କର୍ମଚାରୀ କୁହନ୍ତି, ଏଠାକାର ଲୋକ ବାହାର ଖାଦ୍ୟକୁ ଏତେମାତ୍ରାରେ ପସନ୍ଦ କରନ୍ତି ଯେ ସେମାନଙ୍କୁ ଦୈନିକ ୩ରୁ ୪ ଥର ସମାନ ଲୋକଙ୍କ ଘରକୁ ଖାଦ୍ୟ ଡେଲିଭରି କରିବା ପାଇଁ ଯିବାକୁ ପଡ଼ିଥାଏ। ସ୍ଥାନୀୟ ବାସିନ୍ଦା ତଥା ବ୍ୟୁଟିସିଆନ ଜୋଡି ହ୍ୟୁଜ୍ କହିଛନ୍ତି, ଏବବ୍‌ୱେଲ ସହରରେ ଦରକାରଠାରୁ ବେଶି ଫାଷ୍ଟଫୁଡ୍ ଦୋକାନ ରହିଛି। ସେହିପରି ଏହି ଫାଷ୍ଟଫୁଡ୍ ଦୋକାନଗୁଡ଼ିକରେ ଖୁବ୍ ଶସ୍ତାରେ ଖାଦ୍ୟ ମିଳିଥାଏ। ତେଣୁ ଫାଷ୍ଟଫୁଡ୍ ପରି ତେଲଜାତୀୟ ଖାଦ୍ୟ ଖାଇବାକୁ ଲୋକେ ଅଧିକ ଆକୃଷ୍ଟ ହେଉଛନ୍ତି ବୋଲି ଜୋଡ଼ି କହିଛନ୍ତି। ସେ ଆହୁରି କହିଛନ୍ତି, ଏବବ୍‌ୱେଲରେ ଲୋକଙ୍କ ପାଖରେ ଖୁବ୍ କମ୍ ସମୟ ଥାଏ। ସ୍ୱାଦିଷ୍ଟ, ସୁସ୍ଥ ଏବଂ ସୁଲଭ ଖାଦ୍ୟ ରାନ୍ଧିବା କଷ୍ଟଦାୟକ ହୋଇଥିବାବେଳେ ଏଥିପାଇଁ ଅଧିକ ସମୟ ଲଗିଥାଏ। ତେଣୁ ସମୟ ବଞ୍ଚାଇବା ପାଇଁ ଏଠାକାର ଲୋକେ ବାହାର ଖାଦ୍ୟ ଉପରେ ନିର୍ଭର ରୁହନ୍ତି।

## ସଂକ୍ଷେପରେ

### ପାକ୍ସ ସମ୍ମୁଖରେ ଚାଷୀଙ୍କ ଅନଶନ

ତୁଣ୍ଡଲା,୧୧ (ଫିରୋଜ କୁମାର ଦାଶ): ଧାନ କଟ୍ନିକୁ ବିରୋଧ କରି କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକର ଜଣେ ଚାଷୀ ତୁଣ୍ଡଲା ପାକ୍ସ ଆଗରେ ଆମରଣ ଅନଶନ କରିଛନ୍ତି। ସେ ହେଲେ ଧନଞ୍ଜୟ ସାହୁ। ଧନଞ୍ଜୟଙ୍କ ଅଭିଯୋଗକ୍ରମେ ଏ ବର୍ଷ ଚାଷୀ ଧାନକୁ ଭଲ ଭାବେ ଶୁଖାଇ ସଫାସୁତୁରା କରୁଥିଲେ ମଧ୍ୟ କଟ୍ନିର ଶିକାର ହେଉଛି। ତୁଣ୍ଡଲା ପାକ୍ସରେ କୁଇଣ୍ଟାଲ ପିଛା ୬ କେଜି ଧାନ କଟାଯାଉଥିବାବେଳେ ଚାଷୀଙ୍କୁ ବସ୍ତା ଯୋଗାଇ ଦିଆଯାଉ ନାହିଁ। ୨୫ ଟଙ୍କା ଦେଲେ ବସ୍ତା ଦିଆଯାଉଥିବା ଅଭିଯୋଗ କରି ଧନଞ୍ଜୟ ପାକ୍ସ ସମ୍ମୁଖରେ ମହାତ୍ମା ଗାନ୍ଧୀଙ୍କ ଫୋଟୋଚିତ୍ର ରଖି ଆମରଣ ଅନଶନରେ ବସିଛନ୍ତି। କଟ୍ନି ବନ୍ଦ ସହ ଚାଷୀଙ୍କୁ ବସ୍ତା ଯୋଗାଇଦିଆ ନ ଯିବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି। ତାଙ୍କର ପଦକ୍ଷେପକୁ ଅଞ୍ଚଳର ଚାଷୀମାନେ ସମର୍ଥନ କରୁଥିବା ଦେଖିବାକୁ ମିଳୁଛି।

### ବାଇକ୍-ସ୍କୁଟି ଧକ୍କା: ଜଣେ ମୃତ

ଖଡ଼ିଆଳ,୧୧ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ବୁଧବାର ସନ୍ଧ୍ୟାରେ ଏକ ବାଇକ୍ ସହ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ସ୍କୁଟିରେ ଥିବା ହଣେଶ ଗୋୟଲ (୧୩)ଙ୍କ ମୃତ୍ୟୁ ଘଟିଛି। ସୂଚନାକ୍ରମେ ଖଡ଼ିଆଳ ସହରର ଦୀପକ ଗୋୟଲଙ୍କ ପୁଅଦୁଅ ହଣେଶ ଓ ଲକ୍ଷ (୧୫) ସ୍କୁଟିରେ ଯାଉଥିବାବେଳେ ଏକ ବାଇକ୍ ସହ ଧକ୍କା ହୋଇଥିଲା। ଏଥିରେ ହଣେଶଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ ଲକ୍ଷ ଗୁରୁତର ହୋଇଥିବାରୁ ତାଙ୍କୁ ଖଡ଼ିଆଳ ମିଶନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ଦୁର୍ଘଟଣା ପରେ ବାଇକ୍ ଚାଳକ ଫେରାର ହୋଇଯାଇଛନ୍ତି। ହଣେଶଙ୍କ ଅଜା ରାଜ ଗୋୟଲ ଏ ନେଇ ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ଦିଲୀପ କୁମାର ସାହୁ ସୂଚନା ଦେଇଛନ୍ତି।

### ଜମିଲା ବଣଭୋଜି, ଫାଇଦାରେ ବ୍ୟବସାୟୀ

ଖଡ଼ିଆଳ,୧୧ (ସୁଜିତ କୁମାର ପ୍ରଧାନ): ବୁଧବାର ଇଂରାଜୀ ନବବର୍ଷ ପାଳନ ପାଇଁ ଖଡ଼ିଆଳ ଅଞ୍ଚଳର ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସୁକତା ଦେଖାଯାଇଥିଲା। ଭୋଜି ପାର୍ଟି, ବଣଭୋଜି ସାଙ୍ଗକୁ ମଉଜ କରିବାରେ ସମୟ ବିତାଇଥିଲେ। ଏଥିରେ ବିଶେଷ କରି ପିଲା ଠାରୁ ଆରମ୍ଭ କରି ଯୁବତୀଯୁବକ ସାମିଲ ହୋଇଥିଲେ। ଆମିଷଖିଆ ବାରରେ ନୂତନ ବର୍ଷ ପଡିଥିବାରୁ ବଣଭୋଜିରେ ମାଛ, ମାଂସ (ମଟନ) ଓ ଦେଶୀ କୁକୁଡ଼ା ଲୋକଙ୍କ ପସନ୍ଦ ରହିଥିଲା। ଏହାକୁ ସୁଯୋଗ ମନେକରି ବ୍ୟବସାୟୀମାନେ ମଧ୍ୟ ଏହାର ଭରପୁର ଫାଇଦା ନେଇଥିଲେ। କିଲୋ ପ୍ରତି ୭୦୦ରୁ ୮୦୦ ଟଙ୍କାରେ ବିକ୍ରି ହେଉଥିଲେ ମଧ୍ୟ ମାଂସ ଦୋକାନରେ ଗ୍ରାହକଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଥିଲା। ସେହିଭଳି ଦେଶୀ କୁକୁଡ଼ା କିଲୋ ପ୍ରତି ୫୫୦ରୁ ୬୦୦ ଟଙ୍କା ଥିବାବେଳେ ଓ ମାଛ ୨୦୦ରୁ ୨୫୦ ଟଙ୍କାରେ ବିକ୍ରି ହୋଇଥିଲା।

# ପାଠ ପଢ଼ି ଭଲ ମଣିଷ ହେବାକୁ ଆହ୍ୱାନ

**ଅନ୍ତେବାସୀଙ୍କ ଗହଣରେ ନବବର୍ଷ ପାଳିଲେ ଜିଲାପାଳ**

ଭବାନୀପାଟଣା,୧୧(ଉତ୍ତମ କୁମାର ଦାଶ)


ଅନ୍ତେବାସୀଙ୍କ ସହ ଜିଲାପାଳ ଓ ଅନ୍ୟ ଅଧିକାରୀ।

ନୂଆ ଆଶା ଓ ଅଭିଳାଷକୁ ନେଇ ସୁନେଲି ସ୍ୱପ୍ନ ଦେଖୁଥିବା ଶିଶୁ ଯତ୍ନ ଅନୁଷ୍ଠାନର କୁନି କୁନି ଶିଶୁମାନଙ୍କ ସହିତ ବୁଧବାର ନବବର୍ଷ ପାଳନ କରିଛନ୍ତି କଳାହାଣ୍ଡି ଜିଲାପାଳ ପାଓ୍ୱାର ପ୍ରକାଶ ଓ ଅନ୍ୟ ଜିଲା ଅଧିକାରୀ। ଭବାନୀପାଟଣାସ୍ଥିତ ନେହେରୁ ସେବାସଂଘ ଓ ବାଳଗୋପାଳ ସେବା ନିକେତନରେ ଥିବା ଅନ୍ତେବାସୀ ଓ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ ସେ ନୂଆବର୍ଷ ପାଳନ କରିଥିଲେ। ଏହି ସମୟରେ ଜିଲାପାଳ ସେମାନଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପିଲାମାନେ ଭଲ ପାଠ ପଢି ଭଲ ମଣିଷ ହେବା ପାଇଁ ଆହ୍ୱାନ ଦେଇଥିଲେ। ପରେ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ନବବର୍ଷରେ ନିଜର ବହୁମୂଲ୍ୟ ସମୟ ଦେଇ ଶିଶୁ ଯତ୍ନ ଅନୁଷ୍ଠାନର ପିଲାଙ୍କୁ ଉତ୍ସାହିତ କରିଥିବାରୁ ଏହି ୨ଅନୁଷ୍ଠାନର କର୍ମକର୍ତ୍ତା ଜିଲାପାଳଙ୍କୁ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଥିଲେ। ଏଥିରେ ଜିଲାପାଳଙ୍କ ସହିତ ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ସହକାରୀ ନିର୍ଦ୍ଦେଶକ ଜିଲା ସ୍ୱଳ୍ପ ସଞ୍ଚୟ ଓ ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ରୁପେଶ କୁମାର ହୋତା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ରୁ ମହାପାତ୍ର, ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଅଂଶୁମାନ ବାବୁ ଓ ରାଜଲକ୍ଷ୍ମୀ ଦାସ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବାଲଗୋପାଳ ସେବାନିକେତନ ପ୍ରତିଷ୍ଠାତା ହେମନ୍ତ ମୁଣ୍ଡ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମହାପାତ୍ର ପରିଚାଳନା କରିଥିଲେ।

# ନିୟମିତ ହେଲେ ୯୨୯ ଶିକ୍ଷୟିତ୍ରୀଶିକ୍ଷକ

ଭବାନୀପାଟଣା,୧୧(ଉତ୍ତମ କୁମାର ଦାଶ)


ଜିଲା ଶିକ୍ଷା ଅଧିକାରୀଙ୍କୁ କୃତଜ୍ଞତା ଜଣାଉଛନ୍ତି କନିଷ୍ଠ ଶିକ୍ଷକମାନେ।

ପ୍ରାଥମିକ ଶିକ୍ଷାକୁ ଅଧିକ କ୍ରିୟାଶୀଳ ଓ ସୁଦୃଢ କରି କୋମଳମତି ପିଲାଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ୨୦୧୮ରେ ସରକାର କଳାହାଣ୍ଡି ଜିଲାରେ ୧୦୧୬ଜଣ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ଦେଇଥିଲେ। ଏହା ଦ୍ୱାରା ଗ୍ରାମାଞ୍ଚଳରେ ଶିକ୍ଷାଦାନର ସଫଳ ରୂପାୟନ ଦେଖାଯାଇଥିଲା। ନିୟମାନୁଯାୟୀ ୬ବର୍ଷ ପରେ ଏହି ଶିକ୍ଷକମାନେ ନିୟମିତ ହେବା କଥା। ହେଲେ ୬ବର୍ଷ ୯ ମାସ ପରେ ବି ସେମାନେ ନିୟମିତ ହୋଇପାରୁ ନ ଥିଲେ। ଏହାକୁ ନେଇ ଗତ ନଭେମ୍ବରରେ କନିଷ୍ଠ ଶିକ୍ଷକମାନେ ଭବାନୀପାଟଣାରେ ଏକ ଶୋଭାଯାତ୍ରା କରି ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲା ଶିକ୍ଷା ବିଭାଗ ପକ୍ଷରୁ ନୂଆବର୍ଷ ଭେଟି ସ୍ୱରୂପ ଜିଲାର ୯୨୯ ଜଣ କନିଷ୍ଠ ଶିକ୍ଷକଙ୍କୁ ନିୟମିତ ନିଯୁକ୍ତିପତ୍ର ଦିଆଯାଇଛି। ଅବଶିଷ୍ଟ ୮୭ ଜଣଙ୍କୁ ଖୁବ୍‌ଶୀଘ୍ର ନିୟମିତ କରାଯିବ ବୋଲି ଜଣାପଡିଛି। ଏଥିପାଇଁ ସମସ୍ତ କନିଷ୍ଠ ଶିକ୍ଷକ ମଙ୍ଗଳବାର ସନ୍ଧ୍ୟାରେ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କୁ ସାକ୍ଷାତ କରି କୃତଜ୍ଞତା ଜଣାଇଛନ୍ତି। ଦୀର୍ଘ ୬ବର୍ଷ ଅଳ୍ପ ଦରମାରେ ବିଭିନ୍ନ ଘାତପ୍ରତିଘାତ ସହିଆସୁଥିବା କନିଷ୍ଠ ଶିକ୍ଷକଙ୍କ ସହ ସମସ୍ତ ଶିକ୍ଷକ ମହଲରେ ଏହା ଆନନ୍ଦର ଲହରି ଖେଳାଇ ଦେଇଛି। ଏହି ଅବସରରେ ସଭାପତି ଅଭିଷେକ ପଣ୍ଡା, ସାଧାରଣ ସମ୍ପାଦକ ଦେବଦତ୍ତ ମିଶ୍ର, କାର୍ଯ୍ୟକାରୀ ସଭାପତି କାଳୁ ଚରଣ ମହାରଣା, ଉପସଭାପତି ମୋହନ କୁମାର ନାଏକ, ଉପଦେଷ୍ଟା ଶିବ ଶଙ୍କର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

**ଜିଲା ଶିକ୍ଷା ବିଭାଗ ପକ୍ଷରୁ କନିଷ୍ଠ ଶିକ୍ଷକଙ୍କୁ ନୂଆବର୍ଷ ଭେଟି**

# ଲେଖକ କଳା ପରିଷଦର ବନାନୀ କବି ସମ୍ମିଳନୀ

ଭବାନୀପାଟଣା,୧୧(ଉତ୍ତମ କୁମାର ଦାଶ)


ଅତିଥିଙ୍କ ଦ୍ୱାରା ବାର୍ଷିକ ପତ୍ରିକା ଲୋକାର୍ପଣ କରାଯାଉଛି।

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ କଳାହାଣ୍ଡି ଲେଖକ କଳା ପରିଷଦ ପକ୍ଷରୁ ବୁଧବାର ପ୍ରସିଦ୍ଧ ଗୀତିକାର ସ୍ୱର୍ଗତ ଯୁଗଳ କିଶୋର ଯୋଷୀଙ୍କ ସ୍ମୃତିରେ 'ବନାନୀ କବି ସମ୍ମିଳନୀ' ଭବାନୀପାଟଣା ନିକଟ ଆମ୍ର କୁଞ୍ଜଠାରେ ଅନୁଷ୍ଠିତ ହୋଇଯାଇଛି। ଉମେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମଦନପୁର ରାମପୁରର ରାଜା ତଥା ରାମପୁର ଡିଗ୍ରୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ବିଭୁଦେନ୍ଦ୍ର ପ୍ରତାପ ସିଂଦେଓ ଓ ସମ୍ମାନିତ ଅତିଥି ଭାବେ ଓଡିଶା ସଂଗୀତ ଏକାଡେମୀର ପୂର୍ବତନ ସଚିବ ପ୍ରବୋଧ ରଥ ଯୋଗଦେଇଥିଲେ। ପରିଷଦ ପରିଚାଳିତ ସଂଗୀତ ମହାବିଦ୍ୟାଳୟର ଗୁରୁ ସୁଧୀର ପଣ୍ଡା, ନରେନ୍ଦ୍ର ପଣ୍ଡା ଓ ହରେକୃଷ୍ଣ ଭୋଇଙ୍କ ପରିଚାଳନାରେ ଶିଳ୍ପୀ ସସ୍ମିତା, ଲିପ୍ସା, ନମିତା, କାଜଲ, ଶ୍ରେୟାଞ୍ଜଳି ସିପ୍ରା ଓ ମେଘମାଳା ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ବାର୍ଷିକ ପତ୍ରିକା 'ସାଗର' ଲୋକାର୍ପିତ ହୋଇଥିଲା। ଏହି ଅବସରରେ କବି ଡ. ପ୍ରହ୍ଲାଦ ଶତପଥୀ (ବଲାଙ୍ଗୀର)ଙ୍କୁ 'ଯୁଗଳ କିଶୋର ଯୋଷୀ ସ୍ମୃତି– ବନାନୀ କବି ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଜାତୀୟ ପୁରସ୍କାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର କରଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ଭବନାଥ ରାୟଗୁରୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।କାର୍ଯ୍ୟକ୍ରମକୁ ବିରଞ୍ଚି ନାରାୟଣ ମୁଣ୍ଡ ସଂଯୋଜନା କରିଥିବାବେଳେ କୋଷାଧ୍ୟକ୍ଷ ଭାଗୀରଥି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ୭୦ରୁ ଉର୍ଦ୍ଧ୍ୱ ସାରସ୍ୱତ ସାଧକ କବିତାବୃତ୍ତି କରିଥିଲେ। କାର୍ଯ୍ୟକ୍ରମରେ ସୁରେନ୍ଦ୍ର ପ୍ରସାଦ ନେଗୀ, ଗୋପାଳ ସାହୁ, ତାପସ ପଟେଲ,ଶୁଭେନ୍ଦୁ ମହାପାତ୍ର, ରମେଶ ସେନାପତି ପ୍ରମୁଖ ସହଯୋଗ କରିଥିଲେ।

**କବି ଡ. ପ୍ରହ୍ଲାଦ ଶତପଥୀ ସମ୍ବର୍ଦ୍ଧିତ**

### ବିଦ୍ୟୁତ୍ ସଂଯୋଗରେ ଅନିୟମିତତା: ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ଦଣ୍ଡିତ

ନୂଆପଡ଼ା,୧୧ (ମକାରୁ ବେମାଲ)

ବିଦ୍ୟୁତ୍ ସଂଯୋଗରେ ଅନିୟମିତତା ଅଭିଯୋଗରେ ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ଜିଲା ଖାଉଟି ଅଦାଲତରେ ଦଣ୍ଡିତ ହୋଇଛନ୍ତି। ସୂଚନା ମୁତାବକ ନୂଆପଡ଼ା ସଦର ବ୍ଲକ କୋଟେନଚୂଆଁ ପଞ୍ଚାୟତ ଜାମଦର୍ହା ଗାଁର ମୁକୁନ୍ଦ ସୁନାନୀ (୨୬) କୁକୁଡା ଦୋକାନ କରି ପରିବାର ପ୍ରତିପୋଷଣ କରୁଛନ୍ତି। କୁକୁଡା ସାମଗ୍ରୀ ସୁରକ୍ଷିତ ପାଇଁ ୨୦୨୧ ସେପ୍ଟେମ୍ବର ୧୫ରେ ସେ ବିଦ୍ୟୁତ୍ ସଂଯୋଗ ଲାଗି ସମସ୍ତ ପ୍ରକାର ଦେୟ ମିଶି ୬ ହଜାର ୨୪୩ ଟଙ୍କା ଜମା ଦେଇ ଆବେଦନ କରିଥିଲେ। ହେଲେ ଟିପିଡବ୍ଲ୍ୟୁଓଡିଏଲ କର୍ତ୍ତୃପକ୍ଷ ବିଦ୍ୟୁତ୍ ସଂଯୋଗ ନ ଦେବାରୁ ମୁକୁନ୍ଦ ଜିଲା ଖାଉଟି ଅଦାଲତରେ ଲିଖିତ ଅଭିଯୋଗ କରିଥିଲେ। ଜିଲା ଖାଉଟି ଆୟୋଗର ନୋଟିସ ପାଇଲା ପରେ କର୍ତ୍ତୃପକ୍ଷ ୨୦୨୩ ଜୁନ ୯ରେ ଜମା ରାଶିରୁ କିଛି ଟଙ୍କା କାଟି ବାକି ଜମା ରାଶିକୁ ଦୁଇବର୍ଷ ପରେ ଫେରାଇଥିଲେ। ସମସ୍ତ ଜମାରାଶି ଫେରାଇ ନ ଥିବା ଅଭିଯୋଗକୁ ଭିତ୍ତିକରି ଜିଲା ଖାଉଟି ଅଦାଲତ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ସଦସ୍ୟ ହଳଧର ପ୍ରଧାନଙ୍କ ଖଣ୍ଡପୀଠ ମାମଲାର ବିଚାର କରି ଟିପିଡବ୍ଲ୍ୟୁଓଡିଏଲ କର୍ତ୍ତୃପକ୍ଷଙ୍କୁ ସମୟସୀମା ମଧ୍ୟରେ ବିଦ୍ୟୁତ୍ ସଂଯୋଗ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗକାରୀ ଦେଇଥିବା ଦରଖାସ୍ତକୁ ୩ ଦିନ ମଧ୍ୟରେ ପୁନଃ ସ୍ଥାପନ କରିବା ସହିତ ଅଭିଯୋଗକାରୀଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ନିର୍ଦ୍ଦେଶନାମା ପାଇବାର ୩୦ ଦିନ ମଧ୍ୟରେ ୫୦ ହଜାର ଟଙ୍କା ଜରିମାନା ଓ କେସ୍ ଖର୍ଚ୍ଚ ବାବଦକୁ ୧୦ ହଜାର ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ରହିଛି। ଅଭିଯୋଗକାରୀ ପକ୍ଷରୁ ଆଇନଜୀବୀ ଶ୍ୟାମଲାଲ ସିଂ ଓ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଆଇନଜୀବୀ ଶ୍ୱେତରାମ ଦେବାଙ୍ଗନ ଓ ଅନିଲ କୁମାର ଦେବାଙ୍ଗନ ମୋକଦ୍ଦମା ପରିଚାଳନା କରୁଥିଲେ ।

# ବିପୁଳ ପରିମାଣ ନକଲି ବିଦେଶୀ ମଦ ଜବତ, ୨ ଗିରଫ

ନୂଆପଡ଼ା,୧୧ (ମକାରୁ ବେମାଲ)

ନୂଆପଡ଼ା ଜିଲାରେ ଚୋରା ମଦ କାରବାର ବୃଦ୍ଧି ନେଇ ଅଭିଯୋଗ ହୋଇଆସୁଛି। ଏପରିସ୍ଥଳେ ମଙ୍ଗଳବାର ଜିଲା ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଇନ୍ସପେକ୍ଟର ସୁରେଶ ଚନ୍ଦ୍ର ତାଣ୍ଡିଙ୍କ ନେତୃତ୍ୱରେ ଏକ ଟିମ୍ ଖରିଆର ରୋଡ ଅଞ୍ଚଳରେ ଚଢାଉ କରି ବିପୁଳ ପରିମାଣର ନକଲି ମଦ ଜବତ ସହ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। କୌଣସି ସୂତ୍ରରୁ ଖବର ପାଇ ଏହି ଟିମ୍ ଖରିଆର ରୋଡ ୱାର୍ଡ ନଂ. ୧୨ରେ ଜଣେ ବ୍ୟକ୍ତିଙ୍କ ଘରେ ଚଢାଉ କରିଥିଲା। ସେଠାରୁ ୭୮,୫୭୦ ଲିଟର ନକଲି ମଦ ସହ ବିଭିନ୍ନ ବ୍ରାଣ୍ଡର ଷ୍ଟିକର ଲଗା ଖାଲି ବୋତଲ, ଠିପି, ଷ୍ଟିକର, ଏକ ବିଦ୍ୟୁତ୍ ଚାଳିତ ସ୍କୁଟର (ଓଡି୨୬ଜି-୬୮୮୬) ଜବତ କରି ଜଣକୁ ଗିରଫ କରିଥିଲେ। ଗିରଫ ବ୍ୟକ୍ତି ହେଲେ ବିହାର ରାଜ୍ୟ ଆଉରଙ୍ଗାବାଦ ଥାନା ଶାହାପୁର ଗାଁର ପ୍ରବୀଣ ପ୍ରସାଦ (୫୧)। ପ୍ରବୀଣ ଖରିଆର ରୋଡ ସହରର ୱାର୍ଡ ନଂ.୧୨ରେ ଏକ ଭଡ଼ାଘରେ ରହି ଛତିଶଗଡ଼ରୁ ନକଲି ବିଦେଶୀ ମଦ ଆଣି ଖାଲି ବୋତଲରେ ଭର୍ତ୍ତିକରି ନୂଆପଡା ଜିଲା ସମେତ ବରଗଡ, ବଲାଙ୍ଗୀର ଜିଲାର କୋଚିଆ ଦୋକାନକୁ ଯୋଗାଣ କରୁଥିଲେ। ଏହା ପରେ ଟିମ୍ ଧରମବନ୍ଧା ଗାଁରେ ଚଢାଉ କରି ବିଦେଶୀ ନକଲି ମଦ ଜବତ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ସେ ହେଲେ ଉକ୍ତ ଗାଁର ସତିଶ କୁମାର ଜୈନ (୪୦)। ଏ ନେଇ ନୂଆପଡା ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା (ନଂ.୨୦୮/୨୦୨୪-୨୫) ରୁଜୁ କରାଯାଇ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।


ଜବତ ମଦ ଓ ସାମଗ୍ରୀ ସହ ଗିରଫ ଅଭିଯୁକ୍ତ।

# ୫ରୁ ଚାଷୀଙ୍କ ଆନ୍ଦୋଳନ ଚେତାବନୀ

**ଗଭୀର ନଳକୂପକୁ ବିଦ୍ୟୁତ୍ ସଂଯୋଗ ଦାବି**

ନୂଆପଡ଼ା,୧୧ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକର ଟେଙ୍ଗନାବସା ଏବଂ ନୂଆପଡ଼ା ବ୍ଲକର ସାଲେଭଟା ଓ ଜୁନାନୀ ଗାଁର ଶତାଧିକ ଚାଷୀ ବିଭିନ୍ନ ଚାଷ ପାଇଁ ଗଭୀର ନଳକୂପ ଖନନ କରିଥିଲେ। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ବର୍ଷ ବର୍ଷ ବିତିଯାଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଫଳରେ ଚାଷୀଙ୍କ ଆଶା ପୂରଣ ହୋଇପାରୁ ନାହିଁ। ଏହାକୁ ନେଇ ସେମାନେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଚାଷୀନେତା ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ ଚାଷୀ ବୁଧବାର ଉଠା ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରି ଶୀଘ୍ର ବିଦ୍ୟୁତ୍ ସଂଯୋଗ କରିବା ପାଇଁ ଦାବି କରିଛନ୍ତି ।

ପ୍ରାପ୍ତ ସୂଚନା ଅନୁଯାୟୀ ଜିଲାର ଚାଷୀମାନେ ମରୁଡି ଦାଉରୁ ରକ୍ଷା ପାଇବା ପାଇଁ ସବ୍‌ସିଡି ପାଇ ଗଭୀର ନଳକୂପ ଖନନ କରିଛନ୍ତି। ଗଭୀର ନଳକୂପ ଖନନ ପରେ ବିଦ୍ୟୁତ୍ ସଂଯୋଗ ହେବା କଥା। ହେଲେ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ହୋଇପାରୁ ନାହିଁ। ଚାଷୀମାନେ ଉଠାଜଳସେଚନ ବିଭାଗ ଓ ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଦୌଡୁଥିଲେ ମଧ୍ୟ ସୁଫଳ ପାଇନାହାନ୍ତି। ଏହାର ପ୍ରତିବାଦରେ ସେମାନେ ଅଧୀକ୍ଷଣ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଧୀକ୍ଷଣ ଯନ୍ତ୍ରୀ ବିଦ୍ୟୁତ୍ ସଂଯୋଗ ନେଇଥିବା ଠିକାଦାର ସହ ଆଲୋଚନା କରି ୭ଦିନ ଭିତରେ ଜାନୁଆରୀ ୫ରୁ ବିଦ୍ୟୁତ୍ ସଂଯୋଗ କାମ ଆରମ୍ଭ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ୭ଦିନ ଭିତରେ ବିଦ୍ୟୁତ୍ ସଂଯୋଗ ନ ହେଲେ ଓ ଠିକାଦାର ଜାନୁଆରୀ ୫ରୁ କାମ ଆରମ୍ଭ ନ କଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।


ଦାବି ଜଣାଇବାକୁ ଆସିଥିବା ଚାଷୀ।

### ସହକାରୀ ଯନ୍ତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଖଡ଼ିଆଳ,୧୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକର ସହକାରୀ ଯନ୍ତ୍ରୀ ଗିରିଶ ଚନ୍ଦ୍ର ପାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଉପାଧ୍ୟକ୍ଷ ଗୌତମ ତାଣ୍ଡି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନରସିଂହ ଗଡବା, ଅତିରିକ୍ତ ତହସିଲଦାର ଶ୍ରୀ ନାୟକ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ସହକାରୀ ଯନ୍ତ୍ରୀ ବିକର୍ତ୍ତନ ହାଁସଦା, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ବେହେରାପ୍ରମୁଖ ଯୋଗଦେଇ ତାଙ୍କ ଗୁଣଗାନ କରିଥିଲେ। ସହକାରୀ ଯନ୍ତ୍ରୀ ପାତ୍ର ସମସ୍ତ କର୍ମଚାରୀଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ।

# ଆଧାତ୍ମିକତା ପ୍ରତି ଆକୃଷ୍ଟ ହେବାକୁ ଯୁବପିଢ଼ିଙ୍କୁ ଆହ୍ୱାନ

କୋକସରା,୧୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

ପ୍ରତିବର୍ଷ ଭଳି ଚଳିତ ଜାନୁଆରୀ ୧ରେ କାଳୀକୃଷ୍ଣ ସଂଘର ସଂକଳ୍ପ ଦିବସ ପାଳିତ ହୋଇଯାଇଛି। ବିଭିନ୍ନ ପ୍ରକାର ସଚେତନତା ଉଦ୍ଦେଶ୍ୟରେ ସଂକଳ୍ପ କରି ବର୍ଷତମାମ ସଂଘ ଏହି କାର୍ଯ୍ୟକ୍ରମ କରିଥାଏ। ଆଧାତ୍ମିକତା ଦିଏ ଶୃଙ୍ଖଳା ସହ ନିଶାମୁକ୍ତ ହେବା ପାଇଁ ଦୃଢ ସଂକଳ୍ପ। ତେଣୁ ଆଧାତ୍ମିକତା ପ୍ରତି ଆକୃଷ୍ଟ ହେବାକୁ ଯୁବପିଢିଙ୍କୁ କାଳୀକୃଷ୍ଣ ସଂଘ ପରିଚାଳକ ଶ୍ରୀ ଜଗଦାନନ୍ଦଜୀ ପ୍ରବଚନ ମାଧ୍ୟମରେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆମପାଣିଠାରେ ନିଶାମୁକ୍ତ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀ ଜଗଦାନନ୍ଦଜୀଙ୍କ ସମେତ ସଂଘର କର୍ମକର୍ତ୍ତା ସାମିଲ ହୋଇଥିଲେ। ପରେ ବଡପୋଡାଗୁଡା ପଞ୍ଚାୟତ ବାବେକୋହରା ଖେଳପଡିଆଠାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଧର୍ମଗଡ ବିଧାୟକ ସୁଧିର ରଞ୍ଜନ ପାଙ୍ଗଯୋଷୀ, କାଳୀକୃଷ୍ଣ ସଂଘ ପ୍ରମୁଖ ଶ୍ରୀ ଜଗଦାନନ୍ଦଜୀ, ବେଦବ୍ରହ୍ମା ଶ୍ରୀ ସରୋଜାନନ୍ଦଜୀ, ସଭାପତି ଶ୍ରୀ ସଞ୍ଜୟ କୁମାର ପଣ୍ଡା ମଞ୍ଚାସୀନ ଥିଲେ।



ସଂକଳ୍ପ ଦିବସରେ ସଚେତନତା ଶୋଭାଯାତ୍ରା।

**କାଳୀକୃଷ୍ଣ ସଂଘର ସଂକଳ୍ପ ଦିବସ**

ନିରନ୍ତର ସେବାପାଇଁ ଶ୍ରୀ ସର୍ବାନନ୍ଦ, ଶ୍ରୀ ଦେବାନନ୍ଦ, ଶ୍ରୀ ଗଣେଶ ରାମ ଅଗସ୍ତି, ଶ୍ରୀ ଅରୁଣ କୁମାର ମହାନ୍ତି ଓ ଶ୍ରୀମତୀ ଅମିତା ମିଶ୍ରଙ୍କୁ ଶ୍ରୀଜଗଦାନନ୍ଦଜୀ ସେବାପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶ୍ରୀ କ୍ରିୟାନନ୍ଦ, ଶ୍ରୀ ପ୍ରିୟାନନ୍ଦ, ଶ୍ରୀ ମାଧବାନନ୍ଦ, ଶ୍ରୀ ମୁକୁନ୍ଦାନନ୍ଦ, ଲକ୍ଷ୍ମୀକାନ୍ତ ଖମାରୀ, ଜିତେନ୍ଦ୍ର କୁମାର ପଣ୍ଡା, ନବୀନ ରାଉତ, ତପନ ନାଏକଙ୍କ ସମେତ କାଳୀକୃଷ୍ଣ ବାହିନୀ, ପ୍ରଜ୍ଞା ବାହିନୀ, ମିଡିଆ ସେଲ ସହଯୋଗ କରିଥିଲେ। ଏଥିରେ କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଜିଲାରୁ କାଳୀକୃଷ୍ଣ ସଂଘର ଭଉଣୀଭାଇ ଉପସ୍ଥିତ ଥିଲେ।

# ନିଜ ହାତରେ ନିଜ ଜୀବନ: ଜିଲାପାଳ

ନୂଆପଡ଼ା,୧୧ (ମକାରୁ ବେମାଲ)

ନୂଆପଡ଼ା ଜିଲାରେ ବୁଧବାର ଜାତୀୟ ସଡକ ସୁରକ୍ଷା ସଚେତନତା ମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏହାକୁ ଜିଲାପାଳ ମଧୁସୂଦନ ଦାସ ଓ ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ, ସାମାଜିକ କର୍ମୀ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ସହର ପରିକ୍ରମା କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଦାସ ଅଧ୍ୟକ୍ଷତା କରିଥିଲେ। ଆରକ୍ଷୀ ଅଧୀକ୍ଷକ ରାଘବେନ୍ଦ୍ର ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ଭୀମସେନ ଶବର, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବନ୍ୟଜନ୍ତୁ ବନଖଣ୍ଡ ଅଧିକାରୀ ମହାଦେବ ବୁଡାଇକ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଉମାକାନ୍ତ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ମାନା ସିଂ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଜିଲାପାଳ ଦାସ ଜିଲାରେ ଦୁର୍ଘଟଣାକୁ ଶୂନ କରିବା ଲକ୍ଷ୍ୟ ନେଇ ଅଧିକ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀ ତଥା ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲାପାଳ ସମସ୍ତଙ୍କୁ ସଡକ ସୁରକ୍ଷା ଉପରେ ଶପଥ ପାଠ କରାଇ ନିଜ ହାତରେ ନିଜ ଜୀବନ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ମାସେ ଧରି ପାଳନ ହେବାକୁ ଥିବାବେଳେ ସଚେତନତା ରଥ ଜିଲାର ପୁରପଲ୍ଲୀକୁ ଯାଇ ସଚେତନ କରିବ। ଜିଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ୍, ବକ୍ତୃତା ପ୍ରତିଯୋଗିତା ଓ ଶେଷଦିନ ଏକ ବାଇକ୍ ରାଲି ଅନୁଷ୍ଠିତ ହେବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ସିଂ ସୂଚନା ଦେଇଛନ୍ତି ।



ଶପଥ ପାଠ ପାଇଁ ସମବେତ ଅଧିକାରୀ, ସ୍ୱେଚ୍ଛାସେବୀମାନେ।

**ସଡକ ସୁରକ୍ଷା ମାସ**

# ଆସୁଛି ଧନୁଯାତ୍ରା, ଚଳଚଞ୍ଚଳ ବରଗଡ଼



ନିର୍ମାଣାଧୀନ କଂସ ଦରବାର।




ଅମ୍ବାପାଲିର ଘରକାନ୍ଥରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଦୃଶ୍ୟ।



ବରଗଡ଼ ପାର୍ବତୀ ଗିରି ମହିଳା କଲେଜ ଆଗରେ ରଙ୍ଗୋଲୀ ପ୍ରତିଯୋଗିତା।

ବରଗଡ଼,୧୧(ପ୍ରେମାନନ୍ଦ ଖମାରୀ)

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ଆଉମାତ୍ର ୨ଦିନ ବାକି। ଆସନ୍ତା ୩ତାରିଖ ଶୁକ୍ରବାର ଦିନରୁ ଏହି ମହୋତ୍ସବ ଆରମ୍ଭ ହୋଇ ୧୩ତାରିଖ ପର୍ଯ୍ୟନ୍ତ ଚାଲିବ। ଶୁକ୍ରବାର ଦିନ ୨ଟାରେ ଧନୁଯାତ୍ରାକୁ ସ୍ୱାଗତ କରିବା ପାଇଁ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହେବ। ସେହିପରି ସେହିଦିନ ସନ୍ଧ୍ୟା ୭ଟାରେ ହାଟପଦା ରାଜ ଦରବାରରେ ଧନୁଯାତ୍ରା ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ରହିଛି। ଦୀର୍ଘ ୧୧ଦିନର ଏହି ଅବଧିରେ ବରଗଡ଼ ସହର ମଥୁରାନଗରୀ ଏବଂ ଅମ୍ବାପାଲି ଗୋପପୁର ପାଲଟିବ। ବରଗଡ଼ ସହର ଏବଂ ଅମ୍ବାପାଲି ମଧ୍ୟରେ ପ୍ରବାହିତ ଜୀରାନଦୀ ହେବ ଯମୁନା। ଫଳରେ ଏହି ମହୋତ୍ସବ ଯେତେ ପାଖେଇ ଆସୁଛି, ଉଭୟ ବରଗଡ଼ ସହର ଏବଂ ଅମ୍ବାପାଲି ସେଭଳି ଚଳଚଞ୍ଚଳ ହୋଇ ପଡୁଛି।

ଧନୁଯାତ୍ରା ମହୋତ୍ସବରେ ଉତ୍କୃଷ୍ଟ ଅଭିନୟ ପାଇଁ କଳାକାରଙ୍କ ପୂର୍ବାଭ୍ୟାସ ସରି ଯାଇଛି। ସେହିପରି ଉଭୟ ବରଗଡ଼ ଏବଂ ଅମ୍ବାପାଲିରେ ମଞ୍ଚ ସାଜସଜ୍ଜା, ତୋରଣ, ଘର ଲିପାପୋଛା ଆଦି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବରଗଡ଼ ହାଟପଦା ଏବଂ ଲୋକ ମଣ୍ଡପ ପଡ଼ିଆରେ ସୁଉଚ୍ଚ କଂସ ଦରବାର ନିର୍ମାଣାଧିନ ରହିଛି। ଅନ୍ୟ ମଞ୍ଚଗୁଡ଼ିକର ନିର୍ମାଣ ମଧ୍ୟ ଜୋରସୋର୍‌ରେ ଚାଲିଛି। ସହରକୁ ରଙ୍ଗବେରଙ୍ଗର ଆଲୋକୀକରଣ ବ୍ୟବସ୍ଥା ଚାଲିଥିବାବେଳେ ବିଭିନ୍ନ ସ୍ଥାନରେ ତୋରଣ ନିର୍ମାଣ ଚାଲିଛି। ବୁଧବାର ବରଗଡ଼ ସହରର ପ୍ରବେଶ ଦ୍ୱାରରେ ଏକ ସୁନ୍ଦର, ଆକର୍ଷଣୀୟ ସ୍ୱାଗତ ତୋରଣ ଉଦ୍‌ଘାଟିତ ହୋଇଛି।

ଅମ୍ବାପାଲିରେ ମଧ୍ୟ ଅନୁରୂପ ପ୍ରସ୍ତୁତି ଚାଲିଛି। ପ୍ରତି ଘର ଲିପାପୋଛା ହୋଇଥିବାବେଳେ ଘରକାନ୍ଥରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଆଧାରିତ ଚିତ୍ର ଅଙ୍କନ ହୋଇଛି। ବୁଧବାର ଧନୁଯାତ୍ରା ପ୍ରଚାର ପ୍ରସାର କମିଟି ପକ୍ଷରୁ ବରଗଡ଼ ପାର୍ବତୀ ଗିରି ମହିଳା କଲେଜ ସମ୍ମୁଖରେ ରଙ୍ଗୋଲି ପ୍ରତିଯୋଗିତା ହୋଇଛି। ଏଥିରେ ଅନେକ ଶିଳ୍ପୀ ସାମିଲ ଥିବାବେଳେ ସୁନ୍ଦର ରଙ୍ଗୋଲୀ ଅଙ୍କନ କରିଥିଲେ। ସେହିପରି ଜର୍ଜ ହାଇସ୍କୁଲରେ ମୀନାବଜାର, ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଜାତୀୟ ହସ୍ତତନ୍ତ ମେଳା, ପୁରୁଣା ଜୀରାବ୍ରିଜ ନିକଟରେ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟନ ଅପେକ୍ଷାରେ ଥିବାବେଳେ ବିଭିନ୍ନ ଘରକରଣା, ଖେଳଣା ସାମଗ୍ରୀ ଧରି ରାଜ୍ୟ ବାହାର ଅନେକ ଦୋକାନୀ ବରଗଡ଼ ପହଞ୍ଚି ଫୁଟପାଥ୍‌ରେ ନିଜର ବ୍ୟବସାୟ ଆରମ୍ଭ କରି ଦେଇଛନ୍ତି। ଏଭଳି ଦୃଷ୍ଟିକୋଣରୁ ବରଗଡ଼ ସହର ରାସ୍ତାଘାଟରେ ଧନୁଯାତ୍ରା ନ ଆସୁଣୁ ଧିରେଧିରେ ପୂର୍ବାପେକ୍ଷା ଜନଗହଳି ମଧ୍ୟ ବଢ଼ିବାରେ ଲାଗିଛି।

## ସାଇକେଲରେ ସମ୍ବଲପୁରରୁ ଦ୍ୱାରିକା ଯାତ୍ରା

ପାଇକମାଲ, ୧୧(ବଡ ଶତପଥି)– ସମ୍ବଲପୁରର ମନୋଜ କୁମାର ମେହେର ସାଇକେଲରେ ଗୁଜରାଟର ଦ୍ୱାରିକାକୁ ବାହାରିଛନ୍ତି। ସେ ବୁଧବାର ସକାଳେ ପାଇକମାଲରେ ପହଞ୍ଚିଥିଲେ। ପାଇକମାଲରେ ରାଜେଶ ଅଗ୍ରୱାଲ ଓ ଜାମିନୀକାନ୍ତ ପ୍ରଧାନ ପୁଷ୍ପଦେଇ ତାଙ୍କୁ ସ୍ୱାଗତ କରିଥିଲେ। ସେ ସାଇକେଲରେ ୨୫ ଦିନରେ ଦ୍ୱାରିକାରେ ପହଞ୍ଚିବାର ଲକ୍ଷ୍ୟ ରଖିଛନ୍ତି। ତାଙ୍କ ଯାତ୍ରା ଶୁଭ ହେଉ ବୋଲି ପ୍ରଧାନ କହିଛନ୍ତି ।



ମନୋଜ କୁମାର ମେହେର ସାଇକେଲରେ ଯାଉଛନ୍ତି।

## ବାଇକ୍-ସ୍କୁଟି ଧକ୍କା: ଜଣେ ମୃତ

ଖଡ଼ିଆଲ,୧୧ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ବୁଧବାର ସନ୍ଧ୍ୟାରେ ଏକ ବାଇକ୍ ସହ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ସ୍କୁଟିରେ ଥିବା ହର୍ଷେଶ ଗୋୟଲ (୧୩)ଙ୍କ ମୃତ୍ୟୁ ଘଟିଛି। ସୂଚନାକ୍ରମେ ଖଡ଼ିଆଳ ସହରର ଦୀପକ ଗୋୟଲଙ୍କ ଦୁଇପୁଅ ହର୍ଷେଶ ଓ ଲକ୍ଷ (୧୫) ସ୍କୁଟିରେ ଯାଉଥିବାବେଳେ ଏକ ବାଇକ୍ ସହ ଧକ୍କା ହୋଇଥିଲା। ଏଥିରେ ହର୍ଷେଶଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ ଲକ୍ଷ ଗୁରୁତର ହୋଇଥିବାରୁ ତାଙ୍କୁ ଖଡିଆଳ ମିଶନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ଦୁର୍ଘଟଣା ପରେ ବାଇକ୍ ଚାଳକ ଫେରାର ହୋଇଯାଇଛନ୍ତି। ହର୍ଷେଶଙ୍କ ଅଜା ରାଜ ଗୋୟଲ ଏ ନେଇ ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ଦିଲୀପ କୁମାର ସାହୁ ସୂଚନା ଦେଇଛନ୍ତି।

## ନିଆରା ପରମ୍ପରା, ବୟସ୍କଙ୍କୁ ପାଦୁକା ପୂଜା

ସରଣ୍ଡା,୧୧(ଯୁଧିଷ୍ଠିର ମହାପାତ୍ର )

ବରଗଡ଼ ଜିଲା ଅତାବିରା ଏନ୍ଏସି ଅଧୀନ ଲାଦେରପାଲି ଗ୍ରାମରେ ନୂତନ ବର୍ଷକୁ ନିଆଁରା ଢଙ୍ଗରେ ପାଳନ କରାଯାଇଛି। ହନୁମାନ ମନ୍ଦିର ପରିସରରେ ଗ୍ରାମର ଇଷ୍ଟଦେବତା ବୀର୍ ହନୁମାନଙ୍କୁ ପୂଜାର୍ଚ୍ଚନା କରିବା ପରେ ଜଣେ ପରେ ଜଣେ ସମସ୍ତ ବୃଦ୍ଧାବୃଦ୍ଧଙ୍କୁ ଫୁଲ ଚନ୍ଦନ ଲଗାଇ ଘଣ୍ଟି, ଶଙ୍ଖ ହରିବୋଲ ହୁଳହୁଳି ସହ ତାଙ୍କର ପାଦୁକା ପୂଜା କରିଥିଲେ। ଭଜନ ପ୍ରବଚନ, ରାମାୟଣ ଆଦି ଗାନ କରାଯାଇଥିଲା। ମଧ୍ୟାହ୍ନରେ ସମସ୍ତଙ୍କ ପାଇଁ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ କୁନି କୁନିପିଲାଙ୍କ ନୃତ୍ୟ, ସଂଗୀତ, କୀର୍ତ୍ତନ, ସଂଚାର କଳା, କବି ସମ୍ମିଳନୀ ଆଦି ବହୁ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ପ୍ରବଚକ ଶ୍ରୀ ଅଁଏଁଠୁ ସାହୁ (ମହଦା, ବୀରମହାରାଜପୁର, ସୁବର୍ଣ୍ଣପୁର)ଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପରାୟଣ, ସନ୍ଧ୍ୟା ୪ଟାରେ କୀର୍ତ୍ତନଧାରା କାର୍ଯ୍ୟକ୍ରମରେ ଗାୟକ ବୁଲୁ ସତପଥି, ବିଶ୍ୱାମିତ୍ର ପାଣ୍ଡେ, ରଘୁନାଥ ବଘାର, ଚନ୍ଦନ ମହାର, ପ୍ରହଲ୍ଲାଦ ଭୋଇ, ବଳିଷ୍ଠ ଷଣ୍ଢ ଓ ସାଥି ଯୋଗଦେଇଥିଲେ।



ପାଦୁକା ପୂଜା କରାଯାଉଛି।

## କଂସବଧ ସହ ଧନୁଯାତ୍ରା ଉଦ୍‌ଯାପିତ



ଆଞ୍ଚଳିକ ଧନୁଯାତ୍ରା ସମାରୋହରେ ଅଂଶଗ୍ରହଣ କରିଥିବା କଳାକାର।

ଗାଇସିଲେଟ, ୧୧(ଦୁର୍ଗାପ୍ରସାଦ ତ୍ରିବେଦୀ)

ବରଗଡ ଜିଲା ଗାଇସିଲେଟ ବ୍ଲକ ସାଉତଖଣ୍ଡି ଓ ବଲାଙ୍ଗୀର ଜିଲା ଡୁଡୁକା ବ୍ଲକର ନଅଁଗା(କ) ଗ୍ରାମର ସହଯୋଗରେ ୧୦ ବର୍ଷ ହେଲା ଆଞ୍ଚଳିକ ଧନୁଯାତ୍ରା ସମାରୋହରେ ପାଳିତ ହୋଇଆସୁଛି। ଚଳିତବର୍ଷ ୨୨ତାରିଖରେ ଧନୁଯାତ୍ରା ଆରମ୍ଭ ହୋଇ ବୁଧବାର କଂସବଧ ସହ ଧନୁଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଏହି ଯାତ୍ରାରେ ନଅଁଗା ମଥୁରାଗଡ଼ ହୋଇ ମହାରାଜ କଂସଙ୍କ ଦରବାର ଚାଲୁଥିଲା। ସାଉତଖଣ୍ଡି ଗୋପପୁର ହୋଇ ଭଗବାନ ଶ୍ରୀକୃଷ୍ଣ ଓ ବଳରାମ ବିଭିନ୍ନ ବାଲ୍ୟଲୀଳା କରୁଥିଲେ। ଗତ ୨୨ତାରିଖରେ ବସୁଦେବ ଯମୁନା (ଅଙ୍ଗ) ନଦୀ ପାରହୋଇ ଗୋପପୁର (ସାଉତଖଣ୍ଡି)କୁ ଶ୍ରୀକୃଷ୍ଣଙ୍କୁ ଆଣିଥିଲେ। ଏଠାରେ ଗୋପ ବାଳକମାନଙ୍କ ସହ ଖେଳି ଦଧି ଲବଣି ଚୋରିକରି ଖାଇଥିଲେ। ବକା, ସକଟା, ମନ୍ଥରା, କାଳିଆନାଗ ପ୍ରଭୃତି ନିଧନ କରିଥିଲେ। ପରେ ଅଙ୍ଗ ନଦୀରେ ବସ୍ତ୍ର ହରଣ ଓ ନାବକେଳି ଦୃଶ୍ୟ ବେଶ୍ ଉପଭୋଗ୍ୟ ହୋଇଥିଲା। ମହାରାଜ କଂସଙ୍କ ଚିଠାଉ ଆଣି ଅକ୍ରୁର ଗୋପପୁର ଆସି ନନ୍ଦ ରାଜାଙ୍କୁ ଦେଇଥିଲେ। ଶ୍ରୀକୃଷ୍ଣ ବଳରାମଙ୍କୁ ନେଇ ଅକ୍ରୁର ମଥୁରା ପ୍ରତ୍ୟାବର୍ତ୍ତନ କରିଥିଲେ। ମଥୁରାରେ ଶ୍ରୀକୃଷ୍ଣ ବଳରାମ ପହଞ୍ଚିବା ଓ କଂସବଧ ହେବା ଅଭିନୟ ବେଶ୍ ମନଛୁଆ ଥିଲା। ଏହିବର୍ଷ ସାଉତଖଣ୍ଡି ଗ୍ରାମର ନନ୍ଦରାଜା ଭୂମିକାରେ ପବିତ୍ର ସାହୁ ଓ ରାଣୀ ଅମୃତ ସାହୁ କୃଷ୍ଣ ଓ ବଳରାମ ଓ ରାଧା ଭୂମିକାରେ ଯଥାକ୍ରମେ ଲିପି ସେଠ, ଖୁସି ସାହୁ, ଲିଜା ସେଠ ଅଭିନୟ କରିଥିଲେ। ସେହିପରି ବଲାଙ୍ଗିର ଜିଲା ଖଲିଆପାଲିର କରୁଣାକର ଭୂଏ ଓରଫ ଲିଟିଅକ୍ରୁର ଭୂମିକାରେ ଅଭିନୟ କରିଥିଲେ। ଏହା ପରେ ଗୋପପୁରରେ ଉତ୍ସବ ସମାପନ ହୋଇଥିଲା। ଚଳିତବର୍ଷ ସାଉତଖଣ୍ଡିର ଯାତ୍ରା କମିଟିରେ ସୁରେନ୍ଦ୍ର ସାହୁ ସଭାପତି ଓ ଚଇତୁ ସାହୁ ସମ୍ପାଦକ ଦାୟିତ୍ୱ ନିର୍ବାହ କରିଥିଲେ।

## ବାସହୀନଙ୍କ ଆଶୀର୍ବାଦ ନେଲେ କଂସ ଅଭିନେତା

ବରଗଡ଼,୧୧(ପ୍ରେମାନନ୍ଦ ଖମାରୀ)

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ସର୍ଲା ଗ୍ରାମର ଭୁବନେଶ୍ୱର ପ୍ରଧାନ ଏଥର କଂସ ଅଭିନୟ କରିବେ। ତେବେ ଧନୁଯାତ୍ରାକୁ ଆଉମାତ୍ର ୨ଦିନ ବାକି ରହି ଥିବାବେଳେ ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟାରେ କଂସ ଅଭିନେତା ଭୁବନେଶ୍ୱର ସସ୍ତ୍ରୀକ ବରଗଡ଼ ଘରୋଇ ବସଷ୍ଟାଣ୍ଡ ନିକଟ ସହରାଞ୍ଚଳ ବାସହୀନଙ୍କ ଆଶ୍ରୟସ୍ଥଳୀରେ ପହଞ୍ଚିଥିଲେ। ଆଶ୍ରୟସ୍ଥଳୀରେ ରହୁଥିବା ସମସ୍ତ ଅନ୍ତେବାସୀ ତାଙ୍କୁ ପୁଷ୍ପ ମାଲ୍ୟାର୍ପଣ ସହିତ ହରିବୋଲ, ହୁଳହୁଳି ଦେଇ ସ୍ୱାଗତ କରିଥିଲେ। ଏହା ସହିତ ଆସନ୍ତା ଧନୁଯାତ୍ରା ମହୋତ୍ସବରେ ଉତ୍ତମ ଅଭିନୟ ପାଇଁ ଅନ୍ତେବାସୀମାନେ କଂସ ଅଭିନେତା ଭୁବନେଶ୍ୱରଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। କଂସ ଅଭିନେତା ଭୁବନେଶ୍ୱର ଆଶ୍ରୟସ୍ଥଳୀରେ ରହୁଥିବା ସମସ୍ତ ଅନ୍ତେବାସୀଙ୍କୁ ଶୀତବସ୍ତ୍ର ଏବଂ ଉପାୟନ ପ୍ରଦାନ କରିଥିଲେ। ସେହିପରି ଅନ୍ତେବାସୀଙ୍କ ସହିତ ଭୁବନେଶ୍ୱରଙ୍କ ଭାବ ବିନିମୟ ହୋଇଥିଲା। ଅନ୍ତେବାସୀମାନେ ଆଶ୍ରୟସ୍ଥଳୀରେ ସମ୍ମୁଖୀନ ହେଉଥିବା ସମସ୍ୟା ବଖାଣିଥିଲେ। ସମସ୍ତ ସମସ୍ୟାର ସମାଧାନ ନେଇ ସେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କଂସ ଅଭିନେତା ଭୁବନେଶ୍ୱର କହିଥିଲେ।



ବାସହୀନଙ୍କୁ ଶୀତବସ୍ତ୍ର ପ୍ରଦାନ ସହିତ କଂସ ଅଭିନେତା ଆଶୀର୍ବାଦ ନେଉଛନ୍ତି।

## ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ

ଝାରବନ୍ଧ,୧୧(ଦେବେନ୍ଦ୍ର ସାହୁ)

ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ପଗାରପାଣି ଜୟ ଶ୍ରୀରାଧାମାଧବ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନବ ନିର୍ମିତ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପ୍ରତିଷ୍ଠା କମିଟି ଆବାହକ ତଥା



ଗାଁର ଗୌନ୍ତିଆ ଚକ୍ରଧର ସଗରଙ୍କ ସଭାପତିତ୍ୱରେ ମନ୍ଦିର ପ୍ରତିଷ୍ଠା ପାଇଁ ଏକ କମିଟି ଗଠନ କରାଯାଇଛି। ସର୍ବସମ୍ମତି କ୍ରମେ କିଶୋର ସଗର ସଭାପତି, ପଦୁଲାଲ ଭିଲ ସମ୍ପାଦକ, ବିଶ୍ୱ ଚିକଟ କୋଷାଧକ୍ଷ ଭାବେ ମନୋନୀତ କରାଯାଇଥିଲା। ସୁବାସ ପାଣ୍ଡେ, ଅର୍ଜୁନ ନର୍ମଦା, ବଳରାମ ଚିକଟ, କ୍ଷୀରସାଗର ବାରିକ, ଅରୁଣ ପଟେଲ, ବୈକୁଣ୍ଠ ନାଏକ, ପାଇକ କଲାରୀ, ଭଗବାନ ବେହେରା, ପରିଚାଳନା କମିଟିର ସଦସ୍ୟ ଅଛନ୍ତି। ଆସନ୍ତା ମାର୍ଚ୍ଚ ୯ରୁ ୧୩ତାରିଖ ପର୍ଯ୍ୟନ୍ତ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଷୋହଳ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହେବ ।

## ରକ୍ତଦାନ ଶିବିର: ୧୩୦ୟୁନିଟ ସଂଗୃହୀତ

ପଦ୍ମପୁର, ୧୧ (ପ୍ରଦୀପ୍ତ ଦାଶ)

ନୂତନ ବର୍ଷ ପ୍ରଥମ ଦିନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସାଧୁ ଗିରିଜା ଶଙ୍କର ଦାସଙ୍କ ପ୍ରତିଷ୍ଠିତ ମହିମା ଆଶ୍ରମ ପଲସାନୀ, ବୁକୁରାମୁଣ୍ଡା, ମହୁଲପାଲିରେ ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଶିବିର ସଂକଳ୍ପ ପରିବାର ବରଗଡ ଓ ମହିମା ଆଶ୍ରମ, ପଲସାନୀର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ନିଃସ୍ୱାର୍ଥ ସେବା ଓ ସହଯୋଗରୁ ନୂତନବର୍ଷ ୨୦୨୫କୁ ସ୍ୱାଗତ କରିବା, ଡାକ୍ତରଖାନାରେ ରକ୍ତ ପାଇଁ ବିକଳ ହେଉଥିବା ରୋଗୀଙ୍କୁ ରକ୍ତ ଦେଇ ମରଣମୁହଁରୁ ବଞ୍ଚାଇବାରେ ସାହାଯ୍ୟ କରିବା ସଂକଳ୍ପ ନେଇ ହୋଇଥିବା ଏହି ରକ୍ତଦାନ ଶିବିରକୁ ସାଧୁ ଗିରିଜା ଶଙ୍କର ଦାସ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅତିଥି ଭାବରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଯୋଗଦାନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ମୋଟ ୧୩୦ ୟୁନିଟ ରକ୍ତ ସଂଗୃହୀତ ହୋଇ ଭୀମସାର ବୁର୍ଲାର ରକ୍ତ ଭଣ୍ଡାରକୁ ପ୍ରଦାନ କରାଯାଇଥିଲା। ସଂକଳ୍ପ ପରିବାର ସଭାପତି ବିକାଶ ଅଗ୍ରୱାଲ, ସମ୍ପାଦକ ଜି.ରମେଶ, ଗତିକୃଷ୍ଣ ଭୋଇ, ନିରାକାର ପଧାନ ପ୍ରମୁଖଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିବା ବେଳେ ସଂକଳ୍ପ ପରିବାରର ସଦସ୍ୟଗଣ ଶିବିର ପରିଚାଳନାରେ ସାହାଯ୍ୟ କରିଥିଲେ। ନବବର୍ଷର ପ୍ରଥମ ଦିନରେ ୧୩୦ ୟୁନିଟ ରକ୍ତଦାନ କରିଥିବା ସମସ୍ତ ରକ୍ତଦାତାଙ୍କୁ ସଂକଳ୍ପ ପରିବାର ତରଫରୁ ବିକାଶ ଅଗ୍ରୱାଲ ଧନ୍ୟବାଦ ଜଣାଇଥିଲେ।



ମହିମା ଆଶ୍ରମରେ ରକ୍ତଦାନ ଶିବିର।

## ଗନ୍ଧମାର୍ଦ୍ଦନ ଖଣିଖନନ କରିବାକୁ ଦିଆଯିବ ନାହିଁ

**ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ବାର୍ଷିକ ସମାବେଶ**

**ଏମ୍‌ପି ପ୍ରଦୀପ ପୁରୋହିତଙ୍କୁ ଗନ୍ଧମାର୍ଦ୍ଦନର ସୁପୁତ୍ର ଭାବେ ଉପାଧି ପ୍ରଦାନ**

ପାଇକମାଲ,୧୧(ବଡ ଶତପଥି)

ବରଗଡ ଜିଲା ନୃସିଂହନାଥ ସ୍ଥିତ ଗାନ୍ଧୀ ସ୍ମୃତି ପୀଠରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ୪୦ତମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଏଥିରେ ଗନ୍ଧମାର୍ଦ୍ଦନ ଖଣିଖନନ କରିବାକୁ ଦିଆଯିବ ନାହିଁ ବୋଲି ସମସ୍ତେ ସଂକଳ୍ପ ନେଇଥିଲେ। ସର୍ବପ୍ରଥମେ ପାଇକମାଲ, ଝାରବନ୍ଧ, ପଦ୍ମପୁର, ଖପ୍ରାଖୋଲ,ଗାଇସିଲେଟ ଓ ଛତିଶଗଡ଼ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଗନ୍ଧମାର୍ଦ୍ଦନ ଆନ୍ଦୋଳନକାରୀ, କର୍ମୀମାନେ ଭାଗବତ ତତ୍ତ୍ୱ ଆଶ୍ରମରେ ଏକତ୍ରିତ ହୋଇଥିଲେ। ପରେ ଘଣ୍ଟଶଙ୍ଖ ସଂକୀର୍ତ୍ତନ ଦଳ ବାଦ୍ୟରେ ଏକ ବିରାଟ ଶୋଭାଯାତ୍ରାରେ ନୃସିଂହନାଥ ମନ୍ଦିର ସ୍ଥିତ ଗାନ୍ଧୀ ସମାଧି ପୀଠରେ ପହଞ୍ଚି ଥିଲେ। ପ୍ରଭୁ ନୃସିଂହ ଠାକୁର ଓ ଗାନ୍ଧୀ ପ୍ରତିମୂର୍ତ୍ତିରେ ପୂର୍ବତନ ଆବାହକ ତଥା ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତଙ୍କ ଦ୍ୱାରା ପୂଜାର୍ଚ୍ଚନା ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ବରିଷ୍ଠ ନାରୀ ନେତ୍ରୀ ଜମ୍ବୋବତୀ ବିଜରା, ପ୍ରତିମା ବଗାର ଓ ଗନେଶି ତାଣ୍ଡିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାକୁ ପୂର୍ବତନ ଆବାହକ ଧିରେନ୍ ମହାନ୍ତି ପରିଚାଳନା କରିଥିଲେ। ଆବାହକ ଦୁର୍ଯୋଧନ ପୁଟା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ପ୍ରଥମ ଆବାହକ ନିରଞ୍ଜନ ବିଦ୍ରୋହୀ ଓ ପାଇକମାଲର ନନ୍ଦଲାଲ ତ୍ରିବେଦୀଙ୍କ ପରଲୋକ ହେତୁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବର୍ତ୍ତମାନ ଅଞ୍ଚଳରେ ଗନ୍ଧମାର୍ଦ୍ଦନ ପାହାଡ଼ର ସୁରକ୍ଷା ନେଇ ଚର୍ଚ୍ଚିତ ଥିବା ବେଳେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ବାର୍ଷିକ ସମାବେଶରେ ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ହଜାର ହଜାର ସଂଖ୍ୟାରେ ସାମିଲ ହୋଇ ସଂକଳ୍ପ ନେଇଛନ୍ତି। କୌଣସି ପ୍ରକାରେ ଶେଷ ରକ୍ତ ବିନ୍ଦୁ ଥିବା ପର୍ଯ୍ୟନ୍ତ ଗନ୍ଧମାର୍ଦ୍ଦନରେ ଖଣି ଖନନ କରାଯିବ ନାହିଁ ବୋଲି ଏମ୍‌ପି ପ୍ରଦୀପ ପୁରୋହିତଙ୍କ ସମେତ ଆନ୍ଦୋଳନ କର୍ମୀମାନେ ସଂକଳ୍ପ ନେଇ ଶପଥପାଠ କରିଥିଲେ। ଏହି ଅବସରରେ ଦିବଂଗତ ଆନ୍ଦୋଳନ କର୍ମୀମାନଙ୍କୁ ମରଣୋତ୍ତର 'ଗନ୍ଧମାର୍ଦ୍ଦନ ଗୌରବ ସମ୍ମାନ'ରେ ତାଙ୍କ ପରିବାର ବର୍ଗଙ୍କୁ ପ୍ରଦାନ କରାଯାଇଥିଲା। ଏଥିସହ ଏମ୍‌ପି ପ୍ରଦୀପ ପୁରୋହିତଙ୍କୁ 'ଗନ୍ଧମାର୍ଦ୍ଦନ ପାହାଡର ସୁପୁତ୍ର' ରୂପେ ଘୋଷଣା କରାଯାଇଥିଲା। ଏମ୍‌ପି ପୁରୋହିତ ମଧ୍ୟ ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ଅତୀତରେ ଆନ୍ଦୋଳନର ନେତୃତ୍ୱ ନେଇ ଥିବାବେଳେ ଆଜି ବି କୌଣସି କମ୍ପାନୀ ସରକାର ଗନ୍ଧମାର୍ଦ୍ଦନ ପାହାଡ଼ରେ ଖଣିଖନନ କରିବାକୁ ଆସେ ତେବେ ତୀବ୍ର ବିରୋଧ କରାଯିବ ବୋଲି କହିଥିଲେ। ଉକ୍ତ ସମାବେଶରେ ହଜାର ହଜାର ମହିଳା, ପୁରୁଷ ସଂଗ୍ରାମୀ ଏକତ୍ରିତ ହୋଇ ଥିଲେ।



ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ବାର୍ଷିକ ସମାବେଶରେ ସାମିଲ ମହିଳା, ପୁରୁଷ।

# ନୂଆବର୍ଷ ପାଇଁ ଉତ୍ସବମୁଖର ଇସ୍ପାତ ସହର







ହନୁମାନ ବାଟିକା, ତ୍ରିଶକ୍ତିଧାମ ଓ ଅନ୍ୟ ସ୍ଥାନରେ ଜନସମାଗମ।

ରାଉରକେଲା,୧୧(ସଙ୍ଗୀତା ଜେନା)

ରାଉରକେଲାବାସୀ ନୂତନ ବର୍ଷ ୨୦୨୫କୁ ସ୍ୱାଗତ କରିବା ସହ ଧୂମଧାମରେ ପାଳନ କରିଛନ୍ତି। ସକାଳେ ବିଭିନ୍ନ ମନ୍ଦିର ଓ ଧାର୍ମିକ ସ୍ଥଳୀରେ ବିପୁଳ ଜନସମାଗମ ପରିଲକ୍ଷିତ ହୋଇଥିଲା। ହନୁମାନ ବାଟିକା, ସେକ୍ଟର-୩ ଶ୍ରୀ ଶ୍ରୀ ଅହିରାବନ୍ଧ ଜଗନ୍ନାଥ ମନ୍ଦିର, ତ୍ରିଶକ୍ତି ଧାମ, ବେଦବ୍ୟାସ ମନ୍ଦିର , ଦୁର୍ଗାପୁର ପାହାଡ଼ିରେ ଥିବା ମା' ବୈଷ୍ଣୋଦେବୀ ମନ୍ଦିର, ଦକ୍ଷିଣ ରାଉରକେଲା ଧବଳେଶ୍ୱର ମନ୍ଦିର, ସେକ୍ଟର-୬ ତାରାତାରିଣୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ମନ୍ଦିର ଗୁଡ଼ିକରେ ଭଜନ ସନ୍ଧ୍ୟା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସାମୂହିକ ପ୍ରସାଦ ସେବନ ତଥା ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। କିଛି ସାମାଜିକ ଅନୁଷ୍ଠାନ ପକ୍ଷରୁ ସେବାକାର୍ଯ୍ୟ ମଧ୍ୟ କରାଯାଇଥିଲା। ଭିନ୍ନକ୍ଷମ ଅନୁଷ୍ଠାନ ଗୁଡ଼ିକରେ ନୂତନ ବର୍ଷ ପାଳନ କରି ଅନ୍ତେବାସୀଙ୍କ ସହ ସାମାଜିକ ଅନୁଷ୍ଠାନ କିଛି ସମୟ କାଟିଥିଲେ। ଅନୁରୂପ ଭାବେ ଚର୍ଚ୍ଚ ଗୁଡ଼ିକରେ ମଙ୍ଗଳବାର ରାତିରେ ସକାଳ ପର୍ଯ୍ୟନ୍ତ ପ୍ରାର୍ଥନା ସଭା ହୋଇଥିଲା।

## ବନ୍ଧମୁଣ୍ଡା ସହରରେ ପଶିଲା ହାତୀ

ବନ୍ଧମୁଣ୍ଡା/ରାଉରକେଲା,୧୧ (ସୁବ୍ରତ ଦେ/ସଙ୍ଗୀତା ଜେନା):

ବନ୍ଧମୁଣ୍ଡା ଅଞ୍ଚଳରେ ମଙ୍ଗଳବାର ରାତିରେ ହାତୀ ପସିବା ଯୋଗୁ ଲୋକେ ଭୟଭୀତ ଅବସ୍ଥାରେ ଥିଲେ। ହାତୀ ଆସିବା ଯୋଗୁ ଅଞ୍ଚଳରେ ବିଜୁଳି ସେବା ବନ୍ଦ କରାଯାଇଥିଲା। ସୂଚନା ଅନୁସାରେ, ମଙ୍ଗଳବାର ରାତି ପ୍ରାୟ ୯ଟା ବେଳେ ଗୋଟିଏ ଜଙ୍ଗଲି ହାତୀ ହଠାତ୍ ଡୁମେରତା ଜଙ୍ଗଲରୁ ବାହାରି ଡୁମେରତା ମାହାତୋ ବସ୍ତି ପୋଖରୀଠାରେ ପହଞ୍ଚିଥିଲା। ହାତୀ ଆସିବାର ସୂଚନା ପାଇବା ପରେ ସ୍ଥାନୀୟ ଗ୍ରାମବାସୀ ଘୋଡ଼େଇବା ପାଇଁ ଏକତ୍ରିତ ହେଇଥିଲେ। ଗ୍ରାମବାସୀଙ୍କୁ ଦେଖି ହାତୀ ବନୀୟା ଟୋଲି ହେଇ ବନ୍ଧମୁଣ୍ଡା ମଶାଣି ଦେଇ ପ୍ରେମ ନଗରକୁ ଆସି ପହଞ୍ଚିଥିଲା। ହାତୀକୁ ଦେଖି ବନ୍ଧମୁଣ୍ଡା ଅଞ୍ଚଳର ଲୋକମାନେ ମଧ୍ୟ ଘୋଡ଼େଇବା ଆରମ୍ଭ କରିଥିଲେ। ହାତୀ ଆସିବାର ସୂଚନା ପାଇ ବନ ବିଭାଗ ଟିମ୍ ମଧ୍ୟ ଆସି ପହଞ୍ଚିଥିଲେ। ଅପରପକ୍ଷେ ହାତୀ ଆସିବାର ସୂଚନା ପାଇବା ପରେ ହାୱଡ଼ା- ମୁମ୍ବାଇ ରୁଟରେ ବନ୍ଧମୁଣ୍ଡା ରେଳ ଖଣ୍ଡରେ ଟ୍ରେନ ଚଳାଚଳ ମଧ୍ୟ କିଛି ସମୟ ବନ୍ଦ ହେଇ ଯାଇଥିଲା। ମାତ୍ର ହାତୀଟି ଆରଏସ କଲୋନୀ ପଟେ ଯିବା ପରେ ଟ୍ରେନ ଚଳାଚଳ ସ୍ୱାଭାବିକ ହେଇଥିଲା।

## ଜେଏସ୍‌ପିର ନବବର୍ଷ ଭେଟ୍‌ଘାଟ୍: କ୍ୟାଲେଣ୍ଡର ଉନ୍ମୋଚିତ

ରାଉରକେଲା,୧୧(ସଙ୍ଗୀତା ଜେନା)

ଜଗଦା ସାଂସ୍କୃତିକ ପରିଷଦ(ଜେଏସ୍‌ପି) ପକ୍ଷରୁ ବୁଧବାର ସନ୍ଧ୍ୟାରେ ନବବର୍ଷ ୨୦୨୫ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳର ବିଶିଷ୍ଟ ଗଣମାନ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ତଥା ସମାଜସେବୀ ସଞ୍ଜୀବ ମହାନ୍ତିଙ୍କ ପୌରହିତ୍ୟରେ ସାଧାରଣ ସମ୍ପାଦକ ପ୍ରଭାତ ମହାନ୍ତି, ପଣ୍ଡିତ କାଶୀନାଥ ପଣ୍ଡା, ଲକ୍ଷ୍ମୀଧର ନାୟକ, ରୀତା ସାମଲ, ଧର୍ମାନନ୍ଦ ପୃଷ୍ଟି, ବାଣୀବ୍ରତ ଭୋଳ, କୀର୍ତ୍ତୀଲତା ନନ୍ଦ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ସୁମନ ଦତ୍ତ, ନୀଳମଣି ପ୍ରଧାନ, ବିମ୍ବାଧର ଶତପଥୀ, ମନୋଜ ସାମଲ, ସନ୍ତୋଷ

**ବୈଠକରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନେ**

ସାବତ, ସୁରେନ୍ଦ୍ର ଦାଶ, ପିତାମ୍ବର ଲେଙ୍କା, କିଶୋର ଚନ୍ଦ୍ର ତ୍ରିପାଠୀ ସମେତ ଶତାଧିକ ବ୍ୟକ୍ତି ଏଥିରେ ସାମିଲ ହୋଇଥିଲେ। ବାର୍ଷିକ ଖସଡ଼ା, ସମାଜ କଲ୍ୟାଣକାରୀ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟଶିବିର, ମା ବାଟ ମଙ୍ଗଳାଙ୍କ ବାର୍ଷିକ ଉତ୍ସବ, ନବରାତ୍ରୀ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ଅନୁଷ୍ଠାନର କ୍ୟାଲେଣ୍ଡର ସଦସ୍ୟମାନେ ଉନ୍ମୋଚିତ କରିଥିଲେ। ବରିଷ୍ଠ ନାଗରିକ ମାନଙ୍କ ସ୍ୱାସ୍ଥ୍ୟ ଓ ସେବା ପ୍ରଦାନ ପାଇଁ ଗୁରୁତ୍ୱ ତଥା ଅନ୍ୟ ପ୍ରସଙ୍ଗରେ ପ୍ରସ୍ତାବ ମାନ ଉପସ୍ଥାପନ କରାଯାଇଥିଲା।

## ଆର୍‌ଜିଏଚ୍‌ର ଭିତ୍ତିଭୂମି ସୁଦୃଢ଼ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ରାଉରକେଲା,୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସରକାରୀ ଚିକିତ୍ସାଳୟ (ଆର୍‌ଜିଏଚ୍)ର ଭିତ୍ତିଭୂମି ସୁଦୃଢ଼ୀକରଣ ପାଇଁ ଦାବି ଉଠିଛି। କେନ୍ଦ୍ର ଆଦିବାସୀ କଲ୍ୟାଣ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ରାଉରକେଲା ସରକାରୀ ଚିକିତ୍ସାଳୟର ଭିତ୍ତିଭୂମି ସୁଦୃଢ଼ୀକରଣ ପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ଏକ ଚିଠି ମାଧ୍ୟମରେ ପ୍ରସ୍ତାବ ପ୍ରେରଣ କରିଛନ୍ତି। ପ୍ରସ୍ତାବରେ ଓରାମ ରାଉରକେଲା ସରକାରୀ ଡାକ୍ତରଖାନା କ୍ୟାପିଟାଲ ହସ୍ପିଟାଲର ମାନ୍ୟତା ଦୀର୍ଘ ଦିନ ଧରି ଲାଭ କରିଥିଲେ ମଧ୍ୟ ସମସ୍ତ ଦାୟିତ୍ୱ ଏକଦା ଏହାର ନିର୍ଦ୍ଦେଶକଙ୍କ ଉପରେ ରହୁଛି। ଏହି ପଦବୀ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କଠାରୁ ମଧ ବଡ। ସୁନ୍ଦରଗଡ଼ ଜିଲା ମୁଖ୍ୟାଳୟରୁ ପାନପୋଷ ଓ ବଣେଇ ଉପଖଣ୍ଡ ଅନ୍ତର୍ଗତ ଚିକିତ୍ସାଳୟ ଦୂରତା ଖୁବ ଅଧିକ ରହିଥିବା କାରଣରୁ ୨୦୦୯ରେ ଆର୍‌ଜିଏଚ ରୋଗୀ କଲ୍ୟାଣ ସମିତିରେ ଏକ ପ୍ରସ୍ତାବ ପାରିତ ହୋଇଥିଲା ଯେ, ପାନପୋଷ ଓ ବଣେଇ ଉପଖଣ୍ଡକୁ ନେଇ ଏକ ନୂତନ ବୃହତ୍ତ ସ୍ୱାସ୍ଥ୍ୟ ଜିଲା ଗଠନ କରାଯିବା। ଯାହା ପ୍ରଶାସନିକ ଅବହେଳା ହେତୁ ନାଲିଫିତା ତଳେ ବନ୍ଦ ହୋଇ ରହିଯାଇଛି। ଏଣୁ ଆର୍‌ଜିଏଚ୍ ନିର୍ଦ୍ଦେଶକଙ୍କୁ ନୂତନ ସ୍ୱାସ୍ଥ୍ୟ ଜିଲା ମୁଖ୍ୟ ରୂପେ କାମ କରିବାକୁ ସୁଯୋଗ ଦେଲେ ସରକାରୀ ସ୍ୱାସ୍ଥ୍ୟସେବାରେ ଲୋକମାନେ ପ୍ରକୃଷ୍ଟ ସେବା ପାଇପାରନ୍ତେ। ସେ ଆହୁରୀ ମଧ୍ୟ ଲେଖିଛନ୍ତି, ଆର୍‌ଜିଏଚ୍‌ରେ ଜମି ଅଭାବ ହେତୁ ଆଧୁନିକ ସୁପର ସ୍ପେଶାଲିଷ୍ଟ ବିଭାଗ ଯଥା କାର୍ଡିଓଲୋଜୀ, ଲେଫ୍ରୋଲୋଜି ଆଦି ବିଭାଗଗୁଡିକ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ପବ୍ଲିକ ହେଲଥ ଷ୍ଟାଣ୍ଡାର୍ଡ ନିୟମ ଅନୁସାରେ ପ୍ରତି ଏକ ହଜାର ଲୋକଙ୍କର ପାଇଁ ୨ଟି ଶଯ୍ୟା ରହିବା କଥା। ସେ ହିସାବରେ ଦେଖିଲେ ନିକଟ ଭବିଷ୍ୟତରେ ଆରଜିଏଚ ପାଇଁ ୧୪ଶହ ଶଯ୍ୟାର ଆବଶ୍ୟକତା ରହୁଛି। ଏଣୁ ସୀମିତ ସ୍ଥାନ ଭିତରେ ଏହିସବୁ ନୂତନ ବିଭାଗ ସୃଷ୍ଟି କରିବା ସମ୍ଭବ ନୁହେଁ। ଏଣୁ କରି ପ୍ରାୟ ୫୦ ଏକର ସରକାରୀ ଯାଗା ବାଲୁଘାଟ ବିଦ୍ୟୁତ୍ କଲୋନୀ ପରିସରରେ ଉପଲବ୍ଧ ଅଛି। ସେହି ଅଞ୍ଚଳର ଅଧିକାଂଶ ଜାଗା ଜବରଦଖଲକାରୀଙ୍କ ଦଖଲରେ ରହିଛି। ଏହା ପାନପୋଷ /ବଣେଇ ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ। ଏଣୁ ଏହି ଅଞ୍ଚଳର କିଛିକାଂଶକୁ ଆର୍‌ଜିଏଚ୍‌ର ନୂତନ ବିଭାଗଗୁଡିକର ବ୍ୟବସ୍ଥା ନିମନ୍ତେ ସ୍ଥାନାନ୍ତରିତ ହେଲେ ଉଚିତ ହୁଅନ୍ତା ବୋଲି କେନ୍ଦ୍ରମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି।

## ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କୁ ବିଦାୟ ସମ୍ବର୍ଦ୍ଧନା



ବିଦାୟୀ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅଧିକାରୀ।

ରାଉରକେଲା,୧୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ବରିଷ୍ଠ ଅଧିକାରୀଗଣ ମଙ୍ଗଳବାର ଆର୍‌ଏସ୍‌ପି ମନ୍ଥନ ସମ୍ମିଳନୀ କେନ୍ଦ୍ର ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କୁ ଉଚ୍ଛ୍ୱସିତ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଏନେଇ ଆର୍‌ଏସ୍‌ପିର ଡିଆଇସି ଭାବେ ଅତିରିକ୍ତ ଦାୟିତ୍ୱ ଭାର ଗ୍ରହଣ କରିଥିବା ବୋକାରୋ ଇସ୍ପାତ କାରଖାନାର ଡିଆଇସି ବୀରେନ୍ଦ୍ର କୁମାର ତିୱାରୀ କାର୍ଯ୍ୟକ୍ରମରେ ଆଭାଷୀ ମାଧ୍ୟମରେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ.କେ. ବେହୁରିଆ, ଅପରେସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ.ପି ସିଂ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀଙ୍କ ସମେତ ବହୁ ମୁଖ୍ୟ ମହାପ୍ରବନ୍ଧକ, ବିଭାଗ ମୁଖ୍ୟ ଉପସ୍ଥିତ ରହିଥିଲେ। ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିଦାୟୀ ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କୁ ସେବା ପ୍ରମାଣପତ୍ର ହସ୍ତାନ୍ତର କରିଥିଲେ। ପରେ ବୋକାରୋରେ ଭୌମିକଙ୍କ ସହିତ ସଂକ୍ଷିପ୍ତ କାର୍ଯ୍ୟ ଜୀବନ ବିତାଇଥିବା ସ୍ମରଣୀୟ ମୁହୂର୍ତ୍ତର ଅନୁଭୂତି ଉପରେ ତିୱାରୀ ଉଲ୍ଲେଖ କରିଥିଲେ। ବୋକାରୋରେ କାର୍ଯ୍ୟ ପରିବର୍ତ୍ତନର ଶ୍ରେୟ ସେ ଭୌମିକଙ୍କୁ ପ୍ରଦାନ କରିଥିଲେ। ଏଥିସହ ସେ ସେଲ ସାମୁଦାୟିକଙ୍କ ତରଫରୁ ଅତନୁ ଭୌମିକଙ୍କୁ କମ୍ପାନୀ ପ୍ରତି ତାଙ୍କର ଅତୁଳନୀୟ ସେବା ତଥା ଅନେକ ଅବିସ୍ମରଣୀୟ ଛାପ ଛାଡିଯିବା ପାଇଁ ଗଭୀର କୃତଜ୍ଞତା ଜଣାଇଥିଲେ। ଏ ଅବସରରେ ଭୌମିକ କହିଥିଲେ, ପିଲାଦିନରୁ ସବୁବେଳେ ଆର୍‌ଏସ୍‌ପିରେ ଯୋଗଦେବା ପାଇଁ ସ୍ୱପ୍ନ ଦେଖି ଆସୁଥିଲି। କିନ୍ତୁ କଳ୍ପନା କରି ନ ଥିଲି ଯେ, ଏହି ସଙ୍ଗଠନର ଦିନେ ନେତୃତ୍ୱ ନେବି। ନିଜର ସଫଳତାର ଶ୍ରେୟ ନିଜର ସହକର୍ମୀ ଓ ଜୁନିୟରଙ୍କୁ ଉତ୍ସର୍ଗ କରି ସେ ଆହୁରୀ କହିଥିଲେ, ଏହି ଯାତ୍ରାରେ ଅନେକ ଆହ୍ୱାନ ଏବଂ ବାଧାବିଘ୍ନର ସାମ୍ନା କରିଛୁ। କିନ୍ତୁ ଆରଏସପି ସାମୂହିକଙ୍କର ନିଷ୍ଠାପରତା ଏବଂ ଦଳଗତ କାର୍ଯ୍ୟ ହେତୁ ଆମେ ସେଗୁଡିକୁ ସଫଳତାର ସହ ଅତିକ୍ରମ କରିଛୁ। ଉତ୍କର୍ଷତା ପାଇଁ ପ୍ରୟାସ ଜାରି ରଖିବାକୁ ସେ ଆର୍‌ଏସ୍‌ପି ସାମୂହିକଙ୍କୁ ଉତ୍ସାହିତ କରିଥିଲେ। ଆର୍‌ଏସ୍‌ପି ଲୋକ ସମ୍ପର୍କ ବିଭାଗର ଜିଏମ ତଥା ସଂଚାରମୁଖ୍ୟ ଅର୍ଚ୍ଚନା ଶତପଥି ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ଡେପୁଟି ମ୍ୟାନେଜର ସିମ୍ପି ପଟେଲ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ସୁନ୍ଦର ଜୀବନଶୈଳୀ ସୁସ୍ଥ ସମାଜ ଗଠନ ଦିଗରେ ସହାୟକ ହୋଇଥାଏ

ରାଉରକେଲା,୧୧(ସଙ୍ଗୀତା ଜେନା)




ରୋଟାରୀ କ୍ଲବ ଅଫ୍ ରାଉରକେଲା ଭାଇବ୍ରାଣ୍ଟ ଓ ଏସ୍‌ଓଏସ୍ ଭିଲେଜ ମିଳିତ ଆନୁକୂଲ୍ୟରେ ଏକ ସଚେତନତା ମୂଳକ କାର୍ଯ୍ୟକ୍ରମ ମଙ୍ଗଳବାର ବିଶ୍ରା ଜମସେରା ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଭାଇବ୍ରାଣ୍ଟର ସଭାପତି ରୋଟାରିଆନ୍ ପ୍ରଶାନ୍ତ ରନ ପାତ୍ରଙ୍କ ଅଧ୍ୟକ୍ଷତା ଏବଂ ସାଧାରଣ ସମ୍ପାଦକ ବସନ୍ତ ତନ୍ତୀଙ୍କ ଆବାହନାରେ ଅଧ୍ୟକ୍ଷ ରୋଟାରିଆନ୍ ବିଜୟଲକ୍ଷ୍ମୀ ତ୍ରିପାଠୀ ସଂଯୋଜନାରେ ଜବାଘାଟଗ୍ରାମବାସୀଙ୍କ ସୁନ୍ଦର ସ୍ୱାସ୍ଥ୍ୟ ଏବଂ ଜୀବନଯାପନ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ଡା. ପୂଜା ପତି ଯୋଗଦେଇ ସୁନ୍ଦର ସ୍ୱାସ୍ଥ୍ୟ ସୁନ୍ଦର ଜୀବନ ଶୈଳୀ ଏକ ସୁସ୍ଥ ସମାଜ ଗଠନ ଦିଗରେ ସହାୟକ ହୋଇଥାଏ ବୋଲି କହଥିଲେ। ଭିଟାମିନ୍ ଡି ପାଇଁ ଖରାରେ ନିର୍ଦ୍ଦିଷ୍ଟ ସମୟ ଅତିବାହିତ କରିବା, ସୁସ୍ଥତା ପାଇଁ ଦାନ୍ତ ସଫା କରିବା ସହ ଶରୀର ପ୍ରତି ଯତ୍ନବାନ ହେବାକୁ ପଡ଼ିବ ବୋଲି ଏଥିରେ ଆଲୋଚନା ହୋଇଥିଲା। ଏସ୍‌ଓଏସ ଭିଲେଜର ସହନିର୍ଦ୍ଦେଶକ ଜିଆର ନନ୍ଦ, ରାଜେନ୍ଦ୍ର ମହାନ୍ତି ପ୍ରମୁଖ ଏହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନର ସଭାପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ତନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ। ଅର୍ଚ୍ଚନା ଦେବତା, ଡ. କ୍ରିଷ୍ଣା ପାରମାଣିକ, ସବିତା ମହାନ୍ତି, କ୍ରିଷ୍ଣାପ୍ରିୟା ବଳ ତଥା ଗ୍ରାମବାସୀଙ୍କ ପକ୍ଷରୁ ସବିତା ସମାସୀ, ସୁକମିନୀ ସୋଲାଙ୍କି , ମୀନା ମୋଚି ଓ ଅନ୍ୟ ମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଆର୍‌ଏସ୍‌ପିର ବରିଷ୍ଠ ଅଧିକାରୀ ସେଲ୍ ସାବାସ ଯୋଜନାରେ ପୁରସ୍କୃତ

ରାଉରକେଲା,୧୧(ବିପ୍ଳବ ରଞ୍ଜନ ଦାଶ)



ସେଲ୍ ସାବାସ ଯୋଜନା ଅଧୀନରେ ପୁରସ୍କୃତ ଅଧିକାରୀ।

ଆର୍‌ଏସ୍‌ପିର ମନ୍ଥନ ସମ୍ମିଳନୀ ଗୃହଠାରେ ତତ୍କାଳୀନ ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଆର୍‌ଏସ୍‌ପିର ୫ଜଣ ବରିଷ୍ଠ ଅଧିକାରୀଙ୍କୁ ନିଜ ବିଭାଗରେ ପ୍ରଶଂସନୀୟ କାର୍ଯ୍ୟ ପାଇଁ ସେଲ୍ ସାବାସ ଯୋଜନା ଅଧିନରେ ପୁରସ୍କାର ପ୍ରଦାନ କରିଛନ୍ତି। ପୁରସ୍କାର ଆକାରରେ ୧୦ହଜାର ଟଙ୍କା ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗ ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅଭୟ କୁମାର ବେହୁରିଆ,ଅପରେସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ମୁନ୍ନା ପ୍ରସାଦ ସିଂ ଓ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ ଉପସ୍ଥିତ ରହିଥିଲେ। ପୁରସ୍କାରପ୍ରାପ୍ତ ଅଧିକାରୀମାନେ ହେଉଛନ୍ତି, ଏମ.ଏମ ଷ୍ଟୋରସ ବିଭାଗର ଜିଏମ ଇନଚାର୍ଜ ଏନ.ଆର. ରାୟ ଚୌଧୁରୀ, ଡିଜାଇନ ମେକାନିକାଲ ସପ ଏଣ୍ଡ ଫାଉଣ୍ଡ୍ରି ବିଭାଗର ଜିଏମ ଇନଚାର୍ଜ ଶେଖର ନାରାୟଣ, ପ୍ରୋଜେକ୍ଟ ବିଭାଗର ଜିଏମ୍ କେ.କେ ପାତ୍ର, ବିଏଫ ବିଭାଗର ଜିଏମ ଏସ.କେ ଦାଶ ଓ ବିଆଇଏମର ଡିଜିଏମ ଉତ୍କର୍ଷ ଗୌରବ। ଏନେଇ ଭୌମିକ ନିଜ ଅଭିଭାଷଣରେ ପୁରସ୍କାର ବିଜେତାମାନଙ୍କୁ ପ୍ରଶଂସା କରିବା ସହିତ ଏଭଳି ଉତ୍ସର୍ଗୀକୃତ ଉତ୍ତମ କାର୍ଯ୍ୟଧାରା ଆଗକୁ ଜାରି ରଖିବାକୁ ସେମାନଙ୍କୁ ଉତ୍ସାହିତ କରିଥିଲେ। ସେ ଅଖଣ୍ଡତା, ଦଳଗତ କାର୍ଯ୍ୟ ଓ ପରିବର୍ତ୍ତନ ଆଣିବା ପାଇଁ ଦକ୍ଷତା ଉପରେ ଗୁରୁତ୍ୱାରୋପ କରିଥିଲେ ଯାହା ସଙ୍ଗଠନକୁ ସ୍ଥାୟୀ ଗଢି ପାରିବ। କାର୍ଯ୍ୟକ୍ରମକୁ ଏଚଆର ଓଡି ବିଭାଗର ଜିଏମ୍ ସୋମଜିତ ବଡପଣ୍ଡା ସଂଯୋଜନା କରିଥିଲେ।

## ମନୋଜ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବନ୍ଧମୁଣ୍ଡା,୧୧(ସୁବ୍ରତ ଦେ)

ବନ୍ଧମୁଣ୍ଡା ତିଲକାନଗରଠାରେ ନ୍ୟୁ ଜେନେରେସନ୍ କ୍ଲବ ଦ୍ୱାରା ଆୟୋଜିତ ତୃତୀୟ ମନୋଜ ଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହେଇଯାଇଛି। ଏହି ଅବସରରେ ରାଉରକେଲା ବିଧାୟକ ଶରଦା ପ୍ରସାଦ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବା ବେଳେ ପ୍ରଶାନ୍ତ ସେଠୀ ଏବଂ ଦେବ କୁମାର ଦେ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ବିଜୁ ଏକାଦଶ ଏବଂ ମନଷ୍ଟାର ଏକାଦଶ ଟିମ୍ ମଧ୍ୟରେ ଖେଳାଯାଇଥିଲା। ଯେଉଁଥିରେ ବିଜୁ ଏକାଦଶର ଟିମ୍ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୮ ଉଇକେଟ ହରାଇ ୪୯ ରନ୍ ସଂଗ୍ରହ କରିଥିଲେ। ଯାହାର ଜବାବରେ ମନଷ୍ଟାର ଏକାଦଶ ଟିମ ୫ ଓଭରରେ ୩ଟି ଉଇକେଟ ହରାଇ ୫୦ ରନରେ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଜିତିଥିଲେ। ଟୁର୍ନାମେଣ୍ଟକୁ ସମ୍ବୋଧିତ କରି ମୁଖ୍ୟ ଅତିଥି ନାୟକ କହିଛନ୍ତି, ସାଧାରଣତ କାହାର ମୃତ୍ୟୁ ପରେ ଲୋକମାନେ ତାକୁ ଭୁଲି ଯାଆନ୍ତି। କିନ୍ତୁ ତିଲକନଗରର ଯୁବକମାନେ ସେମାନଙ୍କ ଜଣେ ବନ୍ଧୁ ସ୍ୱର୍ଗତ ମନୋଜ ଦାସଙ୍କ ସ୍ମୃତିରେ ନିୟମିତ ଭାବେ କ୍ରୀଡ଼ାର ଆୟୋଜନ କରୁଅଛି। ଯାହାକି ପ୍ରଶଂସା ଯୋଗ୍ୟ। ଏହି ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟ ଶେଷରେ ବିଜେତା ଏବଂ ଉପବିଜେତା ଦଳକୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରା ଯାଇଥିଲା। ଟୁର୍ନାମେଣ୍ଟର ସଫଳ ଆୟୋଜନରେ ଚନ୍ଦନ ଚୌବେ, ଅଖିଳେଶ ସିଂ, ଉତ୍ତମ ମହାନ୍ତି, କେ. ଦୁର୍ଯ୍ୟୋଧନ ରାଓ, କାହ୍ନୁ ସାହୁ, ବିକି ସାହୁ, ସନ୍ଦୀପ ବସ୍ତ୍ରକାର, ସଞ୍ଜୟ କୁମାର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ୪ ଦଫା ଦାବି ନେଇ ଏୟାରପୋର୍ଟ ଆକ୍ସନ କମିଟିର ଧାରଣା

ରାଉରକେଲା,୧୧(ସଙ୍ଗୀତା ଜେନା)




କର୍ମକର୍ତ୍ତାମାନେ ଧାରଣା ଦେଇଛନ୍ତି।

ରାଉରକେଲା ବିମାନବନ୍ଦର ଉନ୍ନତିକରଣ ସହ ୪ ଦଫା ଦାବି ନେଇ ଏଆରପୋର୍ଟ ଆକ୍ସନ କମିଟି ପକ୍ଷରୁ ବୁଧବାରଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଆରମ୍ଭ ହୋଇଛି। ସକାଳ ୯ଟାରୁ ଏହି ଧାରଣା ରାଉରକେଲା ଏୟାରପୋର୍ଟ ସମ୍ମୁଖରୁ ଆରମ୍ଭ କରାଯାଇଛି। ଏହାକୁ ୪ ସି ଲାଇସେନ୍ସପ୍ରାପ୍ତ ବିମାନବନ୍ଦର, ଆଇଏଲ୍‌ଏସ୍ ଏବଂ ଏନ୍‌ଏଲ୍‌ଏସ୍ ସ୍ଥାପନ, ଏୟାରପୋର୍ଟ ଅଥରିଟିକୁ ବିମାନବନ୍ଦରର ମାଲିକାନା ହସ୍ତାନ୍ତର, ବିମାନବନ୍ଦରକୁ ପୂର୍ଣ୍ଣକ୍ଷମ କରିବା ଆଦି ୪ ଦଫା ଦାବି ନେଇ ଏହି ଧାରଣା କରାଯାଉଛି। ଦାବି ଗୁଡ଼ିକ ପୂରଣ ନ ହେବା ପର୍ଯ୍ୟନ୍ତ ଦିନରାତି ଏହି ଧାରଣା ଜାରି ରହିବ ବୋଲି ଚେତାବନୀ ଦେଇଛନନ୍ତି। ପଶୁପତିନାଥ ଚାଟାର୍ଜୀ,ମୁକ୍ତିକାନ୍ତ ବିଶ୍ୱାଳ, ସୁପ୍ରତୀକ ମିଶ୍ର, ଦିଗାମ୍ବର ମହାନ୍ତି, ଗୋପାଳ ଜେନା ସମେତ ଅନ୍ୟମାନେ ଏଥିରେ ଅଂଶ ଗ୍ରହଣ କରିଛନ୍ତି। ସକାଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ପ୍ରଦର୍ଶନକାରୀଙ୍କୁ ଭେଟି ତାଙ୍କୁ ସମର୍ଥନ ଜଣାଇଥିଲେ। ଏହି ଅବସରରେ ରାୟ ଉକ୍ତ ପ୍ରସଙ୍ଗକୁ ନେଇ ପୂର୍ବ ଭାରତ ଏୟାରପୋର୍ଟ ଅଥରିଟି ନିର୍ଦ୍ଦେଶକ (୧୬୮ ଏୟାରପୋର୍ଟର ତତ୍ତ୍ୱାବଧାରକ)ଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ରାୟ କହିଥିଲେ, ଉକ୍ତ ଦଫା ଗୁଡ଼ିକ ପୂରଣ କରିବା ସହିତ ଏୟାରବସ ଅବତରଣ ପାଇଁ ବିମାନବନ୍ଦରକୁ ଉନ୍ନତ କରିବା ଏକ ପରିବର୍ତ୍ତନକାରୀ ଏବଂ ଯୁଗାନ୍ତକାରୀ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ପ୍ରଥମ ପର୍ଯ୍ୟାୟରେ ମୋବାଇଲରେ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ଗୁଡ଼ିକ ଚୂଡାନ୍ତ କରିବା ପାଇଁ ଏକ ସପ୍ତାହ ମଧ୍ୟରେ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଦଳ ସହିତ ବୈଠକ ସ୍ଥିର କରାଯାଇଛି ବୋଲି ରାୟ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷ(ଏଏଆଇ) ଓ ସେଲ୍ କର୍ତ୍ତୃପକ୍ଷ ମିଳିତ ଉଦ୍ୟମରେ ଏହି ବିମାନବନ୍ଦର କାର୍ଯ୍ୟକ୍ଷମ ରହିଛି। ମାତ୍ର ୨ ଟି ରୁଟ୍‌ରେ ଗୋଟିଏ ବିମାନ ବର୍ତ୍ତମାନ ପରିଚାଳନା ହେଉଥିବା ଯୋଗୁ ଏହା ବହୁ ସମସ୍ୟାରେ ଜର୍ଜରିତ ରହିଛି। ୨୦୨୩ ଜାନୁଆରୀ ୭ ତାରିଖରେ ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ ସମୟରେ ରାଜ୍ୟ ସରକାର ଏବଂ ଅନ୍ୟ ଅଂଶୀଦାରଙ୍କ ଚାପରେ ଆଲାଏନ୍ସ ଏୟାର ରାଉରକେଲା - ଭୁବନେଶ୍ୱର ରୁଟ୍‌ରେ କାର୍ଯ୍ୟ ଆରମ୍ଭ କରିଥିଲା। ଖରାପ ପାଗ ଯୋଗୁ ବାରମ୍ବାର ଓ ହଠାତ୍ ବିମାନ ଚଳାଚଳ ବାତିଲ ଏବଂ ବିଳମ୍ବ ହେଉଛି। ସେହିପରି ଏଆରସି ୨ ସି ଲାଇସେନ୍ସ ଥିବା ଉକ୍ତ ବିମାନବନ୍ଦରକୁ ସମ୍ପ୍ରତି ସ୍ୱତନ୍ତ୍ର ଭିଜୁଆଲ ଫ୍ଲାଇଟ୍ ରୁଲ୍ସ କାର୍ଯ୍ୟ ପାଇଁ ଉନ୍ନତ କରାଯାଉଛି। ଏହାଦ୍ୱାରା ୨ହଜାର ୮ଶହ ମିଟର ଦୃଶ୍ୟମାନରେ ଅବତରଣ କରିବାକୁ ସକ୍ଷମ ହୋଇଥାଏ। ଉଡ଼ାଣ ସୁନିଶ୍ଚିତ କରିବା ପାଇଁ ଆଇଏଲ୍‌ଏସ୍ ଏବଂ ରାତ୍ରୀ ଅବତରଣ ସୁବିଧା ଜରୁରୀ ଆବଶ୍ୟକତା ରହିଆସିଛି। ଏହାକୁ ଚଳନକ୍ଷମ କରିବା ପାଇଁ ଚଳିତ ବର୍ଷ ଅକ୍ଟୋବରରେ ସେଲ୍ ଏବଂ ଏଏଆଇ ମଧ୍ୟରେ ଚୁକ୍ତିନାମା ଶେଷ ହେବାକୁ ଯାଉଛି। ଉକ୍ତ ସମସ୍ୟା ଗୁଡ଼ିକ ନେଇ ବିଭିନ୍ନ ସମୟରେ ରାଉରକେଲାବାସୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଆସିଛନ୍ତି।

# ଲୋକ ମହୋତ୍ସବ ପାଇଁ ଚିତ୍ର କର୍ମଶାଳା

ସମ୍ବଲପୁର,୧।୧(ଭବାନୀ ଶଙ୍କର ଭୋଇ)


ଚିତ୍ରକଳା ପ୍ରଦର୍ଶନରେ ନିମଗ୍ନ ଶିଳ୍ପୀ।

ନବବର୍ଷର ପ୍ରଥମ ଦିନ ବୁଧବାର ଲୋକ ମହୋତ୍ସବ ପ୍ରଦର୍ଶନୀ ସମିତି ପକ୍ଷରୁ ସମଲେଇ ମନ୍ଦିର ପ୍ରାଙ୍ଗଣରେ ଚିତ୍ରାଙ୍କନ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଜଣାଶୁଣା ଶିଳ୍ପୀମାନେ ଅଂଶଗ୍ରହଣ କରି ନିଜ କୌଶଳ ଦର୍ଶାଇଥିଲେ। ଶିଳ୍ପୀମାନଙ୍କ ଜୀବନ୍ତ ଚିତ୍ରାଙ୍କନ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଲୋକ ମହୋତ୍ସବ ସଂଯୋଜକ ପ୍ରଫୁଲ୍ଲ ହୋତାଙ୍କ ତତ୍ତ୍ୱାବଧାନରେ ପ୍ରଦର୍ଶନୀ ଉପସମିତି ସଂଯୋଜକ ଶ୍ରୀମନ୍ତ ସାହୁ, ସହ ସଂଯୋଜକ କୁଳଦୀପ ବର୍ମା ଓ ରୋଟିସ ଦେ କାର୍ଯ୍ୟକ୍ରମର ସଫଳ ଆୟୋଜନ କରିଥିଲେ। ଉପସମିତି ସଦସ୍ୟ ଦିବ୍ୟ ଶଙ୍କର ସାହୁ ଏବଂ ଉପଦେଷ୍ଟା ଭୋଳା ଶଙ୍କର ମହୋତ୍ତମ ଓ ରହଣୀ ଉପସମିତି ଆବାହକ ମହେଶ ପଟେଲଙ୍କ ଉପସ୍ଥିତିରେ ଏହା ଉଜ୍ଜ୍ୱଳ ଆକର୍ଷଣର ସୂଚନା ଦେଇଥିଲା। ବିଶେଷ ଅତିଥି ଭାବେ ବରିଷ୍ଠ ଚିତ୍ରଶିଳ୍ପୀ ଭୋଳାନାଥ ନାୟକ ଓ ମା' ସମ୍ବଲେଶ୍ୱରୀ ଟ୍ରଷ୍ଟ ଅଧ୍ୟକ୍ଷ ସଞ୍ଜୟ ବାବୁ ଉପସ୍ଥିତ ଥିଲେ। ସମ୍ବଲପୁରର ସଂସ୍କୃତିକୁ ନୂଆ ଆକାର ଦେବାକୁ ଏହି କର୍ମଶାଳା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ଏହି ଅବସରରେ କୁଳଦୀପ ବର୍ମା, ଯୁଗଳ କିଶୋର ବାରିକ, ଅଶୀଷ କୁମାର ମେହେର, ଅମିତ ନାଥ, ମହମ୍ମଦ କାଶିମ, ଜିତେନ୍ଦ୍ରୀୟ ବେହେରା, ସୁବ୍ରତ ବେହେରା, ଦେବେନ୍ଦ୍ର ସାହୁ, ସଞ୍ଜୟ ସାହୁ, ସୁରେଶ ସାହୁ, ସୁରେଶ କୁମାର ସାହୁ, ଅନୁରେଖା ଜେନା, ପ୍ରେମଚନ୍ଦ୍ର ରାଉତ, ସୁରଜିତ ରାଉତ ପ୍ରମୁଖ ଶିଳ୍ପୀ ସାମିଲ ହୋଇଥିଲେ।

# ନୂଆବର୍ଷରେ ପିକ୍‌ନିକ ପାଇଁ ଅସମ୍ଭାଳ ଭିଡ଼

କୁଚିଣ୍ଡା,୧।୧(ବିରଞ୍ଚି ଦର୍ଶୀ)


ଗୁଦୁଗୁଦାରେ ପର୍ଯ୍ୟଟଙ୍କ ଭୋଜିଭାତ ଆସର ଜମିଛି।

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡରେ ନୂତନ ବର୍ଷକୁ ବଣଭୋଜି ମାଧ୍ୟମରେ ସ୍ୱାଗତ କରାଯାଇଛି। ପ୍ରସିଦ୍ଧ ଗୁଦୁଗୁଦା ଜଳପ୍ରପାତ, ଚକଦରହ, ଘୁଘର, ମହାବୀର ସମେତ ବିଭିନ୍ନ ନଦୀନାଳମାନଙ୍କରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବଣଭୋଜି ପାଇଁ ଲୋକଙ୍କ ଭିଡ ଜମିଥିଲା। ଡିଜେ ସାଉଣ୍ଡ ସହ ପିକନିକସ୍ଥଳ ସବୁ ଭୋଜିଭାତରେ ଆସର ଜମିଥିଲା। ନୂଆବର୍ଷ ଅବସରରେ ବିଭିନ୍ନ ମନ୍ଦିରମାନଙ୍କରେ ଲୋକଙ୍କ ଠାକୁର ଦର୍ଶନ ନିମନ୍ତେ ବେଶ ଗହଳି ଦେଖିବାକୁ ମିଳିଥିଲା। କୁଚିଣ୍ଡା ଉପଖଣ୍ଡର ନୂଆବର୍ଷରୁ ଅଘଟଣକୁ ଏଡାଇବା ନିମନ୍ତେ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା।

# ଗୀତାପାଠ, ସମୂହ ପ୍ରସାଦସେବନ

ପଡିଆବାହାଲ,୧।୧(ରାଧାମୋହନ ଷଡ଼ଙ୍ଗୀ)


ସାମୂହିକ ପ୍ରସାଦ ସେବନରେ ଗ୍ରାମବାସୀ।

କୁଶନପୁରୀ ଗାଁରେ ନବବର୍ଷ

ଇଂରାଜୀ ନବବର୍ଷକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ସମ୍ବଲପୁର ଜିଲା ଯୁଯୋମୁରା ବ୍ଲକ କୁକୁଡ଼ାପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁସନପୁରୀ ଗ୍ରାମବାସୀ। ଗାଁ ଜଗନ୍ନାଥ ମନ୍ଦିର ବେଢାରେ ଗାଁ ଲୋକେ ଏକତ୍ରିତ ହୋଇ ସକାଳୁ ଗୀତା ପାଠ କରିଥିଲେ। ଦିନ ସାରା ନବାକ୍ଷରୀ ଗୀତା ପାଠ ଅପରାହ୍ନରେ ପୂର୍ଣ୍ଣାହୂତି ସହ ସମ୍ପନ୍ନ ହୋଇଥିଲା। ପରେ ସମୂହ ପ୍ରସାଦ ସେବନ ହୋଇଥିଲା। ୨୦୧୨ ମସିହାରୁ ପ୍ରତି ନୂଆବର୍ଷରେ ଗ୍ରାମବାସୀ ଏହିପରି ପାଳନ କରି ଆସୁଥିବା ଉଦ୍ୟୋକ୍ତା ରାମଚନ୍ଦ୍ର ନାଏକ କହିଛନ୍ତି। ଅନ୍ୟ ଏକ ବିଶେଷତ୍ୱ ହେଲା ଏହି ଦିନ ଗ୍ରାମର କୌଣସି ପରିବାରରେ ତାମସିକ ଖାଦ୍ୟ ଭକ୍ଷଣ କରି ନ ଥାନ୍ତି। ଏହାହିଁ ଗାଁର ଏକତା ଓ ସଂହତି ପାଇଁ ବିଚାରଧାରାର ବଡ଼ ନିଦର୍ଶନ। ଗୀତା ପାଠରେ ସପତ୍ନୀକ କ୍ଷୀରୋଦ ନାଏକ କର୍ତ୍ତା ଦାୟତ୍ୱ ନିର୍ବାହ କରିଥିଲେ। ପରିଚଳନା କମିଟି ସଭାପତି ସନତ ବିଶ୍ୱାଳ, ସମ୍ପାଦକ ରାମଚନ୍ଦ୍ର ନାଏକ, କୋଷାଧ୍ୟକ୍ଷ ଶିବଶଙ୍କର ମାହାଣା, ରେଣୁବାଳା ନାଏକ, ଯଶୋବନ୍ତି ସାହୁ, ସୁନତି କର, ମଧୁର ଧର ଓ ବସୁଧା କର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ୪ ପ୍ରଗଣା ଚଷା ସମାଜର ବାର୍ଷିକ ସଭା


ବାର୍ଷିକ ସାଧାରଣ ସଭାରେ ଚଷା ସମାଜ କର୍ମକର୍ତ୍ତା।

ନାକଟିଦେଉଳ,୧।୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ତାଣ୍ଡବିରା ଛକ ନିକଟ ପାଇକମାଳ ମୌଜାରେ ଥିବା ୪ ପ୍ରଗଣା ଚଷା ସମାଜର ବାର୍ଷିକ ସାଧାରଣ ସଭା ବୁଧୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ କାର୍ଯ୍ୟାଳୟ ପରିସରରେ ଚଷା ସମାଜର ଆରାଧ୍ୟ ଦେବତା ରାମଚଣ୍ଡୀ ମନ୍ଦିର ଉଦ୍‌ଘାଟନ କରାଯାଇଥିଲା । ଶିମିଳିପାଳ, ଘୋଷରାମାଳ, ଡଇଁଚା ଏବଂ ଗୋଗୁଆ ପଞ୍ଚାୟତ ଅନ୍ତର୍ଗତ ୩୯ ଗ୍ରାମ ଚଷା ସମାଜର ଲୋକଙ୍କୁ ନେଇ ଗଠିତ ୪ ପ୍ରଗଣା ଚଷା ସମାଜର ଏହି କାର୍ଯ୍ୟକ୍ରମରେ ଘୋଷରାମାଳ ସରପଞ୍ଚ ପ୍ରେମଶୀଳା ପ୍ରଧାନ, ସମିତି ସଭ୍ୟ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ଶିମିଳିପାଳ ସରପଞ୍ଚ ସସ୍ମିତାରାଣୀ ପ୍ରଧାନ, ସମିତି ସଭ୍ୟ ଜିତେନ୍ଦ୍ରିୟ ପ୍ରଧାନ, ଡଇଁଚା ସରପଞ୍ଚ ସୌଦାମିନୀ ପ୍ରଧାନ, ସମିତି ସଭ୍ୟ ପ୍ରବୀଣ କୁମାର ପ୍ରଧାନ, ଗୋଗୁଆ ସରପଞ୍ଚ ଧନେଶର ପ୍ରଧାନ, ସମିତି ସଭ୍ୟ ଅମୂଲ୍ୟ ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଗଣା ଚଷା ସମାଜ ସଭାପତି ମୂଳିଆ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ସାଧାରଣ ସଭାରେ ସମ୍ପାଦକ ଜିତେନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ବିଶ୍ୱନାଥ ସାହୁ, ବରିଷ୍ଠ ସଭ୍ୟ ବାସୁଦେବ ସ୍ୱାଇଁ ଏବଂ ବିଶ୍ୱାମିତ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଚଷା ସମାଜର ପାରମ୍ପରିକ ରୀତିନୀତି, ନିୟମ କାନୁନ ଉପରେ ଆଲୋଚନା କରିଥିଲେ। ସମାଜର ଉନ୍ନତି, ଅଧିକରୁ ଅଧିକ ନୂତନ ସଭ୍ୟଙ୍କୁ ଯୋଡ଼ାଯିବା ସହ ସଙ୍ଗଠନକୁ ସୁଦୃଢ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ତାଣ୍ଡବିରା ଛକରେ ଉକ୍ତ ୪ ପଞ୍ଚାୟତ ବାସୀଙ୍କ ସୁବିଧା ଦୃଷ୍ଟିରୁ ଏକ ସ୍ୱାସ୍ଥ୍ୟକେନ୍ଦ୍ର ସହ ବିଦ୍ୟୁତ୍ ଗ୍ରୀଡ ସ୍ଥାପନ ଦିଗରେ ପଦକ୍ଷେପ ନେବାକୁ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଏହି ବୈଠକରେ ପ୍ରସ୍ତାବ ଗୃହୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶଙ୍କର୍ଷଣ ସାହୁ, ପଲଉ ମାଝୀ, ହୃଷୀକେଶ ସାହୁ, ଗଗନ ବିହାରୀ ଧଳ, ରମେଶ ସ୍ୱାଇଁ, ରଞ୍ଜନ ପ୍ରଧାନ ଏବଂ ସୁଦାମ ଚରଣ ପ୍ରଧାନଙ୍କ ସମେତ ଶତାଧିକ ସଦସ୍ୟ ଯୋଗଦେଇଥିଲେ।

## ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ ତାଲିମ ଶିବିର, ରନ୍ଧନ ପ୍ରତିଯୋଗିତା

ଦେବଗଡ଼,୧।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟରେ ବ୍ଲକର ପିଏମ୍ ପୋଷଣ ଅନ୍ତର୍ଭୁକ୍ତ ସମସ୍ତ ବିଦ୍ୟାଳୟ ପାଚିକା ଓ ସହାୟିକାମାନଙ୍କୁ ନେଇ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ ତାଲିମ ଶିବିର ଓ ରନ୍ଧନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୩ଦିନ ଧରି ଅନୁଷ୍ଠିତ ହୋଇଥିବା ଉକ୍ତ ତାଲିମ ଶିବିର ୨ଟି କେନ୍ଦ୍ରରେ ୫୦ଜଣ ଲେଖାଏଁ ମୋଟ ୩୧୭ଜଣଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ ଓ ପିଏମ୍ ପୋଷଣ ଡାଟା ଏଣ୍ଟ୍ରି ସହାୟକ ହରିହର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଆୟୋଜିତ ତାଲିମ ଶିବିରରେ ସାଧନକର୍ମୀ ଭାବେ ସିଆର୍‌ସିସି ପ୍ରାଣବନ୍ଧୁ ଘଡ଼େଇ, ଭେନସ କୁମାର ପ୍ରଧାନ, ଉଦୟନାଥ ପ୍ରଧାନ, କ୍ଷିତିଶ କୁମାର ପ୍ରଧାନ, ସହକାରୀ ଶିକ୍ଷକ ଫକୀର ମୋହନ ପ୍ରଧାନ, ମିହିର କୁମାର ଦେହୁରୀ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମ ବିଭିନ୍ନ ପର୍ଯ୍ୟାୟରେ ଦେବଗଡ଼ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିକରେନ୍ଦ୍ର ଛତ୍ରିଆ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମନ୍ତ, ଗୋଷ୍ଠୀ ବିଭାଗୀୟ ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନ, ପିଏମ୍ ପୋଷଣ ଜିଲା କୋର୍ଡିନେଟର ଅନୁସୟା କର ବିଭିନ୍ନ ପର୍ଯ୍ୟାୟରେ ତାଲିମ ଶିବିରରେ ଉପସ୍ଥିତ ରହି ପାଚିକା ଓ ସହାୟିକାମାନଙ୍କ ମନୋବଳ ବୃଦ୍ଧି କରିବାରେ ସହାୟକ ହୋଇଥିଲେ। ପ୍ରତିଦିନ ଦ୍ୱିତୀୟ ପର୍ଯ୍ୟାୟରେ ପାଚିକା ଓ ସହାୟିକାମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ପୌଷ୍ଟିକ ରନ୍ଧନ ଖାଦ୍ୟର ପ୍ରତିଯୋଗିତା ଆୟୋଜନ କରାଯାଉଥିଲା। ତାଲିମ ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ପାଚିକା ଓ ସହାୟିକାମାନଙ୍କୁ ଆପ୍ରନ, ଟୋପି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସିଆର୍‌ସିସି ଅଶୋକ କୁମାର ସାହୁ, ଆକାଉଣ୍ଟାଣ୍ଟ ରଞ୍ଜନ କୁମାର ନାୟକ, କାର୍ଯ୍ୟାଳୟ ଡାଟା ଏଣ୍ଟ୍ରି ସହାୟକ ବିଜେନ୍ଦ୍ର ବ୍ରିନେଡ଼ ସହିତ ସମସ୍ତ କାର୍ଯ୍ୟାଳୟ ସହାୟକ ସହଯୋଗ କରିଥିଲେ।

# ଜିଲା ରେଡକ୍ରସ ସୋସାଇଟିରେ ୧୩ ନୂତନ ସଭ୍ୟ

ସମ୍ବଲପୁର,୧।୧(ବି.ଶଙ୍କର)

ଜିଲା ରେଡକ୍ରସ ସୋସାଇଟିରେ ୧୩ ଜଣ ନୂତନ ସଭ୍ୟ ମଙ୍ଗଳବାର ଯୋଗଦାନ କରିଛନ୍ତି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଅତିରିକ୍ତ ଜିଲାପାଳ ସୁଚାରୁ କୁମାର ବଳ ସମସ୍ତ ନୂତନ ସଭ୍ୟାସଭ୍ୟମାନଙ୍କୁ ସ୍ୱୀକୃତି ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଜିଲା ରେଡକ୍ରସ ସୋସାଇଟି ସମ୍ପାଦକ ଜୟ ଜର୍ଜ, ପୃଷ୍ଠପୋଷକ ନିହାଲ ସିଂ, ଉପ ପୃଷ୍ଠପୋଷକ ମୋମିନା ଖାତୁନ, ଆଜୀବନ ସଭ୍ୟ ତ୍ରିବିକ୍ରମ ସାହୁ, ପ୍ରଦୀପ କୁମାର ଉପସ୍ଥିତ ଥିଲେ । ଜିଲା ରେଡକ୍ରସ ସୋସାଇଟି ଉପ ପୃଷ୍ଠପୋଷକ ଛତ୍ରପତି ଦୀପକ ପାଣ୍ଡେଙ୍କ ସହଯୋଗରେ ୧୨ ଜଣ ନୂତନ ଆଜୀବନ ସଦସ୍ୟ ଜିଲା ରେଡକ୍ରସ ସୋଇଇଟି ସଦସ୍ୟତା ଗ୍ରହଣ କରିଛନ୍ତି। ଏଥିସହ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲାର ଡାକ୍ତର ଅରବିନ୍ଦ ମହାକୁଡ଼ ରେଡକ୍ରସ ଉପ ପୃଷ୍ଠପୋଷକ ହୋଇଛନ୍ତି।

# ସଦ୍‌ଭାବ ନିରାମୟ କାର୍ଯ୍ୟକ୍ରମ


ସମ୍ବଲପୁରୀ ଡେରାରେ ଯୋଗ ପରିବାର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ସଦସ୍ୟ।

ସମ୍ବଲପୁର,୧।୧(ଭବାନୀ ଶଙ୍କର ଭୋଇ)

ଯୋଗ ପରିବାର ପକ୍ଷରୁ ଜେଲ ଛକ ନିକଟସ୍ଥ ଗୁରୁ ସତ୍ୟ ନାରାୟଣ ସମ୍ବଲପୁରୀ ଡେରାରେ ବୁଧବାର ସନ୍ଧ୍ୟାରେ ସଦଭାବ ନିରାମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁଧୀର ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନବବର୍ଷକୁ ସ୍ୱାଗତ କରାଯାଇଥିଲା। ଏହାପରେ ଗତ ବର୍ଷରେ ଯୋଗ ସାଧନା ଦ୍ୱାରା କ'ଣ ଲାଭ ହୋଇଛି ସେ ବିଷୟରେ ସମସ୍ତ ସଦସ୍ୟମାନଙ୍କ ମତ ଉପସ୍ଥାପନା କରାଯାଇଥିଲା। ଯୋଗ ମାଧ୍ୟମରେ ମନରେ ସଦଭାବନା ସୃଷ୍ଟି ହେବା ସହ ଶରୀର ନିରାମୟ ରହିଥାଏ ବୋଲି ଯୋଗ ଗୁରୁ ଟିକେଲାଲ ଭୋଇ କହିଥିଲେ। ଏହି ଅବସରରେ ଯୋଗ ପରିବାର ସଦସ୍ୟ ନିୟମିତ ଯୋଗ ସାଧନା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଯୋଗ ପରିବାରର ୨୫ରୁ ଉର୍ଦ୍ଧ୍ୱ ସଦସ୍ୟ ସାମିଲ ହୋଇଥିଲେ। ବିରଞ୍ଚି ନାରାୟଣ ନାୟକ, ହରିହର ମିଶ୍ର, ଶଶୀକାନ୍ତ ଜେନା, ରାକ୍ଷୀ ମିଶ୍ର, ମାନସ ହୋତା, ପ୍ରଜ୍ଞା ହୋତା, ବିକାଶ ତ୍ରିପାଠୀ, ପ୍ରଦୀପ୍ତ କିଶୋର ସୁଣାରୀ, ନରେନ୍ଦ୍ର କୁମାର ପଟେଲ ପ୍ରମୁଖ ସାମିଲ ହୋଇଥିଲେ।

# ଉଚ୍ଛେଦ ବେଆଇନ, ମୃତ ବ୍ୟବସାୟୀଙ୍କୁ କ୍ଷତିପୂରଣ ଦିଅ



ଖବରଦାତା ସମ୍ମିଳନୀରେ ଅଇଁଠାପାଲି ବ୍ୟବସାୟୀ ସଂଘ କର୍ମକର୍ତ୍ତା।

ସମ୍ବଲପୁର,୧।୧(ପ୍ରମୋଦ ବହିଦାର)

■ଖବରଦାତା ସମ୍ମିଳନୀରେ ବର୍ଷିଲେ, ପ୍ରଶାସନକୁ ଫେରାଦ ବ୍ୟବସାୟୀ ସଂଘ
■ସ୍ଥିତି ଅନୁଧ୍ୟାନ ପୂର୍ବକ ଉଚ୍ଛେଦ କରାଯାଇଛି: ଏସ୍‌ଏମ୍‌ସି ଆୟୁକ୍ତ

ସମ୍ବଲପୁର ସହର ମଧ୍ୟ ଦେଇଯାଇଥିବା ଜାତୀୟ ରାଜପଥ(୫୩)ର ପ୍ରଶସ୍ତିକରଣ କାମ ପାଇଁ ଅଇଁଠାପାଲି ଅଞ୍ଚଳରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଚାଲିଛି। ଗତ ଡିସେମ୍ବର ୨୭ରେ ତଳିଛକସ୍ଥ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଦ୍ୱିତଳ ବିଶିଷ୍ଟ ମାର୍କେଟ୍ କମ୍ପ୍ଲେକ୍ସକୁ ମହାନଗର ନିଗମ ଅନୁମତିକ୍ରମେ ଜାତୀୟ ରାଜପଥ ପ୍ରାଧିକାରଣ ପକ୍ଷରୁ ଭଙ୍ଗାଯାଇଛି। ଏହାକୁ ମାର୍କେଟ୍ କମ୍ପ୍ଲେକ୍ସ ମାଲିକ ପ୍ରଦୀପ ମୁଣ୍ଡା ବେଆଇନ କହିଛନ୍ତି। ସେ ତାଙ୍କ ପରିବାର ନାମରେ ଖାତା ନମ୍ବର ୧୩୯ ପ୍ଲଟ୍ ନମ୍ବର ୧୨, ୧୩ ଓ ୧୩/୩୩୦୫ରେ ଥିବା ଜମିରେ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରିଥିଲେ। ସ୍ଥାନୀୟ ସାମ୍ବାଦିକ ଭବନରେ ଅଇଁଠାପାଲି ବ୍ୟବସାୟୀ ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦୀପ କହିଛନ୍ତି, ମାର୍କେଟ୍ କମ୍ପ୍ଲେକ୍ସ ଭାଙ୍ଗିବାକୁ ନେଇ ମହାନଗର ନିଗମ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶ ବିରୋଧରେ ଡିସେମ୍ବର ୨୭ରେ ସେ ହାଇକୋର୍ଟରୁ ଏକ ସ୍ଥଗିତାଦେଶ ଆଣିଥିଲେ। ଏହାସତ୍ତ୍ୱେ କମ୍ପ୍ଲେକ୍ସକୁ ଭାଙ୍ଗି ଦିଆଗଲା। ଫଳରେ ଏଠାରେ ଦୋକାନ କରିଥିବା ଜଣେ ବ୍ୟବସାୟୀ ସଞ୍ଜୟ ସାହୁଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା ବୋଲି ପ୍ରଦୀପ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଜମି ମାଲିକ ଓ ଉକ୍ତ କମ୍ପ୍ଲେକ୍ସରେ ଦୋକାନ କରିଥିବା ବ୍ୟବସାୟୀମାନେ ମଙ୍ଗଳବାର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୁଚାରୁ କୁମାର ବଳଙ୍କୁ ଭେଟିଥିଲେ। କେଉଁ ପରିସ୍ଥିତିରେ ତାଙ୍କ ନାମରେ ଥିବା ମାର୍କେଟ୍ କମ୍ପ୍ଲେକ୍ସକୁ ଭଙ୍ଗାଗଲା ତାହାର ତଦନ୍ତ ପୂର୍ବକ କ୍ଷତିପୂରଣ ପ୍ରଦାନ, ବେଉସା ହରାଇବା ଚିନ୍ତାରେ ମୃତ ବ୍ୟବସାୟୀଙ୍କ ପରିବାରଙ୍କୁ ସହାୟତା ଓ ଥଇଥାନ ଦାବି କରିଛି ଅଇଁଠାପାଲି ବ୍ୟବସାୟୀ ସଂଘ। ଖବରଦାତା ସମ୍ମିଳନୀରେ ବେଣୁଧର ଦାଶ, ମହମ୍ମଦ ସନାଉଲ୍ଲା, ପ୍ରିୟବ୍ରତ ମହାପାତ୍ର, ହରପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ କହିଛନ୍ତି, ଉକ୍ତ ସ୍ଥାନରେ ନିର୍ମାଣ ହୋଇଥିବା ଅନେକ ଦୋକାନ ଜମିର ପ୍ରକୃତ ସୀମାଠାରୁ ଆଗକୁ ମାଡ଼ି ବସିଛନ୍ତି। ଆଉ କେତେକ ଜମି ମାଲିକ ଜାତୀୟ ରାଜପଥ ପକ୍ଷରୁ ଜମି ଅଧିଗ୍ରହଣ ଜନିତ କ୍ଷତିପୂରଣ ନେଇ ମଧ୍ୟ ଜମି ଖାଲି କରୁନାହାନ୍ତି। ତେଣୁ ଜମିର ସ୍ଥିତିକୁ ତହସିଲଦାର ଓ ଆର୍‌ଆଇଙ୍କ ଦ୍ୱାରା ଅନୁଧ୍ୟାନ ପୂର୍ବକ ଉଚ୍ଛେଦ କରାଯାଉଛି। ତେଣୁ ଏଠାରେ ଉଚ୍ଛେଦ ପ୍ରକ୍ରିୟା ଆଦୌ ବେଇଆଇ ନୁହେଁ ବୋଲି କହିଛନ୍ତି ମହାନଗର ନିଗମ ଆୟୁକ୍ତ ବେଦଭୂଷଣ।

# ନବବର୍ଷରେ ସମଲେଇ ପୀଠରେ ଭକ୍ତଙ୍କ ସମାଗମ

ସମ୍ବଲପୁର,୧।୧(ବି.ଶଙ୍କର)


ନୂତନ ବର୍ଷ ୨୦୨୫ ସକାଶେ ବୁଧବାର ସମଲେଶ୍ୱରୀଙ୍କ ପୀଠରେ ଭକ୍ତଙ୍କ ସମାଗମ।

ଦେବୀଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କଲେ ଭକ୍ତ

ନୂତନ ବର୍ଷ ୨୦୨୫ ଉପଲକ୍ଷେ ସମଲେଶ୍ୱରୀଙ୍କ ପୀଠରେ ଭକ୍ତ ସମାଗମ ହୋଇଛି। ସମ୍ବଲପୁର ସମେତ ରାଜ୍ୟ ଓ ରାଜ୍ୟର ଅଞ୍ଚଳରୁ ଭକ୍ତମାନେ ଦେବୀଙ୍କ ଦର୍ଶନ କରିଥିଲେ। ଏଥିସହ ନୂତନ ବର୍ଷ ସୁଖମୟ କାମନା କରି ଦେବୀଙ୍କ ଆଶୀର୍ବାଦ ଗ୍ରହଣ କରିଛନ୍ତି। ବୁଧବାର ପ୍ରାତଃ ୫ଟା ୩୦ରେ ସମଲେଇଙ୍କ ମଙ୍ଗଳ ଆଳତୀ ହୋଇଥିଲା। ଏହାପରେ ସକାଳ ୬ଟାରେ ଦେବୀଙ୍କ ଦର୍ଶନାର୍ଥେ ଭକ୍ତଙ୍କ ପାଇଁ ମନ୍ଦିର ଦ୍ୱାରକୁ ଉନ୍ମୁକ୍ତ କରାଯାଇଥିଲା। ସକାଳ ୬ଟାରୁ ମା'ଙ୍କ ଦର୍ଶନ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଚାଲିଥିଲା। ଅନ୍ନଭୋଗ ସକାଶେ ପୂର୍ବାହ୍ନ ୧୧ଟା ୪୫ରୁ ମଧ୍ୟାହ୍ନ ୧୨ଟା ୧୫ ପର୍ଯ୍ୟନ୍ତ ମା'ଙ୍କ ଦର୍ଶନ ବନ୍ଦ ହୋଇଥିଲା। ସେହିପରି ମଧ୍ୟାହ୍ନ ୧୨ଟା ୩୦ରୁ ସନ୍ଧ୍ୟା ୭ଟା ୪୫ ପର୍ଯ୍ୟନ୍ତ ଦର୍ଶନ ଜାରି ରହିଥିଲା। ରାତି ୮ଟାରୁ ୮ଟା ୧୫ ପର୍ଯ୍ୟନ୍ତ ମା'ଙ୍କ ସନ୍ଧ୍ୟା ଆଳତୀ ପାଇଁ ଦର୍ଶନ ବନ୍ଦ କରାଯାଇଥିଲା। ଏରାତି ୯ଟାରୁ ୯ଟା ୧୫ ମିନିଟ ପର୍ଯ୍ୟନ୍ତ ରାତ୍ରି ଭୋଗ ନୀତି ହୋଇଥିଲା। ଏହାପରେ ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ଭକ୍ତମାନେ ଦେବୀଙ୍କ ଦର୍ଶନ କରିଥିଲେ। ଭକ୍ତମାନଙ୍କ ସୁବିଧା ଦୃଷ୍ଟିରୁ ଧାଡ଼ି ଦର୍ଶନର ବ୍ୟବସ୍ଥା ହୋଇଥିଲା। ନୂଆବର୍ଷରେ ଭକ୍ତମାନେ ମା'ଙ୍କ ନିକଟରେ ଭୋଗ ସମର୍ପଣ କରିଥିଲେ। ମନ୍ଦିର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ସମେତ ଅନ୍ୟ ପୂଜକମାନେ ସହଯୋଗ କରିଥିଲେ। ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ଏବଂ ସଭ୍ୟମାନେ ଭକ୍ତଙ୍କ ଦର୍ଶନ ସକାଶେ ସମସ୍ତ ବ୍ୟବସ୍ଥା କରିଥିଲେ।

**ସଂକ୍ଷେପରେ**

## ରାସ୍ତାରେ ଜଳିଗଲା ଚଳନ୍ତା ଗାଡ଼ି

ଲୋଇସିଂହା, ୧।୧ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଲୋଇସିଂହା-ପଦ୍ମପୁର ରାସ୍ତା କନ୍ଦାଜୁରୀ ସାପ୍ତାହିକ ବଜାର ନିକଟରେ ବୁଧବାର ମଧ୍ୟାହ୍ନରେ ଏକ ଚଳନ୍ତା ଗାଡିରେ ନିଆଁଲାଗି ହୁତୁହୁତୁ ହୋଇ ଜଳିଯାଇଛି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଗାଡିରେ ନିଆଁ ଲାଗି ଯାଇଥିବା ଜଣାପଡିଛି । ଗାଡିରୁ ନିଆଁ ହୁଲା ପଡୁଥିବା ଦେଖି ଉକ୍ତ ରାସ୍ତାରେ ଯାତାୟତ କରୁଥିବା ଲୋକେ ଡ୍ରାଇଭରଙ୍କୁ ଅଟକାଇ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଖବର ପାଇ ସ୍ଥାନୀୟ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ନିଆଁରେ ପୋଡି ଗାଡି ନଷ୍ଟ ହୋଇଯାଇଥିଲା। ଗାଡିରେ ନିଆଁ ଲାଗି ଯାଇଥିବାରୁ କିଛି ସମୟ ପାଇଁ ଉକ୍ତ ରାସ୍ତାରେ ଯାତାୟତ ବନ୍ଦ ହୋଇ ଯାଇଥିଲା। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ଛତିଶଗଡ ନମ୍ବର ଥିବା ଉକ୍ତ ଗାଡିଟି ମାଲ ଅନ୍‌ଲୋଡ କରିସାରି ଫେରିଲା ବାଟରେ ଏହି ଅଘଟଣ ଘଟିଥିଲା। ସ୍ଥାନୀୟ ଲୋକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଥିଲେ ।

## ବଲାଙ୍ଗୀର ଜିଲା ଘରୋଇ ବସ ମାଲିକ ସଂଘ ନିର୍ବାଚନ

**ଦୁର୍ଗାଚରଣ ସଭାପତି, ସୌମେନ୍ଦ୍ର ସାଧାରଣ ସମ୍ପାଦକ**

ବଲାଙ୍ଗୀର, ୧।୧ (ବୀରେନ୍ଦ୍ର କୁମାର ଝାଙ୍କର)

୨୦୨୫-୨୬ ବର୍ଷ ପାଇଁ ବଲାଙ୍ଗୀର ଜିଲା ଘରୋଇ ବସ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ଦୁର୍ଗାଚରଣ ବେହେରା ପୁଣି ଥରେ ସଭାପତି ଭାବେ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଉପ-ସଭାପତି ପଞ୍ଚାନନ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଭାବେ ସୌମେନ୍ଦ୍ର ପରିଚ୍ଛା, ସହ-ସମ୍ପାଦକ ଶଙ୍କର କୁମାର ପଟ୍ଟନାୟକ ଏବଂ କୋଷାଧ୍ୟକ୍ଷ ଭାବେ ଶିବ ଶଙ୍କର ପଟେଲ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡିଛି। ଏହାଛଡା ସଂଘ କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ତ୍ରିନାଥ ପାତ୍ର, ସଞ୍ଜୀବ ମହାନ୍ତି, ସଞ୍ଜୀବ ସାହୁ, ଜୟନ୍ତ କୁମାର ଦେଓ, ଭବାନୀ ଶଙ୍କର ପଟେଲ, ଜିତେନ୍ଦ୍ର କୁମାର ଭୋଇ, ସଞ୍ଜୀବ ପଣ୍ଡା, ଚନ୍ଦ୍ରମଣି ତ୍ରିପାଠୀ, ସୁମନ୍ତ କୁମାର ପଟେଲ, ଅରୁଣ କୁମାର ବରେଇ, ଜ୍ୟୋତି ପ୍ରକାଶ କୁମ୍ଭାର, ପାରିଶ କୁମାର ପଟେଲ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ସରକାରଙ୍କୁ ଭେଟି ଦୁଃଖ ଜଣାଇବେ ବିସ୍ଥାପିତ

ବଲାଙ୍ଗୀର, ୧।୧ (ବୀରେନ୍ଦ୍ର କୁମାର ଝାଙ୍କର)



ଲୋୟର ସୁକ୍‌ତେଲ ସଂଗ୍ରାମ ପରିଷଦ ପକ୍ଷରୁ କୁମିଆପାଲି ଗାଁରେ ଅନୁଷ୍ଠିତ ବିସ୍ଥାପିତଙ୍କ ଜରୁରୀ ବୈଠକ।

**ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ**

- ୨୦୧୩ ଭୂମି ଅଧିଗ୍ରହଣ ଆଇନ ଅନୁଯାୟୀ କ୍ଷତିପୂରଣ ଦିଅ, ଥଇଥାନ କର
- ବିସ୍ଥାପିତଙ୍କ ହକ୍ ହାସଲ ପାଇଁ ନୂଆ ଧରଣର ଆନ୍ଦୋଳନ ପାଇଁ ସଜବାଜ
- କଟ୍ ଅଫ୍ ଡେଟ୍‌କୁ ନେଇ ସ୍ପଷ୍ଟ ଆଭିମୁଖ୍ୟ ପୋଷଣ କର
- ଆଦିବାସୀ, ଭୂମିହୀନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି ଜଣାଇଲେ

ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପକୁ ଦୀର୍ଘଦିନରୁ ବିରୋଧ କରି ଆସୁଥିବା ସଂଗ୍ରାମ ପରିଷଦ ଏବେ ଭିନ୍ନ ଧରଣର ଆନ୍ଦୋଳନ କରିବାକୁ ସଜବାଜ ହେଉଛି। ସୁକ୍‌ତେଲ ପ୍ରକଳ୍ପ ପ୍ରଭାବିତ କୁମିଆପାଲି ଧବଳେଶ୍ୱର ଶିବମନ୍ଦିର ପ୍ରାଙ୍ଗଣରେ ଏ ସଂକ୍ରାନ୍ତରେ ନିକଟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ସଂଗ୍ରାମ ପରିଷଦ ଉପସଭାପତି ଉଦୟ ସିଂ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରକଳ୍ପ ପ୍ରଭାବିତ ୧୫ଟି ଗାଁର ବିସ୍ଥାପିତ ଏବଂ ପ୍ରକଳ୍ପ ପ୍ରଭାବିତ ଯୋଗଦାନ କରିଥିଲେ। ସଂଗ୍ରାମ ପରିଷଦ ପୁଣି ଥରେ ବିସ୍ଥାପିତ ଏବଂ ପ୍ରକଳ୍ପ ପ୍ରଭାବିତଙ୍କ ନ୍ୟାର୍ଯ୍ୟ ଦାବିକୁ ନେଇ ସରକାରଙ୍କ ସହ ସିଧାସଳଖ ଆଲୋଚନା କରିବାକୁ ସଜବାଜ ହେଉଛି। ପୂର୍ବ ସରକାରଙ୍କ ବେଆଇନ କାର୍ଯ୍ୟକୁ ନୂଆ ସରକାରଙ୍କୁ ଜଣାଇ ନ୍ୟାୟ ପାଇଁ ନିବେଦନ କରିବାକୁ ସର୍ବସମ୍ମତ ନିଷ୍ପତ୍ତି ହୋଇଥିଲା। ବୈଠକରେ ଆଲୋଚନା କରାଯାଇଥିଲା ଯେ, ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସଂଗ୍ରାମ ପରିଷଦ ବ୍ୟାନର ତଳେ ସେମାନେ ଆନ୍ଦୋଳନ କରିଆସିଛନ୍ତି। ବହୁ ବିରୋଧ ସତ୍ତ୍ୱେ ମାନବିକ ଅଧିକାର, ସାମ୍ବିଧାନିକ ଅଧିକାର ଏବଂ ନିୟମ ଉଲ୍ଲଂଘନ କରାଯାଇ ସୁକ୍‌ତେଲ ଡ୍ୟାମ୍ ନିର୍ମାଣ କରାଯାଇଛି। ମାତ୍ର ଏଯାଏ ଏହି ପ୍ରକଳ୍ପର ୨୯ ଖଣ୍ଡ ଗାଁର ବିସ୍ଥାପିତ ଏବଂ ପ୍ରଭାବିତଙ୍କୁ ଉଚିତ୍ କ୍ଷତିପୂରଣ ଦିଆଯାଇନାହିଁ କି ଥଇଥାନ କରାଯାଇନାହିଁ। ବିଭିନ୍ନ ଗାଁର ଆଦିବାସୀ ଓ ଭୂମିହୀନଙ୍କୁ ନ୍ୟାୟ ମିଳିନାହିଁ। କାହାକୁ ୧୮୯୪ ଭୂମି ଅଧିଗ୍ରହଣ ଆଇନ ଜରିଆରେ ତ ଆଉ କାହାକୁ ୨୦୧୩ ଭୂମିଅଧିଗ୍ରହଣ ଆଇନ ଜରିଆରେ କ୍ଷତିପୂରଣ ଦିଆଯାଇଛି। ବିସ୍ଥାପିତ ହୋଇ ନ ଥିଲେ ମଧ୍ୟ ମନଇଚ୍ଛା କଟ୍ ଅଫ୍ ତାରିଖ ବାହାର କରାଯାଇଛି। ଏଥିଯୋଗୁ ବହୁ ସାବାଳକ ମୁଣ୍ଡପିଛା କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତି। ଯେଉଁ ମାନଙ୍କୁ ପ୍ଲଟ୍ ଦିଆଯାଇଛି ସେମାନଙ୍କ ମଧ୍ୟରୁ କିଛି ଲୋକଙ୍କୁ ପଟ୍ଟା ଦିଆଯାଇନାହିଁ। ଆଦିବାସୀଙ୍କୁ ଜମି ବଦଳରେ ଜମି ଯୋଗାଇ ଦିଆଯାଉ। କୁମିଆପାଲି ଗାଁରେ ଆଜିବି ୭୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ରହୁଛନ୍ତି। ଡ୍ୟାମ୍‌ର ଠେଲା ପାଣି ଯୋଗୁ ସେମାନଙ୍କ ଅବସ୍ଥା କହିଲେ ନ ସରେ। ଅନେକ ଦିନ ଅନ୍ଧାରରେ ରହୁଛନ୍ତି। ସରକାର ସେମାନଙ୍କୁ ଉଚିତ୍ କ୍ଷତିପୂରଣ କି ଥଇଥାନ କରିବାକୁ ଉଦ୍ୟମ କରୁନାହାନ୍ତି। କାହାକୁ ପ୍ଲଟ୍ ମିଳିଛି ତ କାହାକୁ ମିଳିନାହିଁ। ଭୂମିହୀନଙ୍କ ଅବସ୍ଥା କହିଲେ ନସରେ। ସେମାନଙ୍କୁ କିଛି ଟଙ୍କା ଦେଇ ପ୍ଲଟ୍ ଦିଆଯାଇନାହିଁ। ସେମାନଙ୍କ ସାବାଳକ ପିଲାଙ୍କୁ ପରିବାର ମାନ୍ୟତା ଦିଆଯାଇନାହିଁ। ଜିଲା ପ୍ରଶାସନ, ଉପମୁଖ୍ୟମନ୍ତ୍ରୀ, ସ୍ଥାନୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇ ବିସ୍ଥାପିତ ଏବଂ ପ୍ରଭାବିତଙ୍କୁ କିଭଳି ନ୍ୟାୟ ମିଳିବ ସେ ଦିଗରେ ଉଦ୍ୟମ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଯଦି ସରକାର ବିସ୍ଥାପିତଙ୍କ ସମସ୍ୟାର ସମାଧାନ ଲାଗି ବିହିତ ପଦକ୍ଷେପ ନ ନେବେ ପୁଣି ଆନ୍ଦୋଳନ ପାଇଁ ଚିନ୍ତା କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ପରିଷଦ ସମ୍ପାଦକ ସତ୍ୟ ବନ୍‌ଛୋର, ପ୍ରେମରାଜ ବରିହା, ରାମଚନ୍ଦ୍ର ବରିହା, କୃଷ୍ଣ ରାଜପୁତ, ବୈକୁଣ୍ଠ ଧରୁଆ, ପ୍ରେମ ରାଜପୁତ, ପଞ୍ଚାନନ ପ୍ରଧାନ, କିଶେଶ୍ୱର ଭୋଇ, ଲକ୍ଷ୍ମୀନାରାୟଣ ପୁଟେଲ, ଇସ୍‌ମାଇଲ ଖାନ୍‌ଙ୍କ ସମେତ କୁମିଆପାଲି, କଙ୍କରା, କଖାଲ, ସାନତେଲେନପାଲି, ବଡତେଲେନ୍‌ପାଲି, ଉଛବାହାଲ, ଗର୍ଜନ, ଅନ୍ତପାଲି, ବନ୍‌ଛୋରପାଲି, ସରଗାଡପାଲି, ଚୁଡାପାଲି, ଭୁଣ୍ଡିମୁହାଣ, ତବଲବାଞ୍ଜି, କପିଲବାହାଲ, ବୁଡାବାହାଲ ଗାଁର ବିସ୍ଥାପିତ ଓ ପ୍ରକଳ୍ପ ପ୍ରଭାବିତ ଉପସ୍ଥିତ ଥିଲେ।

## ବିଷ ପିଇ ବୃଦ୍ଧଙ୍କ ମୃତ୍ୟୁ

ଲୋଇସିଂହା, ୧।୧ (ସୁଶାନ୍ତ ବାରିକ)

ବିଷ ପିଇ ଗୁରୁତର ହୋଇ ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ଚିକିତ୍ସାଧୀନ ଥିବା ଜଣେ ବୃଦ୍ଧଙ୍କ ବୁଧବାର ପରଲୋକ ଘଟିଛି। ମୃତକ ହେଲେ ଆଗଲପୁର ଥାନା ଇଂସା ଗ୍ରାମର ଈଶ୍ୱର ବେହେରା(୮୦)। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି । ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ଦିନବେଳା ଈଶ୍ୱର ଗାଁ ଲୋକଙ୍କ ସହ ମିଳାମିଶା କରିଥିଲେ। ଏପରିକି ସନ୍ଧ୍ୟାରେ ପରିବାର ଲୋକଙ୍କ ସହ ଖାଇସାରି ଶୋଇ ଯାଇଥିଲେ। ହେଲେ ରାତି ୧୦ଟା ବେଳେ ଈଶ୍ୱର ବିଷ ପିଇ ଦେଇଥିବା ନେଇ ଜଣେ ପଡୋଶୀଙ୍କୁ ଜଣାଇଥିଲେ। ଏହାପରେ ପରିବାର ଲୋକେ ପ୍ରଥମେ ଆଗଲପୁର ଓ ପରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ଆଣିଥିଲେ।

## ମଦ ବିକ୍ରିକୁ ନେଇ ଗଣ୍ଡଗୋଳ, ଜଣେ ଆହତ

ଲୋଇସିଂହା, ୧।୧ (ସୁଶାନ୍ତ ବାରିକ)

ବଲାଙ୍ଗୀର ସଦର ଥାନା ତଥା ଲୋଇସିଂହା ବ୍ଲକ ଅଧୀନ ବିର୍କେଲ ଗ୍ରାମରେ ମଦ ବିକ୍ରିକୁ ନେଇ ବୁଧବାର ସନ୍ଧ୍ୟାରେ ଗଣ୍ଡଗୋଳ ଘଟିଛି। ଏଥିରେ ଟିକେଶ୍ୱର ପଟେଲ ଆହତ ହୋଇ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ଗାଁ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ନିକଟରେ ଗ୍ରାମର ଜଣେ ବ୍ୟକ୍ତି ଖୋଲାଖୋଲି ଭାବେ ମଦ ବିକ୍ରି କରୁଛନ୍ତି। ଛାତ୍ରୀଛାତ୍ରଙ୍କ ଉପରେ ଏହାରକୁ ପ୍ରଭାବ ପଡିବ କହି ମଦ ବିକ୍ରିକୁ ଟିକେଶ୍ୱର ବାରଣ କରି ଆସଥିଲେ । ଦୁଇ ଦିନ ତଳେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ବୁଧବାର ସନ୍ଧ୍ୟାରେ ଟିକେଶ୍ୱର ବୁରୋମୁଣ୍ଡା ଘରକୁ ଫେରୁଥିବା ବେଳେ ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କର ଜଣେ ସମ୍ପର୍କୀୟ ଶାବଳରେ ଆକ୍ରମଣ କରିଥିବା ସେ ଅଭିଯୋଗ କରିଛନ୍ତି। ପିଠି ଏବଂ ଦୁଇ ହାତ ଆଙ୍ଗଠିରେ ଆଘାତ ଲାଗିଥିବା ସେ କହିଛନ୍ତି।

# ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସକୁ ଗୁରୁତ୍ୱ



ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ ଓ ଏସ୍‌ପି ଶୁଭାରମ୍ଭ କରୁଛନ୍ତି।

ସୋନପୁର, ୧।୧ (ମୃତ୍ୟୁଞ୍ଜୟ ଶତପଥୀ)

**ସଡ଼କ ସୁରକ୍ଷା ସଚେତନତା ମାସ ଉଦ୍‌ଘାଟିତ**

ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଚେତନତା ରଥର ଶୁଭାରମ୍ଭ ହୋଇଥଲା। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଓ ଆରକ୍ଷୀ ଅଧିକ୍ଷକ ରାମ ପ୍ରସାଦ ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ ସଡ଼କ ସୁରକ୍ଷା ସମ୍ପର୍କିତ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ। ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟାକୁ ଶୂନ୍ୟ କରିବା ଉପରେ ବିଶେଷ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀ ତଥା ଜନସାଧାରଣଙ୍କୁ ଉଭୟ ପରାମର୍ଶ ଦେଇଥିଲେ। ଆରଟିଓ ଅକ୍ଷୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଓ ଏସ୍‌ପି ସବୁଜ ପତାକା ପ୍ରଦର୍ଶନ କରି ଶୋଭାଯାତ୍ରା ଓ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ମାସର ପ୍ରଥମ ସପ୍ତାହରେ ବିଭିନ୍ନ ଅନୁଷ୍ଠାନ, ଏନ୍‌ସିସି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଦସ୍ୟଙ୍କୁ ନେଇ ୱାକାଥନ ଅନୁଷ୍ଠିତ ହେବ । ଜିଲାର ୬ଟି ଯାକ ବ୍ଲକରେ ସଚେତନତା ରଥ ପରିକ୍ରମା କରିବ। ଏଥିସହ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସଚେତନତାଭିତ୍ତିକ ପ୍ରଦର୍ଶନ ସହ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ପାଇଁ ସଡକ ସୁରକ୍ଷା ସମ୍ବନ୍ଧୀୟ ସଚେତନତାଭିତ୍ତିକ ପ୍ରଦର୍ଶନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ମାସକୁ ବିଶେଷ ସ୍ମରଣୀୟ କରିବାକୁ ଏକ ରକ୍ତଦାନ ଓ ଚକ୍ଷୁ ପରୀକ୍ଷା ଶିବିରର ଆୟୋଜନ କରାଯିବ। ସଡ଼କ ସୁରକ୍ଷାର ବାର୍ତ୍ତାକୁ ପ୍ରଚାର ପ୍ରସାର ପାଇଁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା ଆୟୋଜିତ ହେବ। ବୁଧବାର ସଚେତନତା ଶୋଭାଯାତ୍ରାରେ ନର୍ସିଂସ୍କୁଲ ଛାତ୍ରୀ, ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର, ଏନସିସି କ୍ୟାଡେଟ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଆଧାପକ ଉମାକାନ୍ତ ନାଗ, ଚନ୍ଦ୍ରମଣି ବାଗ, ଚନ୍ଦ୍ରଶେଖର ମହାପାତ୍ର, ଗୋପେଶ ପଣ୍ଡା, ତପସ୍ୱିନୀ ଦାସ, ଅନଙ୍ଗ ନେଗୀ, ବିଭିନ୍ନ ଅନୁଷ୍ଠନ କର୍ମକର୍ତ୍ତା, ବସ୍‌ସଂଘ, ଟ୍ରକ ସଂଘ କର୍ମକର୍ତ୍ତା, ଏମଭିଆଇ ବିଶ୍ୱରଞ୍ଜନ ସାହୁ, ଟ୍ରାଫିକ ସବ ଇନ୍ସପେକ୍ଟର ପୂଜା ଭେଙ୍ଗରା, ଚିତ୍ତରଞ୍ଜନ ଭୋଇ, ଅବିନାଶ ଭୁଏ, ହିମାଂଶୁ ରଞ୍ଜନ ସାହୁ ଏବଂ ପରିବହନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଗନ୍ଧମାର୍ଦ୍ଦନ ସୁରକ୍ଷା ଦାବିରେ ତହସିଲ ଅଫିସ ଘେରାଉ

କଣ୍ଟାବାଞ୍ଜି, ୧।୧ (ଗୁରୁଦୟାଲ ହଂସ)

**ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ**

ଜଳ ଜମି ଜଙ୍ଗଲ ଓ ପ୍ରାକୃତିକ ସମ୍ପଦ ତଥା ଗନ୍ଧମାର୍ଦ୍ଦନର ସୁରକ୍ଷା ଦାବିରେ ବୁଧବାର ଦିନ ଜିନ୍ଦାବାଦ ସଂଗଠନର କଣ୍ଟାବାଞ୍ଜି ତହସିଲ ଅଫିସ ଘେରାଉ କରାଯାଇଛି । ସ୍ଥାନୀୟ ଗୋରୁବଜାର ପଡିଆରୁ ଏକ ଶୋଭାଯାତ୍ରା ବାହାରି ତହସିଲ ଅଫିସ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ତୁରେକେଲା ବ୍ଲକ ସଭାପତି ଗଙ୍ଗାଧର ମାଝିଙ୍କ ନେତୃତ୍ୱରେ ସ୍ଥାନୀୟ ତହସିଲଦାର ଏ. ମାଝିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୮ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ବିଭିନ୍ନ ଦାବି ମଧ୍ୟରେ ଗନ୍ଧମାର୍ଦ୍ଦନ ପର୍ବତମାଳରେ ଖଣିଖନନକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପାଇଁ ଓଡିଶାର ବିଧାନସଭାରେ ଏକ ସଂକଳ୍ପ ପ୍ରସ୍ତାବ ପାରିତ କରାଯିବା, କେନ୍ଦ୍ର ସରକାର ଏ ସମ୍ପର୍କରେ ଆଇନ ପ୍ରଣୟନ କରିବା, ଯେ କୌଣସି ବିକାଶମୂଳକ ପ୍ରକଳ୍ପ ପାଇଁ କୃଷି ଜମି, ପ୍ରାକୃତିକ ଜଳାଶୟ, ଝରଣା ଏବଂ ଜଙ୍ଗଲକୁ ଅଧିଗ୍ରହଣରୁ ବାଦ ଦିଆଯିବା, ଲୋୟର ସୁକତେଲ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ପ୍ରତ୍ୟେକ ପରିବାରଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ଆଦି ଦାବି ରହିଛି । ଏହି ବିକ୍ଷୋଭ ଶୋଭାଯାତ୍ରାରେ ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ, ଖପ୍ରାଖୋଲ, ବେଲପଡା, ଲୋଇସିଂହା, ଟିଟିଲାଗଡ ଅଞ୍ଚଳର ଜିନ୍ଦାବାଦ ସଂଗଠନର କର୍ମକର୍ତ୍ତାଙ୍କ ସମେତ ତ୍ରିଲୋଚନ, ଆଇନଜୀବୀ ବିଷ୍ଣୁପ୍ରସାଦ ଶର୍ମା, ଗୋଲାପ ନିଆଲ ପ୍ରମୁଖ ସାମିଲ ଥିଲେ ।




ବିକ୍ଷୋଭକାରୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ବାବଦରେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ । କ୍ର.ସଂ., ଟେଣ୍ଡର ନଂ. ଏବଂ କାର୍ଯ୍ୟର ବର୍ଣ୍ଣନା ନିମ୍ନ ଅନୁଯାୟୀ ଅଟେ: (୧) ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୨୦-୨୦୨୪, ଏଡିଇଏନ/ଡବ୍ଲ୍ୟୁଏସପି/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ବର୍ଷ ୨୦୨୪-୨୦୨୫ ଓ ୨୦୨୫-୨୦୨୬ (ଦୁଇବର୍ଷ) ପାଇଁ ମୁଖ୍ୟ ୱାର୍କଶପ, ନୂଆ ୱାଗନ୍ ଶପ୍ ତଥା ଏନ୍‌ଏସ୍ ୟାର୍ଡ କମ୍ପ୍ଲେକ୍ସ ଭିତରେ ଓ ବାହାରେ ବିବିଧ (ପି-ୱେ ଜୋନାଲ) ଟ୍ରାକ୍ କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ₹୨,୨୧,୦୭,୬୮୬.୯୨। ଅମାନତ ରାଶି: ₹୨,୬୦,୫୦୦/- । (୨) ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୨୧-୨୦୨୪, 'କେଜିପିଡବ୍ଲ୍ୟୁର ଟିଆରଏସ୍-ପିଓଏଚ୍ ଶପ୍ ଏବଂ ପ୍ରଡକ୍ସନ୍ ଶପ୍‌ଠାରେ କର୍ମଚାରୀ କଲ୍ୟାଣ ପଦକ୍ଷେପ (ଟିଆରଏସ୍-ପିଓଏଚ୍ ଶପ୍ କ୍ୟାଣ୍ଟିନ୍, ମହିଳା ବିଶ୍ରାମ ଗୃହ, ଟଏଲେଟ୍ ବ୍ଲକ୍, ପୋର୍ଟା କ୍ୟାଣ୍ଟିନ୍)ର ବ୍ୟବସ୍ଥା' ଅଧୀନରେ ପ୍ରସ୍ତାବିତ କାର୍ଯ୍ୟଗୁଡ଼ିକର ନିର୍ବାହ । ଟେଣ୍ଡର ମୂଲ୍ୟ: ₹୨୧,୪୫,୩୯୩.୧୮। ଅମାନତ ରାଶି: ₹୪୨,୯୦୦/-। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ପ୍ରତ୍ୟେକ ପାଇଁ ₹୦। ଖୋଲାଯିବା ତାରିଖ: କ୍ର.ସଂ.୧ ପାଇଁ ୦୮।୦୧।୨୦୨୫ ଓ କ୍ର.ସଂ. ୨ ପାଇଁ ୧୦।୦୧।୨୦୨୫ । କାର୍ଯ୍ୟର ସମାପ୍ତି ଅବଧି: କ୍ର.ସଂ.୧ ପାଇଁ ୨୪ ମାସ ଓ କ୍ର.ସଂ. ୨ ପାଇଁ ୯ ମାସ । ବିଡିଂ ଆରମ୍ଭ ତାରିଖ: କ୍ର.ସଂ. ୧ ପାଇଁ ୧୦।୧୨।୨୦୨୪ ଓ ୦୮।୦୧।୨୦୨୫, ୧୫.୦୦ ଘଟିକା ପର୍ଯ୍ୟନ୍ତ, କ୍ର. ସଂ. ୨ ପାଇଁ ୧୭।୧୨।୨୦୨୪ ଓ ୧୦।୦୧।୨୦୨୫, ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମ୍ଭାବ୍ୟ ଟେଣ୍ଡରଦାତାମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ "www.ireps.gov.in" ପରିଦର୍ଶନ କରିପାରନ୍ତି"। (PR-966)

# କଂସ ବଧ ସହ ଧନୁଯାତ୍ରା ଉଦ୍‌ଯାପିତ



କଂସଙ୍କ ସହ ଅତିଥି ଓ କମିଟି ସଦସ୍ୟ ।

ଲାଠୋର, ୧।୧ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଜୟ ମା' ବନ୍ତ୍ରେନ ଧନୁଯାତ୍ରା କମିଟି ସଭାପତି ହରି ବାରିକଙ୍କ ତତ୍ତ୍ୱାବଧାନରେ ଚାଲିଥିବା ୧୫ ତମ ଧନୁଯାତ୍ରା ମଙ୍ଗଳବାର ରାତିରେ କଂସ ବଧ ସହ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଶାଳ ଯୋଗଦେଇ ଅଞ୍ଚଳର ବିକାଶ ଦିଗରେ ସଦାସର୍ବଦା ସହଯୋଗ ରହିବ ବୋଲି କହିଥିଲେ। ଶିକ୍ଷାବିତ ଇନ୍ଦ୍ରମଣି ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାଷୀଙ୍କ ସମସ୍ୟା ତଥା ଧନୁଯାତ୍ରା କମିଟିର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ସରକାରଙ୍କ ନିକଟରେ ଅନୁଦାନ ପାଇଁ ଦାବି ରଖିବା ଉଚିତ ବୋଲି ମତ ରଖିଥିଲେ । ସେହିପରି ଏଲଡିଏ ପ୍ରତିଷ୍ଠାତା ଲବ ସୁନା ନିଜ ବକ୍ତବ୍ୟରେ ଗନ୍ଧମାର୍ଦ୍ଦନ ପର୍ବତର ସୁରକ୍ଷା ଉପରେ କହିଥିବା ବେଳେ ଅବସରପ୍ରାପ୍ତ ଖେଳ ଶିକ୍ଷକ ସଦାନନ୍ଦ ବେହେରା ଧନୁଯାତ୍ରା ଉପରେ କହିଥିଲେ। ଶେଷ ସନ୍ଧ୍ୟାରେ ମଞ୍ଚରେ କମିଟି ପକ୍ଷରୁ ନୂତନ ବର୍ଷ ୨୦୨୫କୁ ସ୍ୱାଗତ କରା ଯାଇଥିଲା। ପରେ କଂସ ବଧ ଦୃଶ୍ୟ ଦର୍ଶକଙ୍କ ମନ ମୋହିଥିଲା । ଏହି ଅବସରରେ ଉପଦେଷ୍ଟା ରମାକାନ୍ତ ମହାନ୍ତି, ଉପସଭାପତି କ୍ଷୀର ଭଇଁଶାଳ, ସମ୍ପାଦକ ସଚ୍ଚିକାନ୍ତ ଦାସ, ସହସମ୍ପାଦକ ନୀଳମଣି ବେହେରା, କୋଷାଧ୍ୟକ୍ଷ ବିଦ୍ୟାଧର ଗୁର୍ଲା, ସଦସ୍ୟ ରୋହିତ ମେହେର, ସିକନ୍ଦର ସୁନା, ଜୟଦେବ ଶାଣ୍ଡ, ଭଗବାନ ସେଠ ଏବଂ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବଡ଼ମାଳ ଗ୍ରାମରେ ବୁଢ଼ାରଜା ଯାତ୍ରା

ସଇଁତଲା, ୧।୧ (ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ବ୍ଲକ ଗଣ୍ଡପତ୍ରାପାଲି ପଞ୍ଚାୟତ ଅନ୍ତର୍ଗତ ବଡ଼ମାଳ ଗ୍ରାମରେ ବୁଢ଼ାରଜା ତଥା ସିକେରପାଟ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ପୀଠର ମୁଖ୍ୟ ପୂଜକ ଗଣ୍ଡାରାମ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପୂଜାରେ ପୂଜକ ସୁଦେବ ଭୋଇ, ଟିକେଶ୍ୱର ଭୋଇ, ଦିହାରୀ ନନ୍ଦ ଭୋଇ, ରତନ ଭୋଇ, ରାଜୀବ ଲୋଚନ ଭୋଇ, ଜୟକୃଷ୍ଣ ଭୋଇ ପ୍ରମୁଖ ଉପସ୍ଥିତ ରହି ପୂଜାରେ ସହଯୋଗ କରିଥିଲେ। ଆଦିବାସୀ କନ୍ଧ ସମାଜର ଜାତିଭାଇମାନେ ଉପସ୍ଥିତ ରହି ବୁଢ଼ାରଜା ତଥା ସିକେରପାଟଙ୍କ ନିକଟରେ ପୂଜାର୍ଚ୍ଚନା କରି ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମର ଡ଼ିଙ୍ଗର ଭୋଇ, ଅଙ୍ଗଦ ଭୋଇ, ଧନେଶ୍ୱର ଭୋଇ, ବାସୁଦେବ ଭୋଇ, ଶ୍ରୀଚନ୍ଦ୍ର ଭୋଇ, ପିଅନ ଭୋଇ, କନ୍ଧ ଭୋଇ, ଧନେଶ୍ୱର ଭୋଇ, ଖେତୁ ଭୋଇ, ଶ୍ରୀକର ଭୋଇ, ଅଭି ମାଝୀ, ସୁରୁ ଭୋଇ, ଅନିଲ ଭୋଇ, ସୁବାଷ ଭୋଇ, ନାରଦ ଭୋଇ, ଧବଳେଶ୍ୱର ଭୋଇ, ଶିବ ବଗର୍ତ୍ତି, ବେଲଧର ବଗର୍ତ୍ତି, ଦେବରାଜ ଭୋଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଲୋକଙ୍କ ସମସ୍ୟା ଶୁଣିଲେ ନରସିଂହ



ନୂଆବର୍ଷରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଲୋକଙ୍କୁ ଭେଟି ସମସ୍ୟା ଶୁଣୁଛନ୍ତି।

ବଲାଙ୍ଗୀର, ୧।୧ (ବୀରେନ୍ଦ୍ର କୁମାର ଝାଙ୍କର)

**ନୂଆବର୍ଷରେ ଗାଁ ବୁଲିଲେ**

ନୂଆବର୍ଷର ପ୍ରଥମ ଦିନକୁ ଭିନ୍ନ ଭାବେ ପାଳନ କରିଛନ୍ତି ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର। ନୂଆବର୍ଷ ଅବସରରେ ବୁଧବାର ପୂର୍ବାହ୍ନରେ ପୂର୍ବତନ ମନ୍ତ୍ରୀ ମିଶ୍ର ବଲାଙ୍ଗୀର ସଦର ବ୍ଲକର ବିଭିନ୍ନ ଗାଁ ବୁଲି ଲୋକଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସମସ୍ୟା ଶୁଣିଥିଲେ। ଏହାର ସମାଧାନ ଦିଗରେ ପଦକ୍ଷେପ ନବେ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ୨୦୨୫ ନୂତନ ବର୍ଷ ଅବସରରେ ପ୍ରଥମେ ସେ ଛତାମଖନା-କିରାବାହାଲ ବ୍ୟାରେଜ ପାଖରେ ନୂଆ ବର୍ଷ ପାଳନ କରୁଥିବା ଜନସାଧାରଣଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ । କିରାବାହାଲ ଗ୍ରାମବାସୀଙ୍କ ବିଭିନ୍ନ ଅଭାବ ଅସୁବିଧା ଶୁଣିଥିଲେ। ପରେ ସକମା ପଞ୍ଚାୟତ ଅନ୍ତର୍ଗତ ରାଣୀପାଲି ଆମ୍ବବଗିଚାଠାରେ ସାଧାରଣ ଜନତାଙ୍କୁ ଭେଟି ନୂତନ ବର୍ଷ ଶୁଭେଚ୍ଛା ଜଣାଇଥିଲେ। ସେଠାରେ ଲୋକଙ୍କ ଠାରୁ ଧାନକିଣା, ବିଜୁଳି, ପିଇବା ପାଣି ଏବଂ ଆବାସଗୃହ ବିଷୟରେ ଅଭିଯୋଗ ଶୁଣିଥିଲେ । ଅପରାହ୍ନରେ ତୁଷୁରାବାହାଲ ପଞ୍ଚାୟତ ଅନ୍ତର୍ଗତ ଡଙ୍ଗାଘାଟ ଠାରେ ବହୁ ସଂଖ୍ୟକ ମହିଳା ପୁରୁଷଙ୍କୁ ଭେଟିଥିଲେ। ଏହି ଆଲୋଚନା ବେଳେ ଲୋକନାଥ କୁମୁରା, ମୁରଲୀ ମଲ୍ଲିକ, କୀର୍ତ୍ତନ ସାହୁ, ବେଲାର ସିଂ ଭୋଇ, ଲମ୍ବୋଦର ମହାକୁର, ରାମ ମିଶ୍ର, ସଞ୍ଜୀବ ପ୍ରଧାନ, ବିପିନ ପୁଟେଲ, ଧନୁ ସିଂ, ରାଧାକାନ୍ତ ଭୋଇ ଏବଂ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ ।

**DEPARTMENT OF SCHOOL AND MASS EDUCATION**

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ

Odisha School Education Programme Authority

Government of Odisha

**OFFICE OF THE DISTRICT EDUCATION OFFICER-CUM-DISTRICT PROJECT COORDINATOR, SAMAGRA SHIKSHA, NUAPADA**

At/P.O./Dist.: Nuapada (Behind Mini Stadium), Odisha

PIN - 766105, e-Mail: dpcnuapadassa.opepa@nic.in

No. 01/GE/2025 III-01/25 Date: 01.01.25

**NOTICE**

**Document Verification of Provisionally Eligible Candidates for Engagement of Part Time Teacher in Different KGBVs of Nuapada District**

Pursuant to this office Notice No. 2979/GE/2024, Dtd.16.11.2024 and recruitment Notice No. 476 Dated 01.03.2024 of this office for appointment of contractual posts, i.e. Part Time Teachers under different Kasturaba Gandhi Balika Vidyalayas (KGBV) of Nuapada district, the candidate list who are eligible for Certificate/ Document verification is hereby published in the Notice Board of District Project Office, Samagra Shiksha, Nuapada and in Nuapada district official website **www.nuapada.odisha.gov.in** & in OSEPA website **www.osepa.odisha.gov.in** for information of concern candidates.

Accordingly, the enlisted candidates are hereby directed to remain physically present in the Certificate/Document verification process (for contractual posts of Part Time Teachers) scheduled to be held on Dt.07.01.2025 at DPO, Samagra Shiksha, Nuapada from 10.30 A.M. to 4.00 P.M. along with all required document/certificate/testimonies in original along with a set of self attested photocopies of all required documents. The list of all required documents for appearing the certificate/ document verification process is mentioned at Annexure-A for reference of the candidates.

Non appearing of candidates physically or non submission of any required documents during document verification process on the scheduled date and time, may liable to rejection of candidature of concerned candidate.

By order of Collector-cum-Chairman
Samagra Shiksha, Nuapada
Sd./- District Education Officer-cum-DPC, Samagra Shiksha, Nuapada

# ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସକୁ ଗୁରୁତ୍ୱ

## ସଡ଼କ ସୁରକ୍ଷା ସଚେତନତା ମାସ ଉଦ୍‌ଘାଟିତ

ସୋନପୁର,୧।୧(ମୃତ୍ୟୁଞ୍ଜୟ ଶତପଥୀ)


ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ ଓ ଏସ୍‌ପି ଶୁଭାରମ୍ଭ କରୁଛନ୍ତି।

ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଚେତନତା ରଥର ଶୁଭାରମ୍ଭ ହୋଇଥିଲା। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଓ ଆରକ୍ଷୀ ଅଧିକ୍ଷକ ରାମ ପ୍ରସାଦ ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ ସଡ଼କ ସୁରକ୍ଷା ସମ୍ପର୍କିତ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ। ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟାକୁ ଶୂନ୍ୟ କରିବା ଉପରେ ବିଶେଷ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀ ତଥା ଜନସାଧାରଣଙ୍କୁ ଉଭୟ ପରାମର୍ଶ ଦେଇଥିଲେ। ଆରଟିଓ ଅକ୍ଷୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଓ ଏସ୍‌ପି ସବୁଜ ପତାକା ପ୍ରଦର୍ଶନ କରି ଶୋଭାଯାତ୍ରା ଓ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ମାସର ପ୍ରଥମ ସପ୍ତାହରେ ବିଭିନ୍ନ ଅନୁଷ୍ଠାନ, ଏନ୍‌ସିସି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଦସ୍ୟଙ୍କୁ ନେଇ ୱାକାଥନ ଅନୁଷ୍ଠିତ ହେବ । ଜିଲାର ୬ଟି ଯାକ ବ୍ଲକରେ ସଚେତନତା ରଥ ପରିକ୍ରମା କରିବ। ଏଥିସହ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସଚେତନତାଭିତ୍ତିକ ପ୍ରଦର୍ଶନ ସହ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ପାଇଁ ସଡକ ସୁରକ୍ଷା ସମ୍ବନ୍ଧୀୟ ସଚେତନତାଭିତ୍ତିକ ପ୍ରଦର୍ଶନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ମାସକୁ ବିଶେଷ ସ୍ମରଣୀୟ କରିବାକୁ ଏକ ରକ୍ତଦାନ ଓ ଚକ୍ଷୁ ପରୀକ୍ଷା ଶିବିରର ଆୟୋଜନ କରାଯିବ। ସଡ଼କ ସୁରକ୍ଷାର ବାର୍ତ୍ତାକୁ ପ୍ରଚାର ପ୍ରସାର ପାଇଁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା ଆୟୋଜିତ ହେବ। ବୁଧବାର ସଚେତନତା ଶୋଭାଯାତ୍ରାରେ ନର୍ସିଂସ୍କୁଲ ଛାତ୍ରୀ, ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର, ଏନସିସି କ୍ୟାଡେଟ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଉମାକାନ୍ତ ନାଗ, ଚନ୍ଦ୍ରମଣି ବାଗ, ଚନ୍ଦ୍ରଶେଖର ମହାପାତ୍ର, ଗୋପେଶ ପଣ୍ଡା, ତପସ୍ୱିନୀ ଦାସ, ଅନଙ୍ଗ ନେଗୀ, ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା, ବସ୍‌ସଂଘ, ଟ୍ରକ ସଂଘ କର୍ମକର୍ତ୍ତା, ଏମ୍‌ଭିଆଇ ବିଶ୍ୱରଞ୍ଜନ ସାହୁ, ଟ୍ରାଫିକ ସବ ଇନ୍‌ସପେକ୍ଟର ପୂଜା ଭେଜରା, ଚିତ୍ତରଞ୍ଜନ ଭୋଇ, ଅବିନାଶ ଭୁଏ, ହିମାଂଶୁ ରଞ୍ଜନ ସାହୁ ଏବଂ ପରିବହନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ମନମୋହିଲା ଭୀମ ଭୋଇ କଳାନିକେତନ ଲୋକନୃତ୍ୟ


କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ବ୍ୟକ୍ତି ବିଶେଷ।

ଅମରପାଲି,୧।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଲେନଟିଲା ପଞ୍ଚାୟତ କୁଞ୍ଜାପାଲି ବଡଦେଓ ପାଠରେ ବଡଦେଓ କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ତ୍ରିଦିବସୀୟ ଷଡବଂଶୀୟ ଗୋଣ୍ଡ ସମାଜ ୨୦ତମ ବଡଦେଓ ମହୋତ୍ସବର ବୁଧବାର ଦ୍ୱିତୀୟ ଦିବସ ଥିଲା। ଷଡବଂଶୀୟ ଗୋଣ୍ଡ ସମାଜର ସମ୍ବଲପୁର, ସୁବର୍ଣ୍ଣପୁର,ବରଗଡ, ଝାରସୁଗୁଡା ଆଦି ଜିଲାର ଜାତି ମହାନ ବ୍ୟକ୍ତିବିଶେଷଙ୍କୁ ବୁଧବାର ଏହି ଅବସରରେ ସମ୍ମାନିତ କରାଯାଇଥିଲା। ମଙ୍ଗଳବାର ବଡଦେଓଙ୍କ ଦାରୁ ପ୍ରତିଷ୍ଠା, କଳସ ଶୋଭାଯାତ୍ରା ହୋଇଥିଲା। ଦ୍ୱିତୀୟ ଦିବସରେ ବଡଦେଓ ପୂଜା ଓ ଭୀମ ଭୋଇ କଳା ନିକେତନ ବୀରମହାରାଜପୁର କଳାକାରମାନଙ୍କ ଦ୍ୱାରା ପରିବେଷିତ ଡାଲଖାଇ ଓ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ବେଶ ମନ ମୋହିଥିଲା। ଏହା ସହିତ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ସଂକ୍ଷେପରେ

### ମନ୍ଦିର ପ୍ରତିଷ୍ଠା ପାଇଁ ମୁନିରଷିଙ୍କୁ ନିମନ୍ତ୍ରଣ

ବଘିଆପଡା,୧।୧(ଶ୍ରୀକାନ୍ତ ସାହୁ)

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ଲୋକକଳା ଗ୍ରାମ ନାରାୟଣପଗରରେ ଆସନ୍ତା ମାସ ୨୪ ତାରିଖ ଠାରୁ ଫେବୃଆରୀ ୩ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୧ ଦିନ ବ୍ୟାପି ଶ୍ରୀ ଜଗନ୍ନାଥ ଓ ଶ୍ରୀରାମଚନ୍ଦ୍ରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏନେଇ ମନ୍ଦିର କମିଟି ପକ୍ଷରୁ ବୁଧବାର ଦିନ ମୁନି ଋଷିମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ବାବା ସାଧୁ କୁଳଧର ଦାସ, ସାଧୁ କୃଷ୍ଣଚନ୍ଦ୍ର ଦାସ ଓ ସେମାନଙ୍କ ଶିଷ୍ୟମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ମନ୍ଦିର କମିଟି ସଭାପତି ରାଜେନ୍ଦ୍ର ମେହେର, ନେପାଳ ମେହେର, କଡଜୁ ମେହେର, ନବ କିଶୋର ମେହେର, ରଘୁନାଥ ମେହେର, ଡମ୍ବରୁ ମେହେର, ବସନ୍ତ ମେହେର, ସାଧୁ ମେହେରଙ୍କ ସମେତ ଗ୍ରାମବାସୀ ପୂଜାର୍ଚ୍ଚନା କରି ନିମନ୍ତ୍ରଣ କରିଥିଲେ ।

### ନବବର୍ଷ ଉପଲକ୍ଷେ ସୁନ୍ଦରାକାଣ୍ଡ ପାରାୟଣ

ବାଉଁଶୁଣୀ,୧।୧(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବାଉଁଶୁଣୀ ବଉଦିଆପଡାର ନାଟ୍ୟ କଳା ମଣ୍ଡପଠାରେ ଶ୍ରୀରାମଲୀଳା ସାଂସ୍କୃତିକ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ନୂତନବର୍ଷ ୨୦୨୫ ଅବସରରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁନ୍ଦରାକାଣ୍ଡ ପାରାୟଣ ଆୟୋଜିତ ହୋଇଥିଲା। ସ୍ୱାଗତିକା ମିଶ୍ର ରାମକଥା ଗାନ କରିଥିଲେ । ସୁନ୍ଦରାକାଣ୍ଡ ଶ୍ରବଣ ପାଇଁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଲୁତୁରପଙ୍କ ୟୁପି ସ୍କୁଲରୁ ଚୋରି

ଅମରପାଲି,୧।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଥାନା ଲୁତୁରପଙ୍କ ୟୁପି ସ୍କୁଲରୁ ଚୋରି ହୋଇଛି। ମଙ୍ଗଳବାର ରାତିରେ ଚୋରମାନେ ସ୍କୁଲର ନେତାଜୀ କକ୍ଷ ତାଲା ଭାଙ୍ଗି ଲାଗିଥିବା ସ୍ମାର୍ଟବୋର୍ଡ ଓ ଏକ ଟେଲିଭିଜନ ନେଇଯାଇଛନ୍ତି। ଏହା ସହିତ ଉଦ୍ଦେଶ୍ୟମୂଳକଭାବେ ସ୍କୁଲ କାନ୍ଥରେ ଅଶ୍ରାବ୍ୟ ଭାଷାରେ କିଛି ଶବ୍ଦ ଲେଖିଛନ୍ତି। ବୁଧବାର ସକାଳେ କେତେକ ପିଲା ସ୍କୁଲ ଗେଟ ଖୋଲାଥିବା ଏବେ ତାଲା ଭଙ୍ଗା ଯାଇଥିବା ଦେଖିବା ପରେ ଘଟଣା ସାମନାକୁ ଆସିଥିଲା। ଖବର ପାଇ ପରିଚାଳନା କମିଟି ଓ ଗ୍ରାମ୍ୟ ପରିଚାଳନା କମିଟି ସଦସ୍ୟ ସ୍କୁଲ ଯାଇ ପ୍ରଧାନଶିକ୍ଷକଙ୍କ ସହ ସ୍ଥିତି ନିରୀକ୍ଷଣ କରିଥିଲେ। ସ୍କୁଲରୁ ସ୍ମାର୍ଟ ବୋର୍ଡ ଓ ଟେଲିଭିଜନ ଚୋରି ହୋଇଥିବା ନେଇ ଅଭିଯୋଗ କରାଯାଇଛି ବୋଲି ପ୍ରଧାନଶିକ୍ଷକ ସରୋଜ ରାଉତ କହିଛନ୍ତି। ଚୋରି ଜିନିଷର ମୂଲ୍ୟ ପ୍ରାୟ ୩ଲକ୍ଷ ୭୫ହଜାର ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଘଟଣାର ଅନୁସନ୍ଧାନ ଚାଲିଥିବା ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ କହିଛନ୍ତି। କିଛି ଦିନ ପୂର୍ବରୁ ଲୁତୁରପଙ୍କରୁ ଆସୁଥିବା ଏସ୍‌ଏଚ୍‌ଜି ମହିଳାଙ୍କଠାରୁ ସୁନା ଚେନ ଓ ନଗଦ ୫୦ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଏହା ସହିତ ଗ୍ରାମରେ ଜଣେ ବ୍ୟକ୍ତିଙ୍କଠାରୁ ୧୦ ହଜାର ଟଙ୍କା ମଧ୍ୟ ଚୋରି ହୋଇଥିଲା। ଅଞ୍ଚଳରେ ଏବେ ବ୍ୟାପକ ଚୋରି ବଢୁଛି।

# ୨୫ତମ ଆଞ୍ଚଳିକ ମହାନଦୀ ବାଲି ଉତ୍ସବ

# ଆଧ୍ୟାତ୍ମିକ ଚେତନା ଜାଗରଣ ଲକ୍ଷ୍ୟ

ସୋନପୁର,୧।୧(ମୃତ୍ୟୁଞ୍ଜୟ ଶତପଥୀ)


ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ମହାରାଜ ଓ ମହନ୍ତ ବଂଶୀଧର ଦାଶ ଶ୍ରଦ୍ଧାଳୁଙ୍କୁ ଆଶୀର୍ବଚନ ପ୍ରଦାନ କରୁଛନ୍ତି।

୨୫ତମ ଆଞ୍ଚଳିକ ମହାନଦୀ ବାଲି ଆଧ୍ୟାତ୍ମିକ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ନୂତନ ବର୍ଷରେ ଆଞ୍ଚଳବାସୀଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ଜାଗରଣ ଲକ୍ଷ୍ୟରେ ହିକୁଡି ସ୍ଥିତ ସୋନପୁର ସରକାରୀ ଶିଳ୍ପ ପ୍ରତିଷ୍ଠାନ(ଆଇଟିଆଇ) ଖେଳ ପଡିଆରେ ଏହି କାର୍ଯ୍ୟକ୍ରମ ଦୁଇଦିନ ଧରି ଆୟୋଜିତ ହୋଇଥିଲା। ମଙ୍ଗଳବାର ରାତିରେ ଅଖଣ୍ଡ ତୁଳସୀ ରାମାୟଣ ପାରାୟଣ ହୋଇଥିଲା। ବୁଧବାର ସକାଳେ ଗଙ୍ଗା ଆଳତୀ, ସାମୂହିକ ହନୁମାନ ଚାଳିଶା ପଠନ ପରେ ଓଡ଼ିଆ ରାମଚରିତ ମାନସର ସୁନ୍ଦରାକାଣ୍ଡ ପାରାୟଣ, ବିଶ୍ୱର ମଙ୍ଗଳ ସକାଶେ ହୋମଯଜ୍ଞ ଓ ପ୍ରାର୍ଥନା ହୋଇଥିଲା। ମଧ୍ୟାହ୍ନରେ ପ୍ରବଚନ ହୋଇଥିଲା। ପୂଜାର କର୍ତ୍ତା ଥିଲେ ବ୍ୟୋମକେଶ ତ୍ରିପାଠୀ ଓ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ ପଣ୍ଡିତ ସଞ୍ଜୟ ତ୍ରିପାଠୀ, ମଧୁସୂଦନ ମିଶ୍ର ବ୍ୟାସ ଭାବେ ପୁରାଣ ଗାନ କରିଥିଲେ। ବୃନ୍ଦାବନର ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ମହାରାଜ ଓ ପୁରୀ ରାମଜୀ ମଠର ମହନ୍ତ ବଂଶୀଧର ଦାଶ ଶ୍ରଦ୍ଧାଳୁଙ୍କୁ ଆଶିର୍ବଚନ ପ୍ରଦାନ କରିଥିଲେ। ଉଭୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ମହୋତ୍ସବ କମିଟିର ପରିଚାଳନାରେ ଏହି ଧାର୍ମିକ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ପ୍ରାୟ ୮ ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି ହନୁମାନ ଚାଳିଶା ପାଠ କରିବା ସହ ପ୍ରବଚନ ଶୁଣିଥିଲେ। ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ଭୋଜନର ବ୍ୟବସ୍ଥା ହୋଇଥିଲା।

# ଆଜିଠୁ ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା

## ଭାଗ ନେବେ ୨୭ ଜିଲାର କଳାକାର

ହରଭଙ୍ଗା,୧।୧(ନରେନ୍ଦ୍ର କୁମାର ସାହୁ)

ଗୁରୁବାର ଠାରୁ ଆରମ୍ଭ ହେବାକୁ ଯାଉଛି ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା। ଏହି ମେଳା ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ସହରର କଚେରି ଖେଳ ପଡିଆରେ ଅନୁଷ୍ଠିତ ହେବ। ମହୋତ୍ସବ ପାଇଁ ପୁରା ଜିଲା ପ୍ରଶାସନ ତତ୍ପର ହୋଇ ପଡିଛି । ମହୋତ୍ସବ ସମ୍ପର୍କରେ ଯେପରି ଜିଲାବାସୀ ଜାଣିପାରିବେ ସେ ନେଇ ଗତ ସୋମବାରଠାରୁ ଏକ ସଚେତନତା ରଥ ଜିଲାର ସମସ୍ତ ବ୍ଲକରେ ପରିକ୍ରମା କରୁଛି। ଚଳିତବର୍ଷ ମହୋତ୍ସବ ମଞ୍ଚକୁ ପଦ୍ମଶ୍ରୀ ସ୍ୱର୍ଗତ ଡ. ସାଧୁ ମେହେରଙ୍କ ନାମରେ ନାମିତ କରାଯାଇଛି । ମହୋତ୍ସବରେ ୨୭ ଜିଲାର କଳାକାର ଭାଗ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି । ମେଳା ପାଇଁ ୧୯୦ଟି ଷ୍ଟଲ ପ୍ରସ୍ତୁତ କରାଯାଇଛି। ସେଥିମଧ୍ୟରୁ ୯୦ ଗୋଟି ଷ୍ଟଲରେ ପଲ୍ଲିଶ୍ରୀ ମେଳାର ସାମଗ୍ରୀ,୩୦ ଗୋଟି ଷ୍ଟଲରେ ଖାଦ୍ୟ ସାମଗ୍ରୀ ଓ ୩୦ ଗୋଟି ବିଭାଗୀୟ ଷ୍ଟଲ ଓ ଅନ୍ୟ ୪୦ ଗୋଟି ବେସରକାରୀ ଷ୍ଟଲ ଖୋଲାଯାଇଛି । ଏହାସହ ଏକ ସାଂସ୍କୃତିକ ଶୋଭାଯାତ୍ରା ସହରର ରାଜବାଟି ଠାରୁ ବାହାରି ମହୋତ୍ସବ ପଡିଆରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଶୋଭାଯାତ୍ରାରେ ସ୍ଥାନୀୟ କଳାକାର ଓ ରାଜ୍ୟ ବାହାର କଳାକାର ଭାଗ ନେବାର ରହିଛି।

# ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ବୈଠକ


ବୈଠକରେ ଉପସ୍ଥିତ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧି।

ଡୁଙ୍ଗୁରିପାଲି,୧।୧(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ବୈଠକ ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଅହଲ୍ୟା ସାହୁ ସଭାପତିତ୍ୱ କରିଥିଲେ। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଏବିଡ଼ିଓ ଆନନ୍ଦଚନ୍ଦ୍ର ମାଝୀ,ଏଇ ସୁବନାଥ ମାଝୀ, ବ୍ଲକ ଯୋଗାଣ ନିରୀକ୍ଷକ ସୁବ୍ରତ କୁମାର ପାଣି, ଯନ୍ତ୍ରୀ ହିମାଦ୍ରୀ ପଧାନ, ସିଡିପିଓ ସୁକାନ୍ତି ବେହେରା, ଜିଲା ପରିଷଦ ସଭ୍ୟ ଗଣେଶଚନ୍ଦ୍ର ଭୋଇ, ମଞ୍ଜୁଶ୍ରୀ ମାଝୀ, ସ୍ଥାନୀୟ ବିଧାୟକ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଯୋଗଦେଇଥିଲେ। ବିଡ଼ିଓ ଦିଲୀପ କୁମାର ବାଡା ସଭା ପରିଚାଳନା କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ କର୍ମଜୀବୀ ଲୋକେ ଯେପରି ପାଇପାରିବେ ସେଥିପ୍ରତି ଧ୍ୟାନ ଦେବାକୁ ବିଡ଼ିଓ ବାଡା କହିଥିଲେ। କୃଷିଜାତୀୟ କିଡ଼ ସବୁ ଉପଯୁକ୍ତଭାବେ ଚାଷୀଙ୍କୁ ବଣ୍ଟନ କରାଯାଉ ନ ଥିବା ଜନପ୍ରତିନିଧିମାନେ କହିଥିଲେ। ବ୍ଲକର ସବୁ ପଞ୍ଚାୟତରେ ହେଉଥିବା ବିଭିନ୍ନ ଯୋଜନାର କାମ ତଦାରଖରେ ଯନ୍ତ୍ରୀ ଅଭାବ ସମସ୍ୟା ପ୍ରସଙ୍ଗ ବୈଠକରେ ଉଠିଥିଲା। ବୈଠକରେ ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତାଘାଟ ନିର୍ମାଣ, ପଶୁପାଳନ, ମହିଳା ଓ ଶିଶୁ ବିକାଶ, ଆବାସ ଯୋଜନା, ରାଶନ କାର୍ଡ ଉପରେ ଆଲୋଚନା ହୋଇଥିଲା। ସରପଞ୍ଚମାନେ ନିଜ ପଞ୍ଚାୟତରେ ଯେପରି ଉନ୍ନୟନମୂଳକ କାର୍ଯ୍ୟ ସହଜରେ ହେବ ତାହା ଉପରେ ବୈଠକର ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି, ଶିକ୍ଷକଙ୍କ ସ୍ଥିତି, ପାନୀୟ ଜଳ, ଆଲୋକ ବ୍ୟବସ୍ଥା, ରାସ୍ତା ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା ଉପରେ ଜୋର ଦିଆଯାଇଥିଲା। ଜିପିଓ ଦେବାଶିଷ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ବାବଦରେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ । **କ୍ର.ସଂ., ଟେଣ୍ଡର ନଂ. ଏବଂ କାର୍ଯ୍ୟର ବର୍ଣ୍ଣନା** ନିମ୍ନ ଅନୁଯାୟୀ ଅଟେ: **(୧) ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୨୦-୨୦୨୪,** ଏଡିଇଏନ୍/ଡବ୍ଲ୍ୟୁଏସ୍‌ପି/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ବର୍ଷ ୨୦୨୪-୨୦୨୫ ଓ ୨୦୨୫-୨୦୨୬ (ଦୁଇବର୍ଷ) ପାଇଁ ମୁଖ୍ୟ ୱାର୍କଶପ୍, ନୂଆ ୱାଗନ୍ ଶପ୍ ତଥା ଏନ୍‌ଏସ୍ ୟାର୍ଡ କମ୍ପ୍ଲେକ୍ସ ଭିତରେ ଓ ବାହାରେ ବିବିଧ (ପି-ୱେ ଜୋନାଲ) ଟ୍ରାକ୍ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ₹୨,୨୧,୦୭,୬୮୬.୯୨। **ଅମାନତ ରାଶି:** ₹୨,୬୦,୫୦୦/- । **(୨) ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୨୧-୨୦୨୪,** 'କେଜିପିଡବ୍ଲ୍ୟୁର ଟିଆରଏସ୍-ପିଓଏଚ୍ ଶପ୍ ଏବଂ ପ୍ରଡକ୍ସନ୍ ଶପଠାରେ କର୍ମଚାରୀ କଲ୍ୟାଣ ପଦକ୍ଷେପ (ଟିଆରଏସ୍-ପିଓଏଚ୍ ଶପ୍ କ୍ୟାଣ୍ଟିନ୍, ମହିଳା ବିଶ୍ରାମ ଗୃହ, ଟଏଲେଟ୍ ବ୍ଲକ୍, ପୋର୍ଟା କ୍ୟାଣ୍ଟିନ୍)ର ବ୍ୟବସ୍ଥା' ଅଧୀନରେ ପ୍ରସ୍ତାବିତ କାର୍ଯ୍ୟଗୁଡ଼ିକର ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୨୧,୪୫,୩୯୩.୧୮। **ଅମାନତ ରାଶି:** ₹୪୨,୯୦୦/-। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦ । **ଖୋଲାଯିବା ତାରିଖ:** କ୍ର.ସଂ.୧ ପାଇଁ ୦୮।୦୧।୨୦୨୫ ଓ କ୍ର.ସଂ. ୨ ପାଇଁ ୧୦।୦୧।୨୦୨୫ । **କାର୍ଯ୍ୟର ସମାପ୍ତି ଅବଧି:** କ୍ର.ସଂ.୧ ପାଇଁ ୨୪ ମାସ ଓ କ୍ର.ସଂ. ୨ ପାଇଁ ୯ ମାସ । ବିଡିଂ ଆରମ୍ଭ ତାରିଖ: କ୍ର.ସଂ. ୧ ପାଇଁ ୧୦।୧୨।୨୦୨୪ ଓ ୦୮।୦୧।୨୦୨୫, ୧୫.୦୦ ଘଟିକା ପର୍ଯ୍ୟନ୍ତ, କ୍ର. ସଂ. ୨ ପାଇଁ ୧୭।୧୨।୨୦୨୪ ଓ ୧୦।୦୧।୨୦୨୫, ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ସମ୍ଭାବ୍ୟ ଟେଣ୍ଡରଦାତାମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ **"www.ireps.gov.in"** ପରିଦର୍ଶନ କରିପାରନ୍ତି" । (PR-966)


# କଂସ ବଧ ସହ ଧନୁଯାତ୍ରା ଉଦ୍‌ଯାପିତ


କଂସଙ୍କ ସହ ଅତିଥି ଓ କମିଟି ସଦସ୍ୟ ।

ଲାଠୋର,୧।୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଜୟ ମା' ବଗ୍ରେନ ଧନୁଯାତ୍ରା କମିଟି ସଭାପତି ହରି ବାରିକଙ୍କ ତତ୍ତ୍ୱାବଧାନରେ ଚାଲିଥିବା ୧୫ ତମ ଧନୁଯାତ୍ରା ମଙ୍ଗଳବାର ରାତିରେ କଂସ ବଧ ସହ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଶାଲ ଯୋଗଦେଇ ଅଞ୍ଚଳର ବିକାଶ ଦିଗରେ ସଦାସର୍ବଦା ସହଯୋଗ ରହିବ ବୋଲି କହିଥିଲେ। ଶିକ୍ଷାବିତ ଇନ୍ଦ୍ରମଣି ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାଷୀଙ୍କ ସମସ୍ୟା ତଥା ଧନୁଯାତ୍ରା କମିଟିର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ସରକାରଙ୍କ ନିକଟରେ ଅନୁଦାନ ପାଇଁ ଦାବି ରଖିବା ଉଚିତ ବୋଲି ମତ ରଖିଥିଲେ । ସେହିପରି ଏଲଡିଏ ପ୍ରତିଷ୍ଠାତା ଲବ ସୁନା ନିଜ ବକ୍ତବ୍ୟରେ ଗନ୍ଧମାର୍ଦ୍ଦନ ପର୍ବତର ସୁରକ୍ଷା ଉପରେ କହିଥିବା ବେଳେ ଅବସରପ୍ରାପ୍ତ ଖେଳ ଶିକ୍ଷକ ସଦାନନ୍ଦ ବେହେରା ଧନୁଯାତ୍ରା ଉପରେ କହିଥିଲେ। ଶେଷ ସନ୍ଧ୍ୟାରେ ମଞ୍ଚରେ କମିଟି ପକ୍ଷରୁ ନୂତନ ବର୍ଷ ୨୦୨୫କୁ ସ୍ୱାଗତ କରା ଯାଇଥିଲା। ପରେ କଂସ ବଧ ଦୃଶ୍ୟ ଦର୍ଶକଙ୍କ ମନ ମୋହିଥିଲା । ଏହି ଅବସରରେ ଉପଦେଷ୍ଟା ରମାକାନ୍ତ ମହାନ୍ତି, ଉପସଭାପତି କ୍ଷୀର ଭଇଁଶାଲ,ସମ୍ପାଦକ ସଜିକାନ୍ତ ଦାସ,ସହସମ୍ପାଦକ ନୀଳମଣି ବେହେରା,କୋଷାଧ୍ୟକ୍ଷ ବିଦ୍ୟାଧର ଗୁର୍ଲା,ସଦସ୍ୟ ରୋହିତ ମେହେର,ସିକନ୍ଦର ସୁନା,ଜୟଦେବ ଶାଣ୍ଢ,ଭଗବାନ ସେଠ ଏବଂ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବଡ଼ମାଳ ଗ୍ରାମରେ ବୁଢ଼ାରଜା ଯାତ୍ରା

ସଇଁତଲା,୧।୧(ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ବ୍ଲକ ଗଣ୍ଡପତ୍ରାପାଲି ପଞ୍ଚାୟତ ଅନ୍ତର୍ଗତ ବଡ଼ମାଳ ଗ୍ରାମରେ ବୁଢ଼ାରଜା ତଥା ସିକେରପାଟ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ପୀଠର ମୁଖ୍ୟ ପୂଜକ ଗଣ୍ଡାରାମ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପୂଜାରେ ପୂଜକ ସୁଦେବ ଭୋଇ, ଟିକେଶ୍ୱର ଭୋଇ, ଦିହାରୀ ନନ୍ଦ ଭୋଇ, ରତନ ଭୋଇ, ରାଜୀବ ଲୋଚନ ଭୋଇ, ଜୟକୃଷ୍ଣ ଭୋଇ ପ୍ରମୁଖ ଉପସ୍ଥିତ ରହି ପୂଜାରେ ସହଯୋଗ କରିଥିଲେ। ଆଦିବାସୀ କନ୍ଧ ସମାଜର ଜାତିଭାଇମାନେ ଉପସ୍ଥିତ ରହି ବୁଢ଼ାରଜା ତଥା ସିକେରପାଟଙ୍କ ନିକଟରେ ପୂଜାର୍ଚ୍ଚନା କରି ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମର ଡ଼ିଙ୍ଗର ଭୋଇ, ଅଙ୍ଗଦ ଭୋଇ, ଧନେଶ୍ୱର ଭୋଇ, ବାସୁଦେବ ଭୋଇ, ଶ୍ରୀଚନ୍ଦ୍ର ଭୋଇ, ପିଅନ ଭୋଇ, କନ୍ଧ ଭୋଇ, ଧନେଶ୍ୱର ଭୋଇ, ଖେତୁ ଭୋଇ, ଶ୍ରୀକର ଭୋଇ, ଅଭି ମାଝୀ, ସୁରୁ ଭୋଇ, ଅନିଲ ଭୋଇ, ସୁବାଷ ଭୋଇ, ନାରଦ ଭୋଇ, ଧବଳେଶ୍ୱର ଭୋଇ, ଶିବ ବଗର୍ତ୍ତି, ବେଲଧର ବଗର୍ତ୍ତି, ଦେବରାଜ ଭୋଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଲୋକଙ୍କ ସମସ୍ୟା ଶୁଣିଲେ ନରସିଂହ


ନୂଆବର୍ଷରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଲୋକଙ୍କୁ ଭେଟି ସମସ୍ୟା ଶୁଣୁଛନ୍ତି।

**ନୂଆବର୍ଷରେ ଗାଁ ବୁଲିଲେ**

ବଲାଙ୍ଗୀର,୧।୧(ବୀରେନ୍ଦ୍ର କୁମାର ଝାଙ୍କର)

ନୂଆବର୍ଷର ପ୍ରଥମ ଦିନକୁ ଭିନ୍ନ ଭାବେ ପାଳନ କରିଛନ୍ତି ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର। ନୂଆବର୍ଷ ଅବସରରେ ବୁଧବାର ପୂର୍ବାହ୍ନରେ ପୂର୍ବତନ ମନ୍ତ୍ରୀ ମିଶ୍ର ବଲାଙ୍ଗୀର ସଦର ବ୍ଲକର ବିଭିନ୍ନ ଗାଁ ବୁଲି ଲୋକଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସମସ୍ୟା ଶୁଣିଥିଲେ। ଏହାର ସମାଧାନ ଦିଗରେ ପଦକ୍ଷେପ ନବେ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ୨୦୨୫ ନୂତନ ବର୍ଷ ଅବସରରେ ପ୍ରଥମେ ସେ ଛତାମଖନା-କିରାବାହାଲ ବ୍ୟାରେଜ ପାଖରେ ନୂଆ ବର୍ଷ ପାଳନ କରୁଥିବା ଜନସାଧାରଣଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ । କିରାବାହାଲ ଗ୍ରାମବାସୀଙ୍କ ବିଭିନ୍ନ ଅଭାବ ଅସୁବିଧା ଶୁଣିଥିଲେ। ପରେ ସକମା ପଞ୍ଚାୟତ ଅନ୍ତର୍ଗତ ରାଣୀପାଲି ଆମ୍ବବଗିଚାଠାରେ ସାଧାରଣ ଜନତାଙ୍କୁ ଭେଟି ନୂତନ ବର୍ଷ ଶୁଭେଚ୍ଛା ଜଣାଇଥିଲେ। ସେଠାରେ ଲୋକଙ୍କ ଠାରୁ ଧାନକିଣା, ବିଜୁଳି, ପିଇବା ପାଣି ଏବଂ ଆବାସଗୃହ ବିଷୟରେ ଅଭିଯୋଗ ଶୁଣିଥିଲେ । ଅପରାହ୍ନରେ ତୁଷୁରାବାହାଲ ପଞ୍ଚାୟତ ଅନ୍ତର୍ଗତ ଡଙ୍ଗାଘାଟ ଠାରେ ବହୁ ସଂଖ୍ୟକ ମହିଳା ପୁରୁଷଙ୍କୁ ଭେଟିଥିଲେ। ଏହି ଆଲୋଚନା ବେଳେ ଲୋକନାଥ କୁମୁରା, ମୁରଲୀ ମଲ୍ଲିକ, କୀର୍ତ୍ତନ ସାହୁ, ବେଲାର ସିଂ ଭୋଇ, ଲମ୍ବୋଦର ମହାକୁର, ରାମ ମିଶ୍ର, ସଞ୍ଜୀବ ପ୍ରଧାନ, ବିପିନ ପୁଟେଲ, ଧନୁ ସିଂ, ରାଧାକାନ୍ତ ଭୋଇ ଏବଂ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ ।


**DEPARTMENT OF SCHOOL AND MASS EDUCATION**
ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ
Odisha School Education Programme Authority
Government of Odisha

**OFFICE OF THE DISTRICT EDUCATION OFFICER-CUM-DISTRICT PROJECT COORDINATOR, SAMAGRA SHIKSHA, NUAPADA**
At/P.O./Dist.: Nuapada (Behind Mini Stadium), Odisha
PIN - 766105, e-Mail: dpcnuapadassa.opepa@nic.in

No. 01/GE/2025 III-01/25 Date: 01.01.25

**NOTICE**

**Document Verification of Provisionally Eligible Candidates for Engagement of Part Time Teacher in Different KGBVs of Nuapada District**

Pursuant to this office Notice No. 2979/GE/2024, Dtd.16.11.2024 and recruitment Notice No. 476 Dated 01.03.2024 of this office for appointment of contractual posts, i.e. Part Time Teachers under different Kasturaba Gandhi Balika Vidyalayas (KGBV) of Nuapada district, the candidate list who are eligible for Certificate/ Document verification is hereby published in the Notice Board of District Project Office, Samagra Shiksha, Nuapada and in Nuapada district official website **www.nuapada.odisha.gov.in** & in OSEPA website **www.osepa.odisha.gov.in** for information of concern candidates.

Accordingly, the enlisted candidates are hereby directed to remain physically present in the Certificate/Document verification process (for contractual posts of Part Time Teachers) scheduled to be held on Dt.07.01.2025 at DPO, Samagra Shiksha, Nuapada from 10.30 A.M. to 4.00 P.M. along with all required document/certificate/testimonies in original along with a set of self attested photocopies of all required documents. The list of all required documents for appearing the certificate/ document verification process is mentioned at Annexure-A for reference of the candidates.

Non appearing of candidates physically or non submission of any required documents during document verification process on the scheduled date and time, may liable to rejection of candidature of concerned candidate.

By order of Collector-cum-Chairman
Samagra Shiksha, Nuapada
**Sd./- District Education Officer-cum-DPC, Samagra Shiksha, Nuapada**

## ସଂକ୍ଷେପରେ

### ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

**ହେମଗିର,୧୧(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ଥାନା ସ୍ଥିତ କାଉଦରହଠାରେ ପୋଲିସ ଜଣେ ଅଜଣା ଯୁବକଙ୍କ ମୃତଦେହ ଜବତ କରିଛି। ଖବର ଲେଖା ହେବା ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରି ନାହିଁ। ମିଳିଥିବା ସୂଚନା ଅନୁସାରେ, କାଉଦରହଠାରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଦେଖି ଲୋକେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ନବବର୍ଷ ଉପଲକ୍ଷେ ସୁନ୍ଦରାକାଣ୍ଡ ପାରାୟଣ

**ବାଉଁଶୁଣୀ,୧୧(ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକ ବାଉଁଶୁଣୀ ବଡଦିଆପଡାର ନାଟ୍ୟ କଳା ମଣ୍ଡପଠାରେ ଶ୍ରୀରାମଲୀଳା ସାଂସ୍କୃତିକ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ନୂତନବର୍ଷ ୨୦୨୫ ଅବସରରେ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁନ୍ଦରାକାଣ୍ଡ ପାରାୟଣ ଆୟୋଜିତ ହୋଇଥିଲା। ସ୍ୱାଗତିକା ମିଶ୍ର ରାମକଥା ଗାନ କରିଥିଲେ । ସୁନ୍ଦରାକାଣ୍ଡ ଶ୍ରବଣ ପାଇଁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ନିଆରା ପରମ୍ପରା, ବୟସ୍କଙ୍କୁ ପାଦୁକା ପୂଜା

**ସରଣ୍ଡା,୧୧(ଯୁଧିଷ୍ଠିର ମହାପାତ୍ର )**

ବରଗଡ଼ ଜିଲା ଅତାବିରା ଏନ୍‌ଏସି ଅଧୀନ ଲାଦେରପାଲି ଗ୍ରାମରେ ନୂତନ ବର୍ଷକୁ ନିଆଁରା ଢଙ୍ଗରେ ପାଳନ କରାଯାଇଛି। ହନୁମାନ ମନ୍ଦିର ପରିସରରେ ଗ୍ରାମର ଇଷ୍ଟଦେବତା ବୀର୍ ହନୁମାନଙ୍କୁ ପୂଜାର୍ଚ୍ଚନା କରିବା ପରେ ଜଣେ ପରେ ଜଣେ ସମସ୍ତ ବୃଦ୍ଧାବୃଦ୍ଧଙ୍କୁ ଫୁଲ ଚନ୍ଦନ ଲଗାଇ ଘଣ୍ଟ, ଶଙ୍ଖ ହରିବୋଲ ହୁଳହୁଳି ସହ ତାଙ୍କର ପାଦୁକା ପୂଜା କରିଥିଲେ। ଭଜନ ପ୍ରବଚନ, ରାମାୟଣ ଆଦି ଗାନ କରାଯାଇଥିଲା। ମଧ୍ୟାହ୍ନରେ ସମସ୍ତଙ୍କ ପାଇଁ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ କୁନି କୁନିପାଲାଙ୍କ ନୃତ୍ୟ, ସଂଗୀତ, କୀର୍ତ୍ତନ, ସଂଚାର କଳା, କବି ସମ୍ମିଳନୀ ଆଦି ବହୁ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ପ୍ରବଚକ ଶ୍ରୀ ଅଇଁଠୁ ସାହୁ (ମହଦା, ବୀରମହାରାଜପୁର, ସୁବର୍ଣ୍ଣପୁର)ଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପରାୟଣ, ସନ୍ଧ୍ୟା ୪ଟାରେ କୀର୍ତ୍ତନଧାରା କାର୍ଯ୍ୟକ୍ରମରେ ଗାୟକ ବୁଲୁ ସତପଥି, ବିଶ୍ୱାମିତ୍ର ପାଣ୍ଡେ, ରଘୁନାଥ ବଘାର, ଚନ୍ଦନ ମହାର, ପ୍ରହଲ୍ଲାଦ ଭୋଇ, ବଳିଷ୍ଠ ଷଣ୍ଡ ଓ ସାଥି ଯୋଗଦେଇଥିଲେ।

### ରକ୍ତଦାନ ଶିବିର: ୧୩୦ୟୁନିଟ ସଂଗୃହୀତ

**ପଦ୍ମପୁର, ୧୧ (ପ୍ରଦୀପ୍ତ ଦାଶ):** ନୂତନବର୍ଷପ୍ରଥମଦିନରେସ୍ୱେଚ୍ଛାକୃତରକ୍ତଦାନ ଶିବିର ସାଧୁ ଗିରିଜା ଶଙ୍କର ଦାସଙ୍କ ପ୍ରତିଷ୍ଠିତ ମହିମା ଆଶ୍ରମ ପଲସାନୀ, ବୁକୁରାମୁଣ୍ଡା, ମହୁଲପାଲିରେ ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଶିବିର ସଂକଳ୍ପ ପରିବାର ବରଗଡ ଓ ମହିମା ଆଶ୍ରମ, ପଲସାନୀର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ନିଃସ୍ୱାର୍ଥ ସେବା ଓ ସହଯୋଗରୁ ନୂତନବର୍ଷ ୨୦୨୫କୁ ସ୍ୱାଗତ କରିବା, ଡାକ୍ତରଖାନାରେ ରକ୍ତ ପାଇଁ ବିକଳ ହେଉଥିବା ରୋଗୀଙ୍କୁ ରକ୍ତ ଦେଇ ମରଣମୁହଁରୁ ବଞ୍ଚାଇବାରେ ସାହାଯ୍ୟ କରିବା ସଂକଳ୍ପ ନେଇ ହୋଇଥିବା ଏହି ରକ୍ତଦାନ ଶିବିରକୁ ସାଧୁ ଗିରିଜା ଶଙ୍କର ଦାସ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

### ସାଇକେଲରେ ସମ୍ବଲପୁରରୁ ଦ୍ୱାରିକା ଯାତ୍ରା

**ପାଇକମାଳ, ୧୧(ବଡ ଶତପଥି)-** ସମ୍ବଲପୁରର ମନୋଜ କୁମାର ମେହେର ସାଇକେଲରେ ଗୁଜରାଟର ଦ୍ୱାରିକାକୁ ବାହାରିଛନ୍ତି। ସେ ବୁଧବାର ସକାଳେ ପାଇକମାଳରେ ପହଞ୍ଚିଥିଲେ। ପାଇକମାଳରେ ରାଜେଶ ଅଗ୍ରୱାଲ ଓ ଜାମିନୀକାନ୍ତ ପ୍ରଧାନ ପୁଷ୍ପଦେଇ ତାଙ୍କୁ ସ୍ୱାଗତ କରିଥିଲେ। ସେ ସାଇକେଲରେ ୨୫ ଦିନରେ ଦ୍ୱାରିକାରେ ପହଞ୍ଚିବାର ଲକ୍ଷ୍ୟ ରଖିଛନ୍ତି। ତାଙ୍କ ଯାତ୍ରା ଶୁଭ ହେଉ ବୋଲି ପ୍ରଧାନ କହିଛନ୍ତି ।



ମନୋଜ କୁମାର ମେହେର ସାଇକେଲରେ ଯାଉଛନ୍ତି।



ନବବର୍ଷ ଅବସରରେ ଲହୁଣୀପଡା ବ୍ଲକ ତାଳବାହାଲି ପଞ୍ଚାୟତ ବୁଢାଭୁଇଁ ଗ୍ରାମସ୍ଥିତ ଖଣ୍ଡାଧାର ଜଳ ପ୍ରପାତରେ ପର୍ଯ୍ୟଟକଙ୍କ ଭିଡ଼।

# ନୂଆବର୍ଷରେ ଖଣ୍ଡାଧାରରେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼

**ଲହୁଣୀପଡା,୧୧(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ତାଳବାହାଲି ପଞ୍ଚାୟତ ବୁଢାଭୁଇଁ ଗ୍ରାମସ୍ଥିତ ଖଣ୍ଡାଧାର ଜଳ ପ୍ରପାତରେ ବୁଧବାର ଇଂରାଜୀ ନବବର୍ଷ ଉପଲକ୍ଷେ ପର୍ଯ୍ୟଟକଙ୍କ ବହୁ ସଂଖ୍ୟାରେ ଭିଡ଼ ହୋଇଥିଲା। ଯାନବାହନ ଓ ଆସିଥିବା ଲୋକଙ୍କଠାରୁ ପ୍ରାୟ ଏକ ଲକ୍ଷ ୫୦ ହଜାର ୨୨୫ ଟଙ୍କା ଅସୁଲ ହୋଇଥିବା ବନବିଭାଗ ତରଫରୁ ସୂଚନା ମିଳିଥିବା ଜଣାପଡିଛି। ବଣଭୋଜି ଋତୁରେ ପ୍ରାୟ ୪୫ ଜଣ ସ୍ଥାନୀୟ ମହିଳା ପୁରୁଷ ରକ୍ଷଣ ବେକ୍ଷଣ ପାଇଁ କାର୍ଯ୍ୟରତ ଥିବା ବେଳେ ପୋଲିସ ଓ ବନ ବିଭାଗ କର୍ମଚାରୀମାନେ ତଦାରଖ ଦାୟିତ୍ୱ ତୁଲାଉଥିବା ଜଣାପଡିଛି।

# ଆଜିଠାରୁ ଜିଲା ମହୋତ୍ସବ ଯତ୍‌ରା

**ସୁନ୍ଦରଗଡ,୧୧(ଜୟ ନାରାୟଣ ମେଣ୍ଡୁଲି)**

ଗୁରୁବାରଠାରୁ ଆରମ୍ଭ ହେଉଛି ୭୮ତମ ସୁନ୍ଦରଗଡ଼ ଜିଲା ପ୍ରତିଷ୍ଠା ଦିବସ, ଜିଲା ମହୋତ୍ସବ ଯତ୍‌ରା ଏବଂ ଜାତୀୟ ସ୍ତରୀୟ ପଲ୍ଲୀଶ୍ରୀ ମେଳା। ଏହା ୬ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲା ସଂସ୍କୃତି ପରିଷଦ, ଓରମାସ୍ ଏବଂ ଜିଲା ପ୍ରଶାସନ, ସୁନ୍ଦରଗଡ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରର ସ୍ୱନାମଧନ୍ୟ କଳାକାର,ନୃତ୍ୟ ଶିଳ୍ପୀ, କଣ୍ଠ ଶିଳ୍ପୀ ଯୋଗଦେବା ସହ ସ୍ୱୟଂ ସହାୟିକା ଗୋଷ୍ଠୀ ଓ କାରିଗରଙ୍କ ଦ୍ୱାରା ହସ୍ତଶିଳ୍ପ ସାମଗ୍ରୀ, ଖାଦ୍ୟ ମେଳା, ପୁସ୍ତକ ମେଳା, ଚିତ୍ର କଳା ପ୍ରଦର୍ଶନୀ କରାଯିବ। ଉଦ୍‌ଘାଟନୀ ସନ୍ଧ୍ୟାରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସମେତ ଜିଲାର ସମସ୍ତ ବିଧାୟକ ଅତିଥି ରହିଛନ୍ତି। ସେହିପରି ନବଜୀବନ ସୁନ୍ଦରଗଡ, ରାଉରକେଲାର କରମା ନାଚ, ଭୁବନେଶ୍ୱର ନୃତ୍ୟ ନୈବେଦ୍ୟ ଅନୁଷ୍ଠାନର କଳାକାରଙ୍କ ନୃତ୍ୟ, ଆସାମର ବିହୁ ନାଚ ସହିତ ବଲିଉଡ ତାରକା ସୁଦେଶ ଭୋସେଲେଙ୍କ ଷ୍ଟାର ନାଇଟ୍(ତାରକା ରାତ୍ରି )କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ସନ୍ଧ୍ୟାରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ ଅତିଥି ରହିଛନ୍ତି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ମହୋତ୍ସବ ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ସରିଛି। ପ୍ରତ୍ୟହ ସନ୍ଧ୍ୟାରେ ଲୋକ ନୃତ୍ୟ ସହ ତାରକା ରାତ୍ରୀ କାର୍ଯ୍ୟକ୍ରମ ରହିଥିବା ନେଇ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ମନୋଜ ସତ୍ୟବାନ ମହାଜନ ସୂଚନା ଦେଇଛନ୍ତି।

# ନୂଆବର୍ଷରେ ଆବିର୍ଭାବ ହେଲେ ମହାଦେବ



**ହେମଗିର,୧୧(ଚୈତନ୍ୟ ପଟେଲ)**

ସୁନ୍ଦରଗଡ ଜିଲା ହେମଗିର ସ୍ଥିତ ବାଇପାସ ରାସ୍ତା ନିକଟରେ ଜଣେ ବ୍ୟକ୍ତିଙ୍କ ଅଗଣାରୁ ନୂଆଁ ବର୍ଷରେ ମହାଦେବ ଆବିର୍ଭାବ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ସକାଳ ସମୟରେ ବ୍ୟକ୍ତି ଜଣଙ୍କ ଘର ଝାଡୁ କରୁଥିବା ସମୟରେ ଅଗଣାରୁ ଏକ କଳା ପଥର ମାଟିତଳୁ ବାହାରକୁ ଆସୁଥିବା ଦେଖିବାକୁ ପାଇଥିଲେ। ଏହା ଶିବଲିଙ୍ଗ ବୋଲି ପ୍ରଚାର ହେବା ପରେ ସେଠାରେ ଭକ୍ତଙ୍କ ସୁଅ ଛୁଟିଛି। ଏହି ଶିବଲିଙ୍ଗକୁ ଦେଖିବା ପାଇ ଦୂର ଦୂରାନ୍ତରୁ ଲୋକଙ୍କ ଭିଡ ଦେଖିବାକୁ ମିଳିଛି।

# କଂସ ବଧ ସହ ଧନୁଯାତ୍ରା ଉଦ୍‌ଯାପିତ



କଂସଙ୍କ ସହ ଅତିଥି ଓ କମିଟି ସଦସ୍ୟ।

**ଲାଠୋର,୧୧(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଜୟ ମା' ବସ୍ତ୍ରେନ ଧନୁଯାତ୍ରା କମିଟି ସଭାପତି ହରି ବାରିକଙ୍କ ତତ୍ତ୍ୱାବଧାନରେ ଚାଲିଥିବା ୧୫ ତମ ଧନୁଯାତ୍ରା ମଙ୍ଗଳବାର ରାତିରେ କଂସ ବଧ ସହ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଶାଳ ଯୋଗଦେଇ ଅଞ୍ଚଳର ବିକାଶ ଦିଗରେ ସଦାସର୍ବଦା ସହଯୋଗ ରହିବ ବୋଲି କହିଥିଲେ। ଶିକ୍ଷାବିତ ଇନ୍ଦ୍ରମଣି ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାଷୀଙ୍କ ସମସ୍ୟା ତଥା ଧନୁଯାତ୍ରା କମିଟିର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ସରକାରଙ୍କ ନିକଟରେ ଅନୁଦାନ ପାଇଁ ଦାବି ରଖିବା ଉଚିତ ବୋଲି ମତ ରଖିଥିଲେ। ସେହିପରି ଏଲଡିଏ ପ୍ରତିଷ୍ଠାତା ଲବ ସୁନା ନିଜ ବକ୍ତବ୍ୟରେ ଗନ୍ଧମାର୍ଦ୍ଦନ ପର୍ବତର ସୁରକ୍ଷା ଉପରେ କହିଥିବା ବେଳେ ଅବସରପ୍ରାପ୍ତ ଖେଳ ଶିକ୍ଷକ ସଦାନନ୍ଦ ବେହେରା ଧନୁଯାତ୍ରା ଉପରେ କହିଥିଲେ। ଶେଷ ସନ୍ଧ୍ୟାରେ ମଞ୍ଚରେ କମିଟି ପକ୍ଷରୁ ନୂତନ ବର୍ଷ ୨୦୨୫କୁ ସ୍ୱାଗତ କରା ଯାଇଥିଲା। ପରେ କଂସ ବଧ ଦୃଶ୍ୟ ଦର୍ଶକଙ୍କ ମନ ମୋହିଥିଲା । ଏହି ଅବସରରେ ଉପଦେଷ୍ଟା ରମାକାନ୍ତ ମହାନ୍ତି, ଉପସଭାପତି କ୍ଷୀର ଭଇଁଶାଳ,ସମ୍ପାଦକ ସଚ୍ଚିକାନ୍ତ ଦାସ,ସହସମ୍ପାଦକ ନୀଳମଣି ବେହେରା,କୋଷାଧ୍ୟକ୍ଷ ବିଦ୍ୟାଧର ଗୁର୍ଲା,ସଦସ୍ୟ ରୋହିତ ମେହେର,ସିକନ୍ଦର ସୁନା,ଜୟଦେବ ଶାଣ୍ଡେ,ଭଗବାନ ସେଠ ଏବଂ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# ମନମୋହିଲା ଭୀମ ଭୋଇ କଳାନିକେତନ ଲୋକନୃତ୍ୟ

**ଅମରପାଲି,୧୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନତୋଲା ପଞ୍ଚାୟତର କୁଞ୍ଜାପାଲି ବଡଦେଓ ପୀଠରେ ବଡଦେଓ କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ତ୍ରିଦିବସୀୟ ଷଡବଂଶୀୟ ଗୋଣ୍ଡ ସମାଜ ୨୦ତମ ବଡଦେଓ ମହୋତ୍ସବର ବୁଧବାର ଦ୍ୱିତୀୟ ଦିବସ ଥିଲା। ଷଡବଂଶୀୟ ଗୋଣ୍ଡ ସମାଜର ସମ୍ବଲପୁର, ସୁବର୍ଣ୍ଣପୁର,ବରଗଡ, ଝାରସୁଗୁଡ଼ା ଆଦି ଜିଲାର ଜାତି ମହାନ ବ୍ୟକ୍ତିବିଶେଷଙ୍କୁ ବୁଧବାର ଏହି ଅବସରରେ ସମ୍ମାନୀତ କରାଯାଇଥିଲା। ମଙ୍ଗଳବାର ବଡଦେଓଙ୍କ ଦାରୁ ପ୍ରତିଷ୍ଠା, କଳସ ଶୋଭାଯାତ୍ରା ହୋଇଥିଲା। ଦ୍ୱିତୀୟ ଦିବସରେ ବଡଦେଓ ପୂଜା ଓ ଭୀମ ଭୋଇ କଳା ନିକେତନ ବୀରମହାରାଜପୁର କଳାକାରମାନଙ୍କ ଦ୍ୱାରା ପରିବେଶିତ ଡାଲଖାଇ ଓ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ବେଶ ମନ ମୋହିଥିଲା।



କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ବ୍ୟକ୍ତି ବିଶେଷ।

# ମନ୍ଦିର ପ୍ରତିଷ୍ଠା ପାଇଁ ମୁନିଋଷିଙ୍କୁ ନିମନ୍ତ୍ରଣ

**ବଘିଆପଡା,୧୧(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ଲୋକକଳା ଗ୍ରାମ ନାରାୟଣପଗରରେ ଆସନ୍ତା ମାସ ୨୪ ତାରିଖ ଠାରୁ ଫେବୃଆରୀ ୩ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୧ ଦିନ ବ୍ୟାପି ଶ୍ରୀ ଜଗନ୍ନାଥ ଓ ଶ୍ରୀରାମଚନ୍ଦ୍ରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏନେଇ ମନ୍ଦିର କମିଟି ପକ୍ଷରୁ ବୁଧବାର ଦିନ ମୁନି ଋଷିମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ବାବା ସାଧୁ କୁଳଧର ଦାସ, ସାଧୁ କୃଷ୍ଣଚନ୍ଦ୍ର ଦାସ ଓ ସେମାନଙ୍କ ଶିଷ୍ୟମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ମନ୍ଦିର କମିଟି ସଭାପତି ରାଜେନ୍ଦ୍ର ମେହେର, ନେପାଳ ମେହେର, କଡଜୁ ମେହେର, ନବ କିଶୋର ମେହେର, ରଘୁନାଥ ମେହେର, ଡମ୍ବରୁ ମେହେର, ବସନ୍ତ ମେହେର, ସାଧୁ ମେହେରଙ୍କ ସମେତ ଗ୍ରାମବାସୀ ପୂଜାର୍ଚ୍ଚନା କରି ନିମନ୍ତ୍ରଣ କରିଥିଲେ ।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ୍ ରେଲୱେ ମ୍ୟାନେଜର (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ବାବଦରେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ । କ୍ର.ସଂ., ଟେଣ୍ଡର ନଂ. ଏବଂ କାର୍ଯ୍ୟର ବର୍ଣ୍ଣନା ନିମ୍ନ ଅନୁଯାୟୀ ଅଟେ: (୧) ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୨୦-୨୦୨୪, ଏଡିଇଏନ୍/ଡବ୍ଲ୍ୟୁଏସପି/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ବର୍ଷ ୨୦୨୪-୨୦୨୫ ଓ ୨୦୨୫-୨୦୨୬ (ଦୁଇବର୍ଷ) ପାଇଁ ମୁଖ୍ୟ ୱାର୍କଶପ, ନୂଆ ୱାଗନ୍ ଶପ୍ ତଥା ଏନ୍‌ଏସ୍ ୟାର୍ଡ କମ୍ପ୍ଲେକ୍ସ ଭିତରେ ଓ ବାହାରେ ବିବିଧ (ପି-ୱେ କୋନାଲ) ଟ୍ରାକ୍ କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ₹୨,୨୧,୦୭,୬୮୬.୯୨। ଅମାନତ ରାଶି: ₹୨,୬୦,୫୦୦/- । (୨) ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୨୧-୨୦୨୪, 'କେଜିପିଡବ୍ଲ୍ୟୁର ଟିଆର୍‌ଏସ୍-ପିଓଏଚ୍ ଶପ୍ ଏବଂ ପ୍ରଡକ୍ସନ୍ ଶପ୍‌ଠାରେ କର୍ମଚାରୀ କଲ୍ୟାଣ ପଦକ୍ଷେପ (ଟିଆର୍‌ଏସ୍-ପିଓଏଚ୍ ଶପ୍ କ୍ୟାଣ୍ଟିନ୍, ମହିଳା ବିଶ୍ରାମ ଗୃହ, ଟଏଲେଟ୍ ବ୍ଲକ୍, ପୋର୍ଟା କ୍ୟାଣ୍ଟିନ୍)ର ବ୍ୟବସ୍ଥା' ଅଧୀନରେ ପ୍ରସ୍ତାବିତ କାର୍ଯ୍ୟଗୁଡ଼ିକର ନିର୍ବାହ । ଟେଣ୍ଡର ମୂଲ୍ୟ: ₹୨୧,୪୫,୩୯୩.୧୮। ଅମାନତ ରାଶି: ₹୪୨,୯୦୦/-। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ପ୍ରତ୍ୟେକ ପାଇଁ ₹୦। ଖୋଲାଯିବା ତାରିଖ: କ୍ର.ସଂ.୧ ପାଇଁ ୦୮।୦୧।୨୦୨୫ ଓ କ୍ର.ସଂ. ୨ ପାଇଁ ୧୦।୦୧।୨୦୨୫ । କାର୍ଯ୍ୟର ସମାପ୍ତି ଅବଧି: କ୍ର.ସଂ.୧ ପାଇଁ ୨୪ ମାସ ଓ କ୍ର.ସଂ. ୨ ପାଇଁ ୯ ମାସ । ବିଡିଂ ଆରମ୍ଭ ତାରିଖ: କ୍ର.ସଂ. ୧ ପାଇଁ ୧୦।୧୨।୨୦୨୪ ଓ ୦୮।୦୧।୨୦୨୫, ୧୫.୦୦ ଘଟିକା ପର୍ଯ୍ୟନ୍ତ, କ୍ର. ସଂ. ୨ ପାଇଁ ୧୭।୧୨।୨୦୨୪ ଓ ୧୦।୦୧।୨୦୨୫, ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମ୍ଭାବ୍ୟ ଟେଣ୍ଡରଦାତାମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ **"www.ireps.gov.in"** ପରିଦର୍ଶନ କରିପାରନ୍ତି"। **(PR-966)**

# ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ହ୍ରାସକୁ ଗୁରୁତ୍ୱ

**ସୋନପୁର,୧୧(ମୃତ୍ୟୁଞ୍ଜୟ ଶତପଥୀ)**

ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଚେତନତା ରଥର ଶୁଭାରମ୍ଭ ହୋଇଥଲା। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଓ ଆରକ୍ଷୀ ଅଧିକ୍ଷକ ରାମ ପ୍ରସାଦ ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ ସଡ଼କ ସୁରକ୍ଷା ସମ୍ପର୍କିତ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ। ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟାକୁ ଶୂନ୍ୟ କରିବା ଉପରେ ବିଶେଷ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀ ତଥା ଜନସାଧାରଣଙ୍କୁ ଉଭୟ ପରାମର୍ଶ ଦେଇଥିଲେ। ଆରଟିଓ ଅକ୍ଷୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଓ ଏସ୍‌ପି ସବୁଜ ପତାକା ପ୍ରଦର୍ଶନ କରି ଶୋଭାଯାତ୍ରା ଓ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ମାସର ପ୍ରଥମ ସପ୍ତାହରେ ବିଭିନ୍ନ ଅନୁଷ୍ଠାନ, ଏନ୍‌ସିସି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଦସ୍ୟଙ୍କୁ ନେଇ ୱାକାଥନ ଅନୁଷ୍ଠିତ ହେବ । ଜିଲାର ୬ଟି ଯାକ ବ୍ଲକରେ ସଚେତନତା ରଥ ପରିକ୍ରମା କରିବ। ଏଥିସହ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସଚେତନତାଭିତ୍ତିକ ପ୍ରଦର୍ଶନ ସହ



ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ ଓ ଏସ୍‌ପି ଶୁଭାରମ୍ଭ କରୁଛନ୍ତି।

**ସଡ଼କ ସୁରକ୍ଷା ସଚେତନତା ମାସ ଉଦ୍‌ଘାଟିତ**

ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ପାଇଁ ସଡକ ସୁରକ୍ଷା ସମ୍ବନ୍ଧୀୟ ସଚେତନତାଭିତ୍ତିକ ପ୍ରଦର୍ଶନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ମାସକୁ ବିଶେଷ ସ୍ମରଣୀୟ କରିବାକୁ ଏକ ରକ୍ତଦାନ ଓ ଚକ୍ଷୁ ପରୀକ୍ଷା ଶିବିରର ଆୟୋଜନ କରାଯିବ। ସଡ଼କ ସୁରକ୍ଷାର ବାର୍ତ୍ତାକୁ ପ୍ରଚାର ପ୍ରସାର ପାଇଁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା ଆୟୋଜିତ ହେବ। ବୁଧବାର ସଚେତନତା ଶୋଭାଯାତ୍ରାରେ ନର୍ସିଂସ୍କୁଲ ଛାତ୍ରୀ, ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର, ଏନସିସି କ୍ୟାଡେଟ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଆଧାପକ ଉମାକାନ୍ତ ନାଗ, ଚନ୍ଦ୍ରମଣି ବାଗ, ଚନ୍ଦ୍ରଶେଖର ମହାପାତ୍ର, ଗୋପେଶ ପଣ୍ଡା, ତପସ୍ୱିନୀ ଦାସ, ଅନଙ୍ଗ ନେଗୀ, ବିଭିନ୍ନ ଅନୁଷ୍ଠନ କର୍ମକର୍ତ୍ତା, ବସ୍‌ସଂଘ, ଟ୍ରକ ସଂଘ କର୍ମକର୍ତ୍ତା, ଏମଭିଆଇ ବିଶ୍ୱରଞ୍ଜନ ସାହୁ, ଟ୍ରାଫିକ ସବ ଇନ୍ସପେକ୍ଟର ପୂଜା ଭେଙ୍ଗରା, ଚିତ୍ତରଞ୍ଜନ ଭୋଇ, ଅବିନାଶ ଭୁଏ, ହିମାଂଶୁ ରଞ୍ଜନ ସାହୁ ଏବଂ ପରିବହନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**DEPARTMENT OF SCHOOL AND MASS EDUCATION**
ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ
Odisha School Education Programme Authority
Government of Odisha
**OFFICE OF THE DISTRICT EDUCATION OFFICER-CUM-DISTRICT PROJECT COORDINATOR, SAMAGRA SHIKSHA, NUAPADA**
At/P.O./Dist.: Nuapada (Behind Mini Stadium), Odisha
PIN - 766105, e-Mail: dpcnuapadassa.opepa@nic.in
No. 01/GE/2025 Date: 01.01.25
III-01/25

**NOTICE**

**Document Verification of Provisionally Eligible Candidates for Engagement of Part Time Teacher in Different KGBVs of Nuapada District**

Pursuant to this office Notice No. 2979/GE/2024, Dtd.16.11.2024 and recruitment Notice No. 476 Dated 01.03.2024 of this office for appointment of contractual posts, i.e. Part Time Teachers under different Kasturaba Gandhi Balika Vidyalayas (KGBV) of Nuapada district, the candidate list who are eligible for Certificate/ Document verification is hereby published in the Notice Board of District Project Office, Samagra Shiksha, Nuapada and in Nuapada district official website **www.nuapada.odisha.gov.in** & in OSEPA website **www.osepa.odisha.gov.in** for information of concern candidates.

Accordingly, the enlisted candidates are hereby directed to remain physically present in the Certificate/Document verification process (for contractual posts of Part Time Teachers) scheduled to be held on Dt.07.01.2025 at DPO, Samagra Shiksha, Nuapada from 10.30 A.M. to 4.00 P.M. along with all required document/certificate/testimonies in original along with a set of self attested photocopies of all required documents. The list of all required documents for appearing the certificate/ document verification process is mentioned at Annexure-A for reference of the candidates.

Non appearing of candidates physically or non submission of any required documents during document verification process on the scheduled date and time, may liable to rejection of candidature of concerned candidate.

By order of Collector-cum-Chairman
Samagra Shiksha, Nuapada
**Sd./- District Education Officer-cum-DPC, Samagra Shiksha, Nuapada**

# ୩୨ ତମ ଦେବଗଡ଼ ଜିଲା ପ୍ରତିଷ୍ଠା ଦିବସ ପାଳିତ

**ଦେବଗଡ଼, ୧।୧ (ଶଶାଙ୍କ ଶେଖର ଝାଙ୍କର)**

ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ୩୨ ତମ ଦେବଗଡ ଜିଲା ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ପୌରପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଯୋଗଦେଇ ଜିଲା ପ୍ରତିଷ୍ଠା ଦିବସ ପାଳନ ଅବସରରେ ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକ ଓ ପୂର୍ବତନ ବିଧାୟକ ପ୍ରଦୀପ୍ତ ଗଙ୍ଗଦେବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ,



ପ୍ରତିଷ୍ଠା ଦିବସ ଅବସରରେ ଅତିଥିମାନେ।

କାର୍ଯ୍ୟନିର୍ବାହୀ ଅଧିକାରୀ ପୌରପରିଷଦ କୃପାସିନ୍ଧୁ ସ୍ୱାଇଁ, ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ମନୋରଞ୍ଜନ ସୂତାର, ଆଇନଜୀବୀ ମନୋଜ ପାଢ଼ୀ, ବରିଷ୍ଠ ନାଗରିକ ପ୍ରଫୁଲ୍ଲ ମହାପାତ୍ର, ନିରଞ୍ଜନ ଦ୍ୱିବେଦୀ, ଡ. ରାମଚନ୍ଦ୍ର ମହାପାତ୍ର, ସୁଧୀର କପରଦାର, ହେମନ୍ତ ମହାପାତ୍ର, ନାଟ୍ୟକାର ମାର୍କଣ୍ଡେଶ୍ୱର ଶତପଥୀ, ମିତ୍ରଭାନୁ ମହାପାତ୍ର, ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଭାରତ ଭୂଷଣ ନନ୍ଦ, ଏସଏଜି ମହିଳା ଓ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସଡ଼କ ସୁରକ୍ଷା ସପ୍ତାହ ସଚେତନତା ରଥ ଉଦ୍‌ଘାଟିତ

**ଝାରସୁଗୁଡା, ୧।୧ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡାରେ ସଡ଼କ ସୁରକ୍ଷା ସପ୍ତାହ ସଚେତନତା ରଥ ଜିଲାପାଳ ଆବୋଲି ସୁନୀଲ ନରୱାଣେ ଓ ଆରକ୍ଷୀ ଅଧୀକ୍ଷକ ସ୍ମିଥ ପି ପରମାରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଜିଲା ପରିବହନ ବିଭାଗ ତରଫରୁ ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲା ପରିବହନ ଅଧିକାରୀ ଦୀନବନ୍ଧୁ ଶୁଣ୍ଢୀ, ଏମ୍‌ଭିଆଇ ଲୋକନାଥ ମେହେର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜୟ ଜେନା, ଜିଲା ଅଟୋ ଚାଳକ ସଂଘ ସଭାପତି ଚୈତନ୍ୟ ସାହାଣୀଙ୍କ ସହିତ ୫୦ ଜଣ ଅଟୋ ଚାଳକ ଏବଂ ପରିବହନ ବିଭାଗର ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମର ସଚେତନତା ରଥକୁ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଯମ ଏବଂ ଚିତ୍ରଗୁପ୍ତଙ୍କ ଅଭିନୟ କରି ଝାରସୁଗୁଡା


ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ସବୁଜ ପତାକା ଦେଖାଇ ସଚେତନତା ରଥକୁ ଶୁଭାରମ୍ଭ କରୁଛନ୍ତି।

ସହରର ବେହେରାମାଲ, ବିଟିଏମ, ତଥା ବହୁ ସ୍ଥାନରେ ବାଇକ ଆରୋହୀ, ଅଟୋ ଚାଳକ, କାର ଚାଳକମାନଙ୍କୁ ଫୁଲ, ଚକୋଲେଟ ଦେଇ ହେଲମେଟ ପିନ୍ଧିବା, ମଦ୍ୟପାନ ନ କରି ତଥା ସିଟ ବେଲ୍ଟ ବାନ୍ଧି ସବୁବେଳେ ଗାଡି ଚଳାଇବା ପାଇଁ ସଚେତନତା କରାଯାଇଥିଲା। ସନ୍ଧ୍ୟାରେ ସଦର ଥାନାଠାରେ ଏହି କାର୍ଯ୍ୟକ୍ରମ ପରିବହନ ବିଭାଗ ଓ ପୋଲିସ ବିଭାଗ ଦ୍ୱାରା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଜାନୁଆରୀ ୧ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।

# ନୂତନ ବର୍ଷରେ ଯୁବ ଗୋଷ୍ଠୀ କଲେ ଶ୍ମଶାନ ଘାଟ ସଫେଇ


ସଫେଇ କାର୍ଯ୍ୟରେ ନିୟୋଜିତ ଯୁବଗୋଷ୍ଠୀ।

**ଦେବଗଡ, ୧।୧ (ଶଶାଙ୍କ ଶେଖର ଝାଙ୍କର)**

ନୂତନ ବର୍ଷକୁ ସ୍ୱାଗତ ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନରେ ଭୋଜି ଭାତର ଆସର ଚାଲିଛି। ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମରେ କେହି ନିଜକୁ ହଜାଇ ଦେଇଛି । ନୂଆବର୍ଷ ପାଇଁ ଚାରିଆଡ ଉତ୍ସବମୁଖର ପରିବେଶ ଥିବା ବେଳେ ସ୍ଥାନୀୟ ଅଞ୍ଚଳର ଯୁବ ଗୋଷ୍ଠୀ ନିଆରା ଢଙ୍ଗରେ ନୂଆବର୍ଷ ପାଳନ କରିଛନ୍ତି। ଏହି ଯୁବକମାନେ ପ୍ରଧାନପାଟସ୍ଥିତ ଶ୍ମଶାନ ଘାଟର ସଫେଇ କାର୍ଯ୍ୟରେ ନିଜକୁ ନିୟୋଜିତ କରି ବେଶ ଖୁସି ଅନୁଭବ କରିଥିବା କହିଛନ୍ତି। ପ୍ରଧାନପାଟ ସୁରକ୍ଷା ମଞ୍ଚ ଓ ମା' ପଧାନୀ ମନ୍ଦିର ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଉକ୍ତ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଫୁଲ୍ଲ ନାୟକ, ଉଦିପ୍ତ କୁମାର ନାୟକ, ମୁକେଶ ଜିନ୍ଦଲ, ଦୀପକ ନାୟକ, ବାସୁଦେବ ମିଶ୍ର, ମା' ପଧାନୀ ମନ୍ଦିର ଟ୍ରଷ୍ଟି ପ୍ରଶାନ୍ତ କୁମାର ଭୁକ୍ତା, ଆଇନଜୀବୀ ପ୍ରଦୀପ ଅମାତ ଓ ବିକାଶ କୁମାର ପ୍ରଧାନ, ରୁନା ନାଏକ, ବଳିଆ ରାଉତ, ପୁଟୁ ନାଏକ ଏବଂ ପ୍ରତାପ କିଶୋର ନାୟକ ପ୍ରମୁଖ ସଫେଇ କାର୍ଯ୍ୟରେ ପ୍ରତ୍ୟକ୍ଷ ଭାବେ ଯୋଗଦାନ କରି ସହଯୋଗ କରିଥିଲେ । ପ୍ରଧାନପାଟ ଓ ତତ୍‌ସଂଲଗ୍ନ ଶ୍ମଶାନ ଘାଟର ଆଖପାଖ ପରିସର ସଫା ସୁତୁରା ରଖିବା ଦ୍ୱାରା ପ୍ରଧାନପାଟ ଜଳପ୍ରପାତ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିବ। ଏହାଛଡା ପରିବେଶ ସୁସ୍ଥ ଓ ସୁନ୍ଦର ହୋଇପାରିବ । ଦୀର୍ଘ ବର୍ଷ ହେବ ଉପରୋକ୍ତ ସଂସ୍ଥାର ସାମାଜିକ କର୍ମୀଙ୍କ ସମେତ ଦେଉଗଡବାସୀଙ୍କ ସହଯୋଗରେ ଏପରି ସଫେଇ କାର୍ଯ୍ୟ ଚାଲୁ ରହିଛି । ଆଗାମୀ ଦିନରେ ଏଭଳି ଉଦ୍ୟମ ଜାରି ରହିବ ବୋଲି ପ୍ରଧାନପାଟ ସୁରକ୍ଷା ମଞ୍ଚର ଆବାହକ ଉଦିପ୍ତ କୁମାର ନାୟକ ସୂଚନା ପ୍ରଦାନ କରିଛନ୍ତି।

# ଗଛରେ ପିଟି ହେଲା କାର, ୧୨ ଆହତ




ବଟେମୁରା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଅହତମାନେ।

**ସମ୍ବଲପୁର, ୧।୧ (ପ୍ରମୋଦ ବହିଦାର)**

■ ସମଲେଶ୍ୱରୀଙ୍କ ଦର୍ଶନ ପାଇଁ ସମ୍ବଲପୁର ଯାଉଥିଲେ
■ ୪ଜଣ ଭିମ୍‌ସାର ସ୍ଥାନାନ୍ତର

ସମ୍ବଲପୁର ଜିଲା ଧମା ଥାନା ବଟେମୁରା ନିକଟ ୧୫ ନମ୍ବର ରାଜ୍ୟ ରାଜପଥରେ ଏକ ସଡ଼କ ଦୁର୍ଘଟଣାରେ ଚାଡ଼ି ଚାଳକ, ୩ ଶିଶୁଙ୍କ ସହ ୧୨ଜଣ ଆହତ ହୋଇଛନ୍ତି। ୨ଜଣଙ୍କ ପରିଚୟ ମିଳିନାହିଁ। ଆହତମାନେ ହେଲେ ତରଣୀ ମେହେର, ଦ୍ରିଷ୍ଟା ମେହେର, ସୁରୁବାବୁ ମେହେର, ଜ୍ୟୋସ୍ନା ମେହେର, ରିଙ୍କି ମେହେର, ଜୟରାମ ମେହେର, ସତ୍ୟଭାମା ମେହେର, ୩ ଶିଶୁ ସମୀର, ଆଲିଶା ଓ ଆଭାଷ। ୨ ମହିଳା ଓ ୨ ପୁରୁଷଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଭିମ୍‌ସାରରେ ଭର୍ତ୍ତି କରାଯାଇଛି। ବୁଧବାର ମଧ୍ୟାହ୍ନରେ ସମ୍ବଲପୁରରେ ମା' ସମଲେଶ୍ୱରୀଙ୍କ ଦର୍ଶନ ପାଇଁ ସୁବର୍ଣ୍ଣପୁର ଜିଲା ସାଗରପାଲିରୁ ୪ଜଣ ସାଙ୍ଗ ସପରିବାରେ ସ୍କର୍ପିଓ(ଓଡି-୦୨-ସିୱାଇ-୮୯୬୩)ରେ ବାହାରିଥିଲେ। ଗାଡ଼ିରେ ଚାଳକଙ୍କ ସହ ମୋଟ ୧୨ ଜଣ ଥିଲେ। ରାସ୍ତାରେ ଆସିବା ସମୟରେ ବଟେମୁରା ନିକଟରେ ଗାଡ଼ି ଚାଳକଙ୍କ ଆଖି ଲାଗି ଯିବାରୁ ଗାଡ଼ି ରାସ୍ତାପାର୍ଶ୍ୱସ୍ଥ ଏକ ଗଛରେ ପିଟି ଦେଇଥିଲା। ସ୍ଥାନୀୟ ଲୋକ ଓ ଧମା ପୋଲିସ ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ।

# ମା'ରାମଚଣ୍ଡୀଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ବ୍ରଜରାଜନଗର, ୧।୧ (ବିଜୟ କୁମାର ବରାଡ଼)**

ଝାରସୁଗୁଡ଼ା ଜିଲାର ପୁରାତନ ଶକ୍ତିପୀଠ ମା' ରାମଚଣ୍ଡୀ ମନ୍ଦିରରେ ନବବର୍ଷ ପାଇଁ ବେଶ ଉତ୍ସବ ମୁଖର ଥିଲା। ବ୍ରଜରାଜନଗର ଇବ୍ ନଦୀ କୂଳ ପାହାଡ଼ ଗୁମ୍ଫାରେ ପୂଜିତା ମା'ରାମଚଣ୍ଡୀଙ୍କୁ ନବବର୍ଷରେ ଦର୍ଶନ ପାଇଁ ଭୋର ୫ଟାରୁ ଲମ୍ବାଧାଡିରେ ଶ୍ରଦ୍ଧାଳୁମାନେ ଛିଡା ହୋଇଥିଲେ। ଚଳିତବର୍ଷ ଏଭଳି ଜନ ସମାଗମ ହେବା କଳ୍ପନା ବାହାରେ ଥିଲା। ନବବର୍ଷ ପାଇଁ ସେବାୟତମାନେ ମା'ଙ୍କୁ ମହାସ୍ନାନ କରି ଭୋଗ ଅର୍ପଣ ପରେ ସାଧାରଣ ଦର୍ଶନ ପାଇଁ ମନ୍ଦିର ଖୋଲା ଯାଇଥିଲା। ଥଣ୍ଡା ପବନ ସତ୍ତ୍ୱେ ଶ୍ରଦ୍ଧାଳୁମାନେ ଧାଡିରେ ପାହାଡ଼ ଉପର ପର୍ଯ୍ୟନ୍ତ ରହିଥିଲେ। ଦିନ ୧୦ଟା ପରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢିଥିଲା। ପାହାଡ଼ ଉପରେ ମଧ ଏହି ଧାଡି ଲମ୍ବିଯାଇଥିଲା। ଅପରାହ୍ନ ୩ଟା ପର୍ଯ୍ୟନ୍ତ ମଧ୍ୟ ଏହିଧାଡ଼ି ଥିଲା। ଶ୍ରଦ୍ଧାଳୁମାନେ ଦର୍ଶନ ପାଇଁ ୩ରୁ ୪ ଘଣ୍ଟା ଛିଡାହୋଇ ରହିଥିଲେ। ନୂଆବର୍ଷରେ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଜିଲା ତଥା ଜିଲା ବାହାର ସମ୍ବଲପୁର, ବରଗଡ଼, ସୁନ୍ଦରଗଡ ସହିତ ବାହାର ରାଜ୍ୟ ଛତିଶଗଡ଼, ଝାଡ଼ଖଣ୍ଡ ଅଞ୍ଚଳରୁ ଆସିଥିବା ଦେଖିବାକୁ ମିଳିଥିଲା।


ମା'ରାମଚଣ୍ଡୀଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼।

# ଭାଜପାରେ ମିଶିଲେ ସମାସିଂହା ସରପଞ୍ଚ


ମିଶ୍ରଣ ପର୍ବରେ ଭାଜପା ନେତା, କର୍ମୀ।

**ଝାରସୁଗୁଡା, ୧।୧ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ସହରର ବିଟିଏମ ଛକସ୍ଥିତ ଭାଜପା କାର୍ଯ୍ୟାଳୟରେ ମଙ୍ଗଳବାର ରାତ୍ର ୯ଟା ସମୟରେ କୋଲାବିରା ବ୍ଲକ ସମାସିଂହା ଗ୍ରାମ ପଞ୍ଚାୟତର ସରପଞ୍ଚ କରୁଣାକର ସେଠ ନିଜ ସମର୍ଥକଙ୍କ ସହିତ ବିଜେଡି ଛାଡି ଭାଜପାରେ ସାମିଲ ହୋଇଛନ୍ତି। ଏହି ସମୟରେ ବିଧାୟକ ଟଙ୍କଧର ତ୍ରିପାଠୀ ଉପସ୍ଥିତ ଥିଲେ। ବିଧାୟକ ତ୍ରିପାଠୀଙ୍କ ସରଳତା, ସ୍ନେହ, କାର୍ଯ୍ୟକଳାପ, ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକୁ ଭରସା କରି ଭାଜପାରେ ସାମିଲ ହେଲି ବୋଲି ମତ ଦେଇଥିଲେ। ବିଧାୟକ ତ୍ରିପାଠୀ ସରପଞ୍ଚ ଓ ତାଙ୍କର ସମର୍ଥକଙ୍କୁ ଉପଢୌକନ ଦେଇ ସ୍ୱାଗତ କରିବା ସହ କୋଲାବିରା ବ୍ଲକରେ ଭାଜପା ବହୁତ ମଜଭୁତ ହୋଇଛି ବୋଲି କହିଥିଲେ। ଏହି ମିଶ୍ରଣ ପର୍ବରେ ଭାଜପାର ଜିଲା ସଭାପତି ସୁନୀଲ ପଣ୍ଡା, ଜିଲାର ବରିଷ୍ଠ ଭାଜପା ନେତା ପ୍ରମୋଦ ତ୍ରିପାଠୀ, ମନୋଜ ସାହୁ, ଦିନେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଏନ୍‌ଜିକି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ବାବଦରେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ । କ୍ର.ସଂ., ଟେଣ୍ଡର ନଂ. ଏବଂ କାର୍ଯ୍ୟର ବର୍ଣ୍ଣନା ନିମ୍ନ ଅନୁଯାୟୀ ଅଟେ: (୧) ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୨୦-୨୦୨୪, ଏଡିଇଏନ୍/ଡବ୍ଲ୍ୟୁଏସପି/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ବର୍ଷ ୨୦୨୪-୨୦୨୫ ଓ ୨୦୨୫-୨୦୨୬ (ଦୁଇବର୍ଷ) ପାଇଁ ମୁଖ୍ୟ ୱାର୍କଶପ୍, ନୂଆ ୱାଗନ୍ ଶପ୍ ତଥା ଏନ୍‌ଏସ୍ ୟାର୍ଡ କମ୍ପ୍ଲେକ୍ସ ଭିତରେ ଓ ବାହାରେ ବିବିଧ (ପି-ୱେ ଜୋନାଲ) ଟ୍ରାକ୍ କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ₹୨,୨୧,୦୭,୬୮୬.୯୨। ଅମାନତ ରାଶି: ₹୨,୬୦,୫୦୦/- । (୨) ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୨୧-୨୦୨୪, 'କେଜିପିଡବ୍ଲ୍ୟୁର ଟିଆର୍‌ଏସ୍-ପିଓଏଚ୍ ଶପ୍ ଏବଂ ପ୍ରଡକ୍ସନ୍ ଶପଠାରେ କର୍ମଚାରୀ କଲ୍ୟାଣ ପଦକ୍ଷେପ (ଟିଆର୍‌ଏସ୍-ପିଓଏଚ୍ ଶପ୍ କ୍ୟାଣ୍ଟିନ୍, ମହିଳା ବିଶ୍ରାମ ଗୃହ, ଟଏଲେଟ୍ ବ୍ଲକ୍, ପୋର୍ଟା କ୍ୟାଣ୍ଟିନ୍)ର ବ୍ୟବସ୍ଥା' ଅଧୀନରେ ପ୍ରସ୍ତାବିତ କାର୍ଯ୍ୟଗୁଡ଼ିକର ନିର୍ବାହ । ଟେଣ୍ଡର ମୂଲ୍ୟ: ₹୨୧,୪୫,୩୯୩.୧୮। ଅମାନତ ରାଶି: ₹୪୨,୯୦୦/-। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ପ୍ରତ୍ୟେକ ପାଇଁ ₹୦ । ଖୋଲାଯିବା ତାରିଖ: କ୍ର.ସଂ.୧ ପାଇଁ ୦୮।୦୧।୨୦୨୫ ଓ କ୍ର.ସଂ. ୨ ପାଇଁ ୧୦।୦୧।୨୦୨୫ । କାର୍ଯ୍ୟର ସମାପ୍ତି ଅବଧି: କ୍ର.ସଂ.୧ ପାଇଁ ୨୪ ମାସ ଓ କ୍ର.ସଂ. ୨ ପାଇଁ ୯ ମାସ । ବିଡିଂ ଆରମ୍ଭ ତାରିଖ: କ୍ର.ସଂ. ୧ ପାଇଁ ୧୦।୧୨।୨୦୨୪ ଓ ୦୮।୦୧।୨୦୨୫, ୧୫.୦୦ ଘଟିକା ପର୍ଯ୍ୟନ୍ତ, କ୍ର. ସଂ. ୨ ପାଇଁ ୧୭।୧୨।୨୦୨୪ ଓ ୧୦।୦୧।୨୦୨୫, ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମ୍ଭାବ୍ୟ ଟେଣ୍ଡରଦାତାମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ **"www.ireps.gov.in"** ପରିଦର୍ଶନ କରିପାରନ୍ତି''। (PR-966)

# ଛାତ୍ର ସାମ୍ମୁଖ୍ୟ ଦ୍ୱାରା ପିଜି, ବିଏଡ୍ ପାଠ୍ୟକ୍ରମ ଖୋଲିବା ଦାବି

**ଝାରସୁଗୁଡା, ୧।୧ (ଆଶିଷ ରଞ୍ଜନ ଦାଶ)**

ଜିଲା ଗଠନ ହୋଇ ୩୧ବର୍ଷ ପୁରି ୩୨ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ଏ ଯାଏ ଜିଲାରେ ସରକାରୀ ଡ଼ିଗ୍ରୀ କଲେଜ ତଥା ସରକାରୀ ପିଜି ଓ ବିଇଡି ପାଠ୍ୟକ୍ରମ ଖୋଲିପାରି ନାହିଁ। ତେଣୁ ଛାତ୍ର ସାମ୍ମୁଖ୍ୟ ଦ୍ୱାରା ପୁରୁଣା ବସଷ୍ଟାଣ୍ଡ ସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତି ଆଗରେ ବୁଧବାର ପୂର୍ବାହ୍ନ ୧୦ଟାରେ ଧାରଣା ଦେଇ ଏହି ସବୁ ପାଠ୍ୟକ୍ରମ ଖୋଲିବା ପାଇଁ ଦାବି କରାଯାଇଛି। ସେହିପରି ଜିଲାରେ ଥିବା ରାଜ୍ୟର ଅନ୍ୟତମ ପୁରାତନ ସରକାରୀ ଯାନ୍ତ୍ରିକ ସ୍କୁଲ ୧୯୫୫ ମସିହାରେ ସ୍ଥାପନ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଯାନ୍ତ୍ରିକ ଡ଼ିଗ୍ରୀ କଲେଜ ହୋଇପାରିଲା ନାହିଁ। ରାଜ୍ୟ ସରକାରଙ୍କ ଏହି ଜିଲା ପ୍ରତି ବୈମାତୃକ ମନୋଭାବ ଯୋଗୁ ଗୋଟିଏ ହେଲେ ଡ଼ିଗ୍ରୀ କଲେଜକୁ ସରକାରୀ କଲେଜ ମାନ୍ୟତା ମିଳି ନାହିଁ। ଜିଲାର ସର୍ବପୁରାତନ ଲକ୍ଷ୍ମୀନାରାୟଣ କଲେଜରେ ୨୦୨୪-୨୫ ଶିକ୍ଷା ବର୍ଷରେ ୫ଟି ବିଭାଗରେ ପିଜି ପାଠ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ଗୁରୁତ୍ୱପୂର୍ଣ୍ଣ ବିଷୟରେ ପିଜି ପାଠ୍ୟକ୍ରମ ଖୋଲି ପାରିଲା ନାହିଁ। ଜିଲାର କୌଣସି କଲେଜ ବିଇଡି ପାଠ୍ୟକ୍ରମ ମଧ୍ୟ ନାହିଁ। ୧୯୯୪ ମସିହାରେ ସମ୍ବଲପୁର ଜିଲା ଠାରୁ ଅଲଗା ହେଇ ନୂତନ ଜିଲା ଭାବେ ଝାରସୁଗୁଡା ଗଠନ ହୋଇଥିଲା। ବର୍ତ୍ତମାନ ଜିଲା ଉତ୍ସବ ଦୁଲଦୁଲି ଚାଲିଥିଲେ ମଧ୍ୟ ଜିଲାରେ ଗୋଟିଏ ହେଲେ ସରକାରୀ ଡ଼ିଗ୍ରୀ କଲେଜ କି ସରକାରୀ ପିଜି ଓ ବିଇଡି ପାଠ୍ୟକ୍ରମ ନ ଥିବାରୁ ଛାତ୍ରୀଛାତ୍ର ଏ ସମାରୋହରୁ ଦୂରରେ ଥାଇ ବିକାଶର ଦ୍ୱାହି ଦେଉଥିବା ଜନପ୍ରତିନିଧି ଓ ପ୍ରଶାସନକୁ ଏ ଉପେକ୍ଷା ପାଇଁ ଦାୟୀ କିଏ ବୋଲି ପ୍ରଶ୍ନ କରିଛନ୍ତି । ସରକାରୀ କଲେଜ ଓ ଅନ୍ୟାନ୍ୟ ଶିକ୍ଷା ସମ୍ବନ୍ଧୀୟ ସୁଧାରକୁ ନେଇ ଦାବି କରି ଆସୁଥିବା ଜିଲା ଛାତ୍ର ସାମ୍ମୁଖ୍ୟ ଝାରସୁଗୁଡ଼ା ପୁରୁଣା ବସଷ୍ଟାଣ୍ଡ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଜିଲାର ପ୍ରତିଷ୍ଠା ଦିବସ ପାଳନ କରିବା ସହ ଉପରୋକ୍ତ ସମସ୍ୟା ପାଇଁ କିଏ ଦାୟୀ ରହିବେ ବୋଲି ଏକ ପ୍ରଶ୍ନ ଉତ୍ଥାପନ କରି ଏକ ଘଣ୍ଟା ପ୍ରତିବାଦ ସଭା ଆୟୋଜନ କରିଥିଲେ। ସକାଳ ୧୦ଟାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଜିଲା ଛାତ୍ର ସାମ୍ମୁଖ୍ୟର କାର୍ଯ୍ୟକର୍ତ୍ତା ପ୍ରାୟ ୧ ଘଣ୍ଟା ଧରି ଶାନ୍ତିପୂର୍ଣ୍ଣ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ର ସାମ୍ମୁଖ୍ୟର କେନ୍ଦ୍ରୀୟ ସଂଯୋଜକ ଜିତେନ୍ଦ୍ରିୟ ଧୁରୁଆ, ସହସଂଯୋଜକ ଅସୀମ ପଟେଲ, ଜିଲା ସଂଯୋଜକ ରବି ରୋହିଦାସ, ଆଦିବାସୀ ନେତା ପ୍ରଭାକର ଓରାମ, ସମାଜସେବୀ ବିଜୟ ଦାସ, ତ୍ରିଲୋଚନ ତ୍ରନସେନା ପ୍ରମୁଖ ଉପସ୍ଥିତ ଥିଲେ।

# ନିୟମିତ ହେଲେ ୯୨୯ ଶିକ୍ଷୟିତ୍ରୀଶିକ୍ଷକ

**ଭବାନୀପାଟଣା, ୧।୧ (ଉତ୍ତମ କୁମାର ଦାଶ)**

**ଜିଲା ଶିକ୍ଷା ବିଭାଗ ପକ୍ଷରୁ କନିଷ୍ଠ ଶିକ୍ଷକଙ୍କୁ ନୂଆବର୍ଷ ଭେଟି**

ପ୍ରାଥମିକ ଶିକ୍ଷାକୁ ଅଧିକ କ୍ରିୟାଶୀଳ ଓ ସୁଦୃଢ କରି କୋମଳମତି ପିଲାଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ୨୦୧୮ରେ ସରକାର କଳାହାଣ୍ଡି ଜିଲାରେ ୧୦୧୬ଜଣ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ଦେଇଥିଲେ। ଏହା ଦ୍ୱାରା ଗ୍ରାମାଞ୍ଚଳରେ ଶିକ୍ଷାଦାନର ସଫଳ ରୂପାୟନ ଦେଖାଯାଇଥିଲା। ନିୟମାନୁଯାୟୀ ୬ବର୍ଷ ପରେ ଏହି ଶିକ୍ଷକମାନେ ନିୟମିତ ହେବା କଥା। ହେଲେ ୬ବର୍ଷ ୯ ମାସ ପରେ ବି ସେମାନେ ନିୟମିତ ହୋଇପାରୁ ନ ଥିଲେ। ଏହାକୁ ନେଇ ଗତ ନଭେମ୍ବରରେ କନିଷ୍ଠ ଶିକ୍ଷକମାନେ ଭବାନୀପାଟଣାରେ ଏକ ଶୋଭାଯାତ୍ରା କରି ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲା ଶିକ୍ଷା ବିଭାଗ ପକ୍ଷରୁ ନୂଆବର୍ଷ ଭେଟି ସ୍ୱରୂପ ଜିଲାର ୯୨୯ ଜଣ କନିଷ୍ଠ ଶିକ୍ଷକଙ୍କୁ ନିୟମିତ ନିଯୁକ୍ତିପତ୍ର ଦିଆଯାଇଛି। ଅବଶିଷ୍ଟ ୮୭ ଜଣଙ୍କୁ ଖୁବ୍‌ଶୀଘ୍ର ନିୟମିତ କରାଯିବ ବୋଲି ଜଣାପଡିଛି। ଏଥିପାଇଁ ସମସ୍ତ କନିଷ୍ଠ ଶିକ୍ଷକ ମଙ୍ଗଳବାର ସନ୍ଧ୍ୟାରେ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କୁ ସାକ୍ଷାତ କରି କୃତଜ୍ଞତା ଜଣାଇଛନ୍ତି। ଦୀର୍ଘ ୬ବର୍ଷ ଅଳ୍ପ ଦରମାରେ ବିଭିନ୍ନ ଘାତପ୍ରତିଘାତ ସହିଆସୁଥିବା କନିଷ୍ଠ ଶିକ୍ଷକଙ୍କ ସହ ସମସ୍ତ ଶିକ୍ଷକ ମହଲରେ ଏହା ଆନନ୍ଦର ଲହରି ଖେଳାଇ ଦେଇଛି। ଏହି ଅବସରରେ ସଭାପତି ଅଭିଷେକ ପଣ୍ଡା, ସାଧାରଣ ସମ୍ପାଦକ ଦେବଦତ୍ତ ମିଶ୍ର, କାର୍ଯ୍ୟକାରୀ ସଭାପତି କାଳୁ ଚରଣ ମହାରଣା, ଉପସଭାପତି ମୋହନ କୁମାର ନାଏକ, ଉପଦେଷ୍ଟା ଶିବ ଶଙ୍କର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


ଜିଲା ଶିକ୍ଷା ଅଧିକାରୀଙ୍କୁ କୃତଜ୍ଞତା ଜଣାଉଛନ୍ତି କନିଷ୍ଠ ଶିକ୍ଷକମାନେ।

**DEPARTMENT OF SCHOOL AND MASS EDUCATION**
ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ
Odisha School Education Programme Authority
Government of Odisha
**OFFICE OF THE DISTRICT EDUCATION OFFICER-CUM-DISTRICT PROJECT COORDINATOR, SAMAGRA SHIKSHA, NUAPADA**
At/P.O./Dist.: Nuapada (Behind Mini Stadium), Odisha
PIN - 766105, e-Mail: dpcnuapadassa.opepa@nic.in
No. 01/GE/2025 Date: 01.01.25
III-01/25

**NOTICE**

**Document Verification of Provisionally Eligible Candidates for Engagement of Part Time Teacher in Different KGBVs of Nuapada District**

Pursuant to this office Notice No. 2979/GE/2024, Dtd.16.11.2024 and recruitment Notice No. 476 Dated 01.03.2024 of this office for appointment of contractual posts, i.e. Part Time Teachers under different Kasturaba Gandhi Balika Vidyalayas (KGBV) of Nuapada district, the candidate list who are eligible for Certificate/ Document verification is hereby published in the Notice Board of District Project Office, Samagra Shiksha, Nuapada and in Nuapada district official website **www.nuapada.odisha.gov.in** & in OSEPA website **www.osepa.odisha.gov.in** for information of concern candidates.

Accordingly, the enlisted candidates are hereby directed to remain physically present in the Certificate/Document verification process (for contractual posts of Part Time Teachers) scheduled to be held on Dt.07.01.2025 at DPO, Samagra Shiksha, Nuapada from 10.30 A.M. to 4.00 P.M. along with all required document/certificate/testimonies in original along with a set of self attested photocopies of all required documents. The list of all required documents for appearing the certificate/ document verification process is mentioned at Annexure-A for reference of the candidates.

Non appearing of candidates physically or non submission of any required documents during document verification process on the scheduled date and time, may liable to rejection of candidature of concerned candidate.

By order of Collector-cum-Chairman
Samagra Shiksha, Nuapada
**Sd./- District Education Officer-cum-DPC, Samagra Shiksha, Nuapada**

# ଉତ୍ସବ ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ ରଖେ



ବରଗଡର କଳାକାରମାନେ ଡାଲଖାଇ ନୃତ୍ୟ ପରିବେଷଣ କରୁଛନ୍ତି।



ଗୁପ୍ତେଶ୍ୱର ଖେତିଙ୍କୁ ପଏଁରୀ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଉଛି।

**ସୋନପୁର,୧୧(ମୃତ୍ୟୁଞ୍ଜୟ ଶତପଥୀ)**

## ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ

## ପଏଁରୀ ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଘାଟିତ

ପଏଁରୀ ତିହାର କେବଳ ଏକ ଉତ୍ସବ ନୁହେଁ ବରଂ ସଂସ୍କୃତି, ପାରମ୍ପରିକ ଲୋକକଳାକୁ ଉଜ୍ଜୀବିତ କରି ରଖିବା ଏହାର ଲକ୍ଷ୍ୟ ବୋଲି ଉଦ୍‌ଘାଟନୀ ସାନ୍ଧ୍ୟ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସୁବର୍ଣ୍ଣପୁର ପୁରୁଣା ଟାଉନ ହଲଠାରେ ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ ୨୫ତମ ପଏଁରୀ ତିହାର-୨୦୨୫ ବୁଧବାର ଉଦ୍‌ଘାଟିତ ହୋଇଛି। କଳା, ସଂସ୍କୃତି ଅନୁଷ୍ଠାନ ପଁଏରୀ ପକ୍ଷରୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡିଶା ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲା ସଂସ୍କୃତି ପରିଷଦର ମିଳିତ ସହଯୋଗରେ ଏହି ରୌପ୍ୟ ଜୟନ୍ତୀ ସମାରୋହ ଆୟୋଜନ ହୋଇଛି। ଏହା ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ।

ପୂର୍ବାହ୍ନରେ ଅନୁଷ୍ଠାନର କର୍ମକର୍ତ୍ତା, ଜିଲାର ପାରମ୍ପରିକ କଳାକାରଙ୍କୁ ନେଇ ମା ସୁରେଶ୍ୱରୀଙ୍କ ଠାରେ ପୂଜା ଅର୍ଚ୍ଚନା କରା ଯାଇଥିଲା। ପରେ ଏକ ମଶାଲ ଶୋଭାଯାତ୍ରା ତଥା ସାଂସ୍କୃତିକ ଶୋଭାଯାତ୍ରା ମନ୍ଦିରରୁ ବାହାରି ସହର ପରିକ୍ରମା କରିବା ପରେ ଉତ୍ସବ ସ୍ଥଳରେ ପହଞ୍ଚିଥିଲା। ଏହି ଉତ୍ସବକୁ ବରିଷ୍ଠ କଳାକାର କରମଚାନ୍ଦ ମହାନ୍ତି ଉଦ୍‌ଘାଟନ କରିଥିଲେ। ପଏଁରୀର ସଭାପତି ଲଡୁକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିନେ ଅଭିନେତା ଗଦାଧର ବାରିକ୍, ଉପଦେଷ୍ଟା ଅଭିମନ୍ୟୁ କୁଶଳ, ଶ୍ରୀବତ୍ସ ମଲ୍ଲିକ, ବ୍ଲକ କଳା ସଂସ୍କୃତି ସମିତିର ମାନଭଞ୍ଜନ ମିଶ୍ର, ରାମକୃଷ୍ଣ ହୋତା, ରମେଶ ପଧାନ, ଶ୍ୟାମ ସୁନ୍ଦର ସୁନା, ନନ୍ଦକାହ୍ନା ପୂଜାହାରୀ ଓ ନିରାକାର ଦେହୁରୀ ଅତିଥି ଭାବେ ଯୋଗ ଦେଇଥିଲେ। କଣ୍ଠଶିଳ୍ପୀ ଶତ୍ରୁଘ୍ନ ଲୁହା, ସୁଜାତା ଗିରି, ହରି ଓଁ କୁଶଳ, ନବୀନ କୁଅଁର ଓ ବ୍ରହ୍ମା କୁମ୍ଭାର ପାରମ୍ପରିକ ଲୋକ ସଙ୍ଗୀତ ପରିବେଷଣ କରିଥିଲେ। ବିଭିନ୍ନ ବ୍ଲକରୁ ଆସିଥିବା କଳାକାରମାନେ ଶବର ଶବରାନୀ, ଲୀଳା ଦଣ୍ଡନୃତ୍ୟ, କରମସାନୀ, ନଚନିଆ ଓ ବଜନିଆ ଭଳି ଲୋକନୃତ୍ୟ ପରିବେଷଣ କରିଥିଲେ। ସାନ୍ଧ୍ୟ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଜିଲାର ଭାଷା, ପୋଷାକ, କଳା ଓ ସଂସ୍କୃତି ଅନନ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଡ. ଦେବେନ୍ଦ୍ର ପ୍ରଧାନ ଓ ମମତା ଫେଶନ ସ୍କୁଲର ସିଇଓ ମମତା ଦାସ ଯୋଗଦେଇ ଜିଲାରେ ପାରମ୍ପରିକ ଲୋକକଳାର ବିକାଶରେ ପଏଁରୀର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପଏଁରୀର ସଭାପତି ଲଡୁକିଶୋର ମଲ୍ଲିକ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଚୌଧୁରୀ ବିଭାର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଗୁପ୍ତେଶ୍ୱରୀ ଖେତିଙ୍କୁ ଏହି ଅବସରରେ ପଏଁରୀ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ପରେ ବରଗଡର କଳାକାରମାନେ ଡାଲଖାଇ, ପଏଁରୀ କଳାକାର ମାନେ ମାଇଲାଯାଡ, ବଲାଙ୍ଗୀର ଜିଲା ତୁଷୁରା କୃଷ୍ଣପ୍ରିୟା କଳା ପରିଷଦ କଳାକାରଙ୍କ ଆଦିବାସୀ ନୃତ୍ୟ ଗୁପକୁଡୁ, ବୌଦ୍ଧୀ କଳାକାରଙ୍କ ନଚନିଆଁ ଓ ଝାଡଖଣ୍ଡର କଳାକାର ମାନେ ଡାଲଖାଇ ଲୋକନୃତ୍ୟ ପରିବେଷଣ କରିଥିଲେ। ନବବର୍ଷରେ ସହରବାସୀଙ୍କ ଭରପୁର ମନୋରଞ୍ଜନ ହୋଇଥିଲା। ପଏଁରୀ ଅନୁଷ୍ଠାନର ଉପସଭାପତି ପ୍ରଫୁଲ୍ଲ ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ। ସନ୍ତୋଷ ମିଶ୍ର, ସୌମ୍ୟରଞ୍ଜନ ସେଠୀ, ସୁଶାନ୍ତ ସାହୁ ଓ ରାମ ମେହେର ପ୍ରମୁଖ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ।

# ଭୁବନେଶ କୁମାର ୟୁଆଇଡିଏଆଇ ସିଇଓ

**ନୂଆଦିଲ୍ଲୀ,୧୧:** ଇଲେକ୍ଟ୍ରୋନିକ୍ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଭୁବନେଶ କୁମାରଙ୍କୁ ବୁଧବାର ଭାରତର ଏକକ ପରିଚୟପତ୍ର କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ନିଯୁକ୍ତ କରାଯାଇଛି। ଭୁବେନେଶ ମନ୍ତ୍ରଣାଳୟର ସାଇବର ଆଇନ ଏବଂ ୟୁଆଇଡିଏଆଇ ବ୍ୟାପାର ଦାୟିତ୍ୱରେ ଅଛନ୍ତି। ନୂଆ ନିଯୁକ୍ତି ପରେ ସେ ଉଭୟ ଦାୟିତ୍ୱରେ ତୁଲାଇବେ। ଗତ ଡିସେମ୍ବରରେ ଫାର୍ମାସ୍ୟୁଟିକାଲ୍ସ ବିଭାଗ ସଚିବ ନିଯୁକ୍ତ ହୋଇଥିବା ଅମିତ୍ ଅଗ୍ରୱାଲଙ୍କ ସ୍ଥାନରେ ସେ କାର୍ଯ୍ୟ କରିବେ। ୧୯୯୫ ବ୍ୟାଚ୍ ଉତ୍ତର ପ୍ରଦେଶ କ୍ୟାଡର ଆଇଏଏସ୍ ଅଧିକାରୀ ଭୁବନେଶ କୁରୁକ୍ଷେତ୍ରସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ୟୁଆଇଡିଏଆଇ ହେଉଛି ଇଲେକ୍ଟ୍ରୋନିକ୍ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ଏକ ବୈଧାନିକ ସଂସ୍ଥା, ଯାହାକି ଆଧାର ନମ୍ବର ଜାରି କରିଥାଏ। ଏଥିସହ ସେଣ୍ଟ୍ରାଲ ଆଇଡେଣ୍ଟିଟିଜ୍ ଡେଟା ରେପୋଜିଟୋରି (ସିଆଇଡିଆର୍) ପରିଚାଳନା ଦାୟିତ୍ୱ ମଧ୍ୟ ୟୁଆଇଡିଏଆଇ ତୁଲାଇଥାଏ।

# ଭାଜପାକୁ ଗାଦିଚ୍ୟୁତ କରିବା ଲକ୍ଷ୍ୟରେ ଅଖିଳେଶ

**ଲକ୍ଷ୍ନୌ,୧୧:** ଉତ୍ତର ପ୍ରଦେଶରେ ୨୦୨୭ରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଶାସକ ଭାଜପାକୁ ଗାଦିଚ୍ୟୁତ କରିବା ସମାଜବାଦୀ ପାର୍ଟି (ଏସ୍‌ପି)ର ଲକ୍ଷ୍ୟ ବୋଲି ବୁଧବାର ଦଳର ଅଧ୍ୟକ୍ଷ ଅଖିଳେଶ ଯାଦବ ସ୍ପଷ୍ଟ କରିଛନ୍ତି। ନୂଆବର୍ଷରେ ଖବରଦାତାମାନଙ୍କୁ ସମ୍ବୋଧିତ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ କହିଛନ୍ତି, ଏସ୍‌ପିର ଉଦ୍ଦେଶ୍ୟ ହେଉଛି ଆଗାମୀ ବିଧାନସଭା ନିର୍ବାଚନରେ ଭାଜପାକୁ ହଟାଇ ୟୁପିରେ ନ୍ୟାୟ ଓ ବିକାଶର ପଥ ସୁଗମ କରିବା। କୃଷକ, ଯୁବ, ମହିଳାଙ୍କ ସହ ପିଡିଏ (ପଛୁଆବର୍ଗ, ଦଳିତ ଓ ସଂଖ୍ୟାଲଘୁ)ଙ୍କୁ ଉପଯୁକ୍ତ ସମ୍ମାନ ଦେବା ପାଇଁ ଏସ୍‌ପି ଉଦ୍ୟମ ଜାରି ରଖିବ। ଏସ୍‌ପି ନେତା ଓ କର୍ମୀ ଏକାଠି ହୋଇ ପିଡିଏ ସରକାର ଗଠନ କରିବେ। ନୂଆ ସରକାରରେ କେହି ସେମାନଙ୍କ ଅଧିକାରକୁ ଛଡ଼ାଇ ନେଇପାରିବେ ନାହିଁ। ଅଖିଳେଶ ଅହୁରି କହିଛନ୍ତି, ଏସ୍‌ପି ବାବାସାହେବ ଭୀମରାଓ ଆମ୍ବେଡକରଙ୍କ ସମ୍ବିଧାନକୁ ଅନୁସରଣ କରିବା ଏବଂ ରାମମନୋହର ଲୋହିଆ ଓ ଦଳର ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବଙ୍କ ଆଦର୍ଶର ଅନୁପାଳନ ଜାରି ରଖିବ। ଏହି ଅବସରରେ ସେ ଭାଜପାକୁ ଟାର୍ଗେଟ କରି କହିଛନ୍ତି, ଗୈରିକ ଦଳ ଷଡ଼ଯନ୍ତ୍ରରେ ଲିପ୍ତ ରହିଛି। ଭାଜପା ସମ୍ବିଧାନକୁ ମାନୁନାହିଁ। ଏପରି କି ଗଣତାନ୍ତ୍ରିକ ନିୟମଗୁଡ଼ିକର ଉଲ୍ଲଂଘନ କରିବାକୁ ଯାଇ ପୋଲିସର ବଳକୁ ପ୍ରୟୋଗ କରୁଛି। ଭାଜପା କେବଳ ସମାଜର ବିଭିନ୍ନ ବର୍ଗ ମଧ୍ୟରେ ବିଭାଜନ ସୃଷ୍ଟି କରି ଘୃଣା ବିସ୍ତାର କରିବାରେ ଲାଗିଛି। ଏସ୍‌ପିର ନୀତିଗୁଡ଼ିକ ପ୍ରତି ଲୋକଙ୍କ ଆସ୍ଥା ରହିଛି। ପିଡିଏଙ୍କ ଶକ୍ତିବୃଦ୍ଧିକୁ ଦେଖି ଭାଜପା ବିଚଳିତ ହୋଇଯାଇଛି ବୋଲି ଅଖିଳେଶ ସମାଲୋଚନା କରିଛନ୍ତି।

# ନୂଆବର୍ଷରେ ହରିଶଙ୍କରରେ ପର୍ଯ୍ୟଟକଙ୍କ ଭିଡ଼

**ଖପ୍ରାଖୋଲ,୧୧ (ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ହରିଶଙ୍କରରେ ନୂତନ ବର୍ଷ ଅବସରରେ ପ୍ରବଳ ଜନ ସମାଗମ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁମାନେ ଠାକୁର ଦର୍ଶନ ପାଇଁ ଲମ୍ବା ଧାଡ଼ିରେ ଛିଡା ହୋଇ ରହିଥିଲେ। ସେହିପରି ଝରଣା କୂଳରେ ଭିଡ ଦେଖାଯାଇଥିବା ବେଳେ ପାହାଡ଼ ତଳ, ଭୋଜି ସ୍ଥାନରେ ଭୋଜି ଭାତର ଆସର ଜମିଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଥିଲା।





























See Career Appointment on every Wednesday & Saturday

# ପ୍ରତିବର୍ଷ ସଡ଼କ ଦୁର୍ଘଟଣାରେ ଯାଉଛି ୫ ହଜାରରୁ ଊର୍ଦ୍ଧ୍ୱ ଜୀବନ

ଭୁବନେଶ୍ୱର,୧।୧(ସୁନିତ୍ ମିଶ୍ର)



■ ପ୍ରାକୃତିକ ବିପର୍ଯ୍ୟୟଠାରୁ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ଓଡ଼ିଶାରେ ବେଶି

■ ୩୧ ପର୍ଯ୍ୟନ୍ତ ଚାଲିବ ସଡ଼କ ସୁରକ୍ଷା ମାସ

ଗତ ୧୦ ବର୍ଷରେ ସଡ଼କ ଦୁର୍ଘଟଣାରେ ଓଡ଼ିଶାରେ ୪୭,୦୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି। ପ୍ରତିବର୍ଷ ପାଖାପାଖି ୫ ହଜାର ଲୋକଙ୍କର ସଡ଼କ ଦୁର୍ଘଟଣାରେ ପ୍ରାଣହାନି ଘଟୁଛି। ପୃଥିବୀରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ସଂଖ୍ୟା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁସଂଖ୍ୟାଠାରୁ ଅଧିକ ବୋଲି ଏକ ସର୍ବେକ୍ଷଣରୁ ଜଣାଯାଇଥିବା ରାଜ୍ୟ ସରକାର ସୂଚନା ଦେଇଛନ୍ତି। ସରକାର ଦର୍ଶାଇଛନ୍ତି, ଦ୍ରୁତବେଗରେ ଗାଡ଼ି ଚଳାଇବା, ମାଦକଦ୍ରବ୍ୟ ସେବନ, ଭୁଲ୍ ରାସ୍ତାରେ ଏବଂ ଟ୍ରାଫିକ୍ ନିୟମ ନ ମାନି ଗାଡ଼ି ଚଳାଇବା ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ହେଉଛି।

ବୁଧବାରଠାରୁ ମାସେବ୍ୟାପୀ ଚାଲିବାକୁ ଥିବା ସଡ଼କ ସୁରକ୍ଷା ମାସ ଆରମ୍ଭ ହୋଇଛି। ଆସନ୍ତା ୩୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ନେଇ ମଙ୍ଗଳବାର ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଥିବା ବେଳେ ଏ ବର୍ଷ ସଚେତନତା ଓ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଭାରତ ସରକାରଙ୍କ ପକ୍ଷରୁ ସବୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି।

ବୈଠକରେ ହୋଇଥିବା ଆଲୋଚନା ମୁତାବକ, ସବୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ସଡ଼କ ସୁରକ୍ଷା ସପ୍ତାହ ପାଳନ ପାଇଁ ପାଣ୍ଠି ଦିଆଯାଇଛି। ଅନ୍ୟପକ୍ଷରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ପାଇଁ ପୋଲିସ ବିଭାଗ ସହଯୋଗରେ ମିଳିତ ଭାବେ ସ୍ୱତନ୍ତ୍ର ଅଭିଯାନରେ ଚଢ଼ାଉ କରାଯିବ। ସମ୍ବେଦନଶୀଳ ସ୍ଥାନରେ ତଥା ଆବଶ୍ୟକ ରହୁଥିବା ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସଡ଼କ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ। ବେଆଇନ ଭାବେ ରାଜପଥରେ ପାର୍କିଂ କରିଥିବା ଗାଡ଼ିକୁ ତୁରନ୍ତ ହଟାଯିବ। ଟ୍ରାଫିକ ନିୟମ ଉଲ୍ଲଂଘନ କରୁଥିବା ଗାଡ଼ି ଚାଳକମାନଙ୍କୁ ଛାତ୍ର ଟ୍ରାଫିକ୍ ସ୍ୱେଚ୍ଛାସେବୀ(ଷ୍ଟୁଡେଣ୍ଟ ଟ୍ରାଫିକ୍ ଭଲ୍ୟୁଣ୍ଟିୟର) ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ଦ୍ୱାରା ପରାମର୍ଶ ଦିଆଯିବ। ବିଶେଷକରି ପିକ୍‌ନିକ୍ ସ୍ପଟ୍ ଓ ଦର୍ଶନୀୟ ସ୍ଥାନରେ ଏନ୍‌ଫୋର୍ସମେଣ୍ଟ ଦଳ ମୁତୟନ ରହିବେ। ଗୁରୁତ୍ୱପୂର୍ଣ୍ଣ ପିକ୍‌ନିକ୍ ସ୍ପଟ୍‌ଗୁଡ଼ିକରେ ପ୍ରବେଶ ଓ ପ୍ରସ୍ଥାନ ପଥରେ ମଦୁଆ ଡ୍ରାଇଭରମାନଙ୍କ ପ୍ରତି ନଜର ରଖିବା ପାଇଁ ପୋଲିସ ମୁତୟନ ହେବେ। ଅନେକ ସ୍ଥଳରେ ସଡ଼କ ନିର୍ମାଣରେ ତ୍ରୁଟି ପରିଲକ୍ଷିତ ଯୋଗୁ ଦୁର୍ଘଟଣା ଘଟୁଥିବାରୁ ସମ୍ପୃକ୍ତ ସଡ଼କ କର୍ତ୍ତୃପକ୍ଷଙ୍କୁ ସେହି ତ୍ରୁଟିକୁ ତୁରନ୍ତ ଠିକ୍ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣା ହେଉଥିବା ସ୍ଥାନ(ବ୍ଲାକ୍‌ସ୍ପଟ୍)କୁ ଚିହ୍ନଟକରି ଏହାର ପ୍ରତିକାର କରିବା ଓ ସଚେତନତା ବଢ଼ାଇବା, ସଡ଼କ ଦୁର୍ଘଟଣା ସମ୍ପର୍କରେ ଡିଜିଟାଲ ପ୍ରଚାର ମାଧ୍ୟମରେ ସଚେତନତା, ସଡ଼କ ସୁରକ୍ଷା ପାଇଁ ଏନ୍‌ସିସି, ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ରଙ୍କୁ ସାମିଲ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି।

# ନିରାଡ଼ମ୍ବର ଭାବେ ନୂଆବର୍ଷ ପାଳନ କଲେ ମୁଖ୍ୟମନ୍ତ୍ରୀ

## ସାମୂହିକ ଦାୟିତ୍ୱ ନେଇ କାମ କରିବାକୁ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୧।୧(ଅନିଲ ଦାସ)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ପରଲୋକ ଯୋଗୁ ରାଷ୍ଟ୍ରୀୟ ଶୋକ ପାଳନ ତଥା ଚାଷୀମାନଙ୍କ ଅଦିନିଆ ବର୍ଷାଜନିତ ଫସଲ ହାନି ପାଇଁ ନୂଆ ବର୍ଷକୁ ନିରାଡ଼ମ୍ବର ଭାବେ ପାଳନ କରିଛନ୍ତି। ଏଥିଯୋଗୁ ଅଧିକାରୀ ଓ କର୍ମଚାରୀମାନେ ବିନା ଫୁଲରେ ଆସି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ନୂଆବର୍ଷର ପ୍ରଥମ ଦିବସରେ ମୁଖ୍ୟମନ୍ତ୍ରୀ ବୁଧବାର ଲୋକସେବା ଭବନରେ ଉଚ୍ଚ ପଦାଧିକାରୀମାନଙ୍କ ସହିତ ଆଲୋଚନା କରି ସେମାନଙ୍କୁ ସାମୂହିକ ଦାୟିତ୍ୱ ସହ କାମକରି ସରକାରଙ୍କ କାର୍ଯ୍ୟକ୍ରମଗୁଡ଼ିକ ସଫଳ କରିବାକୁ ପରାମର୍ଶ ଦେଇଛନ୍ତି।

ମୁଖ୍ୟ ଶାସନ ସଚିବ ଓ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ପ୍ରମୁଖ ସଚିବମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ଛଅ/ସାତ ମାସ ମଧ୍ୟରେ ଭାଜପା ସରକାର ଲୋକଙ୍କୁ ଯାହା ପ୍ରତିଶ୍ରୁତି ଦେଇଥିଲା ତାହା ପ୍ରାୟତଃ ପୂରଣ ହୋଇଛି। ଅଧିକାରୀମାନଙ୍କ ସହଯୋଗରେ ବିଭିନ୍ନ ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ମଧ୍ୟ ସଫଳତାର ସହ କରାଯାଇଛି। ଓଡ଼ିଶା ଅନ୍ୟ ରାଜ୍ୟଠାରୁ ଯେପରି ଭଲ ପ୍ରଦର୍ଶନ କରିବ ସେ ଦିଗରେ ଧ୍ୟାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଅନେକ ଆହ୍ୱାନ ଓ ସୁଯୋଗ ମଧ୍ୟ ରହିଛି। ସାମୂହିକ ଦାୟିତ୍ୱ ନେଇ ସବୁ ଆହ୍ୱାନର ମୁକାବିଲା କରିପାରିଲେ ସମସ୍ତ କାର୍ଯ୍ୟ ସଫଳତାର ସହ କରାଯାଇପାରିବ। ଓଡ଼ିଶାରେ ନୌସେନା ଦିବସ ଏବଂ ଆଇଜିପି ସମ୍ମିଳନୀ ଆଦି ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ସଫଳତାର ସହ ପାଳନ କରାଯାଇଛି। ପ୍ରବାସୀ ଭାରତୀୟ ଦିବସ ପାଳନ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରି ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ମର୍ଯ୍ୟାଦାକୁ ପ୍ରତିଷ୍ଠିତ କରିବା ପାଇଁ ସମସ୍ତେ ମିଳିମିଶି କାମ କରିବାର ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶାର ବିକାଶ ପ୍ରତି ସ୍ୱତନ୍ତ୍ର ଫୋକସ ରହିଛି। ଗତ ୬ ମାସ ମଧ୍ୟରେ ୩ ଥର ଆସିବା ସହିତ ଜାନୁଆରୀରେ ୨ଥର ଆସିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶାକୁ ବିଭିନ୍ନ କ୍ଷେତ୍ରରେ କେନ୍ଦ୍ର ସହଯୋଗ ଜାରି ରହିଛି। ଏହି ସୁଯୋଗର ମଧ୍ୟ ସଦ୍‌ବ୍ୟବହାର କରି ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ ଦିଗରେ ଆଗେଇ ଆସିବାକୁ ସେ ପରାମର୍ଶ ଦେଇଛନ୍ତି। ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଚଳିତ ବର୍ଷ ଓଡ଼ିଶା ପାଇଁ ଏକ ପ୍ରଗତିର ବର୍ଷ ହେବ। ୨୦୩୬ ଓ ୨୦୪୭ ପାଇଁ ରାଜ୍ୟ ସରକାରଙ୍କର ଯେଉଁ ସଂକଳ୍ପ ଅଛି, ସେ ଦିଗରେ ସମସ୍ତେ ମିଳିମିଶି କାମ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି ଯେ, ରାଜ୍ୟର ଅଧିକାରୀମାନେ ଦକ୍ଷ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟର ସମସ୍ତ ଅଧିକାରୀ ଓ କର୍ମଚାରୀ ସରକାରଙ୍କ ଲକ୍ଷ୍ୟ ପୂରଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇ କାମ କରୁଛନ୍ତି ବୋଲି ସେ କହିଛନ୍ତି। ଏହି ଆଲୋଚନାରେ ମୁଖ୍ୟ ଶାସନ ସଚିବଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବମାନେ ଉପସ୍ଥିତ ଥିଲେ।

# ୧୫ ସୁଦ୍ଧା ସରିବ ଇ-କେୱାଇସି: ମନ୍ତ୍ରୀ ପାତ୍ର

ଭୁବନେଶ୍ୱର, ୧।୧(ସୁନିତ୍ ମିଶ୍ର)

ରାଜ୍ୟରେ ଆସନ୍ତା ୧୫ ତାରିଖ ସୁଦ୍ଧା ଇ-କେୱାଇସି ସରିଯିବ। ବାହାର ରାଜ୍ୟରେ ରହୁଥିବା ଶ୍ରମିକମାନଙ୍କ ଇ-କେୱାଇସି ପାଇଁ ବାହାର ରାଜ୍ୟକୁ ଅଧିକାରୀମାନେ ଗସ୍ତ କରିବେ। ନିକଟରେ ଗୋଆକୁ ଯାଇ ଇ-କେୱାଇସି କରାଯାଇଛି। ସେହିପରି ଅନ୍ୟ ରାଜ୍ୟରେ ଥିବା ଲୋକମାନଙ୍କ ନିକଟକୁ ଯାଇ ଇ-କେୱାଇସି କରାଯିବ। ଯେଉଁମାନେ ଇ-କେୱାଇସି ନ କରିବେ ସେମାନଙ୍କ କାର୍ଡ ଅକାମୀ ହୋଇଯିବ। ଏହି ଇ-କେୱାଇସି ଯାଞ୍ଚ ମାଧ୍ୟମରେ ଏବେସୁଦ୍ଧା ରାଜ୍ୟରୁ ପ୍ରାୟ ୪୦ଲକ୍ଷ ଭୂତ ହିତାଧିକାରୀ ଚିହ୍ନଟ ହୋଇସାରିଲେଣି। ପ୍ରତ୍ୟେକ ଜିଲାରେ ପ୍ରାୟ ଲକ୍ଷେରୁ ଦେଢ଼ ଲକ୍ଷ ଭୂତ ରାଶନକାର୍ଡଧାରୀ ଚିହ୍ନଟ ହୋଇଛନ୍ତି। ସରକାରୀ କର୍ମଚାରୀମାନଙ୍କୁ ଇ-କେୱାଇସି ଯାଞ୍ଚରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୃଦ୍ଧାବୃଦ୍ଧ ଅବା ଅସୁସ୍ଥ ହିତାଧିକାରୀ ଥିଲେ ସରକାରୀ କର୍ମଚାରୀମାନେ ତାଙ୍କ ନିକଟକୁ ଯାଇ ଏହି ପ୍ରକ୍ରିୟା ଶେଷ କରିବେ। ସେହିପରି ଦେଶ ଭିତରେ ଥିଲେ ସେମାନଙ୍କ ନିକଟକୁ ବି ଯିବା ପାଇଁ ସରକାରୀ ଅଫିସରମାନଙ୍କୁ କୁହାଯାଇଛି ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ରାଶନ କାର୍ଡ ହାତେଇଥିବା ଭୂତ ହିତାଧିକାରୀଙ୍କୁ ଚିହ୍ନଟ କରିବାକୁ ଇ-କେୱାଇସି ବ୍ୟବସ୍ଥା କରାଯାଉଥିବା କୁହାଯାଉଛି। ନିକଟରେ ମନ୍ତ୍ରୀ ପାତ୍ର କହିଥିଲେ, ପ୍ରାୟ ୪୦ ଲକ୍ଷ ଭୂତ ହିତାଧିକାରୀ ରାଶନ କାର୍ଡ ହାତେଇଛନ୍ତି। ଏହି ସଂଖ୍ୟା ଆହୁରି ବଢ଼ିପାରେ ବୋଲି ମଧ୍ୟ କହିଥିଲେ। ଅନ୍ୟପଟେ ଗତ ସରକାର ସମୟରେ ବହୁ ଦଳୀୟ କର୍ମୀଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଥିବା ବେଳେ ବହୁ ଯୋଗ୍ୟ ହିତାଧିକାରୀ ଏହି ସୁବିଧା ପାଇପାରୁ ନ ଥିବା ମଧ୍ୟ କୁହାଯାଉଛି। ତେଣୁ ଇ-କେୱାଇସି ବ୍ୟବସ୍ଥା ପରେ ବହୁ ଯୋଗ୍ୟ ହିତାଧିକାରୀ ରାଶନ କାର୍ଡ ପାଇପାରିବେ ବୋଲି ସରକାର ଏକ ଧାରଣା ଦେଇଛନ୍ତି।

## ଦନ୍ତାହାତୀ ଆକ୍ରମଣରେ ବୃଦ୍ଧ ମୃତ

ସାତମାଇଲ,୧।୧ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଖଜୁରିଆକଟା ବିଟ ଅଧୀନ ବାରସିଂହା ଗ୍ରାମରେ ଦନ୍ତାହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନବକିଶୋର ମହାରଣା(୬୮)। ବୁଧବାର ଭୋର ସମୟରେ ବାରସିଙ୍ଗା ଗ୍ରାମ ବଡ଼ବନ୍ଧକୁ ଶୌଚ ହେବାକୁ ଯାଉଥିବା ସମୟରେ ଏକ ବଣୁଆ ଦନ୍ତାହାତୀ ତାଙ୍କୁ ଆକ୍ରମଣ କରିଥିଲା। ତାଙ୍କୁ ପାଦରେ ଦଳିଦେବା ସହ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଫଳରେ ନବକିଶୋରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ଦେଖି ବନବିଭାଗକୁ ଖବର ଦେଇଥିଲେ। ବାଲିମି ପୋଲିସ ଓ ବନବିଭାଗ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଖବର ପାଇ ଢେଙ୍କାନାଳ ଏମପି ରୁଦ୍ରନାରାୟଣ ପାଣି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଢେଙ୍କାନାଳ ଡିଏଫଓଙ୍କ ସହ କଥାହୋଇ ମୃତକ ପରିବାରବର୍ଗଙ୍କୁ ତୁରନ୍ତ ସମସ୍ତ ପ୍ରକାର ସରକାରୀ ସହଯୋଗ ଯୋଗାଇ ଦେବାକୁ କହିଛନ୍ତି। ବନବିଭାଗ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଡାକ୍ତରଖାନାକୁ ପଠାଇବା ସହ ଆବଶ୍ୟକ କ୍ଷତିପୂରଣ ଦେବା ପାଇଁ ପରିବାର ଓ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛି।


## ODISHA PUBLIC SERVICE COMMISSION

### NOTICE

No.D-
No.7645/PSC, Dt.31.12.2024
(1R-25-2024-25, DR-V)

| | |
|---|---|
| I. | 2nd Corrigendum |
| II. | Advertisement No-35 of 2023-24 |
| III. | Assistant Professors in Govt. Engineering Colleges |

**Recruitment to the posts of Assistant Professors in different disciplines (Group-A) in Indira Gandhi Institute of Technology, Sarang, Parala Maharaja Engineering College, Berhampur & Govt. College of Engineering, Keonjhar under Skill Development and Technical Education Department.**

Pursuant to Letter No.10969/SDTE, dtd.31.12.2024 of Skill Development & Technical Education Department of the Government of Odisha, the following changes are made in the Advertisement No.35 of 2023-24.

1. **The heading of the Advertisement may be read as;**
   "Recruitment to the posts of Assistant Professors in different disciplines (Group-A) of Government Engineering Colleges under Skill Development and Technical Education Department".
2. **After the words "for recruitment to" at the 5th line of the 1st paragraph, the words "75 (seventy five) posts" may be included instead of the word "65(sixty five) posts".**
3. **Further, at 8th line of 1st paragraph, the words " and Government College of Engineering, Kalahandi" may be included after the words "Government College of Engineering, Keonjhar".**
4. **The revised vacancy position is as follows:-**

| Sl. No. | Subject | Total | ST | SC | SEBC | UR |
|---|---|---|---|---|---|---|
| 1. | Civil Engineering | 13(4-W) | 8 (3-W) | 1 | 1 | 3(1-W) |
| 2. | Electrical Engineering | 10(3-W) | 5 (2-W) | 0 | 1 | 4(1-W) |
| 3. | Mechanical Engineering | 4(1-W) | 2(1-W) | 1 | 0 | 1 |
| 4. | Chemical Engineering | 1 | 0 | 0 | 0 | 1 |
| 5. | Metallurgical & Material Engineering | 10(3-W) | 3 (1-W) | 0 | 1 | 6 (2-W) |
| 6 | Production Engineering | 2 | 1 | 0 | 0 | 1 |
| 7. | Physics | 5 (1-W) | 1 | 0 | 0 | 4 (1-W) |
| 8. | Chemistry | 6(2-W) | 2(1-W) | 1 | 0 | 3(1-W) |
| 9. | English | 4(1-W) | 1 | 0 | 0 | 3(1-W) |
| 10. | Mathematics | 8(3-W) | 2(1-W) | 2(1-W) | 0 | 4(1-W) |
| 11. | Management | 2(1-W) | 0 | 0 | 0 | 2(1-W) |
| 12. | Economics | 3(1-W) | 0 | 0 | 0 | 3(1-W) |
| 13. | Automobile Engineering | 2(1-W) | 0 | 0 | 0 | 2(1-W) |
| 14. | Computer Science & Engineering | 4(1 -W) | 1 | 1 | 0 | 2(1 -W) |
| 15. | Mining Engineering | 1 | 1 | 0 | 0 | 0 |
| | Total | 75 (22-W) | 27(9-W) | 6(1-W) | 3 | 39(12-W) |

In view of the above, the Commission has been pleased to open the link for online application & submission for candidates from **18.01.2025 to 18.02.2025 [Note-: 18.02.2025** is the last date/ closing date for submission of Registered online Application.]

**Those candidates who have applied earlier in response to the Advt. No.35 of 2023-24 and whose applications have not been rejected vide Notice No-4519/PSC, dt. 14.08.2024, for the aforesaid Advertisement, need not apply afresh**

All other terms and conditions of the Advt. No.35 of 2023-24 remain unchanged.

OIPR-12002/11/0116/2425 Sd./- Secretary

## e-Procurement Notice for Building Works
### Identification No. 06/SERW/BLS/2024-25

**No.O-1100:**1.Name of the Work: Building, 2. Total No.of Works: 33 Nos. 3. Estimated Cost: Estimated Cost Rs.2.517 to Rs.4.195 Lakh. 4.Class of Contractor: 'D' & 'C' Class. 5. Time of Completion: 1 Month (One Calendar Month) 6. Other details:

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender in the Office of the Addl. Chief Engineer, R.W.Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Addl. Chief Engineer, Rural Works Division: Balasore | 06/SERW/ BLS/2024-25 | 06.01.2025 at 11.00 A.M. | 13.01.2025 upto 5.00 P.M. | 13.01.2025 upto 1.00 P.M. | 15.01.2025 at 11.00 A.M. |

Further details can be seen from the website-www.tendersodisha.gov.in.

OIPR-25108/11/0005/2425 Sd./-Addl. Chief Engineer, R.W.Division, Balasore

## ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
### ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

No. PP-44: ହସ୍ତଶିଳ୍ପ କାରିଗରମାନଙ୍କୁ ଜଣାଇ ଦିଆଯାଉଅଛି ଯେ ହସ୍ତଶିଳ୍ପ କାରିଗରଙ୍କ ନିମନ୍ତେ କର୍ମଶାଳା ନିର୍ମାଣ ଓ ଶିଳ୍ପୀ ଉନ୍ନତି ଯୋଜନାରେ ଦରଖାସ୍ତ କରିବାର ଅବଧି ତା.୨୮.୦୨.୨୦୨୫ ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଗଲା । ଏଣୁ ଆଗ୍ରହୀ ହସ୍ତଶିଳ୍ପ କାରିଗରମାନେ ଏହି ଯୋଜନାରେ ଅନଲାଇନ ମାଧ୍ୟମରେ https://spdp.odisha.gov.in କିମ୍ବା ନିର୍ଦ୍ଦେଶାଳୟର ୱେବସାଇଟ https://crafts.odisha.gov.in ପରିଦର୍ଶନ କରି ଆବେଦନ କରିପାରିବେ । ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ଜିଲ୍ଲାର ଉପ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ ହସ୍ତଶିଳ୍ପ ବିକାଶ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ ।

OIPR-31042/11/0026/2425 ସ୍ୱା./-ନିର୍ଦ୍ଦେଶିକା

## ORISSA STATE AIDS CONTROL SOCIETY (OSACS)
(Department of Health & Family Welfare), Government of Odisha
Letter No. IX-OSACS-ART-06/2024-25(Pt.)(1)/4347 Date: 31.12.2024

### CORRIGENDUM NOTICE

No. E-635: Inviting to the reference against the Advertisement No. IX-OSACS-ART-06/2024-25(Pt.)(1)/3872/OSACS, Dated 16.11.2024 & IX-OSACS-ART-06/2024-25/3867/OSACS, Dated 16.11.2024 published in Newspapers The Dharitri, The Prameya & The New Indian Express it is informed to all concerned that the advertisement made by this office is correct in all respect, however, in the Terms of Reference, Qualification column has squeezed, which may be ignored and the education qualification column may be read again as corrected. Further it is mentioned that the new & corrected Terms of Reference will be hosted in the website of OSACS for reference on dated 03.01.2025 and the last date of receipt of applications will be 13.01.2025 5.00 P.M. The repeated applications received after this notice may be rejected and shall not be considered for further process. The other matching qualification person those who are not applied is encouraged to apply freshly.

Sd./- Project Director
OIPR-10009/11/0022/2425 Orissa State AIDS Control Society

## ROURKELA DEVELOPMENT AUTHORITY
UDITNAGAR, ROURKELA-769012
No.1786/RDA, Dated 27.12.2024

### PROCLAMATION

**No.CAD-2028:**It is hereby informed to the General public that Sri Chittaranjan Rout & Sri Gyana Ranjan Rout, both S/o. Sri Jatadhar Rout, have applied for permission for transfer of House No. E/36 under Durgapur Foot Hill Housing Project, Stage-II, Basanti Colony, Rourkela-12 in favour of Smt. Kabita Dash, W/o- Bijay Kumar Dash. Anybody has got objection to the proposed transfer, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated period.

Sd./- Secretary
OIPR-13250/11/0056/2425 Rourkela Development Authority

## GOVERNMENT OF ODISHA, "e"-PROCUREMENT NOTICE
## WORKS DEPARTMENT
E-mail: ceworldbankprojects@gmail.com
Bid Identification No.CE-Bridges-12/2024-25

**No.B-812:**1. The Chief Engineer (Bridges), Odisha on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road & Bridge work as detailed below. 2. Nature of work: Bridge works. 3. No. of Work: 03 Nos. 4. Tender Cost: Rs.10,000.00 (On-line). 5. Class of Contractor: A/Special Class Contractor. 6. Available of bid document in the website: From 10.00 AM of 03.01.2025 to 5.00 PM of 21.01.2025. 7. Date of Opening of Bid: Dt.22.01.2025 at 11.30 A.M. 8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum/corrigendum/ cancellation of tender can also be seen in the said website.

Sd./-Chief Engineer, Bridges
OIPR-34174/11/0026/2425 Odisha, Bhubaneswar

## OFFICE OF THE NOTIFIED AREA COUNCIL KHANDAPADA
At/P.O/P.S.-Khandapada, Dist-Nayagarh, PIN-752077
e-mail: nackpg89@gmail.com
Tender Call Notice No.2686, Date:27.12.2024
E-Procurement Notice No.KPG-NAC-06/2024-25

**No.C-1369:**1. Name of the Works: Civil Works. 2. No. of Works: 6 Nos. 3. Value of Work: Rs.3.79 Lakh to Rs.7.37. 4. Class of Contractor: D & C. 5. Period of Completion: As per DTCN. 6. Date & Time of availability of bid documents in the Portal: 01.01.2025 (11.00 A.M.) to 13.01.2025 (5.00 P.M.) 7. Last date & time for receipt Online: 13.01.2025 (upto 5.00 P.M.). 8. Last date of submission of original documents in this Office: 15.01.2025 (10.00 A.M. upto 2.00 P.M.). 9. Bids received documents shall be opened on : 15.01.2025 (3.00 P.M.). Further details can be seen from e-Procurement Portal https://tendersodisha.gov.in.

Sd./- Executive Officer
OIPR-13147/11/0018/2425 N.A.C., Khandapada

## ବାରିପଦା ପୌରପରିଷଦ, ବାରିପଦା, ମୟୂରଭଞ୍ଜ-୭୫୭୦୦୧
Tel.: 06792-252703, Website: www.baripadamunicipality.in, E-mail: baripadam.hud@nic.in
ସଂଖ୍ୟା: 7467 ତା.30.12.24ରିଖ

### ଘୋଷଣାନାମା

No. C-1372: ଏତଦ୍ୱାରା ବାରିପଦା ପୌରପରିଷଦ ଅନ୍ତର୍ଗତ ସମସ୍ତ ଗୃହ ମାଲିକମାନଙ୍କ ଅବଗତି ନିମନ୍ତେ ଶେଷଥର ପାଇଁ ଜଣାଇ ଦିଆଯାଉଅଛି କି ଯେଉଁମାନେ ସେମାନଙ୍କର ବକେୟା ଗୃହ ଟିକସ ପୈଠ କରିନାହାନ୍ତି କିମ୍ବା ବେଆଇନ ଭାବେ ନୂତନ ଗୃହ ନିର୍ମାଣ କରି ହୋଲଡ଼ିଂ ଟ୍ୟାକ୍ସ କରିନାହାନ୍ତି ସେମାନେ ୧୫ଦିନ ମଧ୍ୟରେ ପୌରକାର୍ଯ୍ୟାଳୟକୁ ଆସି ଘର ଟ୍ୟାକ୍ସ ପୈଠ କରିଦିଅନ୍ତୁ ଏବଂ ନୂତନ ଗୃହର Assessment କରେଇ ନିଅନ୍ତୁ। ଏହା ମଧ୍ୟ ପୌରପରିଷଦ ନଜରକୁ ଆସିଅଛି, ଯେଉଁ ଗୃହ ମାଲିକମାନେ ସେମାନଙ୍କର ଗୃହକୁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷକୁ ଭଡ଼ା ଆକାରରେ ଦେଇଅଛନ୍ତି କିନ୍ତୁ ସେମାନେ ପୁନଃ ମୂଲ୍ୟାୟନ ନ କରେଇ ଧାର୍ଯ୍ୟ ଟ୍ୟାକ୍ସ ପୈଠ କରୁନାହାନ୍ତି। ଏହା ଓଡ଼ିଶା ପୌରପାଳିକା ଆଇନ ଅନୁଯାୟୀ ସମ୍ପୂର୍ଣ୍ଣ ବେଆଇନ ଅଟେ। ଧାର୍ଯ୍ୟ ସମୟ ଭିତରେ ଗୃହ ମାଲିକମାନେ ସେମାନଙ୍କର ଗୃହ ଟିକସ ନିୟମିତ ନ କରାଇଲେ ବାରିପଦା ପୌରପାଳିକା ତରଫରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ Odisha Public Demand, 1962 Act ଅନୁଯାୟୀ ବିହିତ ପଦକ୍ଷେପ ନିଆଯିବ।

ଏତଦ୍‌ବ୍ୟତୀତ ପୌରପରିଷଦ ଅଧୀନରେ ଥିବା ଲାଇସେନ୍ସଧାରୀ ଦୋକାନୀମାନଙ୍କୁ ମଧ୍ୟ ଶେଷଥର ପାଇଁ ଜଣାଇ ଦିଆଯାଉଅଛି କି ସେମାନେ ଦୋକାନର ଭଡ଼ା ଯଥାଶୀଘ୍ର ପୈଠ କରନ୍ତୁ ଓ ପୁନଃ ନିର୍ମାଣ କରିଥିବା ଦୋକାନଗୁଡ଼ିକର ସଂଶୋଧନ ଭଡ଼ା ନ ହୋଇଥିଲେ ଆବେଦନ କରନ୍ତୁ ଏବଂ ଧାର୍ଯ୍ୟ ସୀମାଠାରୁ ଅଧିକ ଜାଗାରେ ଦୋକାନ ନିର୍ମାଣ କରନ୍ତୁ ନାହିଁ। ଯଦି କରିଥାନ୍ତି ପୌର କର୍ତ୍ତୃପକ୍ଷଙ୍କ ନଜରକୁ ଆଣନ୍ତୁ ନଚେତ ପୌର କର୍ତ୍ତୃପକ୍ଷଙ୍କ ଯାଞ୍ଚ ବା ତନଖିରେ ନଜରକୁ ଆସେ ଆପଣଙ୍କ ଦୋକାନକୁ ସିଲ୍ କରିବା ସହିତ ଦୋକାନର ଲାଇସେନ୍ସକୁ ରଦ୍ଦ କରାଯିବ।

ଏହାକୁ ଜରୁରୀ ମନେ କରିବେ।

OIPR-13078/11/0017/2425 ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରିଣୀ, ବାରିପଦା ପୌରପାଳିକା

## OCAC — ODISHA COMPUTER APPLICATION CENTRE
### REQUEST FOR PROPOSAL
Enq.No.:- OCAC-NEGP-INFRA-0018-2024-24089

Odisha Computer Application Centre (OCAC) invites Request for Proposal (RFP) for selection of Agency for Facility Management Services (FMS) for OSWAN Project. For details please visit websites www.ocac.in & www.odisha.gov.in. **The bid shall be submitted in electronic mode only in the portal https://enivida.odisha.gov.in latest by 22.01.2025, 02:00 PM.** OCAC reserves the right to accept/ reject any/ all bids without assigning any reason thereof.

**General Manager(Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.-2567280/ 2567064/ 2567295
No. U-29 OIPR-16003/11/0036/2425

## BID DOCUMENTS FOR THE WORK

**No.C-1371:** Bid document will be available in the www.tenderodisha.gov.in from Dated 31.12.2024, 11.00 A.M. till Dated 07.01.2025 upto 5.00 P.M.

- Bids shall be received "on-line" till Dt.07.01.2025 upto 5.00 P.M.
- Cost of Bid Document : Rs.6000.00 (Including GST) to be paid through online mode.
- Date & Time of Opening of Technical Bid Document : Dt.08.01.2025, at 02.30 P.M.
- Original Bid Submission at NAC Office : Dt.08.01.2025 upto 1.00 P.M.
- Date & Time of Opening of Financial Bid Document : After Technical Evaluation
- Officer Invited the Bid : The Executive Officer on behalf of Nilgiri NAC
- Period of Contract : 01 (One) Year
- Earnest Money Deposit : 1% of Estimated cost through Online
- Performance Security : Rs.1,00,000/- to be given in shape of BG/TDR by successful bidder.
- The bidders have to participate in Online bidding in **www.tenderodisha.gov.in.**
- Any addendum/ corrigendum of tender can also be seen in the said website only.

Sd./- Executive Officer
OIPR-13179/11/0006/2425 Nilgiri NAC

## DISTRICT FISHERIES OFFICE, MALKANGIRI
Email: malkangirifisheries@gmail.com
No.2462/ Date: 31.12.2024

### SHORT TENDER CALL NOTICE

Sealed tenders are invited from interested reputed Firms/ Agencies/Bidders for construction of 2.5 MT Ice Plant and 5.00 MT Cold Storage at Swabhiman Anchal, Janbai, Chitrakonda, Malkangiri District. The tender completed in all respect should reach the undersigned on or before dt.21.01.25 by 5.30 P.M. through Speed Post/ Courier only and it shall be opened on dt.22.01.25 at 11.00 A.M. at CDO cum EO, Zilla Parishad Chamber, Malkangiri.

The tender document may be downloaded from the website: www.malkangiri.nic.in or received from the office of District Fisheries Officer, Malkangiri by depositing Rs.200/- only.

Interested firms/ bidder may submit their sealed tender in two bid systems i.e. Technical Bid and Financial Bid as per terms and condition of the tender documents. The filled in tenders with Tender fee- Rs.10,000/- and Earnest money of Rs.1,50,000/- in shape of Demand Draft only in favour of District Fisheries Officer, Malkangiri, must reach to the office of District Fisheries Officer, Malkangiri, through Speed Post/ Courier only by dt.21.01.25 time 5.30 PM enclosed in a single envelope superscribed "Tender for 2.5 MT Ice Plant and 5.00 MT Cold Storage".

Sd./- District Fisheries Officer, Malkangiri

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରେକର୍ଡ ପରିମାଣର ଟିକସ ଆଦାୟ

**ନୂଆଦିଲ୍ଲୀ,୧।୧ (ଅଭୟ ଦାଶ)**

■ବାର୍ଷିକ ଭିତ୍ତିରେ ୭.୩ % ବୃଦ୍ଧି
■ଡିସେମ୍ବରରେ ୧,୭୬,୮୫୭ କୋଟିର ଜିଏସ୍‌ଟି ସଂଗ୍ରହ




ଚଳିତ ଆର୍ଥିକ ବର୍ଷର ଡିସେମ୍ବର ମାସରେ ମଧ୍ୟ ରେକର୍ଡ ପରିମାଣର ଟିକସ ଆଦାୟ କରାଯାଇଛି। ଏପରିକି ପ୍ରତି ଥର ପରି ଚଳିତ ଥର ମଧ୍ୟ ୧,୭୬,୮୫୭ (ପ୍ରାୟ ୧.୭୭ ଲକ୍ଷ କୋଟି ) କୋଟି ଟଙ୍କାର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ ବା ଜିଏସ୍‌ଟି) ରାଜସ୍ୱ ଆକାରରେ ସଂଗ୍ରହ କରାଯାଇଛି ବୋଲି ବୁଧବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷର ୯ମ ମାସରେ ଦେଶର ଜିଏସ୍‌ଟି ସଂଗ୍ରହ ୧,୭୬,୮୫୭କୋଟିଟଙ୍କାରଟିକସ ରାଜସ୍ୱ ଆକାରରେ ସଂଗ୍ରହ କରାଯାଇଛି। ବିଶେଷ କରି ୨୦୨୩-୨୪ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ସଂଗ୍ରହ ହୋଇଥିବା ଟିକସ ପରିମାଣଠାରୁ ଏହା ୭.୩% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ଡିସେମ୍ବର ମାସରେ ସଂଗୃହୀତ ଟିକସ ପରିମାଣ ୧,୬୪,୮୮୨ କୋଟିଠାରୁ ୨୦୨୪-୨୫ ଆର୍ଥିକ ବର୍ଷର ଡିସେମ୍ବର ମାସରେ ୧,୭୬,୮୫୭ କୋଟିର ଟିକସ ସଂଗୃହୀତ ହୋଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ସେହିଭଳି ଚଳିତ ଆର୍ଥିକ ବର୍ଷର ଡିସେମ୍ବରରେ ମୋଟ ୧,୭୬,୮୫୭ କୋଟି ଟଙ୍କା ଜିଏସ୍‌ଟି ଆକାରରେ ସଂଗ୍ରହ କରାଯାଇଛି। ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ବାବଦରେ ୩୨,୮୩୬କୋଟି ଟଙ୍କା ଆଦାୟ ହୋଇଥିବାବେଳେ ରାଜ୍ୟ ଟିକସ (ଏସ୍‌ଜିଏସ୍‌ଟି) ବାବଦକୁ ୪୦,୪୯୯ କୋଟି ଆଦାୟ ହୋଇଛି। ସେହିପରି ଇଣ୍ଟିଗ୍ରେଟେଡ୍ ଜିଏସ୍‌ଟି (ଆଇଜିଏସ୍‌ଟି) ବାବଦକୁ ମୋଟ ୯୧,୨୨୧ କୋଟି ଟଙ୍କା ଏବଂ ସେସ୍ ବାବଦରେ ୧୨,୩୦୧ କୋଟି ଟଙ୍କା ଟିକସ ଆକାରରେ ସଂଗ୍ରହ କରାଯାଇଛି।

ଅପରପକ୍ଷରେ ଚଳିତ ଆର୍ଥିକ ବର୍ଷର ଡିସେମ୍ବର ମାସରେ ମଧ୍ୟ ଓଡ଼ିଶାରୁ ୪୮୪୧ କୋଟି ଟଙ୍କାର ଟିକସ ରାଜସ୍ୱ ଆକାରରେ ସଂଗ୍ରହ କରାଯାଇଥିଲାବେଳେ ଗତ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ୪୩୫୧ କୋଟିଟଙ୍କାର ଟିକସ ଆଦାୟ ହୋଇଥିଲା।

ଏପରିକି ଗତ ଆର୍ଥିକ ବର୍ଷର ଡିସେମ୍ବର ମାସରେ ସଂଗ୍ରହ କରାଯାଇଥିବା ଟିକସ ତୁଳନାରେ ଚଳିତ ଆର୍ଥିକ ବର୍ଷର ସମାନ ମାସ ମଧ୍ୟରେ ସଂଗୃହୀତ ଟିକସ ପରିମାଣ ପ୍ରାୟ ୧୧% ଅଧିକ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।

# କମିଲା କମର୍ସିଆଲ ଗ୍ୟାସ୍ ଦର



**ନୂଆଦିଲ୍ଲୀ,୧।୧**

ବର୍ଷ ଆରମ୍ଭରୁ କମର୍ସିଆଲ ଗ୍ୟାସ୍ ବ୍ୟବହାରକାରୀଙ୍କୁ ଖୁସି ଖବର ମିଳିଛି। କମର୍ସିଆଲ ଗ୍ୟାସ୍ (୧୯କେ.ଜି) ଦରରେ ୧୬ ଟଙ୍କା ହ୍ରାସ ହୋଇଥିବାବେଳେ ଘରୋଇ ଗ୍ୟାସ୍ (୧୪.୨କି.ଗ୍ରା.)ର ଦର ପୂର୍ବପରି ସ୍ଥିର ରହିଛି।

ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଗ୍ୟାସ୍ ବିପଣନକାରୀ କମ୍ପାନୀଗୁଡ଼ିକ ପକ୍ଷରୁ ଚଳିତ ମାସର ନୂତନ ଦରସୂଚୀ (ନୂଆ ଦର) ବୁଧବାରଠାରୁ ଲାଗୁ କରାଯାଇଛି। ଏପରିକି ନୂତନ ଦର ସୂଚୀ ଅନୁଯାୟୀ ଭୁବନେଶ୍ୱର ସହରରେ କମର୍ସିଆଲ ଗ୍ୟାସ୍ (୧୯କେ.ଜି.) ଦର ୧୬ ଟଙ୍କା କମି ୧୯୫୦.୫୦ ଟଙ୍କାରେ ପହଞ୍ଚିଛି। ଏହା ପୂର୍ବରୁ (ଡିସେମ୍ବର) କମର୍ସିଆଲ ଗ୍ୟାସ୍ (୧୯କେ.ଜି.) ଦର ୧୯୬୬.୫୦ ଟଙ୍କା ଥିଲାବେଳେ ଘରୋଇ ଗ୍ୟାସ୍ (୧୪.୨ କେ.ଜି) ଦର ପୂର୍ବ ପରି ୮୨୯ ଟଙ୍କାରେ କାରବାର ହେଉଛି।

ସେହିଭଳିନୂଆଦିଲ୍ଲୀରେକମର୍ସିଆଲଗ୍ୟାସ୍ (୧୯କେ.ଜି.) ଦର ୧୪.୫୦ ଟଙ୍କା ହ୍ରାସ ପାଇ ୧୮୦୪ ଟଙ୍କା ହୋଇଥିଲାବେଳେ ଘରୋଇ ଗ୍ୟାସ୍ (୧୪.୨କିଗ୍ରା) ଦର ୮୦୩ ଟଙ୍କାରେ ରହିଛି।

ଅପରପକ୍ଷରେ କୋଲାକାତା, ଚେନ୍ନାଇ ଏବଂ ମୁମ୍ବାଇ ଭଳି ଦେଶର ପ୍ରମୁଖ ମହାନଗର ଅଞ୍ଚଳରେ କମର୍ସିଆଲ ଗ୍ୟାସ୍ (୧୯କେଜି) ଦର ଯଥାକ୍ରମେ ୧୯୧୧ ଟଙ୍କା, ୧୭୫୬ ଟଙ୍କା ଏବଂ ୧୯୬୬ ଟଙ୍କାରେ କାରାବାର ହେଉଥିଲାବେଳେ ଉପରୋକ୍ତ ମହାନଗରଗୁଡିକରେ ଘରୋଇ ଗ୍ୟାସ୍ ଦର ଯଥାକ୍ରମେ ୮୨୯ ଟଙ୍କା, ୮୧୮.୫୦ ଟଙ୍କା ଏବଂ ୮୦୨.୫୦ ଟଙ୍କାରେ ବିକ୍ରି ହେଉଛି।

ସେହିପରି ବିମାନ ଇନ୍ଧନ ଦର ପ୍ରତି କିଲୋଲିଟର ପିଛା ନୂଆଦିଲ୍ଲୀରେ ପ୍ରାୟ ୧୪୦୧ ହ୍ରାସ ଘଟି ୯୦,୪୫୫.୪୭ ଟଙ୍କା ଥିଲାବେଳେ କୋଲାକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ପ୍ରମୁଖ ମହାନଗରରେ ବିମାନ ଇନ୍ଧନ ଦର ପ୍ରତି କିଲୋଲିଟର ପିଛା ଯଥାକ୍ରମେ ୯୩,୭୫୨.୩୫ ଟଙ୍କା, ୮୪,୬୬୧.୦୨ଟଙ୍କା ଏବଂ ୯୩,୫୫୭.୧୦ ଟଙ୍କାରେ କାରବାର ହେଉଛି।

# ଡିସେମ୍ବରରେ ୩୨୦ ୟୁନିଟ୍ ଡିପିଭି ବିକ୍ରି

■ବର୍ଷକରେ ୩୨୦,୦୦୦ ୟୁନିଟ
■ବାର୍ଷିକଭିତ୍ତିରେ ୧୧% ଅଭିବୃଦ୍ଧି

**ନୂଆଦିଲ୍ଲୀ,୧।୧**



କ୍ରମାଗତ ଭାବେ ଘରୋଇ ବଜାରରେ ଡୋମେଷ୍ଟିକ୍ ପାସେଞ୍ଜର ଭେଇକିଲ(ଡିପିଭି)ର ଖୁଚୁରା ବିକ୍ରି ପରିମାଣ ବୃଦ୍ଧି ପାଉଛି। ଏପରିକି ୨୦୨୪ ଡିସେମ୍ବର ମାସରେ ଡିପିଭିର ଖୁଚୁରା ବିକ୍ରି ବାର୍ଷିକ ଭିତ୍ତିରେ ପ୍ରାୟ ୧୧% ବୃଦ୍ଧି ପାଇ ୩,୨୦,୦୦୦ ୟୁନିଟ୍‌ରେ ପହଞ୍ଚିଛି। ଅପରପକ୍ଷରେ ଭାରତୀୟ ଅଟୋମୋବାଇଲ ଶିଳ୍ପ କ୍ଷେତ୍ରରେ ମଧ୍ୟ ଏହା ଏକ ଭଲ ଅଭିବୃଦ୍ଧି ହୋଇଥିଲାବେଳେ ଏସ୍‌ୟୁଭି ଓ ସିଏନ୍‌ଜି କାରଗୁଡ଼ିକର ବିକ୍ରି ପରିମାଣ ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ହୋଇଛି।

ସେହିଭଳି ୨୦୨୪ରେ ମୋଟ ଘରୋଇ ଯାତ୍ରୀବାହୀ ଯାନର ଖୁଚୁରା ବିକ୍ରି ୪.୩ ମିଲିୟନ ୟୁନିଟ୍ ହୋଇଥିଲାବେଳେ ବାର୍ଷିକ ଭିତ୍ତିରେ ଏହାର ପରିମାଣ ୪.୭% ବୃଦ୍ଧି ଘଟିଛି ବୋଲି ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ୍ସ ମାନ୍ୟୁଫାକଚର୍ସ (ଏସ୍‌ଆଇଏଏମ୍) ପକ୍ଷରୁ ସୂଚନା ଦିଆଯାଇଛି।

# ଭାରତରେ ଶକ୍ତି ଚାହିଦା ବୃଦ୍ଧି

**ଭୁବନେଶ୍ୱର,୧।୧(ଅନୁରାଧା ମହାରଣା)**

ଶକ୍ତି ଉତ୍ପାଦନ, ପରିବହନ ଏବଂ ବିତରଣ ସହିତ ୨୦୨୪ ବର୍ଷ ଭାରତର ଶକ୍ତି କ୍ଷେତ୍ର ପାଇଁ ଏକ ଐତିହାସିକ ସମୟ ଭାବେ ଉଭା ହୋଇଛି। ରେକର୍ଡ଼ ପରିମାଣର ୨୫୦ ଜିଜା ୱାଟ୍ ରେକର୍ଡ ଶକ୍ତି ଚାହିଦା ପୂରଣ କରିବା ଠାରୁ ଆରମ୍ଭ କରି ଜାତୀୟ ସ୍ତରରେ ଶକ୍ତି ଅଭାବକୁ ୨୦୨୪-୨୫ ଆର୍ଥିକ ବର୍ଷରେ ମାତ୍ର ୦.୧ ପ୍ରତିଶତକୁ ହ୍ରାସ କରିବା ପର୍ଯ୍ୟନ୍ତ ଏହି କ୍ଷେତ୍ର ନିରନ୍ତର ବିକାଶ ପାଇଁ ପ୍ରତିବଦ୍ଧତା ପ୍ରଦର୍ଶନ କରିଛି। ସର୍ବଭାରତୀୟ ବିଦ୍ୟୁତିକରଣ, ଗ୍ରାମାଞ୍ଚଳରେ ବିଦ୍ୟୁତ୍ ଉପଲବ୍ଧତା ବୃଦ୍ଧି ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ ଭଳି ପଦକ୍ଷେପ ସହିତ ବିଶ୍ୱରେ ଶକ୍ତି କ୍ଷେତ୍ରରେ ଭାରତ ଅଗ୍ରଣୀ ହେବାର ପଥରେ ଅଛି। ସୂଚନା ଥାଉକି, ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତ ୨୫୦ ଗିଗା ୱାଟର ସର୍ବକାଳୀନ ସର୍ବାଧିକ ଶକ୍ତି ଚାହିଦା ପୂରଣ କରିବାରେ ସଫଳ ହୋଇଛି। ସେହିପରି ଉତ୍ପାଦନ ଏବଂ ପ୍ରସାରଣ କ୍ଷମତାର ଉଲ୍ଲେଖନୀୟ ବୃଦ୍ଧି ହେତୁ ଜାତୀୟ ସ୍ତରରେ ଶକ୍ତି ନିଅଣ୍ଟ ୨୦୨୪-୨୫ ଆର୍ଥିକ ବର୍ଷରେ ମାତ୍ର ୦.୧ ପ୍ରତିଶତକୁ ହ୍ରାସ ପାଇଛି। ଏହା ୨୦୧୩-୧୪ ଆର୍ଥିକ ବର୍ଷରେ ୪.୨% ରହିଥିଲା। ଅନ୍ୟପଟେ ୨୦୨୩-୨୪ ବର୍ଷରେ ଭାରତରେ ମୁଣ୍ଡପିଛା ବିଦ୍ୟୁତ୍ ବ୍ୟବହାର ୧,୩୯୫ କିଲୋୱାଟକକୁ ବୃଦ୍ଧି ପାଇଛି। ୨୦୧୩-୧୪ ବର୍ଷରେ ଏହା ୯୫୭ କିଲୋୱାଟ୍ ଥିବାବେଳେ ୧୦ ବର୍ଷରେ ୪୫.୮% ଅର୍ଥାତ୍ ୪୩୮ କିଲୋ ୱାଟ୍ ବୃଦ୍ଧି ହୋଇଛି। ମିଳିଥିବା ସୂଚନାନୁସାରେ ସମଗ୍ର ଦେଶରେ ଗ୍ରାମକୁ ବିଦ୍ୟୁତକରଣ କରାଯାଇଛି, ଯାହା ଭାରତର ଶକ୍ତି କ୍ଷେତ୍ରରେ ଏକ ମାଇଲଖୁଣ୍ଟ ବୋଲି ପ୍ରମାଣିତ ହୋଇଛି।


# Classified Everyday

0674-2580101, 9692975378




REAL ESTATE

SALE

Official space & shops (BMC & RERA approved) for sale in a prime location of BBSR. For details please contact: 7605932509. D-2319

Sum Hospital / Kalinga Studio Chowkରୁ 4 Km. ଦୂରରେ Gharabari, Yellow zone, boundary plot, Electricity ସହ କିଣନ୍ତୁ, immediate ଘର କରନ୍ତୁ - 9437581914. D-76223

Ready to move 2 BHK flat for sale @ 22 lakh near Gudiapokhari, Bhubaneswar. Call-9437631769. D-2373

4 BHK luxurious flat for sale at Unit-3, Kharavelanagar, back side of Ram Mandir. Handover within 2 months. Please contact: 9438362399. D-2395

ଫୁଲନଖରା ନିକଟସ୍ଥ Sum Hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ - 7008052921. D-76228

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8895816302, 8328857872. D-2452

AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 31.12.2024, I, Udaya Hikoka, Address: At-Diasil, P.O.- Toyaput, P.S.- Laxmipur, Dist.- Koraput, Odisha - 765013 declare that I have changed my son's name from Ganesh Hikoka to Nila Madhab Hikoka. Henceforth, he shall be known as Nila Madhab Hikoka for all purposes. (Udaya Hikoka) D-2451

Your classified advertisement published in Dharitri will be listed free in Dharitri online edition: **dharitriepaper.in**

ଜନ୍ମଦିନ ଶୁଭେଚ୍ଛା



ଶ୍ରୀଯୁକ୍ତ ଅଦ୍ୱୈତ ଚରଣ ବିଶ୍ୱାଳ
କାର୍ଯ୍ୟକାରୀ ସଭାପତି, ବରିଷ୍ଠ ନାଗରିକ ସଂଘ
ଆଜିର ଏହି ନବ ବର୍ଷରେ ଆପଣ ୮୪ ବର୍ଷରେ ପଦାର୍ପଣ କରିଥିବାରୁ ଆପଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା। ଜଗତର ନାଥ ଶ୍ରୀଜଗନ୍ନାଥ ଆପଣଙ୍କୁ ଦୀର୍ଘାୟୁ କରନ୍ତୁ, ସୁସ୍ଥ ଓ ସୁରକ୍ଷିତ ରଖନ୍ତୁ।
ଶୁଭେଚ୍ଛା ସହ : ସୁଶୀଳ କୁମାର ନନ୍ଦ, ଭକ୍ତବନ୍ଧୁ ଦାସ ତଥା ଅଗ୍ରଣୀ ସିନିୟର ସିଟିଜେନ୍ସ ଓ ୱେଲଫେୟାର ଫୋରମ୍, ବମିଖାଲ ସଦସ୍ୟ ବୃନ୍ଦ।
ଧ-୨୪୫୩

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ



ଓସତ୍ୟ ରଞ୍ଜନ ନାୟକ
ଆବିର୍ଭାବ: ୧୫।୦୬।୧୯୯୪
ତିରୋଧାନ: ୦୨।୦୧।୨୦୨୨
ତୋର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ।
-:ଶୋକସନ୍ତପ୍ତ:-
ମାମା, ବାବା, ଦିଦି, ଭାଇ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, (ସାନୁ ଫାର୍ମ)
ଧ-୨୪୫୦

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।।"



ଓପଣ୍ଡିତ ଗୌରୀ ଶଙ୍କର ରଥ
ବିଶିଷ୍ଟ ଶିକ୍ଷାବିତ୍
ଜେନାସାହି, ଆସ୍କା ରୋଡ୍, ବ୍ରହ୍ମପୁର, ଗଞ୍ଜାମ
ଆବିର୍ଭାବ: ୦୩।୦୭।୧୯୫୮
ତିରୋଧାନ: ୨୨।୧୨।୨୦୨୪
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ : ଅଶୋକ କୁମାର ରଥ, ସତ୍ୟ ନାରାୟଣ ରଥ ଦୁଇ ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୨୪୫୪


# ମୁଥୁଟ ପରିବାର ପକ୍ଷରୁ ମୂଲ୍ୟବାନ୍ ଜମି ଦାନ

**ନୂଆଦିଲ୍ଲୀ,୧।୧**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ମୁଥୁଟ ଗ୍ରୁପର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଜର୍ଜ ଥୋମାସ ମୁଥୁଟ ନିକଟରେ ଏକ ମୂଲ୍ୟବାନ୍ ଜମିକୁ ଚର୍ଚ୍ଚ ନିର୍ମାଣ ପାଇଁ ଦାନ କରି ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, କେରଳର କୋଡୁଙ୍ଗାଲୁର ନିକଟସ୍ଥ ପେରିୟାର ନଦୀ କୂଳବର୍ତ୍ତୀ ଅଞ୍ଚଳର ଏକ ମୂଲ୍ୟବାନ୍ ୬୦ ସେଣ୍ଟସ ଜମିକୁ ମୁଥୁଟ ପରିବାର ପକ୍ଷରୁ ମାଲାନଙ୍କର ଅର୍ଥୋଡକ୍ସ ସିରିଆନ ଚର୍ଚ୍ଚକୁ ବିଧିବଦ୍ଧ ଭାବେ ପ୍ରଦାନ କରାଯାଇଛି। ଏପରିକି ସମ୍ପ୍ରଦାୟର ମଙ୍ଗଳ ଓ କମ୍ୟୁନିଟି ସର୍ଭିସ ଉଦ୍ଦେଶ୍ୟରେ ଏହି ମୂଲ୍ୟବାନ ଜମିକୁ ସ୍ୱର୍ଗତ ଏମ.ଜି. ଜର୍ଜ ମୁଥୁଟଙ୍କ ସ୍ମୃତିରେ ଦିଆଯାଇଛି। ସେହିଭଳି ୫୦ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମିତ ହେବାକୁ ଥିବା ଏହି ନୂତନ ଚର୍ଚ୍ଚର କାର୍ଯ୍ୟ ପରମ୍ପରା ଓ ସମ୍ପ୍ରଦାୟର ସଦଭାବନା ଉଦ୍ଦେଶ୍ୟରେ ଆରମ୍ଭ କରାଯାଉଛି।




ଚର୍ଚ୍ଚ କର୍ତ୍ତୃପକ୍ଷଙ୍କୁ ମୁଥୁଟ ପରିବାର ପକ୍ଷରୁ ଜମି ପ୍ରମାଣପତ୍ର ପ୍ରଦାନ କରାଯାଉଛି। ଏହି ଅବସରରେ ମୁଥୁଟ ପରିବାରର ସଦସ୍ୟଙ୍କ ସମେତ ଚର୍ଚ୍ଚ କର୍ତ୍ତୃପକ୍ଷ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ରେକର୍ଡ ପରିମାଣରେ ତମାଖୁ ରପ୍ତାନି

■ବର୍ଷକରେ ୧୩,୦୦୦ କୋଟିର କାରବାର
■ବାର୍ଷିକ ଭିତ୍ତିରେ ୮% ଅଭିବୃଦ୍ଧି

**ନୂଆଦିଲ୍ଲୀ,୧।୧**



କ୍ରମାଗତ ଭାବେ ଭାରତୀୟ ଧୂମପାନ ବା ତମାଖୁ ଉତ୍ପାଦଗୁଡ଼ିକର ଚାହିଦା ବିଦେଶରେ ବହୁଳ ଭାବେ ବୃଦ୍ଧି ପାଉଛି। ଏହାର ପ୍ରଭାବ ତମାଖୁ କାରବାର ଓ ରପ୍ତାନି କ୍ଷେତ୍ରରେ ଦେଖିବାକୁ ମିଳିଛି। ଏପରିକି ୨୦୨୪ରେ ଭାରତ ପ୍ରାୟ ୧୩,୦୦୦ କୋଟି ଟଙ୍କାର ତମାଖୁ ସାମଗ୍ରୀ ବିଦେଶକୁ ରପ୍ତାନି କରିଛି। ଫଳରେ ରେକର୍ଡ ପରିମାଣର ତମାଖୁ ସାମଗ୍ରୀ ସରକାର ରପ୍ତାନି କରିଥିବାବେଳେ ବାର୍ଷିକ ଭିତ୍ତିରେ ୮% ବୃଦ୍ଧି ହୋଇଛି ବୋଲି ବାଣିଜ୍ୟ ମନ୍ତ୍ରଣାଳୟର ଅତିରିକ୍ତ ଶାସନ ସଚିବ ରାଜେଶ ଅଗ୍ରୱାଲ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ସେହିଭଳି ଗତ କିଛି ବର୍ଷ ହେବ ତମାଖୁ ବୋର୍ଡ ଚାଷୀମାନଙ୍କର ହିତ ପାଇଁ ଭିନ୍ନ ଭିନ୍ନ ପ୍ରକାର ଯୋଜନା ଓ ସରକାରୀ ସହାୟତା ସହ ଆବଶ୍ୟକ ସୁବିଧା ଏବଂ ସହଯୋଗ ଯୋଗାଇ ଦେଇଛନ୍ତି। ଏପରିକି ଭାରତ ବିଶ୍ୱର ୨ୟ ସର୍ବବୃହତ୍ ତମାଖୁ ସାମଗ୍ରୀ ଉତ୍ପାଦନକାରୀ ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲାବେଳେ ଚାଇନା ପରେ ଭାରତ ବିଶ୍ୱର ଏକ ପ୍ରମୁଖ ରପ୍ତାନିକାରୀ ଭାବେ ନିଜର ପ୍ରଭାବ ବିସ୍ତାର କରିଛି। ଅପରପକ୍ଷରେ ଭାରତ ବିଶ୍ୱର ୪ର୍ଥ ପ୍ରମୁଖ ଓ ଶ୍ରେଷ୍ଠ ଏଫସିଭି (ଫ୍ଲୁ କର୍ଡ ଭିର୍ଜିନିଆ) ବର୍ଗର ତମାଖୁ ଉତ୍ପାଦନକାରୀ ଭାବେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏପରିକି ଚାଇନା, ବ୍ରାଜିଲ ଏବଂ ଜିମ୍ବାୱେ ପରେ ଭାରତ ଏହି ବର୍ଗର ତମାଖୁ ଉତ୍ପାଦନ କରିଥାଏ। ସେହିପରି ଭାରତ ବିଶ୍ୱର ୨ୟ ସର୍ବବୃହତ୍ ଅନ୍‌ମାନ୍ୟୁଫ୍ୟାକଚର୍ଡ ତମାଖୁ (କ୍ୱାଣ୍ଟିଟି ଟର୍ମ) ରପ୍ତାନିକାରୀ ଭାବେ ମଧ୍ୟ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ବର୍ଗରେ ବ୍ରାଜିଲ ପରେ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ ରପ୍ତାନିକାରୀ ହୋଇପାରିଛି।

ଉଲ୍ଲେଖଯୋଗ୍ୟ, ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତ ମୋଟ ୧୨,୦୦୫.୮୯ କୋଟି ଟଙ୍କାର ତମାଖୁ ସାମଗ୍ରୀକୁ କଟବାଉଣ୍ଡ ଶିପ୍‌ମେଣ୍ଟ କରିଥିଲା। ଏପରିକି ବର୍ତ୍ତମାନ ଦେଶର ୮୦ ରୁ ୮୫,୦୦୦ ଚାଷୀ ବୋର୍ଡ ନିକଟରେ ପଞ୍ଜୀକୃତ ହୋଇଥିଲାବେଳେ ସରକାରୀ ସୁବିଧା ଓ ସହାୟତା ବୋର୍ଡ ପଞ୍ଜୀକୃତ ତମାଖୁ ଚାଷୀମାନଙ୍କୁ ବିଭିନ୍ନ ସମୟରେ ସହାୟତା କରିଥାଏ।

# ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୧।୧**

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୬୮ (୩୬୮.୪୦) ପଏଣ୍ଟ ବଢ଼ି ୭୮,୫୦୭ (୭୮,୫୦୭.୪୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୯୮(୯୮.୧୦) ପଏଣ୍ଟ ବୃଦ୍ଧି ଘଟି ୨୩,୭୪୩ (୨୩,୭୪୨.୯୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ଯୁବକଙ୍କୁ ୫୦ଖଣ୍ଡ କରି ଗାଁ ଦାଣ୍ଡରେ ଫିଙ୍ଗିଲେ

**କ୍ରୋଧ ଏବଂ ଶତ୍ରୁତା ମଣିଷକୁ କେତେ ଯେ, ଭୟଙ୍କର କରିପକାଏ, ତା'ର ଏକ ଉଦାହରଣ ନୂଆବର୍ଷରେ ଦେଖିବାକୁ ମିଳିଛି। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକ ଅନ୍ୟ ଜଣେ ଯୁବକଙ୍କୁ ମାରଣାସ୍ତ୍ରରେ ହତ୍ୟା କରିବା ପରେ ମୃତ ଶରୀରକୁ ୫୦ରୁ ଊର୍ଦ୍ଧ୍ୱ ଖଣ୍ଡ କରି ଗାଁ ଦାଣ୍ଡରେ ଏଣେତେଣେ ପକାଇ ନିଜର ବୀଭତ୍ସ ମାନସିକତାକୁ ପଦାରେ ପକାଇଛନ୍ତି।**

ପରଜଙ୍ଗ,୧।୧
(ନିଗମାନନ୍ଦ ଦଳବେହେରା)

ନୂଆବର୍ଷର ପ୍ରଥମ ଦିନରେ ରକ୍ତରଞ୍ଜିତ ହୋଇଛି ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅନ୍ତର୍ଗତ ବାସୋଇ ଗାଁ। ବୁଧବାର ମଧ୍ୟାହ୍ନରେ ଜଣେ ଯୁବକଙ୍କୁ ବୀଭତ୍ସ ଭାବେ ହାଣି ହତ୍ୟା କରାଯାଇଛି। ପ୍ରଥମେ ଠେଙ୍ଗାରେ ଆକ୍ରମଣ କରିବା ପରେ ଯୁବକଜଣଙ୍କୁ ଗାଁ ଚଉପାଢ଼ିରେ ଥିବା ଠାକୁରାଣୀଙ୍କ ପଣାଖୁଣ୍ଟି ନିକଟରେ ମାରଣାସ୍ତ୍ରରେ ହତ୍ୟା କରିଛନ୍ତି। ସେଠାରୁ ତାଙ୍କର ମୃତଦେହକୁ ଘୋଷାରି ନେଇ ପ୍ରାୟ ୫୦ ଖଣ୍ଡ କରି ହାଣିବା ପରେ ଗାଁ ଦାଣ୍ଡରେ ଏଣେତେଣେ ଫିଙ୍ଗି ଦେଇଛନ୍ତି ରକ୍ତମୁଖା ଯୁବକ। ଏଭଳି ବୀଭତ୍ସ ହତ୍ୟାକାଣ୍ଡର ଶିକାର ହୋଇଛନ୍ତି ରାକେଶ ସେଠୀ। ତାଙ୍କ ଘର ସ୍ଥାନୀୟ ବାସୋଇ ଗ୍ରାମରେ। ପୂର୍ବ ଶତ୍ରୁତାରୁ ଏଭଳି କାଣ୍ଡ ଘଟିଥିବା କୁହାଯାଉଥିବାବେଳେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂଚନା ଅନୁଯାୟୀ ବାସୋଇ ଗାଁର ରାକେଶ ସେଠୀ ଓ ସରୋଜ ବିଶ୍ୱାଳ ଓରଫ ମକୁଙ୍କ ମଧ୍ୟରେ ବହୁଦିନରୁ ଶତ୍ରୁତା ଲାଗି ରହିଥିଲା। ତେଣୁ ରାକେଶଙ୍କୁ ଜୀବନରୁ ହଟାଇଦେବାକୁ ସରୋଜ ଯୋଜନା କରୁଥିଲେ। ବୁଧବାର ମଧ୍ୟାହ୍ନରେ ରାକେଶ ଚାଲି ଚାଲି ଚିକେନ ଆଣିବାକୁ ଯାଉଥିବାବେଳେ ତାଙ୍କୁ ପଛପଟୁ ଏକ ଠେଙ୍ଗାରେ ସରୋଜ ପିଟି ଦେଇଥିଲେ। ରାକେଶ ତଳେ ପଡ଼ିଯିବା ପରେ ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ।



ହତ୍ୟା କରାଯାଇଥିବା ପଣାଖୁଣ୍ଟି ନିକଟରେ ପୋଲିସ ତଦନ୍ତ କରୁଛି।

ରାକେଶ ସେଠୀ

ଖବର ପାଇ ରାକେଶଙ୍କ ବଡ଼ପୁଅ ଓ ସ୍ତ୍ରୀ ସୁଭଦ୍ରା ଘଟଣାସ୍ଥଳରେ ପହଞ୍ଚି ବିରୋଧ କରିଥିଲେ। ତେବେ ରକ୍ତମୁଖା ସରୋଜ ମା' ପୁଅଙ୍କୁ ମଧ୍ୟ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ପରେ ରାକେଶଙ୍କୁ ଘୋଷାରି ଘୋଷାରି ନେଇ ବଡ଼ଚଉପାଢ଼ିଠାରେ ଥିବା ଠାକୁରାଣୀଙ୍କ ପଣାଖୁଣ୍ଟି ନିକଟରେ ହତ୍ୟା କରିଥିଲେ ସରୋଜ। ସେଠାରୁ ମୃତଦେହକୁ ଆଣି ଏକ ଟାଙ୍ଗିଆରେ ପ୍ରାୟ ୫୦ ଖଣ୍ଡରୁ ଊର୍ଦ୍ଧ୍ୱ କରି ଗାଁ ଦାଣ୍ଡରେ ଫୋପାଡ଼ି ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଶରୀରର ଅନେକ ଖଣ୍ଡ ବିଖଣ୍ଡିତ ଅଂଶ ଗାଁ ଦାଣ୍ଡରେ ଏଣେତେଣେ ପଡ଼ିଥିଲା। ସରୋଜଙ୍କ ଉଗ୍ରରୂପ ଦେଖି ଗାଁ ଲୋକମାନେ ଘର ତାଟି କବାଟ ପକାଇ ଦେଇଥିଲେ। କେହି ବିରୋଧ କରିବାକୁ ସାହସ ଜୁଟାଇ ପାରି ନ ଥିଲେ। ଖବରପାଇ ଏସ୍‌ପି ଅଭିନବ ସୁନାକର, ପରଜଙ୍ଗ ଥାନାଧିକାରୀ ପ୍ରିୟବ୍ରତ ଦାସଙ୍କ ସମେତ ଅନ୍ୟ ଅଧିକାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସାଇଣ୍ଟିଫିକ ଟିମ୍ ହତ୍ୟାକାଣ୍ଡ ସ୍ଥାନରୁ ନମୁନା ସଂଗ୍ରହ କରିଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଏସ୍‌ପି ସୁନାକର କହିଛନ୍ତି। ଏ ସଂକ୍ରାନ୍ତରେ ପରଜଙ୍ଗ ଥାନାରେ ରାକେଶଙ୍କ ସ୍ତ୍ରୀ ସୁଭଦ୍ରାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି।

**ଭୟରେ ତାଟିକବାଟ ପକାଇଲେ ଲୋକେ**

**ଅଭିଯୁକ୍ତ ଫେରାର ପରେ ପୋଲିସର ତନାଘନା**

# ଜିରୋନାଇଟ୍ ସେଲିବ୍ରେଶନରେ ଛୁରାମାଡ଼, ୪ ଗୁରୁତର

ଗଞ୍ଜାମ,୧।୧(ବିଦ୍ୟାଧର ସାହୁ)

ଗଞ୍ଜାମ ଜିଲା ରମ୍ଭା ଥାନା ଅନ୍ତର୍ଗତ ଗଣ୍ଡାପଲ୍ଲୀ ଓଡିଆର୍‌ପି କଲୋନୀରେ ମଙ୍ଗଳବାର ଜିରୋନାଇଟ୍ ସେଲିବ୍ରେଶନ୍ ବେଳେ ଗୁଳି ଫୁଟିବା ସହ ଛୁରାମାଡ଼ ହୋଇଛି। ପୂର୍ବ ଶତ୍ରୁତାକୁ ନେଇ ହୋଇଥିବା ଏହି ଆକ୍ରମଣ ପ୍ରତିଆକ୍ରମଣରେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, ଓଡିଆର୍‌ପି କଲୋନୀରେ ଏକ ଭଡ଼ାଘରେ ମଙ୍ଗଳବାର ବିଳମ୍ବିତ ରାତିରେ ଗୋଟିଏ ଗୋଷ୍ଠୀ ନୂତନ ବର୍ଷକୁ ସ୍ୱାଗତ ଜଣାଇବା ପାଇଁ ନାଚଗୀତରେ ମସଗୁଲ ଥିଲେ। ଏହି ସମୟରେ ଆଉ କେତେଜଣ ଯୁବକ ପହଞ୍ଚି କୌଣସି କଥାକୁ ନେଇ ଗାଳିଗୁଲଜ କରିଥିଲେ। ପରେ ଏହା ଉଗ୍ରରୂପ ନେଇଥିଲା। ସେଠାରେ ବ୍ଲାଙ୍କ ଫାୟାରିଂ ହେବା ସହ ଛୁରାମାଡ଼ ହୋଇଥିଲା। ଏଥିରେ ଉଭୟ ଗୋଷ୍ଠୀର ୪ ଜଣ ଆହତ ହୋଇଥିଲେ। ଖବରପାଇ ରମ୍ଭା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ଏ ନେଇ ରମ୍ଭା ଥାନା ପକ୍ଷରୁ ନଂ.୧/୨୫ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ସତ୍ୟବ୍ରତ ଭୂତିୟା ସୂଚନା ଦେଇଛନ୍ତି।

# ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

କେନ୍ଦ୍ରାପଡ଼ା,୧।୧(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସଦର ଥାନା ଓସ୍ତପୁର ପଞ୍ଚାୟତ ବୀରସ୍ୱତୀ ଗ୍ରାମର କାହ୍ନୁଚରଣ ନାଥ(୫୦)ଙ୍କର ମୃତଦେହ ଗ୍ରାମ ପୋଖରୀରୁ ବୁଧବାର ପୋଲିସ ଜବତ କରିଛି । ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ତାଙ୍କ ପୁତୁରା ମହେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏନେଇ ଅପମୃତ୍ୟୁ ମାମଲା (ନଂ.୧/୨୫) ରୁଜୁ କରି ତଦନ୍ତ ଚଳାଇଛି । ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ମହେଶ୍ୱରଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ କାହ୍ନୁଚରଣ ଗ୍ରାମରେ ଥିବା ଧାନ ଗୋଦାମକୁ ଯାଇଥିଲେ । ବୁଧବାର ସକାଳେ ତାଙ୍କ ମୃତଦେହ ନିକଟସ୍ଥ ପୋଖରୀରେ ଭାସୁଥିବା ଗ୍ରାମବାସୀ ଦେଖିଥିଲେ । ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି । ଏହି ଘଟଣାରେ ନିର୍ଦ୍ଦିଷ୍ଟ କେତେଜଣ ସାମିଲ ହୋଇଥିବା ପରିବାର ଲୋକମାନେ ସନ୍ଦେହ କରିଛନ୍ତି । ଏସମ୍ପର୍କରେ ଥାନା ଅଧିକାରୀ ବିମଳ କୁମାର ମଲ୍ଲିକ କହିଛନ୍ତି, ସାଇଣ୍ଟିଫିକ ଟିମ୍ ସହିତ ପୋଲିସ ତଦନ୍ତ ଜାରି ରହିଛି । ପୋଷ୍ଟମର୍ଟମ ରିପୋର୍ଟରେ ବିଭିନ୍ନ ପ୍ରଶ୍ନର ଉତ୍ତର ମିଳିପାରିବ ବୋଲି ସେ ଆଶା କରିଛନ୍ତି ।

# ଗହୀରମଥା ନିଷିଦ୍ଧାଞ୍ଚଳରୁ ଟ୍ରଲର ଜବତ, ୧୭ ମତ୍ସ୍ୟଜୀବୀ ଗିରଫ




ରାଜନଗର,୧।୧(ଭାସ୍କର ରାଉତରାୟ)

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବନବିଭାଗ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଗୋଟିଏ ଟ୍ରଲର ଜବତ କରିଛି । ସେହି ଟ୍ରଲରରେ ଥିବା ୧୭ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଗହୀରମଥା ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ୍ ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ପ୍ରଫୁଲ୍ଲ କୁମାର ମାଝିଙ୍କ ସମେତ ବନବିଭାଗର ପାଟ୍ରୋଲିଂ ଟିମ ଗହୀରମଥା ନିଷିଦ୍ଧାଞ୍ଚଳରେ ପଇଁତରା ମାରୁଥିବା ସମୟରେ ବରୁଣେଇ ନିକଟରେ ମା'ଭୁବନେଶ୍ୱରୀ ନାମକ ଟ୍ରଲରକୁ ଜବତ କରିଥିଲେ। ଏଥିରେ ଥିବା ଜିତେନ୍ଦ୍ର ମଲିକ, ନିମାଇଁ ମଣ୍ଡଳ, ଅଶୋକ ମଣ୍ଡଳ, ଜଗନ୍ନାଥ ମଣ୍ଡଳ, ବନଚରଣ ମଣ୍ଡଳ, ନଟ ବାହିନୀ, ମଙ୍ଗଲ ମୋହନ ସୋରେନ, ଝାଡେଶ୍ୱର ଗଙ୍ଗେଇ, ରମେଶ ମଲିକ, ପ୍ରଦୀପ ସର୍ଦ୍ଦାର, ଉତ୍ପଳ ନାସ୍କର, ପୂର୍ଣ୍ଣଚନ୍ଦ୍ର ବେହେରା, କରୁଣାକର ମହାକାଳିକ, ରାକେଶ ମଲିକ, ଭନେଶ୍ୱର ମୁଣ୍ଡା, ଅଭିଜିତ୍ ସର୍ଦ୍ଦାର ପ୍ରମୁଖ ୧୭ ଜଣ ମତ୍ସ୍ୟଜୀବୀଙ୍କୁ ୧୯୭୨ ବନ୍ୟପ୍ରାଣୀ ଆଇନ ଧାରା ୨୭, ୨୯, ୩୧ରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ଟ୍ରଲରରୁ ୫ ଭିଏଚ୍‌ଏଫ୍, ଗୋଟିଏ ଜିପିଏସ୍, ଗୋଟିଏ ଫିସ୍ ଫାଇଣ୍ଡର, ଟର୍ନନେଟ ୫ ହଜାର ଫୁଟ, କର୍ଡ ନେଟ ୫ ହଜାର ଫୁଟ, ଲାଡେଜ ନେଟ୍ ୫ ହଜାର ଫୁଟ, ଇଲିସି ନେଟ୍ ୪ ହଜାର ଫୁଟ, ସାମୁଦ୍ରିକ ମାଛ ୫୦ କେଜି ଓ ୨ଟି ମୋବାଇଲ ଫୋନ ଜବତ କରାଯାଇଛି ବୋଲି ବନବିଭାଗ ସୂଚନା ଦେଇଛି।

# ମେଡିସିନ ରିପ୍ରେଜେଣ୍ଟେଟିଭଙ୍କୁ ଆକ୍ରମଣ କରି ଲୁଟ୍, ୩ ଗିରଫ

ଭୁବନେଶ୍ୱର,୧।୧
(ସୂର୍ଯ୍ୟକାନ୍ତ ବେହେରା)

ନୂଆବର୍ଷରେ ଅପରାଧ ଘଟଣାକୁ ଏଡ଼ାଇବାକୁ କମିଶନରେଟ ପୋଲିସ ରାତିସାରା ପାଟ୍ରୋଲିଂ କରୁଥିବା ବେଳେ କିଛି ନିଶାସକ୍ତ ଯୁବକ ଉନ୍ମତ୍ତକାଣ୍ଡ ଭିଆଇଛନ୍ତି। ମେଡିସିନ ରିପ୍ରେଜେଣ୍ଟେଟିଭ ଓ ତାଙ୍କ ସାଙ୍ଗଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ରାସ୍ତାରେ ଅଟକାଇ ନିଶାସକ୍ତ ଯୁବକମାନେ ଟଙ୍କା ମାଗିବା ସହ ଆକ୍ରମଣ କରି ଲୁଟ୍ କରିଛନ୍ତି। ଏନେଇ ଆକ୍ରମଣର ଶିକାର ହୋଇଥିବା ଶାନ୍ତନୁ ରଣସିଂହା ଥାନାରେ ଅଭିଯୋଗ କରିବାପରେ ବଡ଼ଗଡ଼ ପୋଲିସ ୩ ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅଞ୍ଚଳର ମହେଶ ହାତୀ, ଅଭିଜିତ ଜେନା ଓ ଦୀନେଶ ମହାନ୍ତି। କୋର୍ଟରେ ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଫେରାର ଥିବା ଅଭିଯୁକ୍ତମାନଙ୍କୁ ପୋଲିସ ଧରିବାକୁ ଉଦ୍ୟମ ଜାରି ରଖିଛି।

## ବାଇକ୍ କିଣିବାକୁ ଟଙ୍କା ନ ଦେବାରୁ ନାବାଳକଙ୍କ ଆତ୍ମହତ୍ୟା

ପାଟଣା,୧।୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଦାଶରଥିପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ମା' ବାଇକ୍ କିଣିବାକୁ ଟଙ୍କା ନ ଦେବାରୁ ଜଣେ ୧୭ ବର୍ଷର ନାବାଳକ ଆତ୍ମହତ୍ୟା କରିଛନ୍ତି। ମୃତ ନାବାଳକ ଉକ୍ତ ଗ୍ରାମର ବୋଲି ଜଣାପଡ଼ିଛି। ନାବାଳକ ମଙ୍ଗଳବାର ତାଙ୍କ ମା'ଙ୍କୁ ବାଇକ୍ କିଣିବାକୁ ଟଙ୍କା ମାଗିଥିଲେ। ମା' ଅସହାୟତା ପ୍ରକାଶ କରି ମନା କରିଦେଇଥିଲେ। ଏଥିରେ ପୁଅ ଉତ୍କ୍ଷିପ୍ତ ହୋଇ ବିଳମ୍ବିତ ରାତିରେ ଶୋଇବା ଘରର ରୁଅରେ ଗାମୁଛାରେ ଫାଶୀ ଲଗାଇ ଦେଇଥି ବା ତଦନ୍ତ ବେଳେ ଜଣାପଡ଼ିଥିବା ଏଏସ୍‌ଆଇ ବୀରେନ୍ଦ୍ର କିଶୋର ବେହେରା କହିଛନ୍ତି। ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ. ୧/୨୫) ରୁଜୁ ହୋଇଛି। କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ତଦନ୍ତ ଚାଲିଥିବା ପୋଲିସ କହିଛି।

# ଜିରୋନାଇଟ୍ ସେଲିବ୍ରେଶନ ବେଳେ ବୁଲିଲା ଖଣ୍ଡା, ୨ ଗୁରୁତର

ବଲାଙ୍ଗୀର,୧।୧
(ବୀରେନ୍ଦ୍ର କୁମାର ଝାଙ୍କର)

ପୁରୁଣା ବର୍ଷକୁ ବିଦାୟ ଏବଂ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ବଲାଙ୍ଗୀର ସହର ତୁଳସୀନଗରପଡାରେ ମଙ୍ଗଳବାର ରାତିରେ ଜିରୋନାଇଟ୍ ସେଲିବ୍ରେଶନରେ ସମସ୍ତେ ମସ୍‌ଗୁଲ ଥିବାବେଳେ ଏକ ତୁମୁଳ କାଣ୍ଡ ଘଟିଛି। ଏହି କାର୍ଯ୍ୟକ୍ରମରେ କେତେଜଣ ଯୁବକ ଓ କିଶୋର ଡ୍ୟାନ୍ସ କରୁଥିବା ବେଳେ ଦୁଇଜଣ ଯୁବକ ବାଇକ୍‌ରେ ଆସି ଖଣ୍ଡାରେ ଆକ୍ରମଣ କରିବା ଯୋଗୁ ଦୁଇଜଣ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଆକ୍ରମଣକାରୀ ଦୁଇ ଯୁବକ ଫେରାର ହୋଇଯାଇଛନ୍ତି।

ମିଳିଥିବା ସୂଚନା ମୁତାବକ, ସହରର ତୁଳସୀନଗରପଡା ଗଳି ରାସ୍ତାରେ କିଶୋର ଏବଂ ତାଙ୍କ ସାଙ୍ଗମାନେ ଜିରୋନାଇଟ ସେଲିବ୍ରେଶନ କରୁଥିଲେ। ଏହି ସମୟରେ ଦୁଇଜଣ ଯୁବକ ଏକ ବାଇକ୍‌ରେ ଦ୍ରୁତଗତିରେ ଆସି ପିଲାମାନେ ନାଚୁଥିବା ସ୍ଥାନକୁ ଧସେଇ ପଶିଥିଲେ। ସେମାନଙ୍କ ବାଇକ୍ ଧକ୍କାରେ ନୃତ୍ୟରତ ଜଣେ ଯୁବକ ଛିଟିକି ପଡି ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଯୁବକମାନେ ବାଇକ୍ ଆରୋହୀ ଦୁଇ ଯୁବକଙ୍କୁ ଠେଲାପେଲା କରିବା ସହ ଯୁକ୍ତିତର୍କ କରି ଦ୍ରୁତ ଗତିରେ ବାଇକ୍ ଚଲାଇବାକୁ ବାରଣ କରିଥିଲେ। ଏହାପରେ ସେଠାରୁ ସମ୍ପୃକ୍ତ ଦୁଇ ଯୁବକ ଚାଲି ଯାଇଥିଲେ। ତେବେ କିଛି ସମୟ ପରେ ସେମାନେ ପୁଣି ସେଠାକୁ ବାଇକ୍‌ରେ ଆସି ଧରିଥିବା ଖଣ୍ଡାରେ ସେଠାରେ ନାଚୁଥିବା ଯୁବକଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଏଭଳି ଅତର୍କିତ ଆକ୍ରମଣରେ ତୁଳସୀନଗରପଡାର ମଧୁସୂଦନ ବଗର୍ତ୍ତି ଏବଂ ଅଗ୍ନି କୁମାର ବିଶି ଗୁରୁତର ଆହତ ହୋଇଥିଲେ। ମଧୁସୂଦନଙ୍କ ହାତରେ ଏବଂ ଅଗ୍ନି କୁମାରଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣକାରୀଙ୍କ ବିରୋଧରେ ଟାଉନ୍ ଥାନାରେ ଅଭିଯୋଗ କରାଯାଇଛି। ଆକ୍ରମଣକାରୀ ଦୁଇ ଯୁବକଙ୍କ ମଧ୍ୟରୁ ଜଣକର ନାଁ ବି. ଷାଣ୍ଢ ବୋଲି ଅଭିଯୋଗ ହୋଇଛି। ଅନ୍ୟଜଣଙ୍କର ନାଁ ଜଣାପଡ଼ିନାହିଁ। ବଲାଙ୍ଗୀର ଟାଉନ ପୋଲିସ ଘଟଣାର ତଦନ୍ତ ଚଳାଇଛି ।



ଆହତ ମଧୁସୂଦନ ବଗର୍ତ୍ତି।




ଅଗ୍ନି କୁମାର ବିଶି ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜାଲ ଛିଣ୍ଡା ମାଛକୁ**
**ଟୋକେଇ କୁଦାଏ ।**

ଯିଏ ଜଟିଳ ପରିସ୍ଥିତି ଦେଇ ଗତି କରି ଜାଣେ ସିଏ କୌଣସି ପରିସ୍ଥିତିରେ ଦବିଯାଇ ନ ଥାଏ ବା ହାର୍ ମାନି ନ ଥାଏ। ଯେଉଁ ମାଛ ଜାଲ ଛିଣ୍ଡାଇ ପଳାଇଥାଏ ତା' ପକ୍ଷେ ଟୋକେଇରୁ ଡେଇଁ ପଳାଇବା ଅତି ସାମାନ୍ୟ କଥା ହୋଇଥିବା ସ୍ଥଳେ ଅତି ଚତୁର ବା ସିଆଣିଆ ବ୍ୟକ୍ତି ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଜଡ଼ା ତେଲ**
**ମେଣ୍ଢା ବାଳ ।**

ଜଡ଼ା ତେଲ ଭାରି ଅଠାଳିଆ। ମେଣ୍ଢା ବାଳ ଛୋଟ ଓ ଫୁରୁଫୁରିଆ ହୋଇଥିବା ବେଳେ ସେଠାରେ ଜଡ଼ା ତେଲ ଲାଗିଲେ ଅଠା ଧରି ବସିଯାଏ, ମୋଟେ ଛାଡ଼େ ନାହିଁ। ପରୋକ୍ଷରେ ଅଭେଦ ପ୍ରୀତି ବା ଘନିଷ୍ଠ ବନ୍ଧୁତା। କେହି କାହାକୁ ଦଣ୍ଡେ ଛାଡ଼ି ରହି ନ ପାରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ନୂଆବର୍ଷରେ ରାଜଧାନୀରେ ଦୁର୍ଘଟଣା:ଟ୍ରକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

ଭୁବନେଶ୍ୱର,୧।୧(ସୂର୍ଯ୍ୟକାନ୍ତ ବେହେରା)

ନୂଆବର୍ଷରେ ରାଜଧାନୀ ଭୁବନେଶ୍ୱର ପଳାଶୁଣି ଛକରେ ଟ୍ରକ୍ ଧକ୍କାରେ ମହିଳାଙ୍କ ଜୀବନ ଚାଲିଯାଇଛି। ମୃତା ମହିଳା ହେଲେ ସତ୍ୟବିହାର ଅଞ୍ଚଳରେ ରହୁଥିବା ଖୋର୍ଦ୍ଧା ବେଗୁନିଆ ଅଞ୍ଚଳର ପ୍ରଭାସିନୀ ପଣ୍ଡା(୩୭)। ଏହି ଦୁର୍ଘଟଣାରେ ଜଣେ ଓଲା ବାଇକ୍ ଚାଳକ ଆହତ ମଧ୍ୟ ହୋଇଛନ୍ତି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ନେଇ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଜାରି ରଖିଥିବାବେଳେ ଟ୍ରକ୍‌କୁ ଠାବ କରି ପାରିନାହିଁ। ସୂଚନାନୁସାରେ, ବୁଧବାର ପୂର୍ବାହ୍ନ ୧୧ଟାରେ ପ୍ରଭାସିନୀ ଅନ୍‌ଲାଇନରେ ଗାଡ଼ି ବୁକ୍ କରି ବାଇକ୍ ଯୋଗେ କୌଣସି କାମରେ ଶହୀଦନଗର ଯାଉଥିଲେ। ପଳାଶୁଣି ଛକ ଦୁର୍ଗାମଣ୍ଡପ ପାଖ ରାସ୍ତାରେ ଏକ ଟ୍ରକ୍ ପଛ ପାର୍ଶ୍ୱରୁ ଧକ୍କା ଦେଇଥିଲା। ଏଥିରେ ବାଇକ୍ ଚାଳକ ଓ ପ୍ରଭାସିନୀ ତଳେ ପଡ଼ିଯାଇ ମୃତ୍ୟୁବରଣ କରିଥିଲେ।

# ସୁକ୍‌ମାରୁ ୨ ମାଓବାଦୀ ଗିରଫ

ମାଲକାନଗିରି,୧।୧(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ସୁକ୍‌ମା ଜିଲା ପୋଲିସ ୨ ମାଓବାଦୀଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ସୋଡି ମୁକା ଓ ସୋଡି ଭୀମା। ସୂଚନାଯୋଗ୍ୟ, କୁନ୍ଦେଡ ଗ୍ରାମ ନିକଟରେ ମାଓବାଦୀମାନେ ଥିବା ଖବର ପାଇ ଜଗରଗୁଣ୍ଡା ଥାନା ୧୬୫ ସିଆର୍‌ପିଏଫ୍ ବାହିନୀର ଏକ ଟିମ୍ ଉକ୍ତ ଅଞ୍ଚଳ ଅଭିମୁଖେ ଯାଇଥିଲେ। କୁନ୍ଦେଡ ଗ୍ରାମ ନିକଟ ଜଙ୍ଗଲରେ ସୋଡି ମୁକା ଓ ୧ ଲକ୍ଷ ପୁରସ୍କାର ଘୋଷିତ ସୋଡି ଭୀମାଙ୍କୁ ଦେଖି ଗିରଫ କରିଥିଲେ । ୨୦୧୬ରେ ରାଜପେଣ୍ଟା ନିକଟରେ ଆଇଇଡି ବିସ୍ଫୋରଣ ଘଟଣାରେ ଏହି ୨ ଜଣ ସାମିଲ ଥିଲେ। ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଟୁଇନ୍‌ସିଟିରେ ବଢ଼ିଛି ୧୧.୩୪% ଅପରାଧ

**ଭୁବନେଶ୍ୱରରେ ବଢ଼ିଲା ହତ୍ୟା, କଟକରେ କମିଲା ଲୁଟ୍**

ଭୁବନେଶ୍ୱର,୧।୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ ପକ୍ଷରୁ ୨୦୨୪ ବର୍ଷର ଅପରାଧ ତାଲିକା ପ୍ରକାଶ କରାଯାଇଛି। କମିଶନରେଟ୍ ପୋଲିସ କାର୍ଯ୍ୟାଳୟରେ ବୁଧବାର ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଦେଇଥିବା ତଥ୍ୟ ଅନୁସାରେ ୨୦୨୩ ତୁଳନାରେ ୨୦୨୪ରେ ଭୁବନେଶ୍ୱରରେ ହତ୍ୟା ମାମଲାବର୍ଷକରେ ଭୁବନେଶ୍ୱରରୁ ସାଇବର ଠକ ନେଇଗଲେ ୮୨.୫୩ କୋଟି ଟଙ୍କା ପଞ୍ଜୀକୃତ ହୋଇଛି। ତେବେ ଦ୍ୱୈତ ନଗରୀରେ ଗତବର୍ଷ ୧୩,୯୨୮ ମାମଲା ବନ୍ଦ କରାଯାଇଥିବାବେଳେ ୨୦୨୩ରେ ୫, ୮୩୭ ମାମଲାର ତଦନ୍ତ ସମ୍ପୂର୍ଣ୍ଣ କରାଯାଇ ବନ୍ଦ କରାଯାଇଛି। ତେବେ ଦୁଇ ସହରର ରିପୋର୍ଟ ଦେଖିଲେ, ୨୦୨୪ରେ ଭୁବନେଶ୍ୱରରେ ୨୦୨୩ ବର୍ଷ ଅପେକ୍ଷା ହତ୍ୟା ମାମଲା ୨୬.୯୨ ପ୍ରତିଶତ ବୃଦ୍ଧି ପାଇ ୬୬ରେ ପହଞ୍ଚିଛି। ୨୦୨୩ରେ ଭୁବନେଶ୍ୱରରେ ଡକାୟତି ୧୪, ଲୁଟ୍ ୫୮୭, ସିନ୍ଧିଚୋରି ୪୬୫, ଚୋରି ୧୯୪୩, ଠକେଇ ୧୦୦୫, ଗଣ୍ଡଗୋଳ ୫୬, ବଳାତ୍କାର ୧୩୫, ମୋଟର ଭେଇକିଲ୍ ଆକ୍ଟ ସମ୍ବନ୍ଧୀୟ ୭୮୨ ଓ ଅନ୍ୟାନ୍ୟ ୬,୯୨୬ ମାମଲା ରୁଜୁ ହୋଇଛି। ସେହିପରି ୨୦୨୪ରେ ଡକାୟତି ୬, ଲୁଟ୍ ୩୯୨, ସିନ୍ଧିଚୋରି ୩୬୯, ଚୋରି ୧,୮୧୯, ଠକେଇ ୧୩୧୪, ଗଣ୍ଡଗୋଳ ୪୪, ବଳାତ୍କାର ୧୩୭, ଏମ୍‌ଭି ଆକ୍ଟରେ ୮୬୬ ଓ ଅନ୍ୟାନ୍ୟ ୯, ୩୭୯ ମାମଲା ପଞ୍ଜୀକୃତ ହୋଇଛି। କଟକରେ ୨୦୨୩ରେ ହତ୍ୟା ୨୬, ଡକାୟତି ୪, ଲୁଟ୍ ୯୫, ସିନ୍ଧିଚୋରି ୧୭୩, ଚୋରି ୭୦୪, ଠକେଇ ୪୬୬, ଗଣ୍ଡଗୋଳ ୧୦, ବଳାତ୍କାର ୯୭, ଏମ୍.ଭି ଆକ୍ଟରେ ୪୪୮ ଓ ଅନ୍ୟାନ୍ୟ ୫୪୧୨ ମାମଲା ରୁଜୁ ହୋଇଛି। ସେହିପରି ୨୦୨୪ରେ ଯଥାକ୍ରମେ ହତ୍ୟା ୨୩, ଡକାୟତି ୫, ଲୁଟ୍ ୮୦, ସିନ୍ଧିଚୋରି ୧୬୬, ଚୋରି ୭୮୬, ଠକେଇ ୪୧୫, ଗଣ୍ଡଗୋଳ ୯, ବଳାତ୍କାର ୮୬, ଏମ୍‌ଭି ଆକ୍ଟରେ ୪୧୩ ଓ ଅନ୍ୟାନ୍ୟ ୭୨୨୧ ମାମଲା ରହିଛି। ଭୁବନେଶ୍ୱରରେ ସମ୍ପତ୍ତିଗତ ଅପରାଧ ମାମଲାରେ ବିଭିନ୍ନ ଥାନାର ପିଓପିଡି ଓ ଟିମ୍-୬୦ର ମିଳିତ ଉଦ୍ୟମରେ ୨୦୨୪ରେ ୧୧୨୫ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ବେଳେ ୭୭୯ଟି ମୋବାଇଲ ଜବତ ହୋଇଛି। ଏଥିସହ ୫ କେଜି ୫୧୫ ଗ୍ରାମ ୪୯୬ ମିଲି.ଗ୍ରା ଚୋରି ସୁନା ଅଳଙ୍କାର ଓ ୧୫ କେଜି ୭୦୪ ଗ୍ରାମ ୪୨ ମିଲି.ଗ୍ରା ରୁପା ଅଳଙ୍କାର ଜବତ ହୋଇଛି।




## ବର୍ଷକରେ ଭୁବନେଶ୍ୱରରୁ ସାଇବର ଠକ ନେଇଗଲେ ୮୨.୫୩ କୋଟି ଟଙ୍କା

ଭୁବନେଶ୍ୱରରେ ଏକ ବର୍ଷରେ ସାଇବର ଠକ ବିଭିନ୍ନ କୌଶଳ ଆପଣାଇ ୮୨ କୋଟି ୫୩ ଲକ୍ଷ ୫୬ ହଜାର ୨୫୧ କୋଟି ଟଙ୍କା ଠକି ନେଇଛନ୍ତି। ୨୦୨୪ରେ ମୋଟ ୩୮ ଜଣ ସାଇବର ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ଏମାନଙ୍କ ମଧ୍ୟରୁ ୨୦ଜଣ ରାଜ୍ୟ ବାହାରର ଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ୩ବର୍ଷର ରିପୋର୍ଟ ଦେଖିଲେ, ସହରରେ ୨୦୨୩ରେ ସାଇବର ଠକେଇ ଅଭିଯୋଗ ସଂଖ୍ୟା ୪,୮୩୨ ଥିବା ବେଳେ ୨୦୨୨ରେ ୩,୬୧୪ ଥିଲା। ୨୦୨୨ରେ ୧୩.୯୯ କୋଟି, ୨୦୨୩ରେ ୪୨.୬୧ କୋଟି ଟଙ୍କା ଠକେଇ ହୋଇଥିଲା। ସେହିପରି ଯଥାକ୍ରମେ ୨୦୨୨ରେ ୧.୨୮ କୋଟି, ୨୦୨୩ରେ ୧୮.୨୩ କୋଟି ଓ ୨୦୨୪ରେ ୨୩.୬୦ କୋଟି ଅଚଳ(ଫ୍ରିଜ୍) ହୋଇଥିଲା। ୨୦୨୨ରେ ସହରରେ ୧.୧୭ କୋଟି, ୨୦୨୩ରେ ୯୫.୭୬ ଲକ୍ଷ ଓ ୨୦୨୪ରେ ୨.୫୦ ଲକ୍ଷ ଟଙ୍କା ଫେରାଇ ଅଣାଯାଇଛି। ତେବେ କେବଳ ୨୦୨୪ରେ ୭ ହଜାର ୨୬୩ ସାଇବର ଅଭିଯୋଗ ସଂକ୍ରାନ୍ତୀୟ ରିପୋର୍ଟ ହୋଇଥିବା ବେଳେ ସେଥିମଧ୍ୟରୁ ୩୨୨ଟି ମାମଲା ରୁଜୁ କରାଯାଇଛି। ଏହାମଧ୍ୟରେ ୨,୬୫୩ ଫାଇନାନ୍‌ସିଆଲ୍ ଫ୍ରଡ୍, କ୍ରେଡିଟ୍/ଡେବିଟ୍ କାର୍ଡ ସମ୍ବନ୍ଧୀୟ ୭୮୧, ୟୁପିଆଇ ୧୮୭୨, ସୋସିଆଲ୍ ମିଡିଆ ୧୦୭୬ ଓ ଫ୍ରଡ୍ କଲ୍ ଯୋଗେ ୮୮୧ ଘଟଣା ରହିଛି।


ବର୍ଷା ପ୍ରିୟଦର୍ଶିନୀ

## ପରଦାରେ ୱାଇଫ୍

ଓଲିଉଡ୍‌ର ଅନ୍ୟତମ ନାମୀ ପ୍ରଯୋଜକ ବିଜୟ କାନ୍ଦୋଇ ଭିନ୍ନ ଧରଣର କାହାଣୀକୁ ନେଇ ଏବେ ଏକ ନୂଆ ସିନେମା ନିର୍ମାଣ କରିଛନ୍ତି। ଏହି ଫିଲ୍ମଟିର ଟାଇଟଲ ରହିଛି 'ୱାଇଫ୍'। ଏହି ଚିତ୍ରଟି ଚଳିତ ମାସ ୩ ତାରିଖରେ ଏବର୍ଷର ପ୍ରଥମ ସିନେମା ଭାବରେ ରିଲିଜ ହେବାକୁ ଯାଉଛି। ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଲୋକପ୍ରିୟ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ। ଖାସ୍ କଥା ହେଲା ଉକ୍ତ ଚିତ୍ରର କ୍ରିଏଟିଭ ହେଡ୍ ରହିବା ସହ ଏହାର କାହାଣୀ ଏବଂ ଚିତ୍ରନାଟ୍ୟ ରଚନା କରିଛନ୍ତି ନିଜେ ବର୍ଷା। ଆଉ ଏଭଳି ଏକ ଭିନ୍ନ ଧରଣର କାହାଣୀକୁ ଆଧାରକରି ସଂଳାପ ଲେଖିଛନ୍ତି ବିଶିଷ୍ଟ ସଂଳାପକାର ବିଜୟ ମଲ୍ଲ। ବିବାହ ହେଉଛି ଏକ ପବିତ୍ର ବନ୍ଧନ। ବାହାଘର ପରେ ଜଣେ ସ୍ତ୍ରୀର ବୈବାହିକ ଜୀବନର ମହତ୍ତ୍ୱ ରହିଛି। ଏହା ଉପରେ ପର୍ଯ୍ୟବସିତ କାହାଣୀକୁ ଆଧାରକରି ଫିଲ୍ମଟି ପ୍ରସ୍ତୁତ ହେବାକୁ ଯାଉଛି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ସ୍ୱର ସଂଯୋଜକ ମଳୟ ମିଶ୍ର। ଏଥିରେ ବର୍ଷାଙ୍କ ନାୟକ ସାଜିଛନ୍ତି ଜୟଜିତ ଦାସ। ଏମାନଙ୍କ ବ୍ୟତୀତ ଶଙ୍କର, ବିଜୟିନୀ ମିଶ୍ର, ରବି ମିଶ୍ର, ହୃଷି, ସ୍ମିତା ତ୍ରିପାଠୀ, କୁନୁରି, ଶୋଭା ରାଉତ, ପିହୁ ଏବଂ ପାୟଲ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ସୁଧାକର ବସନ୍ତ।

## ଜ୍ୟାକ୍‌ଲିନ୍‌ଙ୍କ ଡିନର ପାର୍ଟି


ଜ୍ୟାକ୍‌ଲିନ୍

ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକ୍‌ଲିନ୍ ଫର୍ନାଡିଜ୍ ଯାହା କହିଥିଲେ ତାହା ପୂରଣ କରିଛନ୍ତି। 'ଫତେ' ଫିଲ୍ମର ଶୁଟିଂ ଶେଷହେବା ସମୟରେ ସେ ୟୁନିଟ୍ ସଦସ୍ୟଙ୍କୁ ଏକ ଡିନର ପାର୍ଟି ଦେବାକୁ ସୂଚନା ଦେଇଥିଲେ। ଏବେ ତ ଏହାର ଶୁଟିଂ ପୂରା ଦମ୍‌ରେ ଚାଲୁ ରହିଛି। ନିକଟରେ ସେ ସମସ୍ତଙ୍କୁ ଆଶ୍ଚର୍ଯ୍ୟକରି ହଠାତ୍ ଡିନର ପାର୍ଟିକୁ ଆମନ୍ତ୍ରଣ କରିଥିଲେ। ଏକଥା ଶୁଣିବା ପରେ କେତେକେ 'ଏହା ପଛରେ କାରଣ କ'ଣ ଅଛି' ବୋଲି ପ୍ରଶ୍ନ କରିଥିଲେ। ଏ ନେଇ ଜ୍ୟାକଲିନ୍ କହନ୍ତି, ''ଆପଣମାନେ ହୁଏତ ଗୋଟିଏ କଥାକୁ ମନେରଖିନାହାନ୍ତି। କିଛି ମାସ ପୂର୍ବରୁ ଏହି ଫିଲ୍ମର ସମସ୍ତ ସଦସ୍ୟଙ୍କୁ ରାତ୍ରିଭୋଜନରେ ଆପ୍ୟାୟିତ କରିବେ ବୋଲି କହିଥିଲି। ଆଜି ବାସ୍ ସେହି କଥାକୁ ପୂରଣ କରୁଛି।'' ସେଦିନ ସମସ୍ତେ ଏହି ଡିନର ପାର୍ଟିର ଭରପୂର ମଜା ଉଠାଇଥିଲେ। ଏହି ସମୟରେ ଜ୍ୟାକ୍‌ଲିନ୍ ଏହି ଫିଲ୍ମର ଶୁଟିଂ ସମୟରେ ସ୍ମରଣୀୟ ଘଟଣାଗୁଡ଼ିକୁ ବଖାଣିବାକୁ ଭୁଲି ନ ଥିଲେ। ତା' ସହ ନିଜ ଅଭିନୟ ଜୀବନର କେତେକ ରୋଚକ କଥାକୁ ସେଠାରେ ମଧ୍ୟ ପ୍ରକାଶ କରିଥିଲେ। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ସୋନୁ ସୁଦ୍। ଚିତ୍ରଟି ଚଳିତ ମାସ ୧୦ରେ ରିଲିଜ ହେବାର ଯୋଜନା ରହିଛି।

## ଆଶାରେ ଜୟ ସେନ

ଛୋଟ ଗାଆଁରୁ ସେ ପାଦ ଥାପିଛନ୍ତି ଫିଲ୍ମ ଜଗତରେ। ମନରେ ନୂତନ ଆଶା, ଉଦ୍ଦୀପନା, ଦୃଢ଼ ଇଛା, ଅସୀମ ସାହସ। ଜଣେ ସ୍କ୍ରିପ୍ଟ ଲେଖକ ତଥା ନିର୍ଦ୍ଦେଶକ ଭାବରେ ସେ ସାଉଁଟି ଚାଲିଛନ୍ତି ସଫଳତା। ଏଭଳି ପ୍ରତିଭାର ଅଧିକାରୀ ହେଉଛନ୍ତି ଜୟ ସେନ୍। ବାଣିଜ୍ୟ, ଗଣମାଧ୍ୟମ, ଏମ.ବି. ଏ ଓ ଯୋଗରେ ସ୍ନାତକୋତ୍ତର ଏବଂ ପରେ ପିଏଚଡି ଡିଗ୍ରୀ ହାସଲ କରିଛନ୍ତି। ଏବେ ସେ ନିଜକୁ ଚଳଚ୍ଚିତ୍ର ସହ ଜଡିତ ରଖିଛନ୍ତି। କିଛି ବର୍ଷ ନୃତ୍ୟ ସହ ନିଜକୁ ସାମିଲ କରିବା ପରେ ଆସାମ, ତାମିଲ୍‌ନାଡୁ, କେରଳ ଓ ପଶ୍ଚିମବଙ୍ଗରେ ସହଯୋଗୀ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଥିଲେ ସେ। କୋରାପୁଟରେ ରହୁଥିବା ଜୟ କହନ୍ତି, 'ଓଡ଼ିଶାରେ ଐତିହାସିକ ପୃଷ୍ଠଭୂମି ଉପରେ ଚଳଚ୍ଚିତ୍ର ନିର୍ମାଣ କରିବା ହେଉଛି ମୋର ମୂଳ ଲକ୍ଷ୍ୟ। ଓଡ଼ିଶାର କଳା ସଂସ୍କୃତିକୁ ନେଇ ସୁନ୍ଦର ସିନେମା ନିର୍ମାଣ କରାଯାଇପାରିବ। ଦକ୍ଷିଣ ଭାରତୀୟ ସିନେମା ସହ ଜଡିତ ରହିବା ବେଳେ ମୁଁ ଏ ନେଇ ଅନେକ କିଛି ଶିଖିଛି। ମୋ ନିର୍ଦ୍ଦେଶିତ 'ଜୟୀ ରାଜଗୁରୁ ରିଲିଜ ଅପେକ୍ଷାରେ ରହିଛି। ଏଭଳି ଏକ ବିଷୟବସ୍ତୁକୁ ନେଇ ସିନେମାଟିଏ ନିର୍ମାଣ କରିବା ସହଜ କଥା ନୁହେଁ। ଏହା ମୋ ପାଇଁ ଏକ ବଡ ଚ୍ୟାଲେଞ୍ଜ ଥିଲା। ତେବେ ଭବିଷ୍ୟତରେ ଆହୁରି ଭଲ ଭଲ ଓଡ଼ିଆ ସିନେମା ନିର୍ମାଣ କରିବାକୁ ଯୋଜନା ରଖିଛି।'' ତେବେ ନିର୍ଦ୍ଦେଶନା କ୍ଷେତ୍ରରେ ଜୟ ବଡ ପରଦାରେ କେତେ କମାଲ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।


ଜୟ ସେନ୍


ଦିଶା ପଟାନି

## ଘମାଘୋଟ


ଶୈଳେନ୍ଦ୍ର

ଏକ ଭିନ୍ନ ଧରଣର କାହାଣୀକୁ ଆଧାରକରି ନିର୍ମିତ ହୋଇଛି ଏକ ନୂଆ ଓଡ଼ିଆ ସିନେମା। ଏହାର ଟାଇଟଲ ରହିଛି 'ଘମାଘୋଟ'। କୌଶିକ ଦାସ ଏହାକୁ ପ୍ରଯୋଜନା କରିଥିବା ବେଳେ ସହ ପ୍ରଯୋଜନା ଭାର ସମ୍ଭାଳିଛନ୍ତି ରାମ ପଟ୍ଟନାୟକ ଏବଂ କୌସ୍ତବ ଦାସ। ଉକ୍ତ ସିନେମା ବିଷୟରେ ପ୍ରଯୋଜକ କହନ୍ତି, ''ଏହାର କାହାଣୀକୁ ଯେତେବେଳେ ଚୁଡାନ୍ତ ରୂପରେଖ ଦିଆଗଲା, ସେତେବେଳେ ସବୁ ଦିଗକୁ ଦୃଷ୍ଟି ଦିଆଯାଇଥିଲା। କେବଳ ସେତିକି ନୁହେଁ, ଶୁଟିଂ ସମୟରେ ବିଷୟବସ୍ତୁକୁ କିପରି ଠିକ୍ ଭାବରେ ଅବତାରଣା କରାଯାଇପାରିବ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଇଛି। ସଂଳାପ ଏବଂ ଗୀତକୁ ମଧ୍ୟ ସମାନ ଗୁରୁତ୍ୱ ଦିଆଯାଇଛି। ଫିଲ୍ମଟି କିପରି ସବୁ ଦୃଷ୍ଟିରୁ ଆକର୍ଷଣୀୟ ହେବ ସେ ନେଇ ଏହା ସହ ଜଡିତ ସମସ୍ତ ବ୍ୟକ୍ତିବିଶେଷ ଚେଷ୍ଟା କରିଛନ୍ତି। ନିଜ ନିଜ ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ୍ ଦେବାକୁ କଳାକାରମାନେ ପ୍ରୟାସ କରିଛନ୍ତି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ। ବର୍ତ୍ତମାନ ଏହାକୁ ଓଡ଼ିଆ ଭାଷାରେ ନିର୍ମାଣ କରାଯାଇଛି। ଖୁବ୍ ଶୀଘ୍ର ଏହାକୁ ହିନ୍ଦୀ, ତେଲୁଗୁ, ତାମିଲ ଏବଂ ମାଲୟାଲମ ଭାଷାରେ ଡବିଂ କରାଯିବ।'' ଉକ୍ତ ଚିତ୍ରର କାହାଣୀରେ ଲଭ୍, ଇମୋଶନ, କମେଡି, ଆକ୍ସନ ଏବଂ ଫ୍ୟାମିଲି ଡ୍ରାମା ଭରି ରହିଛି। ଫିଲ୍ମଟି ସବୁ ବର୍ଗର ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି କହନ୍ତି ଏହାର ନିର୍ଦ୍ଦେଶକ ରାଜ ଡି। କୌସ୍ତବ ଡ୍ରିମ୍‌ୱାର୍କସ ଷ୍ଟୁଡିଓ ବ୍ୟାନରରେ ନିର୍ମିତ ଏହି ଫିଲ୍ମରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଗୌରବ ଆନନ୍ଦ, ଅନୁରାଗ ପଟ୍ଟନାୟକ ଏବଂ ସୂର୍ଯ୍ୟଜୀ। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ସନୋଜ କୁମାର, ଅଭିଷେକ ପଣ୍ଡା, ସନ୍ଦୀପ ମିଶ୍ର, ତପି ମିଶ୍ର, ଆକାଶ ହୋତା , ଆକାଶ ରାଉତ, ଶୈଳେନ୍ଦ୍ର ସାମନ୍ତରାୟ, କ୍ରିଷ୍ଣା କର, ରାଜେଶ ସାହୁ, ଜୋଣ୍ଟି, ଏମୋନ ପ୍ରଧାନ ଏବଂ ବିଭାସ ପ୍ରମୁଖ କଳାକାର।

## ବୋର୍ ଲାଗିଲେ..


ପୂଜା ହେଗ୍‌ଡେ

ୟାମିଙ୍କୁ ଯେତେବେଳେ ବୋର୍ ଲାଗେ ତାଙ୍କୁ ଗୋଟିଏ ଜିନିଷ ଦରକାର ପଡିଥାଏ। ତାହା ହେଲା କପେ ଚା'। ଏପରି କି ଶୁଟିଂ ପାଇଁ ଯେତେବେଳେ ସେ ବାହାରକୁ ଯାଆନ୍ତି ସାଙ୍ଗରେ ମନ ପସନ୍ଦର ଚା' ନେଇଯାଆନ୍ତି। ଯଦି ବା କେବେ ମନେ ନ ଥାଏ, ତେବେ ମାର୍କେଟରୁ କିଣିନେବାକୁ ପଛାଇ ନ ଥାନ୍ତି। ହେଲେ ସେ ଜିନିଷଟି କ'ଣ ଜାଣିବେନି ? ଚା' ପ୍ୟାକେଟ୍। ଏ ନେଇ ୟାମି ଗୌତମ କହନ୍ତି, ''ମୋ ଭ୍ୟାନିଟ୍‌ରେ ସବୁବେଳେ ୩-୪ ପ୍ୟାକେଟ ଚା' ଥାଏ। ପୁଣି ଚା' ପ୍ରସ୍ତୁତ କରିବାକୁ ସରଞ୍ଜାମ ସାଙ୍ଗରେ ନେବାକୁ ଭୁଲି ନ ଥାଏ। ବୋରିଂ ଲାଗିଲେ କପେ ଚା' ପିଇଦେଲେ ମୋତେ ଆରାମ ଲାଗେ।' ଅଭିନୟକୁ କ୍ୟାରିୟର ଭାବରେ ଗ୍ରହଣ କରିଥିବା ୟାମି ପାଠ ପଢ଼ିବା ସମୟରେ କଦାପି ଅଭିନେତ୍ରୀ ହେବେ ବୋଲି ଭାବି ନ ଥିଲେ। ସେତେବେଳେ ତାଙ୍କର ଇଛା ଥିଲା ଜଣେ ପ୍ରଶାସନିକ ଅଧିକାରୀ ହେବାକୁ। ପରେ ଓକିଲ ହେବାକୁ ମଧ୍ୟ ଚାହିଁଥିଲେ, ହେଲେ ଏଗୁଡିକ କେବଳ ଆଶାରେ ହିଁ ରହିଯାଇଥିଲା। ୟାମିଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା ଛୋଟ ପରଦାରୁ। 'ଚାନ୍ଦ କି ପାର୍ ଚଲୋ' ଧାରାବାହିକରେ ସେ ଅଭିନୟ କରିଥିଲେ। କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରୁ ତାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା।

## ଅବସର ମିଳିଲେ...

କଥାରେ ଅଛି ବସିବାଠାରୁ କାଶିବା ଭଲ। ଘରେ ବା ବସି ବସି କାହିଁକି ବୋର୍ ହେବେ, ତେଣୁ ତାଙ୍କ ମୁଣ୍ଡକୁ ଏକ ଆଇଡିଆ ଜୁଟିଛି। ପ୍ରତିଦିନ କିଛି ସମୟ ସେ ଗାର୍ଡେନିଂ ପାଇଁ ଦେଉଛନ୍ତି। ସେ କିଏ ଜାଣନ୍ତି ? ଦିଶା ପଟାନି। ଯେହେତୁ ଏବେ ଶୁଟିଂ ନାହିଁ ତେଣୁ ଗାର୍ଡେନିଂରେ ମନୋନିବେଶ କରିଛନ୍ତି। ଏ ବିଷୟରେ ସେ କହନ୍ତି, ''ପିଲାଟି ଦିନରୁ ମୋର ଗାର୍ଡେନିଂ ପ୍ରତି ସଉକ ଥିଲା। କିନ୍ତୁ ପାଠପଢ଼ା ଏବଂ ବଲିଉଡ୍‌ରେ ବ୍ୟସ୍ତ ରହିବାରୁ ସେଥିପାଇଁ ସମୟ ଦେଇପାରୁ ନ ଥିଲି। ହେଲେ ଏବେ ମୁଁ ପ୍ରତିଦିନ କିଛି ସମୟ ବଗିଚା କାମରେ ନିଜକୁ ନିୟୋଜିତ ରଖୁଛି। ନୂଆ ଫୁଲଗଛ ଲଗାଇବା ବ୍ୟତୀତ ପୁରୁଣା ଗଛର ଯତ୍ନ ନେଉଛି।'' କେବଳ ସେତିକି ନୁହେଁ, ନିଜ ଗାର୍ଡେନରେ ସେ ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇ ସେଗୁଡିକୁ ନିଜର ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରୁଛନ୍ତି। ସେଗୁଡିକ ମଧ୍ୟ ବେଶ୍ ଭାଇରାଲ ହୋଇଛି। ଅନ୍ୟପକ୍ଷରେ ଏବେ ତାଙ୍କ ହାତରେ ୨-୩ଟି ଅଫର ରହିଛି। ତେବେ ସେଗୁଡ଼ିକୁ ଭଲ ଭାବରେ ତର୍ଜମାକରିବା ପରେ ସେ ନେଇ ନିଷ୍ପତ୍ତି ନେବେ ବୋଲି କହନ୍ତି ଏହି ଅଭିନେତ୍ରୀ।

## ଏବେ ବି ମନେପଡ଼େ...

ଥରେ ମନେପକାନ୍ତୁ ନା ଅନୀଲ ଶର୍ମାଙ୍କ ସୁପରହିଟ୍ ଫିଲ୍ମ 'ଗଦ୍ଦର-ଏକ ପ୍ରେମ କଥା'କୁ। ଏଥିରେ ସନି ଦେଓଲଙ୍କ ଅଭିନୟ ଏବେ ମଧ୍ୟ ଅନେକଙ୍କ ମନରେ ସତେଜ ହୋଇ ରହିଛି। ଦେଶପ୍ରେମଭିତ୍ତିକ ଏହି ଫିଲ୍ମରେ ସନିଙ୍କ ନାୟିକା ସାଜିଥିଲେ ଅମିଷା ପଟେଲ। ହେଲେ ଏହି ଫିଲ୍ମ ପାଇଁ ତାଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା। ଏଥିରେ କିଏ ନାୟିକା ଭୂମିକାରେ ଅଭିନୟ କରିବେ ସେ ନେଇ ଏକ ଅଡିସନ୍ ହୋଇଥିଲା। ଏଥିର ୫୦୦ ଜଣ ନବାଗତ ଅଂଶଗ୍ରହଣ କରିଥିଲେ। ହେଲେ ଶେଷରେ ହାତୀ ଅମୀଷାଙ୍କୁ ମୁଣ୍ଡରେ ହିଁ ସୁନା କଳସ ଢାଳିଥିଲା। ଖାସ୍ କଥା ହେଲା, ଅମୀଷାଙ୍କ ଅଡିସନ ଦୀର୍ଘ ୧୨ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା। ମଡେଲିଂରୁ ଆକ୍ଟିଂ ଦୁନିଆରେ ପାଦ ରଖିଥିଲେ ସେ। ପ୍ରଥମେ ସେ କେତୋଟି ଥିଏଟର ନାଟକରେ ଅଭିନୟ କରିଥିଲେ। ତା'ସହ କେତେକ ନାମୀ ବ୍ରାଣ୍ଡ୍ ବିଶିଷ୍ଟ କମ୍ପାନୀର ବିଜ୍ଞାପନ ପାଇଁ କାମ କରିଥିଲେ ଅମୀଷା। ରାକେଶ ରୋଶନ ତାଙ୍କୁ ପ୍ରଥମେ ବଲିଉଡ୍‌ରେ ବ୍ରେକ୍ ଦେଇଥିଲେ। ଫିଲ୍ମଟି ଥିଲା 'କହୋ ନା ପ୍ୟାର ହୈ'। ହେଲେ ନିଜର ବଲିଉଡ୍ କ୍ୟାରିୟରରେ ବେଶ୍ ଉତ୍‌ଥାନ ପତନ ଦେଇ ଗତିକରିଥିଲେ ଅମୀଷା। ବଲିଉଡ୍‌ରେ ତାଙ୍କୁ ଯେଉଁ ସ୍ନେହ ଶ୍ରଦ୍ଧା ମିଳିଛି ତାହାକୁ ସେ କଦାପି ଭୁଲିପାରିବେ ନାହିଁ। ଦର୍ଶକମାନଙ୍କ ପାଖରେ ସବୁବେଳେ ଋଣୀ ହୋଇ ରହିବେ ସେ ବୋଲି କହନ୍ତି।

## ଇମୋଶନାଲ ଶ୍ରଦ୍ଧା


ଶ୍ରଦ୍ଧା କପୁର

ଶ୍ରଦ୍ଧା କପୁର କେତେ ଇମୋଶନାଲ ତାହା ନିକଟରେ ଦେଖିବାକୁ ମିଳିଥିଲା। କିଛି ସପ୍ତାହ ପୂର୍ବରୁ ତାଙ୍କୁ ଏକ ନୂଆ ଅଫର ମିଳିଥିଲା। ନୂଆ ପ୍ରଯୋଜକ ଯେତେବେଳେ ତାଙ୍କୁ କାହାଣୀ ଶୁଣାଇଲେ ଆରମ୍ଭରୁ ସେ ବେଶ୍ ଗମ୍ଭୀରତାର ସହ ତାଙ୍କୁ ସହଯୋଗ କରିଥିଲେ। ହେଲେ କାହାଣୀର କ୍ଲାଇମାକ୍ସ ସମୟରେ ଶ୍ରଦ୍ଧାଙ୍କ ଆଖି ଛଳଛଳ ହୋଇଯାଇଥିଲା। ହଠାତ୍ କ'ଣ ହେଲା ତାହା ମଧ୍ୟ ପ୍ରଯୋଜକ ଜାଣିପାରିଲେ ନାହିଁ। ଏ ସମ୍ପର୍କରେ ସେ କହନ୍ତି, ''ଏହାର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। ହେଲେ ମୁଁ କାହାଣୀ ସହ ଏପରି ମଜ୍ଜିଯାଇଥିଲି ଯେ ମୁଁ ହଠାତ୍ ଇମୋଶନାଲ ହୋଇପଡିଥିଲି। ଜଣେ ଗାଉଁଲି ନାରୀର ସଂଘର୍ଷମୟ ଜୀବନୀକୁ ନେଇ କାହାଣୀ ଗତିଶୀଳ। ଏଥିରେ ମୋତେ ଦର୍ଶକ ଏକ ଭିନ୍ନ ଗେଟ୍‌ଅପ୍‌ରେ ଦେଖିବାକୁ ପାଇବେ। ତା'ସହ ଏପରି ଭୂମିକା ତୁଲାଇବାକୁ ମୋତେ ଅଧିକ ପରିଶ୍ରମ କରିବାକୁ ପଡ଼ିବ।'' ତେବେ ଏହି ନୂଆ ଫିଲ୍ମର ଟାଇଟଲ ଏବଂ ଅବଶିଷ୍ଟ କାଷ୍ଟିଂ ଫାଇନାଲ ହୋଇନାହିଁ।

## ପୂଜାଙ୍କ ଅବସୋସ

ପୂଜା ହେଗ୍‌ଡେ ବଡ଼ ପରଦା ପାଇଁ ନୂଆ ନୁହନ୍ତି। ଦକ୍ଷିଣ ଭାରତୀୟ ସିନେମା ଅବା ବଲିଉଡ୍-ବେଶ୍ କେତୋଟି ଚଳଚ୍ଚିତ୍ରରେ ସେ ଅଭିନୟକରି ସାଉଣ୍ଟି ସାରିଛନ୍ତି ଅନେକ ପ୍ରଶଂସା। ହେଲେ ତାଙ୍କ ମନରେ ଏକ ଅବସୋସ ରହିଯାଇଛି। କଥା କ'ଣ କି, ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ମହେଞ୍ଜୋଦାରୋ'ରେ ତାଙ୍କୁ ବଲିଉଡ୍‌ରେ ବ୍ରେକ୍ ମିଳିଥିଲା। ଏହି ଫିଲ୍ମର ନାୟକ ସାଜିଥିଲେ ହ୍ରିତିକ୍ ରୋଶନ। ଯଦିଓ ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା, ହେଲେ ଏହାର ନିର୍ଦ୍ଦେଶକ ତାଙ୍କୁ ପୁଣି ଥରେ ରିପିଟ୍ କରିବେ ବୋଲି ସେ ଆଶା ରଖିଛନ୍ତି। ଏ ନେଇ ପୂଜା କୁହନ୍ତି, ''ମୁଁ ଶୁଣିବାକୁ ପାଉଛି ଯେ ଆଶୁତୋଷ ସାର୍ କୁଆଡ଼େ ପୁଣି ଗୋଟିଏ ଐତିହାସିକ ପୃଷ୍ଠଭୂମି ଉପରେ ଆଧାରିତ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି। ଆଶା, ତାଙ୍କ ଶୁଭଦୃଷ୍ଟି ମୋ ଆଡ଼କୁ ପଡ଼ିବ। ଯଦି ସେ ମୋତେ ପୁଣି ଥରେ ତାଙ୍କ କ୍ୟାମ୍ପରେ ସାମିଲ କରନ୍ତି ତେବେ ଆଖିବୁଜି ହଁ ଭରିବି। ଏହାବ୍ୟତୀତ ହ୍ରିତିକ୍ ରୋଶନଙ୍କ ସହ ପୁଣି ଥରେ କ୍ୟାମେରା ସାମ୍ନା କରିବାକୁ ମଧ୍ୟ ଆଶା ରଖିଛି। ତେବେ ମୋର ଏହି ଆଶାଦ୍ୱୟ କେବେ ପୂରଣ ହେବ ତାହା ଆଗାମୀ ସମୟ ହିଁ କହିବ।'' ବର୍ତ୍ତମାନ ଦକ୍ଷିଣ ଭାରତୀୟ ସିନେମାରେ ପୂଜା ଏତେ ବ୍ୟସ୍ତ ଅଛନ୍ତି ଯେ ନିକଟରେ ଭଲ ଭଲ ଦୁଇଟି ଅଫର ସେ ହାତଛଡ଼ା କରିଛନ୍ତି।


ରାଜସ୍ଥାନର ଅଜମେର ଶରିଫ୍ ଦରଘା ପାଇଁ ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ବୁଧବାର ଲକ୍ଷ୍ନୌସ୍ଥିତ ଦଳୀୟ ମୁଖ୍ୟାଳୟରୁ ଚାଦର ପଠାଉଛନ୍ତି।

# କେଜ୍‌ରିୱାଲଙ୍କୁ ଭାଜପାର ପରାମର୍ଶ 'ସୁଧୁରିଯାଅ'

## ମୋହନ ଭାଗବତଙ୍କୁ ଭାଜପା ବିରୋଧରେ ଏଏପି ମୁଖ୍ୟଙ୍କ ଚିଠିର ଜବାବ

**ନୂଆଦିଲ୍ଲୀ,୧।୧**

ନିକଟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସ୍‌ଏସ୍) ସରସଂଘଚାଳକ ମୋହନ ଭାଗବତଙ୍କ ନିକଟକୁ ଏଏପି ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲ ଏକ ଚିଠି ଲେଖିଛନ୍ତି। ଏଥିରେ ସେ ଭାଜପା ନାଁରେ କିଛି ଅଭିଯୋଗ ଆଣିଥିବା ବେଳେ ସେସବୁକୁ ଆରଏସ୍‌ଏସ୍ କିଭଳି ନଜରରେ ଦେଖୁଛି ବୋଲି ମୋହନ ଭାଗବତଙ୍କୁ ପ୍ରଶ୍ନ କରିଛନ୍ତି। ତେବେ ଏହାକୁ କାଉଣ୍ଟର କରି ଦିଲ୍ଲୀ ଭାଜପା ପକ୍ଷରୁ ବୁଧବାର କେଜ୍‌ରିୱାଲଙ୍କ ନିକଟକୁ ଏକ ଚିଠି ଲେଖାଯାଇଛି। ଏଥିରେ ନୂଆ ବର୍ଷରେ ୫ଟି ସଂକଳ୍ପ ନେବା ସହ ସୁଧୁରିଯିବା ଲାଗି କେଜ୍‌ରିୱାଲଙ୍କୁ ପରାମର୍ଶ ଦିଆଯାଇଛି।

ମୋହନ ଭାଗବତଙ୍କ ନିକଟକୁ ସୋମବାର ପଠାଇଥିବା ଚିଠିରେ କେଜ୍‌ରିୱାଲ ଲେଖିଛନ୍ତି, ଗଣମାଧ୍ୟମରୁ ସୂଚନା ମିଳୁଛି ଯେ, ଦିଲ୍ଲୀ ନିର୍ବାଚନରେ ଭାଜପା ପାଇଁ ଆରଏସ୍‌ଏସ୍ ଭୋଟ ମାଗିବ। ଆଉ ଭାଜପା ନେତାମାନେ ଟଙ୍କା ଦେଇ ଭୋଟ କିଣୁଛନ୍ତି। ଏହା କେତେ ଠିକ୍? ଆରଏସ୍‌ଏସ୍ କ'ଣ ଏହାକୁ


ଅରବିନ୍ଦ କେଜ୍‌ରିୱାଲ


ମୋହନ ଭାଗବତ

ସମର୍ଥନ କରୁଛି? ବହୁ ସଂଖ୍ୟକ ଗରିବ, ଦଳିତ, ପୂର୍ବାଞ୍ଚଳ ଲୋକ ଓ ବସ୍ତିବାସିନ୍ଦା ଯେପରି ଭୋଟ ନଦେଇ ପାରିବେ, ସେଥିନେଇ ଭାଜପା ଚେଷ୍ଟା ଚଳାଇଛି । ବହୁବର୍ଷଧରି ସେମାନେ ଦିଲ୍ଲୀରେ ରହୁଥିଲେ ହେଁ ସେମାନଙ୍କ ଅଧିକାର ଛଡ଼ାଇ ନେବାକୁ ଷଡ଼ଯନ୍ତ୍ର କରାଯାଉଛି। ଆରଏସ୍‌ଏସ୍‌କୁ କ'ଣ ଲାଗୁଛି, ଏଭଳି କରିବା ଭାରତୀୟ ଗଣତନ୍ତ୍ର ପାଇଁ ଉଚିତ୍? ଆପଣଙ୍କୁ କ'ଣ ଲାଗୁନି ଯେ ଭାଜପା ଏହିଭଳି ଭାବେ ଭାରତୀୟ ଗଣତନ୍ତ୍ରକୁ ଦୁର୍ବଳ କରି ଦେଉଛି।

ଅପରପକ୍ଷେ କେଜ୍‌ରିୱାଲଙ୍କ ଏହି ଚିଠିର ଜବାବରେ ଦିଲ୍ଲୀ ଭାଜପା ପକ୍ଷରୁ ତାଙ୍କ ନିକଟକୁ ଏକ ଚିଠି ପଠାଯାଇଛି। ଦିଲ୍ଲୀ ଭାଜପା ଅଧ୍ୟକ୍ଷ ବୀରେନ୍ଦ୍ର ସଚଦେବ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଇଥିବା ଚିଠିରେ ନୂଆ ବର୍ଷରେ ୫ଟି ସଂକଳ୍ପ ନେବାକୁ ପରାମର୍ଶ ଦେଇଛନ୍ତି। ସେ ଉଲ୍ଲେଖ କରିଛନ୍ତି, ମୋର ବିଶ୍ୱାସ ଅଛି ଯେ ଆପଣ ଆଉ କେବେ ବି ଆପଣଙ୍କ ଛୁଆଙ୍କ ନାଁ ନେଇ ମିଛ ଶପଥ ନେବେ ନାହିଁ। ଆପଣ ମିଛ ପ୍ରତିଶ୍ରୁତି ଦେଇ ଦିଲ୍ଲୀର ମହିଳା, ବରିଷ୍ଠ ନାଗରିକ ଓ ଧାର୍ମିକ ବ୍ୟକ୍ତିଙ୍କ ଭାବନା ସହ ଖେଳିବେ ନାହିଁ। ଦିଲ୍ଲୀରେ ମଦ ବିକ୍ରିକୁ ପ୍ରୋତ୍ସାହିତ କରିଥିବାରୁ ଦିଲ୍ଲୀବାସୀଙ୍କୁ କ୍ଷମା ମାଗିବେ। ଯମୁନା ନଦୀକୁ ସଫା କରିବା ନାଁରେ ଦେଇଥିବା ମିଥ୍ୟା ପ୍ରତିଶ୍ରୁତି ଓ ଏଥିରେ ହୋଇଥିବା ଦୁର୍ନୀତି ପାଇଁ ଆପଣ ସର୍ବସାଧାରଣରେ କ୍ଷମା ମାଗିବେ। ରାଜନୈତିକ ସ୍ୱାର୍ଥ ପାଇଁ ବିରୋଧୀଙ୍କ ସହିତ ଏକାଠି ନ ହେବା ଏବଂ ଚାନ୍ଦା ନ ନେବା ପାଇଁ ସଂକଳ୍ପ ନେବେ। ସଚଦେବ ଆହୁରି ଲେଖିଛନ୍ତି, ଆଶା କରୁଛି, ଆପଣ ମୋର ଏହି ପରାମର୍ଶକୁ ଗ୍ରହଣ କରି ମିଥ୍ୟା ଓ କପଟରୁ ଦୂରେଇ ରହିବେ। ଆଉ ନିଜକୁ ସୁଧାରିବା ଲାଗି ଚେଷ୍ଟା କରିବେ।

# ଶ୍ରମିକଙ୍କ ସହ ନୂଆବର୍ଷ ପାଳିଲେ ସମବାୟ ମନ୍ତ୍ରୀ


ଶ୍ରମିକଙ୍କ ଗହଣରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ।

**କାଳିଆପାଣି,୧।୧(ଅସିତ ମହାନ୍ତ)**

ଯାଜପୁର ଜିଲା କାଳିଆପାଣି ଖଣି ଅଞ୍ଚଳର ବିଭିନ୍ନ ଖଣିରେ ବୁଧବାର ଇଂରାଜୀ ନବ ବର୍ଷ ପାଳନ କରାଯାଇଛି। ଟାଟା ଷ୍ଟିଲ, ଇମ୍ଫା, ବାଲେଶ୍ୱର ଆଲଏଜ, ବେଦାନ୍ତ, ଖଣି ନିଗମର ଖଣି ଗୁଡ଼ିକରେ ନିୟୋଜିତ ଡେକୋ, ମାହେଶ୍ୱରୀ, ନାରାୟଣୀ, କେସିସି, କେଟିଏଲ ଆଦି କମ୍ପାନୀର ଶ୍ରମିକ, କର୍ମଚାରୀମାନେ ଖଣି ଅଞ୍ଚଳର ବିଭିନ୍ନ ସ୍ଥାନରେ ଭୋଜି ଆୟୋଜନ କରିଥିଲେ। କେତେକ ସ୍ଥାନରେ ପାରମ୍ପରିକ ନୃତ୍ୟ ଗୀତର ମଧ୍ୟ ଆୟୋଜନ କରାଯାଇଥିଲା। ଏହି ସବୁ କାର୍ଯ୍ୟକ୍ରମରେ ସୁକିନ୍ଦା ବିଧାୟକ ତଥା ସମବାୟ ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତ ଯୋଗଦେଇ ଶ୍ରମିକ, କର୍ମଚାରୀଙ୍କ ସହ ନୂତନ ବର୍ଷ ପାଳନ କରି ସମସ୍ତଙ୍କ ସୁଖ ସମୃଦ୍ଧି କାମନା କରିଥିଲେ। ନୂତନ ଶ୍ରମିକ ସଂଘ ଓଡ଼ିଶା ମାଇନିଂ ୱାର୍କର୍ସ ୟୁନିୟନ ତରଫରୁ ବିଭିନ୍ନ ସ୍ଥାନରେ ଫୁଲ ତୋଡ଼ା ଓ ଉତ୍ତରୀୟ ଦେଇ ମନ୍ତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଅମଳେନ୍ଦୁ ବେହୁରା, ବିଦ୍ୟାଧର ପାତ୍ର, ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ ରାୟ, ହଳଧର ନାୟକ, ପ୍ରତାପ ଧୀର ଓ ଜିଲା ପରିଷଦ ସଭ୍ୟ ପ୍ରତାପ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ମଧ୍ୟ ଖଣି ଅଞ୍ଚଳ ଗସ୍ତ କରି ନିଜ ସମର୍ଥକଙ୍କ ସହ ନବବର୍ଷ ପାଳନ କରିଛନ୍ତି। ଖଣି ନିଗମ କଲୋନୀ ପରିସରରେ ଥିବା ଶ୍ରମିକ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ କେକ କାଟି ନବବର୍ଷ ପାଳନ କରିବା ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପରେ ବିଭିନ୍ନ ଖଣି ଗସ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭରତ ମହାନ୍ତ, ଜିଲା ପରିଷଦ ସଭ୍ୟା ଜେମା ଚାଖି, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ଭଗବତୀ ମହାନ୍ତ ଓ ପ୍ରଭାତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ବିଧାୟକଙ୍କ ଶୁଭେଚ୍ଛା ବାର୍ତ୍ତା ପୋଷ୍ଟର ଚିରିଦେଲେ

**ପାଟଣା,୧।୧(ବୀରକିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ନବ ବର୍ଷର ଶୁଭେଚ୍ଛା ବାର୍ତ୍ତା ସମ୍ବଳିତ ପୋଷ୍ଟରକୁ ଦୁର୍ବୃତ୍ତ ମଙ୍ଗଳବାର ବିଳମ୍ବିତ ରାତିରେ ଚିରି ଦେଇଛନ୍ତି। ପାଟଣା ବ୍ଲକ୍ ତୁରୁମୁଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ବିଧାୟକଙ୍କ ଶୁଭେଚ୍ଛା ବାର୍ତ୍ତା ଲେଖାଥିବା ପୋଷ୍ଟର ଲାଗିଥିଲା। ଦୁର୍ବୃତ୍ତ ଏହାକୁ ଚିରି ଦେଇଥିବାରୁ ସମର୍ଥକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ବିଧାୟକଙ୍କ ପ୍ରତିକ୍ରିୟା ମିଳି ପାରି ନ ଥିବା ବେଳେ ପୋଷ୍ଟର ଚିରାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି।

# ନୂଆବର୍ଷ: ଜରାନିବାସରେ ସୂର୍ଯ୍ୟବଂଶୀ


ପିଲାମାନଙ୍କ ସହ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

**ଧାମନଗର,୧।୧**
**(ସନ୍ତୋଷ କୁମାର ମହାପାତ୍ର)**

ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଧାମନଗରସ୍ଥିତ ଜରାନିବାସରେ ଅସହାୟ ବୃଦ୍ଧାବୃଦ୍ଧ ତଥା ଶାରୀରିକ ବିକଳାଙ୍ଗ ଅନ୍ତେବାସୀଙ୍କ ସହ ନିରାଡ଼ମ୍ବର ଭାବେ ନୂତନ ବର୍ଷ ପାଳନ କରି ଆଶୀର୍ବାଦ ନେଇଛନ୍ତି। ସେହି ପରିସର ମଧ୍ୟରେ ଥିବା ଦୃଷ୍ଟିହୀନ, ମୁକ, ବଧିର ଅନ୍ତେବାସୀମାନଙ୍କ ସହ ଅନ୍ତରଙ୍ଗ ଭାବେ କିଛି ସମୟ ବିତାଇଥିଲେ। ପରେ ଦଳୀୟ କର୍ମୀ, ସରକାରୀ ଅଧିକାରୀଙ୍କ ସହ ଜରାନିବାସ ପରିସରରେ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ଏନ୍‌ଏସି ପ୍ରତିନିଧି କୈଳାଶ ମହାପାତ୍ର, ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ଏନ୍‌ଏସି କାଉନସିଲର ଉତ୍ତମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।













ଅନ୍ୟାନ୍ୟ ଖବର

# କ୍ଷମତାଠାରୁ ଦୂରେଇ ଜଙ୍ଗଲ ସୁରକ୍ଷାରେ ବ୍ରତୀ ହୋଇଥିଲେ ବିପ୍ଳବୀ ଚକ୍ରଧର


ସ୍ୱାଧୀନତା ସଂଗ୍ରାମୀ ଚକ୍ରଧର ବେହେରାଙ୍କ ଶ୍ରାଦ୍ଧୋତ୍ସବ ଅବସରରେ ଶ୍ରଦ୍ଧାଞ୍ଜଳି।

**ଭୁବନେଶ୍ୱର,୧।୧**
**(ସୌମ୍ୟରଞ୍ଜନ ରାଉତ)**

ବିପ୍ଳବୀ ଚକ୍ରଧର ବେହେରା ଦୁଇଥର ବିଧାୟକ ନିର୍ବାଚିତ ହୋଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ରାଜନୀତିର ଚକ୍ରବ୍ୟୁହ ମଧ୍ୟରେ କ୍ଷମତାଠାରୁ ଦୂରେଇ ଜଙ୍ଗଲ ସୁରକ୍ଷା,କୃଷି ବିକାଶ ପାଇଁ କାର୍ଯ୍ୟ କରିଥିଲେ। ଦେଶ ଓ ଜାତି ପାଇଁ ତାଙ୍କ ତ୍ୟାଗ ଅତୁଳନୀୟ ବୋଲି ବୁଧବାର ସ୍ୱାଧୀନତା ସଂଗ୍ରାମୀ ଚକ୍ରଧର ବେହେରାଙ୍କ ୫୧ତମ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ବିପ୍ଳବୀ ଚକ୍ରଧର ସ୍ମୃତି କମିଟି ପକ୍ଷରୁ ରାଜଭବନ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ଶ୍ରାଦ୍ଧୋତ୍ସବ ପାଳନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସ୍ତମ୍ଭକାର ଡ. ଗୌରହରି ଦାସଙ୍କ ଅଧ୍ୟକ୍ଷତା ଓ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଗାନ୍ଧିବାଦୀ ବିଜୟ କୁମାର ତ୍ରିପାଠୀ,ସ୍ୱର୍ଗତ ବେହେରାଙ୍କ ଆତ୍ମୀୟ ସୁରେନ୍ଦ୍ର କୁମାର ମାହୁନ୍ତ, ସ୍ୱପ୍ନଶ୍ରୀ ମାହୁନ୍ତ, ଦିଲୀପ କୁମାର ଦାସ, ମଞ୍ଜୁଶ୍ରୀ ଦାସ, ଜୟକୃଷ୍ଣ ସାହୁ, ଶିଶୁ ପ୍ରତିଭା ଅନ୍ୱେଷା ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରିଥିଲେ। ରାଜ ଅତ୍ୟାଚାର ଓ ବ୍ରିଟିଶ ସରକାର ବିରୋଧରେ ପୁଞ୍ଜୀଭୂତ ଅସନ୍ତୋଷ ଆନ୍ଦୋଳନ ରୂପ ନେଉଥିବାବେଳେ ଚକ୍ରଧର ବାବୁ ରାଜ କର୍ମଚାରୀ ପଦବୀ ପରିତ୍ୟାଗ କରି ପ୍ରଜା ଆନ୍ଦୋଳନରେ ସାମିଲ ହୋଇଥିଲେ। ପରେ ଏକ ଦୁର୍ବାର ପ୍ରଜା ଆନ୍ଦୋଳନ ଗଢିତୋଳିବା ସହ ପ୍ରଜାମାନଙ୍କୁ ଅତ୍ୟାଚରମୁକ୍ତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ବୋଲି ଅତିଥିମାନେ କହିଥିଲେ।









ଧରିତ୍ରୀ DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨/୨୦୨୫ Bhubaneswar, Thursday, January 2/ 2025



ସିଡ୍‌ନୀରେ ୟୁନାଇଟେଡ କପ୍ ମିକ୍ସଡ ଟେନିସ ଟୁର୍ନାମେଣ୍ଟରେ ଚେକ୍ ରିପବ୍ଲିକ୍‌ର କରୋଲିନା ମୁଚୋଭାଙ୍କ ବିପକ୍ଷରେ ରିଟର୍ନ ଶଟ୍ ଖେଳୁଛନ୍ତି ପୋଲାଣ୍ଡର ଇଗା ସ୍ୱିଟେକ।

# ‘ଏଚ୍‌ଆଇଏଲ୍‌ରୁ ବିଶ୍ୱ ହକିକୁ ଫାଇଦା’

**ଭୁବନେଶ୍ୱର, ୧।୧ (ତପନ ସ୍ୱାଇଁ)**

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ବିଶ୍ୱସ୍ତରରେ ଦୃଷ୍ଟି ଆକର୍ଷଣ କରିବାରେ ଲାଗିଛି। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ସଭାପତି ଟାୟବ ଇକ୍ରାମ ମଧ୍ୟ ଏହାର ପ୍ରଶଂସାରେ ଶତମୁଖ ହୋଇଛନ୍ତି। ସେ ନିଜେ ଏହି ଲିଗ୍‌କୁ ଫଲୋ କରୁଥିବା ବୁଧବାର ରାଉରକେଲାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ‘‘ହକି ଇଣ୍ଡିଆ ଲିଗ୍ ମୋର ଅତି ପ୍ରିୟ ଇଭେଣ୍ଟ ହୋଇଯାଇଛି। ଏହା ଆଥଲେଟ୍‌ଙ୍କୁ ଉପକୃତ କରୁଥିବା ଏକ ଇଭେଣ୍ଟ। ବିଶ୍ୱସ୍ତରରେ ଆମେ ଏଭଳି ଅନେକ ପ୍ଲାଟଫର୍ମ ଆବଶ୍ୟକ କରୁଛୁ, ଯେଉଁଥିରେ କି ଖେଳାଳିମାନେ ନିଜ ଦକ୍ଷତା ଦେଖାଇବାର ସୁଯୋଗ ପାଇବା ସହିତ ଉପଯୁକ୍ତ ସମ୍ମାନ ପାଇପାରିବେ। ଏଚ୍‌ଆଇଏଲ୍ ଏକ ବିରଳ ପ୍ରତିଯୋଗିତା। ଯେଉଁଥିପାଇଁ ଏଫ୍‌ଆଇଏଚ୍ ସ୍ୱତନ୍ତ୍ରଭାବେ ୱିଣ୍ଡୋ ବାହାର କରିଛି। ଏଥିରେ ଖେଳାଳିମାନେ ବିଭିନ୍ନ ସ୍ଥାନରୁ ଆସି ଏକାଠି ହୋଇ ପ୍ରଦର୍ଶନର ସୁଯୋଗ ପାଉଛନ୍ତି। ତେଣୁ ଏହା କେବଳ ଏକ ହକି ପ୍ରତିଯୋଗିତାର ଊର୍ଦ୍ଧ୍ୱରେ ରହିଛି। ଏହା କେବଳ ଭାରତୀୟ ହକିକୁ ନୁହେଁ ବିଶ୍ୱ ହକିକୁ ମଧ୍ୟ ଫାଇଦା ଦେଉଛି। ଅନ୍ତର୍ଜାତୀୟ ତାରକାଙ୍କ ସହ ଘରୋଇ ଖେଳାଳିମାନେ ମିଶି ଖେଳୁଛନ୍ତି। ଫଳରେ ହକିର ମାନ ବଢ଼ିବା ସହ ବିକାଶ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି।

ବିର୍ସା ମୁଣ୍ଡା ଷ୍ଟାଡିୟମ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ହକି ଭେନ୍ୟୁ। ଏଠାରେ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନଙ୍କୁ ଆକ୍ସନରେ ଦେଖିବାକୁ ମିଳିବା ସହିତ ଏହା ବିଶ୍ୱବ୍ୟାପୀ ପ୍ରସାରିତ ମଧ୍ୟ ହେଉଛି। ରାଉରକେଲାରେ ଏହି ଲିଗ୍ ପ୍ରତି ଭରପୂର ଦର୍ଶକ ସମର୍ଥନରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। କାରଣ ଏଠାକାର ଲୋକମାନେ ଗେମ୍‌କୁ ଭଲଭାବେ ବୁଝିଛନ୍ତି ଏବଂ ଏହାର ଏକ ଅଂଶବିଶେଷ ହୋଇଯାଇଛନ୍ତି। ଓମାନରେ ଅନୁଷ୍ଠିତ ଏଫ୍‌ଆଇଏଚ୍ କଂଗ୍ରେସରେ ପୁନଃନିର୍ବାଚିତ ହୋଇଥିବା ଇକ୍ରାମ କହିଛନ୍ତି ଯେ, ‘‘ଆମେ ଓମାନରେ ହକି ୫ଏସ୍ ବିଶ୍ୱକପ ସହିତ ୨୦୨୪ କ୍ୟାଲେଣ୍ଡର ବର୍ଷ ଆରମ୍ଭ କରିଥିଲୁ। ଏହା ସ୍ୱପ୍ନ ସତ ହେବାପରି କଥା ଥିଲା। କାରଣ ଏହା ସେଠାରେ କେବଳ ପ୍ରତିଯୋଗିତା ଆୟୋଜନ ପାଇଁ ନୁହେଁ ଭାରତ, ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ ପରି ପାୱାର ହାଉସ୍ ଦେଶସହ ନାମ୍ବିଆ, କେନିୟା, ଓମାନ ଓ ପାରାଗୁଏ ଆଦି ହକିର ଇମର୍ଜିଂ ଦେଶର ଅଂଶଗ୍ରହଣ ଯୋଗୁ ହୋଇଥିଲା। ପ୍ରତିଯୋଗିତାରେ ଏକାଠି ଭାଗନେବାଦ୍ୱାରା ଖେଳକୁ ନେଇ ଦେଶ ଗୁଡ଼ିକ ମଧ୍ୟରେ ଥିବା ବ୍ୟବଧାନ ହ୍ରାସ ପାଇଥିଲା’’।



ଏଫ୍‌ଆଇଏଚ୍ ସଭାପତି ଟାୟବ ଇକ୍ରାମ।

# ୟୁନାଇଟେଡ କପ୍ ସେମିଫାଇନାଲରେ କାଜାଖସ୍ତାନ

**ପର୍ଥ, ୧।୧ (ଏପି)**

କାଜାଖସ୍ତାନ ଏଠାରେ ଚାଲିଥିବା ୟୁନାଇଟେଡ କପ୍ ମିକ୍ସଡ ଟେନିସ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଜର୍ମାନୀ ଦଳକୁ ୨-୧ରେ ହରାଇ କାଜାଖସ୍ତାନ ଏହି ସଫଳତା ପାଇଛି। ଆହତ ସମସ୍ୟା ଯୋଗୁ ଆଲେକଜାଣ୍ଡର ଜେଭରେଭ ଶେଷ ମୁହୂର୍ତ୍ତରେ ଓହରିଯିବା ଜର୍ମାନୀ ପାଇଁ ମହଙ୍ଗା ପଡ଼ିଥିଲା। ଏଲିନା ରିବକିନା ୬-୩, ୬-୧ ସେଟ୍‌ରେ ଲୌରା ସିଗ୍‌ମୁଣ୍ଡଙ୍କୁ ହରାଇବାରୁ କାଜାଖସ୍ତାନ ୧-୦ରେ ଅଗ୍ରଣୀଲାଭ କରିଥିଲା। ପରବର୍ତ୍ତୀ ମ୍ୟାଚରେ ଜେଭରେଭଙ୍କ ବଦଳ ଖେଳାଳି ଡାନିଏଲ ମାସୁରଙ୍କୁ କାଜାଖସ୍ତାନର ଆଲେକଜାଣ୍ଡର ଶେଭଚେଙ୍କୋ ୬-୭(୫), ୬-୨, ୬-୨ ସେଟ୍‌ରେ ହରାଇବାରୁ ଅଗ୍ରଣୀ ବ୍ୟବଧାନ ୨-୦ରେ ପହଞ୍ଚି ଯାଇଥିଲା। ଜେଭରେଭ କୋର୍ଟ ବାହାରେ ଜର୍ମାନୀ ପରାଜୟର ପ୍ରତ୍ୟକ୍ଷଦର୍ଶୀ ରହିଥିଲେ। ପରେ ଜର୍ମାନୀ ମିକ୍ସଡ ଡବଲ୍ସ ଜିତିଥିଲେ ହେଁ ଆଗକୁ ବଢ଼ିପାରି ନ ଥିଲା।

ସିଡ୍‌ନୀରେ ଇଗା ସ୍ୱିଟେକ ଓ ହୁବର୍ଟ ହୁର୍କାଜ ନିର୍ଣ୍ଣାୟକ ମିକ୍ସଡ ଡବଲ୍ସ ମ୍ୟାଚ ଜିତି ଚେକ୍ ରିପବ୍ଲିକ୍ ବିପକ୍ଷରେ ପୋଲାଣ୍ଡକୁ କ୍ୱାର୍ଟର ଫାଇନାଲରେ ପହଞ୍ଚାଇଛନ୍ତି। ସ୍ୱିଟେକ-ହୁର୍କାଜ ଯୋଡ଼ି ୭-୬(୩), ୬-୩ ସେଟ୍‌ରେ ଚେକ୍ ରିପବ୍ଲିକର ଟୋମାସ ମାଚାକ୍ ଓ କରୋଲିନା ମୁଚୋଭାଙ୍କୁ ପରାସ୍ତ କରିଥିଲେ। ପୂର୍ବରୁ ସିଙ୍ଗଲ୍ସରେ ମାଚାକ ୭-୫, ୩-୬, ୬-୪ରେ ହୁର୍କାଜଙ୍କୁ ହରାଇ ଚେକ୍ ରିପବ୍ଲିକ୍‌କୁ ଅଗ୍ରଣୀ କରିଥିଲେ। ମାତ୍ର ସ୍ୱିଟେକ ୬-୩, ୬-୪ରେ ମୁଚୋଭାଙ୍କୁ ହରାଇବାରୁ ସ୍ଥିତି ୧-୧କୁ ଚାଲିଆସିଥିଲା।

# ବେଙ୍ଗଲ ଟାଇଗର୍ସର ଦ୍ୱିତୀୟ ବିଜୟ

**ଭୁବନେଶ୍ୱର, ୧।୧ (ତପନ ସ୍ୱାଇଁ)**

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ରୂପିନ୍ଦର ପାଲ୍ ସିଂଙ୍କ ଡବଲ ଗୋଲ ବଳରେ ଏହି ଦଳ ବୁଧବାର ଅନୁଷ୍ଠିତ ମ୍ୟାଚରେ ଟିମ୍ ଗୋନାସିକାକୁ ୨-୧ ଗୋଲରେ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ରୂପିନ୍ଦର ୩୧ ଓ ୪୮ତମ ମିନିଟରେ ଗୋଲ ୨ଟି ଦେଇଥିଲେ। ଗୋନାସିକାର ମନପ୍ରୀତ ସିଂ ୩୨ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଏହା ପୂର୍ବରୁ ହାଇଦ୍ରାବାଦ ତୋଫାନ୍ସକୁ ୩-୨ ଗୋଲରେ ହରାଇଥିବା ବେଙ୍ଗଲ ଟାଇଗର୍ସ ୨ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ୬ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଅନ୍ୟ ପକ୍ଷରେ ଗୋନାସିକା କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ନିଜର ପ୍ରଥମ ମ୍ୟାଚରେ ଏହି ଦଳ ଦିଲ୍ଲୀ ଏସ୍‌ଜି ପାଇପର୍ସଠାରୁ ପେନାଲ୍ଟି ଶୁଟ୍‌ଆଉଟ ୨-୪ ଗୋଲରେ ପରାଜିତ ହୋଇଥିଲା।

# ବୈଶାଳୀ ଜିତିଲେ ୱାର୍ଲ୍ଡ ବ୍ଲିଜ୍ ବ୍ରୋଞ୍ଜ

**ନ୍ୟୁୟର୍କ, ୧।୧ (ପି.ଟି.)**

ଭାରତର ଆର୍. ବୈଶାଳୀ ୱାର୍ଲ୍ଡ ବ୍ଲିଜ୍ ଚେସ୍ ଚାମ୍ପିୟନଶିପ୍‌ର ମହିଳା ବିଭାଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରାପିଡ ଇଭେଣ୍ଟରେ କୋନେରୁ ହମ୍ପି ଟାଇଟଲ ଜିତିଥିବାବେଳେ ବୈଶାଳୀଙ୍କ ଏହି ସଫଳତା ଯୋଗୁ ଭାରତ ପାଇଁ ଟୁର୍ନାମେଣ୍ଟ ସ୍ମରଣୀୟ ହୋଇଛି। କ୍ୱାର୍ଟର ଫାଇନାଲରେ ଚାଇନାର ଝୁ ଜିନେରଙ୍କୁ ବୈଶାଳୀ ୨.୫-୧.୫ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ସେଥିରେ ଅନ୍ୟତମ ଚାଇନିଜ ପ୍ରତିଦ୍ୱନ୍ଦ୍ୱୀ ଜୁ ୱେନଜୁନଙ୍କଠାରୁ ୦.୫-୨.୫ରେ ପରାଜିତ ହୋଇଥିଲେ। ଅଲ୍ ଚାଇନିଜ୍ ଫାଇନାଲରେ ୱେନଜୁନ ୩.୫-୨.୫ରେ ଲେଇ ଟିଙ୍ଗଜିଙ୍କୁ ହରାଇ ଟାଇଟଲ ହାସଲ କରିଥିଲେ। ବୈଶାଳୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ୫ ଥର ବିଶ୍ୱ ଚାମ୍ପିୟନ ଏବଂ ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ (ଫିଡେ) ଉପସଭାପତି ବିଶ୍ୱନାଥନ ଆନନ୍ଦ। ଚମତ୍କାର ପ୍ରଦର୍ଶନ କରି ବୈଶାଳୀ ଆମ ସମସ୍ତଙ୍କୁ ଗର୍ବିତ କରିଛନ୍ତି ବୋଲି ଆନନ୍ଦ କହିଛନ୍ତି। ପୁରୁଷ ବିଭାଗରେ ବିଶ୍ୱର ନମ୍ବର ୱାନ ମାଗ୍ନସ କାର୍ଲସେନ ଓ ରୁଷିଆର ଇଆନ ନେପୋମନିଆଚି ଯୁଗ୍ମ ବିଜେତା ଘୋଷିତ ହୋଇଛନ୍ତି। ସଡନ୍‌ଡେଥ୍ ପର୍ଯ୍ୟାୟରେ ୩ଟି ଗେମ୍ ପରେ ମଧ୍ୟ ଫଳାଫଳ ନ ମିଳିବାରୁ ଏଫରି ନିଷ୍ପତ୍ତି ନିଆଯାଇଥିଲା। ପ୍ରତିଯୋଗିତା ଇତିହାସରେ ପ୍ରଥମଥର ପାଇଁ ୨ ଜଣ ଖେଳାଳିଙ୍କୁ ବିଜେତା ଘୋଷଣା କରାଯାଇଛି। ଫିଡେର ଡ୍ରେସ୍ କୋଡ୍ ଉଲ୍ଲଂଘନ ଅଭିଯୋଗରେ କାର୍ଲସେନଙ୍କୁ ରାପିଡ୍ ଚାମ୍ପିୟନଶିପ୍ ଅଧାରୁ ବିଦା ହେବାକୁ ପଡ଼ିଥିଲା। କାର୍ଲସେନ ଜିନ୍ ପିନ୍ଧି ଖେଳିବାକୁ ଆସିଥିଲେ। ଫର୍ମାଲ ଟ୍ରାଉଜର ପିନ୍ଧି ଖେଳିବାକୁ କୁହାଯାଇଥିଲେ ହେଁ ତାହା ସେ ମାନି ନ ଥିଲେ। ଫଳରେ ଫିଡେ ତାଙ୍କୁ ଅଯୋଗ୍ୟ ଘୋଷିତ କରିଥିଲା। ତେବେ ବ୍ଲିଜ୍ ଟୁର୍ନାମେଣ୍ଟରେ ତାଙ୍କୁ ଜିନ୍ ପିନ୍ଧିବାକୁ ଅନୁମତି ମିଳିଥିଲା।



ବ୍ରୋଞ୍ଜ ପଦକ ସହ ଆର. ବୈଶାଳୀ।

# ସିଡ୍‌ନୀ ଟେଷ୍ଟ ପୂର୍ବରୁ ଭାରତୀୟ ଖେଳାଳିଙ୍କୁ ଭେଟିଲେ ଅଲବାନିଜ

**ସିଡ୍‌ନୀ, ୧।୧ (ପି.ଟି.)**

ସିଡ୍‌ନୀରେ ହେବାକୁ ଯାଉଥିବା ଅନ୍ତିମ କ୍ରିକେଟ ଟେଷ୍ଟ ପୂର୍ବରୁ ବୁଧବାର ଭାରତ ଓ ଅଷ୍ଟ୍ରେଲିଆ ଖେଳାଳିଙ୍କ ସହ ଭାବ ବିନିମୟ କରିଛନ୍ତି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଅଲବାନିଜ। ଚଳିତ ଟେଷ୍ଟ ସିରିଜରେ ଚମତ୍କାର ପ୍ରଦର୍ଶନ କରିଥିବା ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ସେ ପ୍ରଶଂସା କରିଛନ୍ତି। ଏହି ଅବସରରେ ସେ ଉଭୟ ଦଳର ଖେଳାଳିଙ୍କ ସହ ଫଟୋ ଉଠାଇଛନ୍ତି। ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଅଷ୍ଟ୍ରେଲିଆ ଏବେ ୨-୧ରେ ଅଗ୍ରଣୀଲାଭ କରିଛି। ସିଡ୍‌ନୀ ଟେଷ୍ଟର ଫଳାଫଳ ପରେ ବର୍ଡର-ଗାଭାସ୍କର ଟ୍ରଫି କାହା ସପକ୍ଷକୁ ଯିବା ତାହା ସ୍ପଷ୍ଟ ହେବ। ମ୍ୟାଚ ଜିତିଲେ କିମ୍ବା ଡ୍ର ରଖିଲେ ଅଷ୍ଟ୍ରେଲିଆ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ବ୍ୟବଧାନ ପରେ ଏହି ଟ୍ରଫି ହାସଲ କରିବ। ସିରିଜରେ ବୁମ୍‌ରା ଏପର୍ଯ୍ୟନ୍ତ ୩୦ ଉଇକେଟ ହାସଲ କରି ସାରିଛନ୍ତି। ୨୦୦ ଟେଷ୍ଟ ଉଇକେଟ ପୂରଣରେ ସେ ଦ୍ରୁତତମ ଭାରତୀୟ ବୋଲର ହୋଇଛନ୍ତି।



ସିଡ୍‌ନୀରେ ଟିମ୍ ଇଣ୍ଡିଆ ସଦସ୍ୟଙ୍କ ସହ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଅଲବାନିଜ।

# ଅଶ୍ୱିନଙ୍କ ରେକର୍ଡକୁ ଟପିଲେ ବୁମ୍‌ରା

**ଦୁବାଇ, ୧।୧ (ପି.ଟି.):** ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ବୁଧବାର ସ୍ପିନ ତାରକା ରବିଚନ୍ଦ୍ରନ ଅଶ୍ୱିନଙ୍କ ଆଇସିସି ରେଟିଂ ପଏଣ୍ଟ ରେକର୍ଡକୁ ଅତିକ୍ରମ କରିଛନ୍ତି। ଏଥିସହ ସେ ସର୍ବକାଳୀନ ସର୍ବାଧିକ ରେଟିଂ ପଏଣ୍ଟ ହାସଲକାରୀ ଭାରତୀୟ ହୋଇଯାଇଛନ୍ତି। ସଦ୍ୟ ପ୍ରକାଶିତ ଆଇସିସି ର୍‍ୟାଙ୍କିଙ୍ଗ୍‌ରେ ସେ ୯୦୭ ପଏଣ୍ଟ ପାଇଛନ୍ତି। ପୂର୍ବରୁ ୨୦୧୬ ଡିସେମ୍ବରରେ ଅଶ୍ୱିନ ୯୦୪ ପଏଣ୍ଟ ସହିତ ଭାରତୀୟ ରେକର୍ଡର ଅଧିକାରୀ ଥିଲେ। ୯୦୭ ପଏଣ୍ଟ ସହିତ ବୁମ୍‌ରା ଓଭରଅଲ୍ ସର୍ବକାଳୀନ ସର୍ବାଧିକ ରେଟିଂ ପଏଣ୍ଟ ତାଲିକାରେ ଇଂଲଣ୍ଡର ଡେରେକ ଅଣ୍ଡରଉଡ୍‌ଙ୍କ ସହ ଯୁଗ୍ମଭାବେ ୧୭ଶ ସ୍ଥାନରେ ରହିଛନ୍ତି। ବୁମ୍‌ରା ଏବେ ଆଇସିସି ବୋଲର ର୍‍ୟାଙ୍କିଙ୍ଗ୍‌ର ନମ୍ବର ୱାନ ସ୍ଥାନରେ ରହିଛନ୍ତି।

# ସେମିରେ ପାରାମାଉଣ୍ଟ ‘ବ୍ଲୁ’, ସହିଦ ସ୍ପୋର୍ଟିଂ

**ଭୁବନେଶ୍ୱର, ୧।୧ (ତପନ ସ୍ୱାଇଁ)**

ଏଠାରେ ଚାଲିଥିବା ସିଦ୍ଧାନ୍ତ ସ୍ମାରକୀ ୧୪ ବର୍ଷରୁ କମ୍ ପାରାମାଉଣ୍ଟ କପ୍ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ୨ଟି ମ୍ୟାଚରେ ପାରାମାଉଣ୍ଟ ‘ବ୍ଲୁ’ ଓ ସହିଦ ସ୍ପୋର୍ଟିଂ ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ପାରାମାଉଣ୍ଟ ‘ବ୍ଲୁ’ ୯ ଉଇକେଟରେ ଗ୍ରୀନ୍ ଏକାଡେମୀକୁ ପରାସ୍ତ କରିଛି। ଗ୍ରୀନ୍ ଏକାଡେମୀ ୨୨ ଓଭରରେ ୮୬ ରନକରି ଅଲ୍‌ଆଉଟ ହୋଇଥିବାବେଳେ ପାରାମାଉଣ୍ଟ ୧୮.୫ ଓଭରରେ ୧ ଉଇକେଟ ହରାଇ ୯୦ ରନ ସଂଗ୍ରହ କରି ନେଇଥିଲା। ୫ ଓଭରରେ ମାତ୍ର ୧୩ ରନ ଦେଇ ୪ ଉଇକେଟ ନେଇଥିବା ପାରାମାଉଣ୍ଟର ଶୁଭମ୍ ପରିଡ଼ା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ତୃତୀୟ କ୍ୱାର୍ଟର ଫାଇନାଲରେ ସହିଦ ସ୍ପୋର୍ଟିଂ ୭୦ ରନରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଛି। ସହିଦ ସ୍ପୋର୍ଟିଂ ନିର୍ଦ୍ଧାରିତ ୨୫ ଓଭରରେ ୬ ଉଇକେଟ ହରାଇ ୧୯୩ ରନ କରିଥିଲା। ଋତୁରାଜ ମହାନ୍ତି ସର୍ବାଧିକ ୬୩ ଓ ମହେଶ ପଣ୍ଡା ୫୪ ରନ କରିଥିଲେ। ଜବାବରେ ରାମେଶ୍ୱର ୨୧.୩ ଓଭରରେ ୧୨୩ ରନକରି ସମସ୍ତ ଉଇକେଟ ହରାଇଥିଲା। କୁମାର ଏ. ସ୍ୱାଇଁ ସର୍ବାଧିକ ୪୧ ରନ କରିଥିବାବେଳେ ବିପକ୍ଷ ଦଳର ବିଶ୍ୱ ସାମନ୍ତରାୟ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ମହେଶ ପଣ୍ଡା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପାରାମାଉଣ୍ଟ କ୍ଲବ କୋଷାଧକ୍ଷ ସଞ୍ଜୀବ ରଥ ଓ ସମ୍ପାଦକ ପ୍ରତାପ ଜେନା ଅତିଥିଭାବେ ଯୋଗଦେଇ ଯଥାକ୍ରମେ ଦିବସର ପ୍ରଥମ ଓ ଦ୍ୱିତୀୟ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।






ଶୁଭମ୍ ପରିଡ଼ା ଓ ମହେଶ ପଣ୍ଡାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ